# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୮/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, October 18/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 323 | ମୂଲ୍ୟ ₹୭/-




**ଆଶାଲତା ଦେବୀଙ୍କ ସଫଳତା**

୧୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ମଣିପୁରର ଆଶାଲତା ଦେବୀ ପ୍ରଥମ ଭାରତୀୟ ମହିଳା ଫୁଟ୍‌ବଲର।

୧୪

୧୨

**ନୂଆ ଘର ଝଲକ ଦେଖାଇଲେ ହଂସିକା**

ଅଭିନେତ୍ରୀ ହଂସିକା ମୋଟ୍‌ୱାନି ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ନୂତନ ଘରେ ହୋଇଥିବା ଗୃହ ପ୍ରବେଶ ପୂଜାର ଅନେକ ଫଟୋ ଶେୟାର କରିଛନ୍ତି।



## ୫୧ତମ ସିଜେଆଇ ହେବେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା



ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ତାଙ୍କର ଉତ୍ତରାଧିକାରୀ ଭାବେ ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଏଥିସହିତ ପରବର୍ତ୍ତୀ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ସିଜେଆଇ ଚନ୍ଦ୍ରଚୂଡ଼ ବୁଧବାର କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ଲେଖିଥିବା ସୁପାରିସ ପତ୍ରରେ ଜଷ୍ଟିସ୍ ଖାନ୍ନାଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ଉଲ୍ଲେଖ କରିଛନ୍ତି। ସିଜେଆଇ ଚନ୍ଦ୍ରଚୂଡ଼ ନଭେମ୍ବର ୧୦ରେ ଅବସର ଗ୍ରହଣ କରିବାକୁ ଥିବାବେଳେ ୧୧ରେ ଜଷ୍ଟିସ୍ ଖାନ୍ନା ଭାରତର ୫୧ତମ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜଳ ବଜାରରେ ପକ୍ଷପାତିତା**

# କାର୍ତ୍ତିକ ଆରମ୍ଭରୁ ଅସମ୍ଭାଳ | ଛୁଇଁହେଉନି ପରିବା

**ପାର୍ବଣରେ ମହଙ୍ଗାମାଡ଼ ଖାଉଟିଙ୍କ ହର୍ଷୋଲ୍ଲାସକୁ ଫିକା କରିଦେଇଛି। ଆଳୁ, ପିଆଜ ଓ ତେଲ ସମେତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀଗୁଡ଼ିକ ପୂର୍ବରୁ ଚଢ଼ାଦରରେ ବିକ୍ରି ହେଉଥିବାବେଳେ ଶୁକ୍ରବାର କାର୍ତ୍ତିକ ମାସ ଆରମ୍ଭ ହେଉଛି। ଏହାର ଅବ୍ୟବହିତ ପୂର୍ବରୁ ଓଡ଼ିଶା ବଜାରରେ ପନିପରିବା ଦରଦାମରେ ଅହେତୁକ ବୃଦ୍ଧି ଘଟିଛି। ବିଶେଷକରି ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରର ରୋଷେଇ ଘରୁ ପରିବା ଏକରକମ ଉଭାନ ହୋଇଯାଇଛି। ଓଡ଼ିଶାରେ ଆବଶ୍ୟକ ପରିମାଣର ପରିବା ଉତ୍ପାଦନ ହେଉ ନ ଥିବାରୁ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି। ତେବେ ମହାରାଷ୍ଟ୍ର, କର୍ଣ୍ଣାଟକ, ପଶ୍ଚିମବଙ୍ଗରେ ପ୍ରବଳ ବର୍ଷା ଯୋଗୁ ସେଠାରୁ ଓଡ଼ିଶାକୁ ପରିବା ଯୋଗାଣ ବିଶେଷ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ତୁରନ୍ତ ଏହି ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣକୁ ଆଣିବା ସହ ଶୀତଳଭଣ୍ଡାର ପ୍ରତିଷ୍ଠା ଭଳି ଦୀର୍ଘକାଳୀନ ପଦକ୍ଷେପ ନେଇପାରିଲେ ସ୍ଥିତି ସୁଧୁରିପାରନ୍ତା।**

**ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ପରିବା ଖୁଚୁରା ଦର କେଜି ପ୍ରତି**

| ପରିବା | କଟକ | ଭୁବନେଶ୍ୱର | ବାଲେଶ୍ୱର | ସମ୍ବଲପୁର | ପୁରୀ | ବ୍ରହ୍ମପୁର |
|---|---|---|---|---|---|---|
| ବାଇଗଣ | ୬୦ | ୮୦ | ୮୦ | ୬୦ ରୁ ୮୦ | ୮୦ | ୮୦ |
| ଟମାଟୋ | ୮୦ | ୮୦ | ୮୦ | ୮୦ | ୮୦ | ୮୦ |
| ଜହ୍ନି | ୬୦ | ୫୦ | ୭୦ | ୬୦ | ୬୦ | ୬୦ |
| ପୋଟଳ | ୮୦ | ୮୦ | ୧୦୦ | ୬୦ | ୮୦ | ୮୦ |
| ଭେଣ୍ଡି | ୬୦ | ୮୦ | ୧୦୦ | ୮୦ | ୬୦ | ୬୦ |
| ଝୁଡ଼ୁଙ୍ଗ | ୮୦ | ୧୦୦ | ୧୦୦ | ୭୦ | ୬୦ | ୬୦ |
| କଲରା | ୬୦ | ୬୦ | ୮୦ | ୮୦ | ୬୦ | ୬୦ |
| କାଙ୍କଡ଼ | ୧୦୦ | ୮୦ | ୮୦ | ୯୦ | ୧୨୦ | ୬୦ |
| ଅମୃତଭଣ୍ଡା | ୩୦ | ୩୦ | ୨୦ | ୩୦ | ୩୦ | ୩୦ |
| କାକୁଡ଼ି | ୬୦ | ୬୦ | ୪୦ | ୬୦ | ୭୦ | ୩୦ |
| ବିନ୍ସ | ୧୦୦ | ୧୪୦ | ୧୫୦ | ୧୨୦ | ୮୦ | ୯୦ |
| କ୍ୟାପ୍ସିକମ୍ | ୨୦୦ | ୨୦୦ | ୨୦୦ | ୧୨୦ | ୧୪୦ | ୮୦ |
| ସଜନା ଛୁଇଁ | ୧୪୦ | ୧୦୦ | ୨୦୦ | ୧୬୦ | ୮୦ | ୧୦୦ |

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

କାର୍ତ୍ତିକ ମାସ ଆରମ୍ଭ ହୋଇଗଲାଣି। ମାସ ସାରା ଖାଉଟି ନିରାମିଷ ଭୋଜନ ଉପରେ ନିର୍ଭର କରିବେ। ପନିପରିବା ହିଁ ଏକମାତ୍ର ଭରସା। ତେବେ ମାସ ଆରମ୍ଭରୁ ପରିବା ଦର ଖାଉଟିଙ୍କୁ ଅଣନିଃଶ୍ୱାସୀ କଲାଣି। ଦର ଏତେ

**‘ପଡ଼ୋଶୀ ରାଜ୍ୟର ଉତ୍ପାଦନ ଓ ପାଣିପାଗ ଉପରେ ଓଡ଼ିଶାର ପରିବା ଦର ନିର୍ଭର କରୁଛି’**

ହେଲାଣି ଯେ ପରିବାରେ ହାତମାରିବାକୁ ଖାଉଟିଙ୍କୁ ଡର ଲାଗୁଛି। ପିଆଜ କନ୍ଦାଇବା ପରେ ଏବେ ପନିପରିବା ମଧ୍ୟ ଚିନ୍ତା ବଢ଼ାଇ ଦେଇଛି। ବିଶେଷକରି ଗରିବ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଦରବୃଦ୍ଧି ଯୋଗୁ ହନ୍ତସନ୍ତ ହେଉଛନ୍ତି। ମାସ ସାରା କେମିତି ଚଳିବେ ସମସ୍ତଙ୍କୁ ସେଇ ଚିନ୍ତା ଘାରିଛି।

ଖୁଚୁରା ବଜାରରେ କୌଣସି ପନିପରିବା ଦର କିଗ୍ରା ପିଛା ୫୦ ଟଙ୍କା ତଳକୁ ନାହିଁ। ବିଭିନ୍ନ ସ୍ଥାନରେ ଦେଖାଯାଇଥିବା ହାରାହାରି ମୂଲ୍ୟ ଅନୁସାରେ ବାଇଗଣ କିଲୋଗ୍ରାମ୍ ପିଛା ୮୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଭେଣ୍ଡି ୮୦, କଲରା ୬୦, ☞ପୃଷ୍ଠା-୪

# ୨ୟ ଥର ମୁଖ୍ୟମନ୍ତ୍ରୀ ହେଲେ ସାଇନି

**ହରିୟାଣା: ଶପଥ ନେଲେ ୧୩ ମନ୍ତ୍ରୀ**

ଚଣ୍ଡିଗଡ଼,୧୭।୧୦

ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ନାଏବ ସିଂ ସାଇନି ଗୁରୁବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିପାଇଁ ପଞ୍ଚକୁଲାରେ ଆୟୋଜିତ ଭବ୍ୟ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ରାଜନାଥ ସିଂ, ନୀତିନ୍ ଗଡ଼କରୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ବହୁସଂଖ୍ୟାରେ ଏନ୍‌ଡିଏ ନେତା ଏବଂ ଭାଜପାଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ। ସମାନତା, ସୁଶାସନ ଏବଂ ଗରିବଙ୍କ କଲ୍ୟାଣ ତାଙ୍କ ସରକାରଙ୍କ କାର୍ଯ୍ୟସୂଚୀର ଶୀର୍ଷରେ ରହିବ ବୋଲି ଶପଥ ନେବା ପରେ ସାଇନି କହିଛନ୍ତି। ଭାଜପାକୁ ବହୁମତ ଦେଇଥିବାରୁ ସେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କର ପ୍ରେରଣାଦାୟୀ ନେତୃତ୍ୱ ପାଇଁ ସାଇନି ଧନ୍ୟବାଦ ଜଣାଇଛନ୍ତି। କ୍ରମାଗତ ତୃତୀୟ ଥର ପାଇଁ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ସୁଶାସନ ଏବଂ ଗରିବଙ୍କ



ନାଏବ ସିଂ ସାଇନି

**କ୍ୟାବିନେଟ୍‌ରେ ଜାତିଗତ ସମୀକରଣକୁ ଗୁରୁତ୍ୱ**

କଲ୍ୟାଣ ଲାଗି ତାଙ୍କ ସରକାର ପୂରା ଦମ୍‌ରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଦ୍ୱିତୀୟ ଥର ପାଇଁ ସାଇନିଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୋଟ ୧୩ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ବରିଷ୍ଠ ନେତା ଅନିଲ ଭିଜ୍, କ୍ରିଷ୍ଣନଲାଲ୍ ପନୱାର, ☞ପୃଷ୍ଠା-୪




## ସଂକ୍ଷେପରେ

### ବାହରାଇଚ ହିଂସା: ୨ ଅଭିଯୁକ୍ତଙ୍କୁ ଗୁଳି



**ଲକ୍ଷ୍ନୌ,୧୭।୧୦**

ଉତ୍ତରପ୍ରଦେଶ ବାହରାଇଚ ଦୁର୍ଗାମୂର୍ତ୍ତି ଭସାଣି ବେଳେ ହିଂସାକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ୫ ଜଣ ସନ୍ଦିଗ୍ଧଙ୍କୁ ଗୁରୁବାର ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ନେପାଳ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ୟୁପି ପୋଲିସର ଏସ୍‌ଟିଏଫ୍ ଏନ୍‌କାଉଣ୍ଟର କରିଥିଲା। ପୋଲିସ ଗୁଳିରେ ଆହତ ହୋଇଥିବା ଅଭିଯୁକ୍ତ ମହମ୍ମଦ ସର୍ଫରାଜ ଏବଂ ମହମ୍ମଦ ତାଲିବଙ୍କୁ ବାହରାଇଚ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ବାହରାଇଚ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିବା ପାଇଁ ପୋଲିସ ଟିମ୍ ନାନ୍‌ପାରା ଅଞ୍ଚଳକୁ ଯାଇଥିବାବେଳେ ସର୍ଫରାଜ ଏବଂ ତାଲିମ ଗୁଳିଭରା ବନ୍ଧୁକ ପ୍ରସ୍ତୁତ ରଖି ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇବାରୁ ୨ ଜଣ ଆହତ ହୋଇଥିଲେ। ହିଂସାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାହରାଇଚ ଏସ୍‌ପି ବ୍ରିନ୍ଦା ଶୁକ୍ଳା କହିଛନ୍ତି।

### ହମାସ୍ ଶୀର୍ଷ ନେତା ସିନ୍‌ୱରଙ୍କ ମୃତ୍ୟୁ ସନ୍ଦେହ

**ମୃତଦେହର ଡିଏନ୍‌ଏ ପରୀକ୍ଷା କରୁଛି ଇସ୍ରାଏଲ୍**



ୟାହୟା ସିନ୍‌ୱର

**ଦେଇର୍ ଅଲ୍-ବଲାହ,୧୭।୧୦**

ଗାଜାରେ ଇସ୍ରାଏଲୀ ସେନାର ସାମରିକ ଅଭିଯାନ ବେଳେ ହମାସ୍‌ର ଶୀର୍ଷନେତା ୟାହୟା ସିନ୍‌ୱରଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଇସ୍ରାଏଲ୍ କର୍ତ୍ତୃପକ୍ଷ ଏନେଇ ସ୍ପଷ୍ଟ ହେବା ନିମନ୍ତେ ଏକ ମୃତଦେହର ଡିଏନ୍‌ଏ ପରୀକ୍ଷା କରୁଛନ୍ତି। ଇସ୍ରାଏଲ୍ ସେନାର ସୂଚନା ଅନୁଯାୟୀ, ଗାଜା ଆକ୍ରମଣ ସମୟରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ତେବେ ସେମାନଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେମାନଙ୍କ ମଧ୍ୟରେ ସିନ୍‌ୱର ଥାଇପାରନ୍ତି। ସେଥିପାଇଁ ଡିଏନ୍‌ଏ ପରୀକ୍ଷା କରାଯାଉଥିବା ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ହମାସ୍ ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ।

୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ ଆକ୍ରମଣ ଯୋଜନାର ଅନ୍ୟତମ ମୁଖ୍ୟ ଥିଲେ ସିନ୍‌ୱର। ଗାଜା ଆକ୍ରମଣ କରିବା ଆରମ୍ଭରୁ ଇସ୍ରାଏଲ୍ ତାଙ୍କୁ ହତ୍ୟା କରିବା ପାଇଁ ସଂକଳ୍ପ ନେଇଥିଲା। ଯଦି ସିନ୍‌ୱରଙ୍କ ମୃତ୍ୟୁ ସ୍ପଷ୍ଟ ହୁଏ, ତେବେ ହମାସ୍ ପାଇଁ ଏହା ବଡ଼ ଝଟକା ହେବ। କାରଣ ବହୁବର୍ଷ ଧରି ଗାଜା ଷ୍ଟ୍ରିପ୍‌ରେ ସେ ହମାସ୍‌ର ଶୀର୍ଷ ନେତା ରହିବା ସହ ଏହାର ସାମର୍ଥ୍ୟ ବଢ଼ାଇଥିଲେ।

# ନାଗରିକତ୍ୱ ଆଇନ ଧାରା ୬ଏ’ ବୈଧ

**ନୂଆଦିଲ୍ଲୀ,୧୭।୧୦(ପି.ଟି.)**



ଆସାମକୁ ୧୯୬୬ ଜାନୁଆରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସିଥିବା ବାହାର ଦେଶର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନାଗରିକତ୍ୱ ଆଇନର ଧାରା ୬ଏ’ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ଗୁରୁବାର କାଏମ ରଖିଛନ୍ତି। ଆସାମ ବୁଝାମଣା ବେଆଇନ ଭାବେ ଆସି ରହିଯାଇଥିବା ଲୋକଙ୍କ ସମସ୍ୟାର ରାଜନୈତିକ ସମାଧାନ ଥିଲା ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ଆସାମ ବୁଝାମଣା ଅଧୀନରେ ଆସୁଥିବା ଲୋକମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ସିଟିଜେନ୍‌ଶିପ୍ ଆକ୍ଟରେ ଧାରା ୬ଏ’କୁ ସାମିଲ କରାଯାଇଥିଲା।

ସିଜେଆଇ ଉକ୍ତ ଧାରାର ବୈଧତାକୁ କାଏମ ରଖିବା ସହ କହିଛନ୍ତି, ଅନ୍ୟ ରାଜ୍ୟ ତୁଳନାରେ ଆସାମ ଆକୃତିରେ ଛୋଟ ହୋଇଥିଲେ ମଧ୍ୟରେ ଏଠାରେ ଅଧିକ ସଂଖ୍ୟାରେ ବିଦେଶୀ ବେଆଇନ ଭାବେ ଆସି ରହିଯାଇଛନ୍ତି। ସେମାନଙ୍କୁ ଅଟକ ରଖିବା ଏକ ବିସ୍ତୃତ ପ୍ରକ୍ରିୟା। ସିଜେଆଇଙ୍କ ସମେତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ ଏବଂ ମନୋଜ ମିଶ୍ରା ନାଗରିକତ୍ୱ ଆଇନର ଧାରା ୬ଏର ବୈଧତାକୁ ସମର୍ଥନ କରିଥିଲେ। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ବୈଧାନିକ କ୍ଷମତା ପାର୍ଲାମେଣ୍ଟର ରହିଛି ବୋଲି ସେମାନେ କହିଥିଲେ। ନାଗରିକତ୍ୱ ପ୍ରଦାନ ନିମନ୍ତେ ଆସାମରେ ପ୍ରବେଶ ପାଇଁ ୧୯୭୧ ମାର୍ଚ୍ଚ ୨୫କୁ ଶେଷ ତାରିଖ ଭାବେ ଗ୍ରହଣ କରାଯିବା ଠିକ୍ ବୋଲି ସଂଖ୍ୟାଗରିଷ୍ଠ ମତରେ କାଏମ ରଖାଯାଇଥିଲା। ରାଜ୍ୟରେ ବିଭିନ୍ନ ଜାତି ବର୍ଗର ଲୋକଙ୍କ ଉପସ୍ଥିତିର ଅର୍ଥ ଅନୁଚ୍ଛେଦ ୨୯(୧)ର ଉଲ୍ଲଂଘନ ନୁହେଁ ବୋଲି ଏଥିରେ କୁହାଯାଇଛି।

ଅନ୍ୟପକ୍ଷରେ ସାମ୍ବିଧାନିକ ପୀଠର ଅନ୍ୟତମ ଆଇନଜୀବୀ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଭିନ୍ନମତ ଦେଇଥିଲେ। ସେ ଧାରା ୬ଏ’କୁ ଅସାମ୍ବିଧାନିକ ବୋଲି ଦର୍ଶାଇଥିଲେ। ଧାରା ୬ଏ’ର ନିର୍ଦ୍ଦିଷ୍ଟ ନିୟମ ନ ଥିବାରୁ ଜାଲ୍ କାଗଜପତ୍ର ବଳରେ ଏହାର ଦୁରୁପଯୋଗ ହେବା ସମ୍ଭାବନା ଅଧିକ ବୋଲି ଜଷ୍ଟିସ୍ ପର୍ଦ୍ଦିୱାଲା କହିଥିଲେ। ଆବେଦନର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନ ଥିବାରୁ ବେଆଇନ ପ୍ରବେଶକାରୀ ଜାଲ୍ ଡକ୍ୟୁମେଣ୍ଟ ଜରିଆରେ ୧୯୬୬ରୁ ୧୯୭୧ ମଧ୍ୟରେ ଆସିଥିବା ଦର୍ଶାଇ ଭାରତୀୟ ନାଗରିକତ୍ୱ ଗ୍ରହଣ କରିପାରିବେ ବୋଲି ସେ କହିଥିଲେ।

୧୯୬୬ ଜାନୁଆରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସାମରେ ବେଆଇନ ଭାବେ ପ୍ରବେଶ କରିଥିବା ଅଧିକାଂଶ ବାଂଲାଦେଶୀଙ୍କ ସମେତ ଅନ୍ୟ ଦେଶର ଲୋକମାନଙ୍କୁ ଧାରା ୬ଏ ବଳରେ ନାଗରିକତ୍ୱ ପ୍ରଦାନ କରାଯାଉଥିବାରୁ ଏହାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକୁ ଖାରଜ କରିଦେଇଛନ୍ତି। ୧୯୮୫ରେ କେନ୍ଦ୍ରରେ କ୍ଷମତାରେ ଥିବା ରାଜୀବ ଗାନ୍ଧୀଙ୍କ ସରକାର ଏବଂ ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ (ଏଏଏସ୍‌ୟୁ) ମଧ୍ୟରେ ଆସାମ ବୁଝାମଣା ସ୍ୱାକ୍ଷର ହୋଇଥିଲା ଏବଂ ଏହାକୁ ନାଗରିକତ୍ୱ ଆଇନରେ ସାମିଲ କରାଯାଇଥିଲା। ୧୯୮୫ର ସଂଶୋଧିତ ନାଗରିକତ୍ୱ ଆଇନ ଅନୁଯାୟୀ, ବାଂଲାଦେଶ ସମେତ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ୧୯୬୬ ଜାନୁଆରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସିଥିବା ଲୋକମାନଙ୍କୁ ଭାରତୀୟ ନାଗରିକତ୍ୱ ପାଇବା ପାଇଁ ଧାରା ୧୮ ଅଧୀନରେ ପଞ୍ଜୀକୃତ କରାଇବାକୁ ହେବ।

# ବିହାରରେ ବିଷାକ୍ତ ମଦ ପିଇ ୨୬ ମୃତ

**୧୨ ଗିରଫ**

**ପାଟନା,୧୭।୧୦(ପି.ଟି.)**



ମଦ ପିଇ ଗୁରୁତର ଜଣେ ବ୍ୟକ୍ତିଙ୍କୁ ହସ୍ପିଟାଲ ନିଆଯାଉଛି।

୨୦୧୬ରୁ ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବିହାରରେ ମଦମୃତ୍ୟୁ। ରାଜ୍ୟର ସିୱାନ ଏବଂ ସରନ୍ ଜିଲାରେ ବିଷାକ୍ତ ମଦ ପିଇ ୩ ଦିନରେ ଅନ୍ୟୂନ ୨୬ ଜଣ ପ୍ରାଣ ହରାଇଲେଣି। ସିୱାନରେ ବିଷାକ୍ତ ମଦ ୨୦ ଜୀବନ ନେଇଥିବାବେଳେ ସରନରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ଡିଜି ଆଲୋକ ରାଜ୍ କହିଛନ୍ତି। ହସ୍ପିଟାଲରେ ୨୦ରୁ ଊର୍ଦ୍ଧ୍ୱ ମୃତ୍ୟୁ ସହ ସଂଘର୍ଷ କରୁଥିବା ବେଳେ ବିଷାକ୍ତ ମଦ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ କେତେକେ ଦୃଷ୍ଟିଶକ୍ତି ହରାଇପାରନ୍ତି ବୋଲି କୁହାଯାଉଛି। ଦୂଷିତ ମଦ ବିକ୍ରି କରିବା ଅଭିଯୋଗରେ ୧୨ ଜଣଙ୍କୁ ଗିରଫ କରାଯାଇଛି। କଠୋର ଆଇନ ଅନୁଯାୟୀ ସେମାନଙ୍କ ବିଚାର ହେବା ସହ ଦଣ୍ଡିତ କରାଯିବ। ମଦମୃତ୍ୟୁ ଘଟଣାର ତଦନ୍ତ ପାଇଁ ଦୁଇଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ଗୋଟିଏ ସ୍ଥାନୀୟ ପୋଲିସକୁ ନେଇ ଗଠିତ ହୋଇଥିବାବେଳେ ପାଟନାର ଡିପାର୍ଟମେଣ୍ଟ ଅଫ୍ ପ୍ରୋହିବିଶନ ପକ୍ଷରୁ ଅନ୍ୟ ଏକ ଏସ୍‌ଆଇଟି ଗଠନ କରାଯାଇଛି। ଦୂଷିତ ମଦ କାରବାରର ମାଫିଆଙ୍କୁ ଚିହ୍ନଟ କରାଯାଇଛି। ସେ ପୂର୍ବରୁ ମଧ୍ୟ ଅନୁରୂପ ମାମଲାରେ ସମ୍ପୃକ୍ତ ଥାଇ ନିକଟରେ ଜାମିନରେ ଆସିଥିଲେ। ସୂଚନାଯୋଗ୍ୟ, ୨୦୧୬ ଏପ୍ରିଲରେ ନୀତୀଶ କୁମାର ସରକାର କ୍ଷମତାକୁ ଫେରିବା ପରେ ବିହାରରେ ମଦକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲେ। ଏହା ସତ୍ତ୍ୱେ ସେଠାରେ ମଦ କାରବାର ଖୋଲାମେଲାରେ ଚାଲିଥିବାବେଳେ ବିଭିନ୍ନ ସମୟରେ ମଦମୃତ୍ୟୁ ଘଟଣା ଘଟୁଛି।

### ଲଣ୍ଡନ ଓ ଜର୍ମାନୀରୁ ଆସୁଥିଲା ବୋମା ଧମକ

**ନୂଆଦିଲ୍ଲୀ, ୧୭।୧୦**

ଗତ ୪ ଦିନରେ ୨୫ରୁ ଅଧିକ ଭାରତୀୟ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଲାଣି। ସୋସିଆଲ ମିଡିଆରେ ଆସୁଥିବା ବୋମା ଧମକ ସମ୍ବନ୍ଧିତ ମେସେଜ ଓ ଧମକପୂର୍ଣ୍ଣ କଲ୍‌ର ଆଇପି ଠିକଣା ଲଣ୍ଡନ ଓ ଜର୍ମାନୀର ହୋଇଥିବା ଗୁରୁବାର କେନ୍ଦ୍ରୀୟ ଗୋଇନ୍ଦା ଏଜେନ୍ସି ସୂଚନା ଦେଇଛି। ଧମକପୂର୍ଣ୍ଣ ମେସେଜ ଆସିଥିବା ୧୦ ସୋସିଆଲ ମିଡିଆ ଆକାଉଣ୍ଟକୁ ସାଇବର ସୁରକ୍ଷା ଏଜେନ୍ସି ବ୍ଲକ୍ କରିଛି। ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ(ଭିପିଏନ୍) ବ୍ୟବହାର କରି ସୋସିଆଲ ମିଡିଆ ଜରିଆରେ ଧମକପୂର୍ଣ୍ଣ ମେସେଜ୍ ପଠାଯାଉଥିଲା।

ପ୍ରାରମ୍ଭିକ ତଦନ୍ତରୁ ଏହା କୌଣସି ଷଡ଼ଯନ୍ତ୍ରକୁ ସୂଚିତ କରୁ ନ ଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି। ଅଧିକାଂଶ ଧମକପୂର୍ଣ୍ଣ କଲ୍ ନାବାଳକ କିମ୍ବା ପ୍ରାଙ୍କଷ୍ଟରମାନଙ୍କ ଦ୍ୱାରା ପଠାଯାଇଥିବା ଜଣାପଡ଼ିଛି।

# ଟ୍ରୁଡୋଙ୍କ ବ୍ୟବହାରକୁ ଦାୟିତ୍ୱହୀନ କହିଲା ଭାରତ

**ନୂଆଦିଲ୍ଲୀ,୧୭।୧୦**



ଜଷ୍ଟିନ୍ ଟ୍ରୁଡୋ

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜାର ହତ୍ୟା ସହ ଭାରତୀୟ ଏଜେଣ୍ଟ ଜଡ଼ିତ ଅଭିଯୋଗର କୌଣସି ତଥ୍ୟଗତ ପ୍ରମାଣ ନାହିଁ। କେବଳ ଗୋଇନ୍ଦା ସୂଚନା ଆଧାରରେ ଅନୁମାନ କରାଯାଉଛି ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ସ୍ୱୀକାର କରିବା ପରେ ନୂଆଦିଲ୍ଲୀ ତାଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛି। ଟ୍ରୁଡୋଙ୍କ ବ୍ୟବହାର ଦାୟିତ୍ୱହୀନ ବୋଲି ଭାରତ କହିଛି। ନିଜ୍ଜାର ହତ୍ୟାକାଣ୍ଡ ସହ ଭାରତୀୟ ଏଜେଣ୍ଟ ସମ୍ପୃକ୍ତ ବୋଲି କାନାଡା ପ୍ରଧାନମନ୍ତ୍ରୀ ଗୁରୁତର ଅଭିଯୋଗ ଆଣିଥିବାବେଳେ ଏହାର ସମର୍ଥନରେ ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ। ଭାରତ ଦୀର୍ଘଦିନ ହେଲା କାନାଡାକୁ ଏହା ଉପରେ ପ୍ରମାଣ ମାଗିଆସୁଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା କୂଟନୈତିକ ତିକ୍ତତା ପାଇଁ ମନ୍ତ୍ରଣାଳୟ ଟ୍ରୁଡୋଙ୍କୁ ଦାୟୀ କରିଛି।

# ବିଷ୍ଣୋଇ ଗ୍ୟାଙ୍ଗ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି କାନାଡା

**ନୂଆଦିଲ୍ଲୀ,୧୭।୧୦**

**ସମାଲୋଚନା କଲା ଭାରତ**

ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କୁ ଗିରଫ କରିବା ପାଇଁ ଭାରତର ଅନୁରୋଧ ସତ୍ତ୍ୱେ କାନାଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ସମାଲୋଚନା କରିଛି। ବାରମ୍ବାର ନିବେଦନ ସତ୍ତ୍ୱେ ବିଷ୍ଣୋଇ ଗ୍ୟାଙ୍ଗ୍‌ର କାର୍ଯ୍ୟକୁ ନେଇ ନୂଆଦିଲ୍ଲୀର ଚିନ୍ତା ଦୂର କରିବାରେ କାନାଡ଼ା ପଦକ୍ଷେପ ନେଇ ନାହିଁ। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ଭାରତର ୨୬ଟି ପ୍ରତ୍ୟର୍ପଣ ନିବେଦନ କାନାଡା ନିକଟରେ ପଡ଼ିରହିଥିଲେ ମଧ୍ୟ ଏହା କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ଅଥଚ କାନାଡା ଲୋକମାନେ କରୁଥିବା ଅପରାଧ ପାଇଁ ଭାରତକୁ ଦାୟୀ କରାଯାଉଛି। ହରଦୀପ୍ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତ ସରକାରଙ୍କ ସମ୍ପୃକ୍ତି ନେଇ କାନାଡାର ଅଭିଯୋଗକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି।

# ପନ୍ନୁନ ହତ୍ୟା ଉଦ୍ୟମରେ ଜଡ଼ିତ ବ୍ୟକ୍ତିଙ୍କୁ ଭାରତ ସରକାର ନିଯୁକ୍ତ କରି ନ ଥିଲେ

**ଆମେରିକା ସ୍ପଷ୍ଟ କଲା**

**ନୂଆଦିଲ୍ଲୀ,୧୭।୧୦**



ଗୁରପତ୍‌ୱନ୍ତ ସିଂ ପନ୍ନୁ

ଖଲିସ୍ତାନୀ ନେତା ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କୁ ହତ୍ୟା ପାଇଁ ହୋଇଥିବା ବିଫଳ ଉଦ୍ୟମରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସିସିଂ ଭାବେ ଚିହ୍ନଟ କରାଯାଇଛି। ସେ ଜଣେ ପୂର୍ବତନ ର’ ଅଫିସର। ତେବେ ସେ ଭାରତ ସରକାରଙ୍କ କର୍ମଚାରୀ ନ ଥିଲେ ବୋଲି ଆମେରିକା ବୁଧବାର ସ୍ପଷ୍ଟ କରିଛି। ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ମାଥ୍ୟୁ ମିଲର କହିଛନ୍ତି, ଉଚ୍ଚସ୍ତରୀୟ ଭାରତୀୟ ତଦନ୍ତ କମିଟିର ଆମେରିକୀୟ ଅଧିକାରୀମାନଙ୍କ ସହ ବୈଠକରେ ଉଭୟ ପକ୍ଷ ସେମାନଙ୍କ ତଦନ୍ତ ବିବରଣୀ ଶେୟାର କରିଥିଲେ। ଭାରତୀୟ ତଦନ୍ତ କମିଟିରେ କେଉଁମାନେ ଥିଲେ, ତାହା ପ୍ରକାଶ କରାଯାଇ ନାହିଁ। ତେବେ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ କାର୍ଯ୍ୟରତ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଏବଂ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଅନ୍ୟ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଉକ୍ତ କମିଟିରେ ରହିଥିବା ବିଶ୍ୱାସ କରାଯାଉଛି। ପନ୍ନୁନ ହତ୍ୟା ଉଦ୍ୟମରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ସମ୍ପୃକ୍ତ ଥିବା ନେଇ ଆମେରିକା ସରକାର ଦେଇଥିବା ପ୍ରମାଣକୁ ସେମାନେ ଅନୁଧ୍ୟାନ କରିବେ।



ଆର୍ଜେଣ୍ଟିନାର ବୁଏନୋସ୍ ଏୟାର୍ସସ୍ଥିତ ଏକ ହୋଟେଲ୍‌ର ତୃତୀୟ ମହଲାରୁ ବୁଧବାର ଖସିପଡ଼ି ୱାନ ଡାଇରେକ୍ସନ୍‌ର ପୂର୍ବତନ ସଦସ୍ୟ ତଥା ଗାୟକ ଲିଆମ୍ ପେନେଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସମର୍ଥକମାନେ ଉକ୍ତ ହୋଟେଲ ବାହାରେ କ୍ୟାଣ୍ଡେଲ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ଲୋକମାନ୍ୟ ତିଲକ ଏକ୍ସପ୍ରେସ୍‌ର ୮ ବଗି ଲାଇନ୍‌ଚ୍ୟୁତ

**ନୂଆଦିଲ୍ଲୀ,୧୭।୧୦**



ଅଗରତାଲାରୁ ମୁମ୍ବାଇ ଯାଉଥିବା ଲୋକମାନ୍ୟ ତିଲକ ଏକ୍ସପ୍ରେସ୍ ଟ୍ରେନ୍‌ର ୮ଟି ବଗି ଲାଇନଚ୍ୟୁତ ହୋଇଛି। ଗୁରୁବାର ଅପରାହ୍ନ ୩ଟା ୫୫ ମିନିଟ୍ ସମୟରେ ଆସାମର ଡିବାଲୋଙ୍ଗ୍ ଷ୍ଟେଶନରେ ଏହି ଦୁର୍ଘଟଣା ଘଟିଛି। ରେଳ ଇଞ୍ଜିନ୍ ଓ ପାୱାର କାର୍ ସମେତ ୮ ବଗି ଲାଇନ୍‌ଚ୍ୟୁତ ହୋଇଥିଲେ ମଧ୍ୟ କେହି ମୃତାହତ ହୋଇ ନ ଥିବା ଉତ୍ତରପୂର୍ବ ଫ୍ରଣ୍ଟିୟର ରେଲୱେ ଜୋନ୍‌ର ସିପିଆର୍‌ଓ କହିଛନ୍ତି। ଘଟଣାସ୍ଥଳକୁ ଦୁର୍ଘଟଣା ରିଲିଫ୍ ଟ୍ରେନ୍ ପଠାଯାଇଛି।

# ସଲ୍‌ମାନଙ୍କୁ ହତ୍ୟା ପାଇଁ ୨୫ ଲକ୍ଷର ସୁପାରି

**ଷଡ଼ଯନ୍ତ୍ରକାରୀ ହରିୟାଣାରୁ ଗିରଫ**

**ମୁମ୍ବାଇ, ୧୭।୧୦**



ସଲମାନ ଖାନ୍

ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଏନ୍‌ସିପି ନେତା ବାବା ସିଦ୍ଦିକିଙ୍କ ହତ୍ୟାକାଣ୍ଡ ମାମଲାରେ ଗୁରୁବାର ନଭି ମୁମ୍ବାଇ ପୋଲିସ ପକ୍ଷରୁ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଛି। ନଭି ମୁମ୍ବାଇରେ ଥିବା ଅଭିନେତା ସଲମାନ ଖାନ୍‌ଙ୍କ ପନୱେଲ ବାସଭବନରେ ହିଁ ତାଙ୍କୁ ହତ୍ୟା ପାଇଁ ଯୋଜନା କରାଯାଇଥିବା ନେଇ ଚାର୍ଜଶିଟରେ ଦର୍ଶାଯାଇଛି। ସଲମାନଙ୍କ ହତ୍ୟା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୨୫ ଲକ୍ଷ ଟଙ୍କା ସୁପାରି ଦିଆଯାଇଥିଲା ବୋଲି ପୋଲିସ କହିଛି। ଏହି ଚାର୍ଜଶିଟରେ ୫ ଜଣଙ୍କର ନାମ ରହିଛି। ହତ୍ୟା ଘଟାଇବା ପାଇଁ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ନାବାଳକଙ୍କୁ ନିଯୁକ୍ତି ଦିଆଯାଉଥିଲା। ପାକିସ୍ତାନରୁ ଏକେ-୪୭, ଏକେ-୯୨, ଏମ-୧୬ ଆଦି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ଜଡ଼ିତ ପ୍ରାୟ ୬୦ରୁ ୭୦ ଜଣ ସଦସ୍ୟ ସଲମାନଙ୍କ ଗତିବିଧି ଉପରେ ନଜର ରଖୁଥିବା ଏହି ଚାର୍ଜଶିଟରେ ଉଲ୍ଲେଖ ରହିଛି। ଖାସ୍‌କରି ସଲମାନଙ୍କ ବାନ୍ଦ୍ରାସ୍ଥିତ ବାସଭବନ, ତାଙ୍କର ପନ୍‌ୱେଲ ଫାର୍ମହାଉସ ଓ ଗୋରେଗାଓଁସ୍ଥିତ ଫିଲ୍ମ ସିଟିରେ ସେମାନେ ସଲମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ୨୦୨୩ ଅଗଷ୍ଟରୁ ୨୦୨୪ ଏପ୍ରିଲ ମଧ୍ୟରେ ସଲମାନଙ୍କ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ନେଇ ଉକ୍ତ ଚାର୍ଜଶିଟରେ ନଭି ମୁମ୍ବାଇ ପୋଲିସ ଉଲ୍ଲେଖ କରିଛି।

ସେପଟେ ସଲମାନଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ମୁମ୍ବାଇ ପୋଲିସ ଓ ହରିୟାଣା ପୋଲିସ ପକ୍ଷରୁ ଜଏଣ୍ଟ ଅପରେଶନ କରାଯାଇ ହରିୟାଣାର ପାନିପଥରୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନାମ ସୁଖା ହୋଇଥିବାବେଳେ ସେ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ତୀକ୍ଷ୍ଣ ଶୁଟର ଭାବେ ପରିଚିତ ଥିବା ପୋଲିସ କହିଛି। ତାଙ୍କୁ ମୁମ୍ବାଇ ଅଣାଯାଇଛି।

# ଲରେନ୍ସଙ୍କୁ ଭିଡିଓ କଲ୍ ଆମନ୍ତ୍ରଣ ଦେଲେ ସୋମି

**ମୁମ୍ବାଇ, ୧୭।୧୦**



ସୋମି ଅଲ୍ଲୀ



ଲରେନ୍ସ ବିଷ୍ଣୋଇ

ଅଭିନେତା ସଲମାନ ଖାନ୍‌ଙ୍କ ପୂର୍ବତନ ପ୍ରେମିକା ତଥା ଅଭିନେତ୍ରୀ ଓ ଆମେରିକୀୟ ମହିଳା ଅଧିକାର କର୍ମୀ ସୋମି ଅଲ୍ଲୀ ଗୁରୁବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଭିଡିଓ କଲ୍ ମାଧ୍ୟମରେ ଆଲୋଚନା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ଏହି ପୋଷ୍ଟରେ ସୋମି ଗୁଜରାଟର ସାବରମତି ଜେଲରେ ବନ୍ଦୀ ଥିବା ଲରେନ୍ସଙ୍କର ଏକ ଫଟୋକୁ ଶେୟାର କରି ଲେଖିଛନ୍ତି, “ଲରେନ୍ସ ଭାଇ, ଶୁଣିବାକୁ ପାଇଛି ଜେଲରୁ ଆପଣ ଜୁମ୍ କଲ୍ କରିପାରୁଛନ୍ତି। ଆପଣଙ୍କ ସହ କିଛି ଆଲୋଚନା କରିବାର ଅଛି। ଦୟାକରି ଏହା କିପରି ସମ୍ଭବ ହେବ ସେନେଇ ଜଣାନ୍ତୁ। ଆପଣଙ୍କ ସହ ଜୁମ୍ କଲ୍‌ରେ କିଛି ଆଲୋଚନା କରିବାକୁ ଚାହୁଁଛି। ବିଶ୍ୱାସ କରନ୍ତୁ ଏହି ଆଲୋଚନା ଆପଣଙ୍କ ପାଇଁ ଲାଭଦାୟକ ହେବ। ଦୟାକରି ଆପଣଙ୍କ ମୋବାଇଲ ନମ୍ବର ଦିଅନ୍ତୁ, ଧନ୍ୟବାଦ।” ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଏନ୍‌ସିପି ନେତା ଓ ସଲମାନଙ୍କ ଘନିଷ୍ଠ ସହଯୋଗୀ ବାବା ସିଦ୍ଦିକୀଙ୍କ ହତ୍ୟାକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଥିବାବେଳେ ସୋମିଙ୍କ ଏହି ପୋଷ୍ଟ ସାମ୍ନାକୁ ଆସିଛି। ସଲମାନଙ୍କ ସହ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କର ବାବା ସିଦ୍ଦିକୀଙ୍କର ପରି ଅବସ୍ଥା ହେବ ବୋଲି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ଚେତାବନୀ ଦିଆଯାଇଛି।

୯୦ ଦଶକରେ ସୋମି ଓ ସଲମାନଙ୍କ ପ୍ରେମ ସମ୍ପର୍କକୁ ନେଇ ବହୁ ମିଡିଆ ରିପୋର୍ଟ ପ୍ରକାଶ ପାଇଥିଲା। ସେ ଅନେକ ବଲିଉଡ୍ ଫିଲ୍ମରେ ମଧ୍ୟ କାର୍ଯ୍ୟ କରିଥିଲେ। ତେବେ ୧୯୯୯ରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ସେବେଠାରୁ ସୋମି ମୁମ୍ବାଇ ଛାଡ଼ି ଆମେରିକାରେ ରହି ଆସୁଛନ୍ତି। ଯଦିଓ ସୋମି ଓ ସଲମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି ତେବେ ମଧ୍ୟ ଅନେକବାର ସୋମି ବିଭିନ୍ନ ପ୍ରସଙ୍ଗରେ ସଲମାନଙ୍କୁ ସମର୍ଥନ କରିବା ସହ ତାଙ୍କୁ ସୁରକ୍ଷା ଯୋଗାଉଥିବାର ଦେଖିବାକୁ ମିଳିଛି। ଗତ ମେ’ରେ ସେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଥିଲେ, କୃଷ୍ଣସାର ମୃଗ ଶିକାର କରିବା ମାମଲାକୁ ନେଇ ସଲମାନଙ୍କୁ ହତ୍ୟା ଧମକ ଦେବା ଓ ତାଙ୍କ ଗତିବିଧି ଉପରେ ନଜର ରଖିବା ଠିକ୍ ନୁହେଁ। ଏବେ ଉକ୍ତ ଘଟଣାକୁ ବହୁତ ବର୍ଷ ବିତିଗଲାଣି। ତେଣୁ ଘଟଣାକୁ ଭୁଲି ଯିବାକୁ ଓ ସଲମାନଙ୍କୁ କ୍ଷମା ଦେବାକୁ ସେ ବିଷ୍ଣୋଇ ସମାଜର ମୁଖ୍ୟଙ୍କୁ ଅନୁରୋଧ କରିଥିଲେ।




# ବାତ୍ୟା ଆଶଙ୍କା | ୨୩ରୁ ୨୫ ପ୍ରବଳ ବର୍ଷା

**ଭୁବନେଶ୍ୱର,୧୭।୧୦(ଅନିଲ ଦାସ)**

ବିଲରେ ଧାନ ବାହାରିବାକୁ ବସିଲାଣି। ଚାଷୀକୁଳ ଅସରାଏ ବର୍ଷାକୁ ଚାହିଁ ରହିଛନ୍ତି। ବର୍ଷା ହେଲେ ବିଲରେ ସୁନା ଫଳିବ। ବର୍ଷକର ପରିଶ୍ରମ ଚାଷୀଙ୍କୁ ମିଳିବ। ଏପରି ସ୍ଥଳେ ଓଡ଼ିଶା ପାଇଁ ବାତ୍ୟା ବିପଦ ଘନେଇଲାଣି। ଏହାକୁ ନେଇ ଚାଷୀଙ୍କ ମନରେ ଛନକା ପଶିଲାଣି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୦ ତାରିଖରେ ଉତ୍ତର ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ୨୨ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଡିପ୍ ଡିପ୍ରେସନ(ଗଭୀର ଅବପାତ)ରେ ପରିଣତ ହୋଇ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ଲଘୁଚାପର ଗତିବିଧି ଉପରେ ନଜର ରଖାଯାଇଛି। ପରବର୍ତ୍ତୀ ସମୟରେ ଏ ନେଇ ସୂଚନା ଦିଆଯିବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ତେବେ କେତେକ ପାଣିପାଗ ମଡେଲ ସୂଚନା ଅନୁଯାୟୀ, ଗଭୀର ଅବପାତ ଆସନ୍ତା ୨୪ ତାରିଖରେ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ଝଡ଼ ଓଡ଼ିଶାମୁହାଁ ହେବ। ଆସନ୍ତା ୨୪ ତାରିଖ ବେଳକୁ ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ସମୁଦ୍ରରେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୬୦ରୁ ୧୮୦ କି.ମି. ହେବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ସ୍ଥଳଭାଗ ଅତିକ୍ରମ କରିବା ବେଳେ ପବନର ବେଗ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି।

ଲଘୁଚାପ ପ୍ରଭାବରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାଛଡ଼ା ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ସମ୍ବଲପୁର, ସୋନପୁର ଆଦି ଜିଲାରେ ମଧ୍ୟମଧରଣର ବର୍ଷା ହେବ। ଏଥିସହିତ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ୨୨ରୁ ୨୬ ଯାଏ ବର୍ଷା ଲାଗି ରହିବ। ୨୩ରୁ ୨୫ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

# ରେଳ ଟିକେଟ ଅଗ୍ରିମ ସଂରକ୍ଷଣ ଅବଧି ୬୦ ଦିନ

**ଭୁବନେଶ୍ୱର,୧୭।୧୦ (ଅନୁରାଧା ମହାରଣା)**

ଭାରତୀୟ ରେଳପଥ ପକ୍ଷରୁ ଟ୍ରେନ୍ ଟିକେଟର ଅଗ୍ରିମ ସଂରକ୍ଷଣ ସମୟରେ ପରିବର୍ତ୍ତନ କରାଯାଇଛି। ଏହି ଅବଧି ସର୍ବାଧିକ ୬୦ଦିନ ରହିବ ଅର୍ଥାତ୍ ଯାତ୍ରାର ୬୦ଦିନ ପୂର୍ବରୁ ସଂରକ୍ଷଣ ଟିକେଟ କରାଯାଇପାରିବ। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ତେବେ ବିଭିନ୍ନ ଅଭିଜ୍ଞତାକୁ ଆଧାର କରି ଏହି ୬୦ ଦିନିଆ ଅବଧି ଯାତ୍ରୀ ଚାହିଦା ଦୃଷ୍ଟିକୋଣରୁ ସର୍ବୋତ୍ତମ ବୋଲି ବିବେଚନା କରାଯାଇଛି। ୧୯୮୧ରୁ ୨୦୨୪ ଅକ୍ଟୋବର ଶେଷସୁଦ୍ଧା ବିଭିନ୍ନ ସମୟରେ ଏହି ଅବଧି ୩୦ଦିନରୁ ୧୨୦ଦିନ ମଧ୍ୟରେ ବଦଳିଛି। ଅଗ୍ରିମ ଟିକେଟ୍ ସଂରକ୍ଷଣ ବ୍ୟବସ୍ଥାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଏହି ନିଷ୍ପତ୍ତି ନିଆଯାଇଥିବା ଭାରତୀୟ ରେଳପଥ ସୂଚନା ଦେଇଛି।

ଟ୍ରେନ ଯାତ୍ରା ଯୋଜନା ପାଇଁ ୧୨୦ ଦିନ ବହୁତ ଲମ୍ବା ଥିଲା। ଫଳସ୍ୱରୂପ ଯାତ୍ରୀମାନେ ଯାତ୍ରା ପାଇଁ ନ ଆସିବା କାରଣରୁ ବାତିଲ ସଂଖ୍ୟା ବଢୁଥିଲା ଓ ସିଟ୍ ବା ବର୍ଥର ଅପଚୟ ହେଉଥିଲା। ଲମ୍ବା ଅବଧିର ଟିକେଟ୍ ସଂରକ୍ଷଣ ଦ୍ୱାରା ପ୍ରାୟ ୨୧% ବାତିଲ ହୁଏ ଏବଂ ୪-୫% ଯାତ୍ରୀ ଯାତ୍ରା କରନ୍ତି ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଏ ଯେ, ଯାତ୍ରୀମାନେ ସେମାନଙ୍କ ଟିକେଟ ବାତିଲ କରନ୍ତି ନାହିଁ କି ଯାତ୍ରା କରନ୍ତି ନାହିଁ। ଅନ୍ୟପଟେ ଛଦ୍ମନାମ ଉପଯୋଗ କରି ଅଗ୍ରିମ ଟିକେଟ ବୁକ୍ କରିବା ଏବଂ ରେଳ ଅଧିକାରୀମାନେ ବେଆଇନ ଭାବରେ ଟଙ୍କା ନେଉଥିବା ମଧ୍ୟ ଅଭିଯୋଗ ହେଉଥିଲା। ଅବଧି ସମୟ ହ୍ରାସ ଦ୍ୱାରା ଏପରି ଅସାଧୁ କାର୍ଯ୍ୟକଳାପକୁ ରୋକାଯାଇପାରିବ ବୋଲି ଆଶା କରାଯାଉଛି। ଏଥିସହ ଏହାଦ୍ୱାରା ବାସ୍ତବରେ ଯାତ୍ରା କରିବାକୁ ଚାହୁଁଥିବା ଯାତ୍ରୀମାନେ ଅଧିକ ଟିକେଟ ବୁକ୍ କରିବାର ସମ୍ଭାବନା ବଢ଼ିବ ଓ ସାଧାରଣ ଶ୍ରେଣୀର ଟିକେଟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

ସୂଚନା ଥାଉକି, ୧୯୮୧ ଏପ୍ରିଲରୁ ୧୯୮୫ ଜାନୁଆରୀ ପର୍ଯ୍ୟନ୍ତ ଅଗ୍ରିମ ସଂରକ୍ଷଣ ଅବଧି ୧୨୦ ଦିନ ରହିଥିବାବେଳେ ୧୯୮୫ ଫେବୃଆରୀରୁ ୧୯୮୮ ଅଗଷ୍ଟ ପର୍ଯ୍ୟନ୍ତ ୯୦ ଦିନିଆ ଅବଧି ରଖାଯାଇଥିଲା। ସେହିପରି ୧୯୮୮ ସେପ୍ଟେମ୍ବରରୁ ୧୯୯୩ ସେପ୍ଟେମ୍ବର ପର୍ଯ୍ୟନ୍ତ ୬୦ଦିନିଆ ଅବଧି ରହିଥିବାବେଳେ ୧୯୯୩ ଅକ୍ଟୋବରରୁ ୧୯୯୫ ଜୁନ୍ ମଧ୍ୟରେ ୪୫ ଦିନ, ୧୯୯୫ ସେପ୍ଟେମ୍ବରରୁ ୧୯୯୮ ଜାନୁଆରୀ ମଧ୍ୟରେ ୩୦ଦିନ, ୧୯୯୮ ଫେବୃଆରୀରୁ ୨୦୦୭ ଫେବୃଆରୀ ମଧ୍ୟରେ ୬୦ ଦିନ, ୨୦୦୭ ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ୯୦ ଦିନ, ୨୦୦୭ ଜୁଲାଇରୁ ୨୦୦୮ ଜାନୁଆରୀ ମଧ୍ୟରେ ୬୦ଦିନ, ୨୦୦୮ ଫେବୃଆରୀରୁ ୨୦୧୨ ମାର୍ଚ୍ଚ ପର୍ଯ୍ୟନ୍ତ ୯୦ ଦିନ, ୨୦୧୨ ମାର୍ଚ୍ଚରୁ ୨୦୧୩ ଏପ୍ରିଲ ପର୍ଯ୍ୟନ୍ତ ୧୨୦ ଦିନ, ୨୦୧୩ ମେ'ରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୬୦ ଦିନ, ୨୦୧୫ ଏପ୍ରିଲରୁ ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ଟିକେଟ୍ ଅଗ୍ରିମ ସଂରକ୍ଷଣ ଅବଧି ୧୨୦ ଦିନ ରହିଥିଲା।

## ଉଚ୍ଚ ଜୁଆରରେ ଭାସିଗଲା କୋଠଘର

**ଛତ୍ରପୁର, ୧୭।୧୦ (ଦିଲୀପ ସାମଲ)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର କେ.ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଗୁରୁବାର ଅପରାହ୍ନରେ ଆସିଥିବା ଉଚ୍ଚ ଜୁଆରରେ ମତ୍ସ୍ୟଜୀବୀଙ୍କ କୋଠଘର ଭୁଶୁଡ଼ି ଭାସିଯାଇଛି। ସମୁଦ୍ରକୁ ମାଛ ଧରିବାକୁ ଯିବା ଆସିବା ବେଳେ ଆଶ୍ରୟସ୍ଥଳ ପାଲଟିଥିବା ଏହି ଘରଟି ସମ୍ପୂର୍ଣ୍ଣ ବିଲୀନ ହୋଇଯାଇଥିବାରୁ ମତ୍ସ୍ୟଜୀବୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ ଦିନକୁ ଦିନ ସମୁଦ୍ର କୂଳ ଲଂଘୁଥିବାରୁ ଆଗାମୀ ଦିନରେ ଆଖପାଖର ବହୁଘର ମଧ୍ୟ ଭାସିଯିବା ସମ୍ଭାବନା ରହିଛି। ତେଣୁ ମତ୍ସ୍ୟଜୀବୀମାନେ ଚିନ୍ତାରେ ଅଛନ୍ତି।



# ସମୁଦ୍ରରେ ୨ ଡଙ୍ଗା ବୁଡ଼ିଗଲା: ବର୍ତ୍ତିଲେ ୧୨ ମତ୍ସ୍ୟଜୀବୀ

**ଭୋଗରାଇ, ୧୭।୧୦ (ପ୍ରଦୀପ ଦାସ)**

ପୂର୍ଣ୍ଣିମା ତିଥିରେ ଅଶାନ୍ତ ରହିଛି ସମୁଦ୍ର। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସହାବାଜିପୁର ଗ୍ରାମର ୧୨ଜଣ ମତ୍ସ୍ୟଜୀବୀ ବୁଧବାର ମଧ୍ୟରାତ୍ରିରୁ ଗଭୀର ସମୁଦ୍ରରୁ ଇଲିସି ମାଛ ମାରି ଆଗ ପଛ ହୋଇ ଫେରୁଥିବା ବେଳେ ଗୁରୁବାର ସକାଳେ ସମୁଦ୍ରର ଉତ୍ତାଳ ଢେଉରେ ଗୋଟିଏ ଡଙ୍ଗା ଅନ୍ୟ ଏକ ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ତାଳସାରୀ ସମୁଦ୍ରକୂଳଠାରୁ ୩ କି.ମି. ଦୂରରେ ଡଙ୍ଗା ଦୁଇଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ୨ଟି ଡଙ୍ଗାରେ ଥିବା ୧୨ ମତ୍ସ୍ୟଜୀବୀ ସମୁଦ୍ରକୁ ଲମ୍ଫ ପ୍ରଦାନ କରି ପହଁରି ପହଁରି କୂଳରେ ଲାଗିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ଏମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ପଠାଇଥିବା ବେଳେ ଜଣେ ମତ୍ସ୍ୟଜୀବୀ ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୫ଜଣ ମତ୍ସ୍ୟଜୀବୀ ଚିକିତ୍ସା ପରେ ସୁସ୍ଥ ହୋଇଥିବା ଖବର ମିଳିଛି। ଭୁଟଭୁଟିରେ ଭର୍ତ୍ତି ଥିବା ଇଲିସି ସମୁଦ୍ରରେ ବୁଡ଼ିଯାଇଥିବାବେଳେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅନ୍ୟ ଡଙ୍ଗାରେ ସମୁଦ୍ରକୁ ଯାଇ ଅଧା ବୁଡିଥିବା ଜାଲ ସହ ୨ଟି ଭଙ୍ଗା ଡ଼ଙ୍ଗାକୁ କୌଶଳକ୍ରମେ କୂଳକୁ ଟାଣି ଆଣିଛନ୍ତି।

# ହାତୀ ସୁରକ୍ଷା କର୍ମଚାରୀଙ୍କୁ ଦଳିଦେଲା ଦନ୍ତା

**କେନ୍ଦୁଝର,୧୭।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଝାରବେଡ଼ା ଗ୍ରାମ ନିକଟରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ହାତୀ ଘଉଡ଼ାଇବାକୁ ଯାଇଥିବା ବନ କର୍ମଚାରୀଙ୍କୁ ଏକ ଦନ୍ତାହାତୀ ଗୋଡ଼ାଇଥିଲା। ବନ କର୍ମଚାରୀଙ୍କ ସହ ଥିବା ଜଣେ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ (ହାତୀ ସୁରକ୍ଷା) କର୍ମଚାରୀଙ୍କୁ ଦନ୍ତା ଦଳିଦେଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ କର୍ମଚାରୀ ଗୋବିନ୍ଦପୁର ଗ୍ରାମର ବସନ୍ତ ମହାନ୍ତ(୪୫)। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଚାପା ଉତ୍ତେଜନା ଲାଗି ରହିଛି।

ପ୍ରକାଶ ଯେ, ସଦର ରେଞ୍ଜ ଝାରବେଡ଼ା ଗ୍ରାମ ନିକଟରେ ୬ ଟିକିଆ ହାତୀପଲ ବିଲରେ ପଶି ଧାନ ଫସଲ ନଷ୍ଟ କରୁଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ସଦର ରେଞ୍ଜର ଅଜିତ୍ କୁମାର ଦାସ, ନରଣପୁର ଫରେଷ୍ଟର କାଳନ୍ଦୀ ସାମଲଙ୍କ ସହ ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ହାତୀ ଘଉଡ଼ାଇବାକୁ ଯାଇଥିଲେ। ହାତୀ ଘଉଡ଼ାଇବାବେଳେ ହଠାତ୍ ଏକ ଦନ୍ତା ହାତୀ ଗୋଠରୁ ଅଲଗା ହୋଇ ବନ କର୍ମଚାରୀଙ୍କୁ ଗୋଡ଼ାଇଥିଲା। ସମସ୍ତ ବନ କର୍ମଚାରୀ ଦୌଡ଼ି ପଳାଇଥିବା ବେଳେ ବସନ୍ତ ତଳେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ିଦେବା ସହ ଗୋଡ଼ରେ ଦଳିଦେଇଥିଲା। ବନ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ଚାକିରି ପ୍ରଦାନ କରିବାକୁ ଦାବି କରିଛନ୍ତି। ଡିଏଫ୍ଓ ଧନ୍‌ରାଜ ଏଚ୍.ଡି କହିଛନ୍ତି, ସର୍ଭିସ୍ ପ୍ରୋଭାଇଡର ଦ୍ୱାରା ପରିବାରକୁ ୧ ଲକ୍ଷ ୫୨ ହଜାର ଟଙ୍କା ଏବଂ ସରକାରଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳିବ। ମୃତକଙ୍କ ସ୍ତ୍ରୀ ୨ ହଜାର ଟଙ୍କା ସର୍ବନିମ୍ନ ପେନ୍‌ସନ ପାଇବେ ଓ ଝିଅ ମାସିକ ୫୦୦ ଟଙ୍କା ପାଇବେ। ଏଥିସହ ଲୋକଙ୍କୁ ସବୁବେଳେ ମାଇକ ଦ୍ୱାରା ସଚେତନ କରିବା ସହ ପୋଲିସ ଓ ଲୋକ ପ୍ରତିନିଧିଙ୍କ ସହାୟତା ନିଆଯାଉଛି। ଏହି ଘଟଣା ପରେ ଆଉ ଯେପରି ଅଘଟଣ ନ ଘଟେ ଏବଂ କର୍ମଚାରୀ କିମ୍ବା ସାଧାରଣ ଲୋକ କ୍ଷତିଗ୍ରସ୍ତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଡିଏଫ୍ଓ କହିଥିଲେ।

# ୟୁଜିସି ନେଟ୍ ଫଳ ପ୍ରକାଶ

**ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଗୁରୁବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)-ନେଟ୍ ୨୦୨୪ ଜୁନ୍ ଫଳ ପ୍ରକାଶ ପାଇଛି। ଏନ୍‌ଟିଏ ୱେବ୍ ସାଇଟ୍ www.ugcnet.nta.ac.in.ରେ ଏହି ପରୀକ୍ଷା ଫଳର ସବିଶେଷ ତଥ୍ୟ ଉପଲବ୍ଧ ହୋଇଛି। ଚଳିତବର୍ଷ ୟୁଜିସି ନେଟ୍ ଲାଗି ଦେଶରୁ ମୋଟ ୧୧ଲକ୍ଷ ୨୧ହଜାର ୨୨୫ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଲକ୍ଷ ୮୪ହଜାର ୨୨୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଜୁନିଅର ରିସର୍ଚ୍ଚ ଫେଲୋ (ଜେଏର୍‌ଏଫ୍) ପାଇଁ ୪ହଜାର ୯୭୦ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆସିଷ୍ଟାଣ୍ଟ ପ୍ରଫେସର ପଦ ପାଇଁ ୫୩ହଜାର ୬୯୪ଜଣ ଚୟନ ହୋଇଛନ୍ତି। ସେହିପରି ପିଏଚ୍‌ଡି ପାଇଁ ୧ଲକ୍ଷ ୧୨ହଜାର ୭୦ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ରେଜଲ୍ଟ ସହ ବିଷୟଭିତ୍ତିକ କଟ୍‌ଅଫ୍ ମାର୍କ ମଧ୍ୟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୫ ମଧ୍ୟରେ ଏହି ପରୀକ୍ଷା ୨୮୦ ସହରରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମୋଡ୍‌ରେ କରାଯାଇଥିଲା। ୮୩ ବିଷୟରେ ୧୧ ଦିନ ଧରି ୨୧ଟି ସିଫ୍ଟରେ ପରୀକ୍ଷା ହୋଇଥିଲା।




# ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପ୍ରତୀକ୍ଷା, ଦମନ



କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅତିସ କୁମାର ରାଉତଙ୍କୁ ଶ୍ରେଷ୍ଠ ପ୍ରଯୋଜକ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୧୭।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)**

ଇଣ୍ଡିଆନ୍ ଫିଲ୍ମ ମେକର୍ସ ଆସୋସିଏଶନ ପକ୍ଷରୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ୨୦୨୪ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବର୍ଗରେ ୨୦୨୨ ଲାଗି ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ପ୍ରତୀକ୍ଷା' ଓ ୨୦୨୩ ପାଇଁ 'ଦମନ' ପୁରସ୍କୃତ ହୋଇଛି। ସେହିଭଳି ଶ୍ରେଷ୍ଠ ଅଭିନେତ୍ରୀ ଭାବେ 'ସୋନା ମଲ୍ଲିକ' ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ଜୁରି ଆୱାର୍ଡ଼ 'ଆଭା' ଚଳଚ୍ଚିତ୍ରକୁ ପ୍ରଦାନ କରାଯାଇଛି। ଏଥିସହ ଶ୍ରେଷ୍ଠ ପ୍ରଯୋଜକ ଅତିସ କୁମାର ରାଉତ, ଶ୍ରେଷ୍ଠ ଓଡ଼ିଆ ଡକ୍ୟୁମେଣ୍ଟାରି ଫିଲ୍ମ 'ଜାଗା ଆଖଡ଼ା', ଶ୍ରେଷ୍ଠ ୱେବ୍ ସିରିଜ ଭାବେ ୨୦୨୨ ଲାଗି 'ଗ୍ୟାଙ୍ଗସ ଅଫ୍ ପୁରୀ' ଓ ୨୦୨୩ ପାଇଁ 'ବାରଙ୍ଗ ୧୯୯୯'କୁ ପୁରସ୍କୃତ କରାଯାଇଛି। ତେବେ ଜାତୀୟସ୍ତରରେ ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ତେଲୁଗୁ ଚଳଚ୍ଚିତ୍ର 'ସରକାରୀ ନୌକରୀ', କ୍ଷୁଦ୍ର ଚଳଚ୍ଚିତ୍ର ବିଭାଗରେ ତେଲୁଗୁ ଚଳଚ୍ଚିତ୍ର 'ହରିଦ୍ରା', ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମାଲାୟାଲାମ ଫିଲ୍ମ 'ଇନ୍ ଦି ଲାପ'ର ନିର୍ଦ୍ଦେଶକ ଗୋପାଳ ମେନନ ଓ ଶ୍ରେଷ୍ଠ ପ୍ରଯୋଜକ ଭାବେ ଦାଡ଼ି ଜନାର୍ଦ୍ଦନ ରାଓଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ନ୍ୟାଶନାଲ ପ୍ରେସିଡେଣ୍ଟ ଦିଲୀପ କୁମାର ଏଚ୍‌ଆର, ସାଧାରଣ ସମ୍ପାଦକ ପି. ରଘୁନାଥ ରେଡ୍ଡୀ ଯୋଗ ଦେଇ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ଓଡ଼ିଶାରୁ ମିଳିଥିବା ସହଯୋଗକୁ ପ୍ରଶଂସା କରିଥିଲେ। ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଣବ ଦାସ, ପ୍ରଯୋଜକ ଓ ସମ୍ପାଦକ ଗଦାଧର ପୁଛି, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, 'କଞ୍ଚାଲଙ୍କା'ର ନିର୍ଦ୍ଦେଶକ ବିଭୁ ପ୍ରସାଦ ରଥ, ଚିତ୍ତରଞ୍ଜନ ନାୟକ, ମିଡ଼ିଆ ପ୍ଲାନ୍‌ର ପ୍ରଣୟ ଜେଠି ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

- **ତେଲୁଗୁ ଚଳଚ୍ଚିତ୍ର 'ସରକାରୀ ନୌକରୀ'କୁ ଶ୍ରେଷ୍ଠ ଫିଚର୍ ଫିଲ୍ମ ଆୱାର୍ଡ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲେଟ୍ସ ଟକ୍ ହେଲ୍‌ଥ କର୍ମଶାଳା, ସ୍ଥାନ: ମଣିପାଲ ହସ୍ପିଟାଲ, ସମୟ: ଅପରାହ୍ନ ୨ଟା ୩୦।
- ଇଣ୍ଡିଆନ ଆର୍ଥୋପ୍ଲାଷ୍ଟି ଆସୋସିଏଶନ ପକ୍ଷରୁ ୨୦ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ମେଫେୟାର କନ୍‌ଭେନଶନ, ସମୟ: ଅପରାହ୍ନ ୪ଟା।
- ୭ମ ମାସିକ ବାର୍ତ୍ତା କାର୍ଯ୍ୟକ୍ରମ, ସ୍ଥାନ: ଜାତୀୟ ଅଭିଲେଖାଗାର, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ କ୍ୟାମ୍ପ 'ଜୁହାର'ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଜ୍ୟ ମୁଖ୍ୟାଳୟ, ୟୁନିଟ୍– ୩, ସମୟ: ଅପରାହ୍ନ ୫ଟା।
- ୧୦ମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା ୪୫।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବଜାର ପୂଜା ମଣ୍ଡପ ସମ୍ମୁଖ, ସମୟ: ରାତି ୭ଟା।

## ପୁରୀ

- ମା'ଗଜଲକ୍ଷ୍ମୀଙ୍କ ଶାରଦୀୟ ପୂଜା ଉତ୍ସବ ଏବଂ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଅବସରରେ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନୃତ୍ୟଶ୍ରୀ ଅନୁଷ୍ଠାନର ୧୮ତମ ବାର୍ଷିକୋତ୍ସବ ଏବଂ କୁମାରୋତ୍ସବ, ସ୍ଥାନ: ଉତ୍ତରାୟଣୀ କ୍ଲବ ପରିସର, ଜଟଣୀ, ସମୟ: ଅପରାହ୍ନ ୫ଟା।
- ଗଜଲକ୍ଷ୍ମୀ ପୂଜା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁଜଙ୍ଗ ମେଲଣପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶିଶୁନାଟକ ମହୋତ୍ସବର ରୌପ୍ୟଜୟନ୍ତୀ ଓ ୩୪ତମ ବାର୍ଷିକୋତ୍ସବ–୨୦୨୪ର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧି ସ୍ମୃତିଭବନ, ସମୟ: ସନ୍ଧ୍ୟା ୬ଟା।
- ଇନ୍ଦ୍ରଧନୁ ଆନୁକୂଲ୍ୟରେ ୬୬ତମ କୁମାର ଉତ୍ସବ, ସ୍ଥାନ: ଟାଉନହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଏକକ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଭଗବାନପୁର, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶିକ୍ଷାବିତ୍ ପଞ୍ଚାନନ ପଲାଇଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ନରେନ୍ଦ୍ରପୁର ପ୍ରାଥମିକ ସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଗାଁସାଥୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୀତାରାମ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ, ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଓଏମ୍‌ସି ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଶୁଆକାଟିସ୍ଥିତ ଓଏମ୍‌ସି ଅଫିସ କମ୍ୟୁନିଟି ହଲ, ବଂଶପାଳ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାଳନିଆଁ, ଛେନାପଦୀ, ହାଟଡ଼ିହୀ, ସମୟ : ରାତ୍ର ୮ ଟା।

## ମୟୂରଭଞ୍ଜ

- ୭ମ ଜିଲାପରିଷଦ ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବେଲପାଳ, ବଡ଼ସାହି ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବୃନ୍ଦାବନ ନାୟକଙ୍କ ସ୍ମୃତିସଭା, ସ୍ଥାନ: ଗୀତା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ସ୍ମାଇଲ୍ ଚାରିଟେବଲ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କୁମାର ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମୁକ୍ତେଶର ମନ୍ଦିର ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମହାଲକ୍ଷ୍ମୀଙ୍କ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକର କୁମାରୀ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀଙ୍କ ଦ୍ୱିତୀୟ ଦିବସ ପୂଜା,ସ୍ଥାନ : ବାଲିଚନ୍ଦ୍ରପୁର ଗ୍ରାମର ୩୦ ମେଢ ପେଣ୍ଡାଲ ପରିସର,ସମୟ : ସକାଳ ୬ଟା।
- ଗଜଲକ୍ଷ୍ମୀଙ୍କ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: ଛତିଆ ଗ୍ରାମର ୭ ମେଢ଼ ପେଣ୍ଡାଲ ପରିସର,ସମୟ : ସକାଳ ୬ଟା।
- ଗଜଲକ୍ଷ୍ମୀଙ୍କ ଦ୍ୱିତୀୟ ଦିବସ ପୂଜା, ସ୍ଥାନ: ବ୍ୟାସନଗର ଗୋଶାଳା ଛକ ପେଣ୍ଡାଲ ପରିସର, ସମୟ : ସକାଳ ୬ଟା।

## ନୟାଗଡ଼

- ଗଜଲକ୍ଷ୍ମୀ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ନୟାଗଡ଼ ରାଜାବଗିଚା ଲକ୍ଷ୍ମୀ ବଜାର, ସମୟ:ସନ୍ଧ୍ୟା ୭ଟା।
- କାର୍ତ୍ତିକ ବ୍ରତ ଆରମ୍ଭ, ସ୍ଥାନ:କଣ୍ଟିଲୋ ରାଧା ମୋହନ ମଠ, ସମୟ: ଭୋର ୫ଟା।

## କୋରାପୁଟ

- ଆଧାର ତ୍ରୁଟି ସଂଶୋଧନ ଶିବିର, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- କାର୍ତ୍ତିକ ବ୍ରତ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ କୁଞ୍ଜେଲପଡା ଘାଟ, ସମୟ : ପ୍ରାତଃ ୫ଟା।
- ଯୋଗ କ୍ଲବ ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- କାର୍ତ୍ତିକ ବ୍ରତ ଉପଲକ୍ଷେ ରାମଚଣ୍ଡିଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ : ଦାନୀପାଲି ମନ୍ଦିର, ସମୟ : ସକାଳ : ୭ଟା।

## ବଲାଙ୍ଗୀର

- ନାଲଖଣ୍ଡିପଡାରେ ଗଜଲକ୍ଷ୍ମୀ ପୂଜା, ସ୍ଥାନ: ନାଲଖଣ୍ଡିପଡା, ବଲାଙ୍ଗୀର, ସମୟ: ସକାଳ ୭ଟା।
- ମନୋହରପୁର ଗଜଲକ୍ଷ୍ମୀ ପୂଜା, ସ୍ଥାନ: ମନୋହରପୁର, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ,ସ୍ଥାନ: କନ୍ଦାଜୁରୀ,ଲୋଇସିଂହା ବ୍ଲକ, ସମୟ: ଅପରାହ୍ନ ୩ଟା।
- ଛେଲିଆପାଟ ମହୋତ୍ସବ, ସ୍ଥାନ: ଭରସୁଜା, ଆଗଲପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିନିକା ବ୍ଲକ କୌଡିଆମୁଣ୍ଡାରେ ଗୋପଲୀଳା ପାରାୟଣ, ସ୍ଥାନ: କୌଡିଆମୁଣ୍ଡା ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ତରଭା ବ୍ଲକ ମରାଗୁଡଗୋଛା ମେଗା ଉଠାଜଳସେଚନ ପ୍ରକଳ୍ପରୁ କ୍ଷେତକୁ ଜଳଯୋଗାଣ ଦାବିରେ ଚାଷୀଙ୍କ ରାସ୍ତାରୋକୋ, ସ୍ଥାନ: ବନକେଡା, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜାରମ୍ଭ ଓ ରାମାୟଣ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ମୁର୍ଚ୍ଛୁଣୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିବସୀୟ ପୂଜା, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରରେ କୈବର୍ତ୍ତ ସମାଜର ଜୁଗାର ଯାତ୍ରା, ସ୍ଥାନ: ମହାନଦୀ ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ଗଜଲକ୍ଷ୍ମୀ ପୂଜା, ସ୍ଥାନ: କୁଶାଦାଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟ ପ୍ରହର ନମଯଜ୍ଞ ପାଇଁ ବୃତାନ୍ତ ପ୍ରସ୍ତୁତି, ସ୍ଥାନ: ଜନକପୁର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ମୁରାସୁ ଦରବାରର ଦ୍ୱିତୀୟ ରଜନୀ, ସ୍ଥାନ: ମୁର୍ଚ୍ଛୁଣୀ, ବୀରମହାରାଜପୁର ବ୍ଲକ, ସମୟ: ରାତ୍ର ୮ଟା।

## ରାଉରକେଲା

- ଗଜଲକ୍ଷ୍ମୀ ପୂଜାର ଦ୍ୱିତୀୟ ଦିବସ, ସେକ୍ଟର– –୧୭, ସମୟ: ସକାଳ ୬ଟା।
- ଟିବିଜେଡ୍ ଜ୍ୱେଲାରୀ ଦୋକାନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଉଦିତନଗର ଶ୍ରୀ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍ ୨୦୨୪–୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ : ସକାଳ ୭ଟା।
- ବିବାହ ଷ୍ଟୋର ରୁମ୍ ଉଦ୍‌ଘାଟନ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ ଆଦିମ୍ ପାର୍ଟି ବୈଠକ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା।
- ଚନ୍ଦ୍ରଶେଖର ରଥଙ୍କ ୯୫ତମ ଜନ୍ମ ଜୟନ୍ତୀ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ବଣିଆ ସାହି ଗଜ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ବଣିଆ ସାହି ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ପେଟ୍ରୋଲ ପମ୍ପ ସାହି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପେଟ୍ରୋଲ ପମ୍ପ ସାହି, ମଣ୍ଡପ ପୁରୁଣାଗଡ଼, ସମୟ: ସନ୍ଧ୍ୟା ୭ଟା।
- ଜକ୍ତିପାଲି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗୀତା, ସ୍ଥାନ: ଜକ୍ତିପାଲି ସାହି, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ପକ୍ଷରୁ ପୂଜା ଓ ବିଶ୍ରାମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶିଳ୍ପିକା ଡାନ୍ସ ଗ୍ରୁପ ଭୁବନେଶ୍ୱର, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି, କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ, ଗଜଲକ୍ଷ୍ମୀ ପୂଜା କମିଟି କଣ୍ଢେଇ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଗଜଲକ୍ଷ୍ମୀ ପୂଜା ଅବସରରେ କମିଟି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପୂଜା ମଣ୍ଡପ ସମ୍ମୁଖ, ବେଙ୍ଗାତିନାଳୀ ସାହି, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା
- ସୁନାରୀପଡ଼ା ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ମହାନ ପୌରାଣିକ ନାଟକ ଚକ୍ରବ୍ୟୁହ, ସ୍ଥାନ: ପୂଜା ମଣ୍ଡପ, ବ୍ଲକ ରିଆମାଳ, ସମୟ: ରାତି ୯ଟା।
- ରେଙ୍ଗାଲବେଡା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ କଟକ ମେଲୋଡି, ସ୍ଥାନ: ପୂଜାମଣ୍ଡପ, ବ୍ଲକ ରିଆମାଳ, ସମୟ: ରାତି ୯ଟା।

## କଳାହାଣ୍ଡି

- ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, ଜୁନାଗଡ଼, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଶ୍ରୀମଦ୍ ଦେବୀ ଭାଗବତ ନବଦିନାତ୍ମକ ପାରାୟଣ ଓ ପ୍ରବଚନ, ସ୍ଥାନ: ମହାନଦୀ ଆଳତି ଘାଟ, ଚନ୍ଦ୍ରଚୂଡ଼ ମନ୍ଦିର, ବୌଦ୍ଧ, ସମୟ: ସକାଳ ୮ଟା।
- ରୌପ୍ୟ ଜୟନ୍ତୀ ସମାରୋହ ଓ ଗଜଲକ୍ଷ୍ମୀ ପୂଜା ତୃତୀୟ ଦିନ ଅବସରରେ କୃଷ୍ଣଗୁରୁ ଓ ୧୦୦୮ ଦୀପଦାନ, ସ୍ଥାନ: ବାମଣ୍ଡା ଗ୍ରାମ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ, ପରିବାର, ଯାନ ବାହନ, ଜମିଜମା ଓ କଳହ ପ୍ରତି ସତର୍କ ରହିବା ଭଲ। ଶିକ୍ଷା, ସନ୍ତାନ, ପ୍ରେମ ସମ୍ପର୍କ, ଆଲୋଚନା କ୍ଷେତ୍ର, ସଂଗଠନ ଓ ରାଜନୀତି ସକାଶେ ଅସୁବିଧା ହେବନାହିଁ। ବ୍ୟବସାୟରେ ଉନ୍ନତି ହେଲେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ।

**ବୃଷ** କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ, ଯାହା କି ସମସ୍ୟା ବହୁଳ ହୋଇପାରେ। ମନ ଅନୁଯାୟୀ କାମ ନ ହେବା ଯୋଗୁ ବ୍ୟଥିତ ହେବାକୁ ପଡ଼ିପାରେ। ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ଆର୍ଥିକ ସମସ୍ୟାର ସମାଧାନ ସହ ଯାହା ଚାହିଁବେ ତାହା ପାଇବେ। ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କରିବେ। କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ବନ୍ଧୁଙ୍କଠାରୁ ଖୁସି ଖବର ପାଇବେ। ଶତ୍ରୁମାନେ ବିବାଦୀୟ ଘଟଣାକୁ ବୃଦ୍ଧି କରିଦେଇପାରନ୍ତି।

**କର୍କଟ** ଦୃଢ଼ ମନୋବଳ ଓ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ରବିଙ୍କ ଦୁର୍ବଳତା କାରଣରୁ ଅର୍ଥ ଅଭାବରୁ କାମ ଅସମ୍ପୂର୍ଣ୍ଣ ରହିଯିବ। ବନ୍ଧୁମିଳନ ସହ ମିଷ୍ଟାନ୍ନ ଲାଭ ଓ ବନ୍ଧୁ ଗୃହକୁ ଯାତ୍ରାଯୋଗ ରହିଛି। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ।

**ସିଂହ** ସମସ୍ୟା ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ। ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ମଧ୍ୟ ଏହି ଦିଗରେ ପ୍ରତିବନ୍ଧକ ସାଜିବ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ମନ ଦୁଃଖ ହୋଇପାରେ। ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ, ଅନୁସନ୍ଧାନାଦି କାମରେ ସଫଳତା ଅର୍ଜନ କରିବେ।

**କନ୍ୟା** ପ୍ରଥମେ ପ୍ରଥମେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇ ହଡ଼ବଡ଼େଇ ଯାଇପାରନ୍ତି। ପୁରାତନ ଗାଡ଼ି, ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରିପାରନ୍ତି। କୌଣସି ସମ୍ପର୍କୀୟଙ୍କ ଦ୍ୱାରା ଆଶା କରୁଥିବା ସୂଚନା ପାଇ ଖୁସି ହେବେ। ନୂତନ କର୍ମସଂସ୍ଥାନ କିମ୍ବା ସ୍ଥାନାନ୍ତର ପାଇଁ ମନ ବଳିବ।

**ତୁଳା** ପ୍ରତିଦାନ ପାଇବାର କୌଣସି ଆଶା ନ ରଖି କର୍ତ୍ତବ୍ୟ ଦୃଷ୍ଟିକୋଣରୁ କାମ କରିଚାଲିବେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ବିଭିନ୍ନ ପ୍ରକାରର କର୍ମ ଜଞ୍ଜାଳର ଚାପରେ ଅତିଷ୍ଠ ହୋଇପାରନ୍ତି। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା** ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଯାହା କରୁଛନ୍ତି ସତର୍କତା ଅଭାବରେ ପରିସ୍ଥିତି ଅଣାୟତ୍ତ ହୋଇପାରେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ପାରିବାରିକ ଜୀବନ ସୁଖରେ କଟିବ ମାତ୍ର ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମନରେ ଭୟ ଥିଲେ ମଧ୍ୟ ମୁହଁଜୋର ହେତୁ ବିପଦରୁ ରକ୍ଷା ପାଇବେ।

**ଧନୁ** ମଙ୍ଗଳଙ୍କ କୁପ୍ରଭାବଜନିତ ଔଦ୍ଧତ୍ୟ କାରଣରୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ଜିନିଷ, ଅଳଙ୍କାର, ଟଙ୍କା ପଇସା କିମ୍ବା ପଶୁଜନ୍ତୁର ଖୋଜ ଖବର ପାଇପାରନ୍ତି। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ଅପଦସ୍ଥ ହେବେ।

**ମକର** ଅସୁବିଧା ନ ହେଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ପଡ଼ୋଶୀଙ୍କ ସ୍ପର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଟେନ୍ସନ ସୃଷ୍ଟି କରିବ। କର୍ମକ୍ଷେତ୍ର, ରାଜନୀତି, ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ପରିବାରରେ ସାଧାରଣ କଥାରେ କଳହର ସମ୍ମୁଖୀନ ହୋଇପାରନ୍ତି। ଯେ କୌଣସି ପରିସ୍ଥିତିରେ ରହନ୍ତୁନା କାହିଁକି, ଆପଣ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅର୍ଥ ସମ୍ପର୍କ, ଆଲୋଚନା, କଳା, ସାହିତ୍ୟ, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ।

**ମୀନ** ଅର୍ଥନୈତିକ ଅବରୋଧ ହଟିଯିବ ଏବଂ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ସକାଶେ ଚିନ୍ତା କରିବା ଆପଣଙ୍କର ଆଜି ଦିନ ସକାଶେ ଭଲ ହେବ। ପରିବହନ, ଶେୟାର ବଜାର କ୍ଷେତ୍ରରୁ ସୁଫଳ ମିଳିବ। ନିଜ ଲୋକଙ୍କଠାରୁ ଆଶାନୁରୂପ ସହାନୁଭୂତି ପାଇବେ ନାହିଁ।

ଆଜି ଅକ୍ଟୋବର ୧୮ ତାରିଖ, କାର୍ତ୍ତିକ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ରାଶିନକ୍ଷତ୍ର–ଦିବା ଘ.୦୧.୨୬ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ପ୍ରତିପଦା ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୫ମି. ଗତେ ଘ.୦୬.୩୨ମି. ମଧ୍ୟେ, ଘ.୦୭.୧୮ମି. ଗତେ ଘ.୦୮.୩୮ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୩୧ମି. ମଧ୍ୟେ ରାହୁକାଳ।

# ଆଜି ଅପରାହ୍ନ ୨ଟାରୁ ୨୪ଘଣ୍ଟା ପାଇଁ ପାନୀୟ ଜଳ ଯୋଗାଣ ବନ୍ଦ ରହିବ



**ଭୁବନେଶ୍ୱର, ୧୭।୧୦(ବନ୍ଦନା ସେଠୀ)**

ଭୁବନେଶ୍ୱରରେ ଅଧିକାଂଶ ଅଞ୍ଚଳକୁ ଶୁକ୍ରବାର ଅପରାହ୍ନ ୨ଟାରୁ ଶନିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ବନ୍ଦ ରହିବ। ମୁଖ୍ୟ ଜଳ ଯୋଗାଣ ପାଇପ ମରାମତି ପାଇଁ ମୁଣ୍ଡଳିରୁ ଜଳ ଯୋଗାଣ ବନ୍ଦ ରହିବ ବୋଲି ୱାଟ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ଆବଶ୍ୟକ ଜଳ ସଞ୍ଚୟ କରି ରଖିବା ପାଇଁ ୱାଟ୍‌କୋ–୧ ମହାପ୍ରବନ୍ଧକ ରାଜଧାନୀବାସୀଙ୍କୁ ଅନୁରୋଧ କରିଛନ୍ତି। ଜଳ ଯୋଗାଣ ବନ୍ଦ ରହିବାକୁ ଥିବା ଅଞ୍ଚଳଗୁଡିକ ହେଉଛି ଘାଟିକିଆ ଅଞ୍ଚଳର କଳିଙ୍ଗ ନଗର, ପାତ୍ରପଡ଼ା, ଭରତପୁର, ଶାମପୁର, ଘାଟିକିଆ, ଖଣ୍ଡଗିରି ବାରି, ଖଣ୍ଡଗିରି ବିହାର, କୋଳଥିଆ, ଆଇଗିଣିଆ, ବରମୁଣ୍ଡା, ଜଗନ୍ନାଥ ବିହାର, ରେଣ୍ଟାଲ କଲୋନୀ, ସିଆର୍‌ପିଏଫ୍ ଅଞ୍ଚଳ, ଏକମ୍ର ଭିଲ୍ଲା, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳ, ତପୋବନ, ଏମ୍ସନଗର, ଏମ୍ସ ହସ୍ପିଟାଲ, ପୋଖରୀପୁଟ ଅଞ୍ଚଳର ଯଦୁପୁର, ଡୁମୁଡୁମା ଗାଁ, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଜାଗମରା, ଜଗମୋହନ ନଗର, ଧର୍ମ ବିହାର, ଗଣ୍ଡମୁଣ୍ଡା, ଭକ୍ତ ମଧୁ ନଗର, ଅନନ୍ତ ବିହାର, ଲିଙ୍ଗରାଜ ବିହାର, କାରଗିଲ ବସ୍ତି, କପିଳ ପ୍ରସାଦ ଗାଁ, କପିଳ ପ୍ରସାଦ ବିଡିଏ କଲୋନୀ, ସୁନ୍ଦରପଦା, ବରମୁଣ୍ଡା ଗାଁ, କ୍ରିଷ୍ଣା ଗାର୍ଡେନ, ମଲ୍ଲିକ କମ୍ପ୍ଲେକ୍ସ, ସିଦ୍ଧି ବିହାର, ସୌଭାଗ୍ୟ ନଗର ଓ ଶତାବ୍ଦୀ ନଗର। ସେହିପରି ହାଇ ଲେଭଲ ଟ୍ୟାଙ୍କ୍ ଅନ୍ତର୍ଗତ ଏରୋଡ୍ରମ ଏରିଆ, ଭିମ୍‌ପୁର, ପଳାସପଲ୍ଲୀ, ଫରେଷ୍ଟପାର୍କ, ଶିରିପୁର, ଗଙ୍ଗନଗର, ୟୁନିଟ–୧ରୁ ୟୁନିଟ୍–୮(ଆଂଶିକ), ନୟାପଲ୍ଲୀ ଅଞ୍ଚଳର ଆଇଆର୍‌ସି ଭିଲେଜ ଏନ୍–୧ରୁ ଏନ୍–୬, ନୟାପଲ୍ଲୀ ଗାଁ, କାବେରୀ ବସ୍ତି, ଗଡସାହି ବସ୍ତି, ନୀଳଗଣ୍ଠ ନଗର, ବାଲିପଦା ସାହି, ଆନନ୍ଦ ବିହାର, ସୀତାପୁର ବସ୍ତି, ଶାସ୍ତ୍ରୀ ନଗର ଏବଂ ଚନ୍ଦ୍ରଶେଖରପୁର ଅଞ୍ଚଳର ନୀଳାଦ୍ରିବିହାର, ସାଲିଆ ସାହି ଓ ମୈତ୍ରି ବିହାର ଅଞ୍ଚଳରେ ୨୪ଘଣ୍ଟା ପାଇଁ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ବନ୍ଦ ରହିବ ବୋଲି ୱାଟ୍‌କୋ ମହାପ୍ରବନ୍ଧକ–୧ ସୂଚନା ଦେଇଛନ୍ତି।

# ଆଳାପର ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟା




**ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଆଳାପ କଲ୍‌ଚରାଲ ଟ୍ରଷ୍ଟ ଓ ସଙ୍କେତ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଗୁରୁ ନିମାକାନ୍ତ ରାଉତରାୟଙ୍କ ପୁରାତନ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ନେଇ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ବଦ୍ରୀନାରାୟଣ ମହାନ୍ତି ଉତ୍ସବରେ ଯୋଗଦେଇ ଅତିଥିଙ୍କୁ ସ୍ୱାଗତ କରି କହିଲେ, ଭାଷାପ୍ରଧାନ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ହିଁ ଆମର ଅସ୍ମିତା। ଅତିଥି ଭାବେ ଶିଳ୍ପୋଦ୍ୟୋଗୀ ମାନସ କୁମାର ଜେନା ଯୋଗଦେଇ କହିଲେ, ଓଡ଼ିଶାର ପ୍ରତ୍ୟେକ ଜିଲାରେ ଓଡ଼ିଶୀ ସଙ୍ଗୀତ ମହାବିଦ୍ୟାଳୟ ସରକାର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥି ଭାବେ ଶ୍ରୀକୃଷ୍ଣ ଚନ୍ଦ୍ର ସେଠୀ ଓ ଅଳକା ନନ୍ଦ ଯୋଗଦେଇ ଆଳାପ ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ନିମାକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର କଳାକାରଙ୍କୁ ନେଇ ବୃନ୍ଦ ଗାୟନ ପରିବେଷଣ ହୋଇଥିଲା। ଅନୁଜା ତାରିଣୀ ମିଶ୍ର, ଦୁର୍ଗେଶ ନନ୍ଦିନୀ, ମତୀତେଜସ୍ୱୀ ରଥ, ମନସ୍ୱିନୀ ମଲ୍ଲିକ, ପ୍ରିତିଜ୍ୟୋତ୍ସ୍ନା ଦେଓ, ରାଜଲକ୍ଷ୍ମୀ ପାତ୍ର, ବିଜୟଲକ୍ଷ୍ମୀ ରାଉତରାୟ, ଦୀକ୍ଷା ମହାନ୍ତି, ସୁଚୀସ୍ମିତା ନନ୍ଦ, ବିଜୟଲକ୍ଷ୍ମୀ ପତି, ସୌମ୍ୟବିଶଜିତ୍ ପ୍ରମୁଖ ପୁରାତନ ତଥା ବରିଷ୍ଠ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। କାଳନ୍ଦୀ କୂଳକୁ ମୋର ଶଙ୍କାଳି..., ଘେନ ମୋର ବିନୟ ବାଣିକି.., ଗୀତ ଗୋବିନ୍ଦ କୁରୁ ଯଦୁ ନନ୍ଦନ ଯିବୁ ନାହିଁ.., ସଜନୀ କୁଞ୍ଜ ବନକୁ ଏକା.., କଦମ୍ବ ବନେ ବଂଶୀ..ଭଳି ସଙ୍ଗୀତ ବେଶ୍ ମନଛୁଆଁ ହୋଇଥିଲା। ବାଦ୍ୟଯନ୍ତ୍ରରେ ଗୁରୁ ଦିବାକର ପରିଡ଼ା, ମୂରଲୀଧର ସ୍ୱାଇଁ, ସୌମ୍ୟକାନ୍ତ ମଲ୍ଲିକ, ସୌମ୍ୟବିଶଜିତ୍ ସହଯୋଗ କରିଥିଲେ ଓ ଲୋକନାଥ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ୫୧ତମ ସିଜେଆଇ...

ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି। ସେ ଏହି ପଦବୀରେ ୬ ମାସରୁ ସାମାନ୍ୟ ଅଧିକ ଦିନ ରହିବା ପରେ ୨୦୨୫ ମେ' ୧୩ରେ ଅବସର ନେବେ। ୧୯୬୦ ମେ' ୧୪ରେ ଜନ୍ମିତ ଜଷ୍ଟିସ୍ ଖାନ୍ନା ଦିଲ୍ଲୀ ୟୁନିଭର୍ସିଟିର କ୍ୟାମ୍ପସ୍ ଲ' ସେଣ୍ଟରରେ ଆଇନ ଶିକ୍ଷା ଲାଭ କରିଥିଲେ। ସେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଚ୍.ଆର୍. ଖାନ୍ନାଙ୍କ ପୁତୁରା। ଜଷ୍ଟିସ୍ ଖାନ୍ନା ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ପଦୋନ୍ନତି ପାଇ ୨୦୦୬ରେ ଏହାର ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୯ ଜାନୁଆରୀ ୧୮ରେ ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ମିଳିଥିଲା। ଜଷ୍ଟିସ୍ ଖାନ୍ନାଙ୍କ ଉଲ୍ଲେଖନୀୟ ରାୟ ମଧ୍ୟରେ ରହିଛି ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ବ୍ୟବହାରକୁ କାଏମ ରଖିବା। ରାଜନୈତିକ ଦଳ ପାଇଁ ପାଣ୍ଠି ସଂଗ୍ରହ ନିମନ୍ତେ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ଅସାମ୍ବିଧାନିକ ଘୋଷଣା କରିଥିବା ୫ ଜଣିଆ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଖାନ୍ନା ରହିଥିଲେ। ସେହିପରି ଜମ୍ମୁ–କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ କେନ୍ଦ୍ରର ନିଷ୍ପତ୍ତିକୁ କାଏମ ରଖିଥିବା ୫ ଜଣିଆ ପୀଠରେ ଜଷ୍ଟିସ୍ ଖାନ୍ନା ଅନ୍ୟତମ ବିଚାରପତି ଥିଲେ। ବିଦାୟୀ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ପରେ ଜଷ୍ଟିସ୍ ଖାନ୍ନା ସର୍ବବରିଷ୍ଠ ବିଚାରପତି ଏବଂ ନ୍ୟାଶନାଲ ଲିଗାଲ ସର୍ଭିସ୍ ଅଥରିଟି (ଏନ୍‌ଏଏଲ୍‌ଏସ୍‌ଏ)ର ଅଧ୍ୟକ୍ଷ ରହିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ଜଷ୍ଟିସ୍ ଖାନ୍ନା ଜାମିନ ମଞ୍ଜୁର କରିଥିଲେ।

## ଛୁଇଁହେଉନି ପରିବା...

ଗାଜର ୫୦, କାକୁଡ଼ି ୬୦, ଟମାଟୋ ୪୦, ଝୁଡ଼ଙ୍ଗ ୧୦୦ ଟଙ୍କା, ବିନ ଛୁଇଁ ଭଳି ପରିବା ୧୦୦ ଟଙ୍କାରେ ବିକ୍ରି ହେଉଛି। କାର୍ତ୍ତିକ ମାସକୁ ଦେଖି ଖୁଚୁରା ବ୍ୟବସାୟୀ ମଧ୍ୟ ଦି' ପଇସା ମୁନାଫା କମାଇବା ପାଇଁ ଦର କଷି ଦେଉଛନ୍ତି। ଖାଉଟି ନିରୁପାୟ ହୋଇ ଚଢ଼ାଦରରେ କିଣିବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼, ପଶ୍ଚିମବଙ୍ଗରେ ବର୍ଷା ଯୋଗୁ ପନିପରିବା ଚାଷ ପ୍ରଭାବିତ ହୋଇଛି। ଓଡ଼ିଶାରେ ମଧ୍ୟ ବର୍ଷା ଯୋଗୁ ସ୍ଥାନୀୟ ଉତ୍ପାଦନ କମିଛି, ଯାହାର ପ୍ରଭାବ ପରିବା ବଜାର ଉପରେ ପଡ଼ିଛି।

ପରିବା ବ୍ୟବସାୟୀ ଲମ୍ବୋଦର ନାୟକ କହିଛନ୍ତି, ଦୀର୍ଘ ୧୫ ବର୍ଷ ହେବ ୧ ନମ୍ବର ହାଟରେ ପରିବା ବ୍ୟବସାୟ କରୁଛି। ପନିପରିବା କେବେ ୧୦୦ ଟଙ୍କା ଛୁଇଁବ ମୋର ଧାରଣା ନ ଥିଲା। ଆଗକାଳେ ସମସ୍ତେ ନିଜ ବାଡ଼ିବଗିଚାରେ ପନିପରିବା ଚାଷ କରୁଥିଲେ। କିଛି ଜଣାପଡୁ ନ ଥିଲା। ଏବେ ମାଗଣା ଚାଉଳ ପାଇବା ପରେ ଲୋକମାନେ ଚାଷବାସ ଛାଡ଼ି ଦେଲେଣି। ସମସ୍ତେ ଯଦି କିଣି ଖାଇବେ ଆସିବ କେଉଁଠୁ। ପରିବାର ଚାଷ ଖର୍ଚ୍ଚ ମଧ୍ୟ ବଢ଼ିଗଲାଣି। ଦି ପଇସା ଲାଭ ମିଳୁ ନ ଥିବାରୁ ପରିବା ଚାଷ କମିଗଲାଣି। ପଡ଼ୋଶୀ ରାଜ୍ୟ ଯାହା ଦେବେ ଓ ଯେଉଁ ଦର ନେବେ ଆମେ ବାଧହୋଇ କିଣିବୁ। ସେହି ଅନୁଯାୟୀ ବଜାର ଦର ଚାଲିବ। ସେହିପରି ଦିନ ମଜୁରିଆ ନଟବର ହୋତା କହିଛନ୍ତି, ଆମେ ଗରିବ ଲୋକ। ମଜୁରି ଲାଗି ପେଟ ପୋଷୁଛୁ। ଆଳୁ, ବାଇଗଣ ଟିକେ ହେଲେ କାମ ଚଳନ୍ତା। ଦର ଏତେ ବଢ଼ିଯାଇଛି ଯେ ୫ ପ୍ରାଣୀ ପରିବାର କେମିତି ଚଳିବୁ କିଛି ବୁଦ୍ଧିବାଟ ଦିଶୁନି।

କୃଷି ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ମାତ୍ର ୬.୮୮ ଲକ୍ଷ ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ବର୍ଷକୁ ୯୪.୭୦ ଲକ୍ଷ ମେଟ୍ରିକ ଟନ ପନିପରିବା ଉତ୍ପାଦନ ହେଉଛି। ସଂରକ୍ଷଣ ଅଭାବରୁ ଚାଷୀମାନେ ସେମାନଙ୍କ ଉତ୍ପାଦନ ମୂଲ୍ୟ ପାଉନାହାନ୍ତି। ଚାଷୀ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ ପନିପରିବା ଚାଷ ପ୍ରତି ସେମାନଙ୍କ ଆଗ୍ରହ ଦେଖିବାକୁ ମିଳୁନାହିଁ। ଏଥିଯୋଗୁ ଆଳୁ ପିଆଜଠାରୁ ଆରମ୍ଭକରି ପନିପରିବା ଉପରେ ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିବାକୁ ପଡୁଛି। ପଡ଼ୋଶୀ ରାଜ୍ୟର ଉତ୍ପାଦନ ଓ ପାଣିପାଗ ଉପରେ ଓଡ଼ିଶାର ବଜାର ଦର ନିର୍ଭର କରୁଛି। ସରକାରୀ ପ୍ରୋତ୍ସାହନ ନ ଥିବାରୁ ଚାଷୀମାନେ ଉତ୍ପାଦିତ ଫସଲର ସଂରକ୍ଷଣ ଓ ବିକ୍ରି ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ୨ୟ ଥର ମୁଖ୍ୟମନ୍ତ୍ରୀ...

ରାଓ ନରବୀର ସିଂ, ମହିପାଲ ଦିଣ୍ଡା, ବିପୁଲ ଗୋୟଲ, ଡ. ଅରବିନ୍ଦ ଶର୍ମା, ଶ୍ୟାମ ସିଂ ରାଣା, ରଣବୀର ସିଂ ଗଙ୍ଗୱା, କ୍ରିଷ୍ଣନ କୁମାର ବେଦୀ, ଶ୍ରୁତି ଚୌଧରୀ, ଆରତି ରାଓ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ରାଜେଶ ନାଗର ଏବଂ ଗୌରବ ଗୌତମ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ଭାବେ ଶପଥ ପାଠ କରିଛନ୍ତି। ଭାଜପା ସବୁ ଜାତି ଓ ସମ୍ପ୍ରଦାୟକୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବାକୁ ଉଦ୍ୟମ କରିଛି। ଭିଜ୍ ପଞ୍ଜାବୀ ସମ୍ପ୍ରଦାୟର ହୋଇଥିବାବେଳେ ପନୱର ଏବଂ ବେଦୀ ଅନୁସୂଚିତ ଜାତି, ନରବୀର ଏବଂ ଆରତି ଯାଦବ ସମ୍ପ୍ରଦାୟ ଏବଂ ଦିଣ୍ଡା ଓ ଶ୍ରୁତି ଜାଟ୍ ସମ୍ପ୍ରଦାୟର। ଗୋୟଲ ବୈଶ୍ୟ ହୋଇଥିବାବେଳେ ଶର୍ମା ଓ ଗୌତମ ବ୍ରାହ୍ମଣ ଏବଂ ରାଣା ରାଜପୁତ୍ ସମ୍ପ୍ରଦାୟର। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ୪୮ ଆସନ ଜିତିଥିବାବେଳେ ହିସାର ବିଧାୟିକା ସାବିତ୍ରୀ ଜିନ୍ଦଲଙ୍କ ସମେତ ୩ ସ୍ୱାଧୀନ ବିଧାୟକ ଶାସକ ଦଳକୁ ସମର୍ଥନ ଜଣାଇଥିଲେ।

# ୪ ଜମି ଅଧିଗ୍ରହଣ ଅଧିକାରୀ ନିଲମ୍ବିତ

ଯାଜପୁର,୧୭।୧୦(ହର୍ଷବର୍ଦ୍ଧନ ବେହେରା)



## ରେଙ୍ଗାଲି ବହୁମୁଖୀ ଯୋଜନା

- କେନାଲ ନିର୍ମାଣ ଜମି ଅଧିଗ୍ରହଣରେ ଅନିୟମିତତା
- ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ୍

ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ରେଙ୍ଗାଲି ବହୁମୁଖୀ ଯୋଜନା ଦ୍ୱାରା ଯାଜପୁର ଜିଲାର ୪୬,୬୦୦ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିପାରିବ ବୋଲି ପରିକଳ୍ପନା କରାଯାଇଛି। ଏଥିରେ ଜିଲାର ବ୍ୟାସନଗର ପୌରାଞ୍ଚଳ ସମେତ ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକର ଚାଷୀମାନେ ଉପକୃତ ହୋଇପାରିବେ। ହେଲେ ଜମି ଅଧିଗ୍ରହଣରେ ଭୁଲ୍ ସୁପାରିସ ଓ କ୍ଷତିପୂରଣ ପ୍ରଦାନରେ ବ୍ୟାପକ ଅନିୟମିତତା କାରଣରୁ ନିର୍ଦ୍ଧାରିତ ସମୟରେ ଚାଷୀଙ୍କ ଏହି ସ୍ୱପ୍ନ ପୂରଣ ହେବା ନେଇ ସନ୍ଦେହ ଉପୁଜିଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ତଦନ୍ତରେ ୪ ଜଣ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଚାଷୀଙ୍କ କ୍ଷତିପୂରଣ ଅର୍ଥ ହଡ଼ପ କରିଥିବା ଧରାପଡିଛି। ଏହି ଘଟଣାରେ ସଂପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ଉମ୍ଭଧର ପ୍ରଧାନ, ଗିରିଜା ଭୂଷଣ ପ୍ରଧାନ, ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଭୋଲେଶ୍ୱର ସାହୁଙ୍କୁ ଗୁରୁବାର ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ନିଲମ୍ବିତ କରିଛନ୍ତି। ଏହାସହ ଅଭିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ଘଟଣା ପରେ ରେଙ୍ଗାଲି ଡ୍ୟାମ୍ କେନାଲ ନିର୍ମାଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯାଜପୁର ଜିଲାରେ ପୂର୍ବରୁ ବୃହତ୍ ଓ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ୬୧,୩୨୨ ହେକ୍ଟର ଚାଷ ଜମିରେ ପାଣି ମାଡୁଥିବା ଜିଲା ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ଏହା ଯଦି ସତ ତେବେ ରେଙ୍ଗାଲି ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଜମିରୁ ୧,୦୭,୯୨୨ ହେକ୍ଟର ଜମିରେ ପାଣି ମାଡିବା ସୁନିଶ୍ଚିତ। ଏହି ଆକଳନ ଅନୁସାରେ ଜିଲାର ୭୪ ଭାଗ ଜଳସେଚିତ ଜମି ଭାବେ ଚିହ୍ନଟ କରାଯିବ। ରେଙ୍ଗାଲି ବହୁମୁଖୀ ଯୋଜନା ଅଶୀ ଦଶକରେ ପରିକଳ୍ପନା କରାଯାଇଥିଲା। ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ଏଥିପାଇଁ ରାଇଟ୍ ବ୍ୟାଙ୍କ କେନାଲ(ଆର୍‌ବିସି) ଓ ଲେଫ୍ଟ ବ୍ୟାଙ୍କ କେନାଲ(ଏଲ୍‌ବିସି) ନାମରେ ଦୁଇଟି କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଲେଫ୍ଟ ବ୍ୟାଙ୍କ କେନାଲ ଅର୍ଥାତ୍ ବାମ ପାର୍ଶ୍ୱ କେନାଲ ଦ୍ୱାରା ଯାଜପୁର ଜିଲାର ଉପରୋକ୍ତ ୩ଟି ବ୍ଲକର ଚାଷୀ ଉପକୃତ ହୋଇପାରିବେ। ଏହି କେନାଲର ଦୈର୍ଘ୍ୟ ୬୯.୬୮୭ କି.ମି. ନିର୍ମାଣ ହେବ। ଏଥିରେ ସୁକିନ୍ଦା ବ୍ଲକର ୧୩,୯୨୦ ହେକ୍ଟର, ଦାନଗଦି ବ୍ଲକର ୨୨,୬୭୧ ହେକ୍ଟର ଓ କୋରେଇ ବ୍ଲକର ୧୦,୦୦୯ ହେକ୍ଟର ଚାଷ ଜମିରେ ଜଳସେଚିତ ହୋଇ ପାରିବ। ସୁକିନ୍ଦା ବ୍ଲକର ୩୪ ଗ୍ରାମର ୧୭୯୯ ଚାଷୀଙ୍କ ୮୫୨.୪୫ ଏକର ଜମି କ୍ଷତିଗ୍ରସ୍ତ ହୋଇଛି। କୋରେଇ ବ୍ରାଞ୍ଚ କେନାଲ ଦ୍ୱାରା ୫୯ ଗ୍ରାମର ୨୬୨୦ ଜଣ ଚାଷୀଙ୍କ ୬୯୯.୩୩ ଏକର ଜମି କ୍ଷତିଗ୍ରସ୍ତ ହେବ ବୋଲି ସର୍ଭେ ହୋଇଛି। ତେବେ ପ୍ରକଳ୍ପର କେତେକ ଜମି ଅଧିଗ୍ରହଣରେ ଅନିୟମିତତା ଯୋଗୁ ପ୍ରଭାବିତ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏ ସଂକ୍ରାନ୍ତରେ ରେଙ୍ଗାଲି ଡ୍ୟାମ୍ ସୁକିନ୍ଦା ଡିଭିଜନର ଚିଫ୍ ଇଞ୍ଜିନିୟର ଏସ୍.କେ. ଜାଲିଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ଆବଶ୍ୟକ ଜମି ଅଧିଗ୍ରହଣ ଅଧିକାରୀ ନ ଥିବାରୁ ପ୍ରାୟ ୧୫୫ ଏକର ବେସରକାରୀ ଜମି ଅଧିଗ୍ରହଣ ହୋଇପାରୁନାହିଁ।

# ମହିଳାଙ୍କୁ ୭୨ ଘଣ୍ଟା ଡିଜିଟାଲ ଆରେଷ୍ଟ

## ନେଇଗଲେ ୨.୯୮ ଲକ୍ଷ ଟଙ୍କା, ଥାନାର ଦ୍ୱାରସ୍ଥ ହେଲେ ମହିଳା

ଭୁବନେଶ୍ୱର,୧୭।୧୦
(ସୂର୍ଯ୍ୟକାନ୍ତ ବେହେରା)


ପ୍ରତୀକାତ୍ମକ ଚିତ୍ର

ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ସାଇବର ଅପରାଧୀମାନେ ଜଣେ ମହିଳାଙ୍କ ଠାରୁ ୨.୯୮ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ଜୟଦେବ ବିହାର ଅଞ୍ଚଳର ମହିଳା ଜଣଙ୍କ ଗୁରୁବାର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗାନୁସାରେ ଏକ ଅଜଣା ନମ୍ବରରୁ ମହିଳାଙ୍କ ନମ୍ବରକୁ ସୋମବାର କଲ୍ ଆସିଥିଲା। ଯେତେବେଳେ ମହିଳା ଜଣଙ୍କ କଲ୍ ରିସିଭ କରିଥିଲେ, ସାଇବର ଅପରାଧୀ ଜଣଙ୍କ ନିଜକୁ ମୁମ୍ବାଇ ପୋଲିସ କହିବା ସହ ସେ ବ୍ୟବହାର କରୁଥିବା ସିମ୍ ବେଆଇନ ବା ଆପରାଧିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମହିଳାଙ୍କୁ କହିଥିଲେ। ଏହା ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଚାହୁଁଥିଲେ ୯ ବଟମ୍‌କୁ କ୍ଲିକ କରି ସିବିଆଇ ଅଫିସରଙ୍କ ସହ କଥା ହୁଅନ୍ତୁ ବୋଲି କହିଥିଲେ। ମହିଳା ଜଣଙ୍କ କଥା ହେବା ସମୟରେ ସାଇବର ଅପରାଧୀଙ୍କ କହିବା ମୁତାବକ ସିଗ୍‌ନାଲ ଆପ୍ଲିକେସନ ପ୍ଲେ' ଷ୍ଟୋରରୁ ଡାଉନଲୋଡ୍ କରିଥିଲେ। ଆପ୍ ଡାଉନଲୋଡ ହେବା ପରେ ଅଟୋମେଟିକ ଭିଡିଓ କଲ୍ ହୋଇଯାଇଥିଲା। ଏହାପରେ ସାଇବର ଅପରାଧୀମାନେ ମହିଳାଙ୍କ ଆଧାର କାର୍ଡ ହ୍ୟାକ୍ କରି ୬୮୦ କୋଟି ମନି ଲଣ୍ଡରିଂରେ ଜଡ଼ିତ ଥିବା କହିଥିଲେ। ଏହାପରେ ମହିଳାଙ୍କୁ ୭୨ ଘଣ୍ଟା ଧରି ଭିଡିଓ କଲ୍ ଲାଇନ୍‌ରେ ରଖି କଥା ହୋଇ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଗିରଫର ଭୟ ଦେଖାଇଥିଲେ। ଫଳରେ ମହିଳା ଜଣଙ୍କ ଆକାଉଣ୍ଟରୁ ସାଇବର ଅପରାଧୀ ଦେଇଥିବା ଆକାଉଣ୍ଟକୁ ୨.୯୮ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଏହାପରେ ସାଇବର ଅପରାଧୀମାନେ ଅଧିକ ଟଙ୍କା ମାଗିଥିଲେ। ମହିଳା ଜଣଙ୍କ ଅଫିସ କାମ କହି ଗୋଟିଏ ଘଣ୍ଟାର ସମୟ ମାଗି କିଛି ଲୋକଙ୍କୁ ପଚାରି ବୁଝିବାରୁ ଏହା ସାଇବର ଅପରାଧିଙ୍କ କାମ ବୋଲି ଜାଣିବାକୁ ପାଇଥିଲେ। ଠକାମିର ଶିକାର ହୋଇଥିବାରୁ ତୁରନ୍ତ ସାଇବର ହେଲ୍‌ପ ଲାଇନରେ ପ୍ରଥମେ ଅଭିଯୋଗ କରିବା ସହ ଗୁରୁବାର ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# କେନ୍ଦ୍ରାପଡ଼ା ପୂର୍ବତନ ଏମ୍‌ପି ପ୍ରଭାତ ସାମନ୍ତରାୟଙ୍କ ପରଲୋକ

ମାର୍ଶାଘାଇ/ପାରାଦୀପ/
ପାଟକୁରା,୧୭।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/
ଶରତ ରାଉତ/ ରବୀନ୍ଦ୍ରନାଥ ବାରିକ)



କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନ ପାରାଦୀପ ଉତ୍କଳ ପୋର୍ଟ ଆଣ୍ଡ ଡକ୍ ୱାର୍କର୍ସ ୟୁନିୟନର ସର୍ବଭାରତୀୟ ସଭାପତି ପ୍ରଭାତ ସାମନ୍ତରାୟଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ୨ ଦିନ ତଳେ ବ୍ରେନ୍ ଷ୍ଟୋକ୍ ହେବାରୁ ସେ ଚିକିତ୍ସାଧୀନ ଥିଲେ। ପରେ ତାଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରେୟାନ ମୁଖାଗ୍ନି ଦେଇଥିଲେ। ସେହି ସମୟରେ ସାନପୁଅ ସାର୍ଥକ, ଝିଅ ସୁଦୀପ୍ତା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜନ୍ମସ୍ଥାନ ଶାସନିପଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି। ପ୍ରଭାତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଶାସନିପଡ଼ା ଗାଁର ସୂର୍ଯ୍ୟମଣି ସାମନ୍ତରାୟଙ୍କ ୫ ପୁଅଙ୍କ ମଧ୍ୟରେ ପ୍ରଭାତ ୪ର୍ଥ ଥିଲେ। ସେ ୧୯୫୦ ଏପ୍ରିଲ ୨୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ସ୍କୁଲ ଶିକ୍ଷା ଶେଷ କରିବା ପରେ ସେ ଉଚ୍ଚଶିକ୍ଷା ପାଇଁ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ପରେ ସେ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରାପଡ଼ା କଲେଜରେ ପଢ଼ିବା ସମୟରେ ବିଜୟ ମହାପାତ୍ର, ଶ୍ରୀକାନ୍ତ ଜେନା ଓ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ସହ ସମ୍ପର୍କରେ ଥିଲେ। ଆଇନ ପଢ଼ିବା ପାଇଁ ସେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରେ ନାମ ଲେଖାଇ ସେଠିକାର ଛାତ୍ର ସଂସଦର ସଭାପତି ମଧ୍ୟ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ୍ କରିଥିଲେ। ପାଠପଢ଼ା ସମୟରେ ସେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିକଟତର ହୋଇପାରିଥିଲେ। ସେ ପାରାଦୀପରେ 'ଉତ୍କଳ ପୋର୍ଟ ଆଣ୍ଡ୍ ଡକ୍ ଲେବର ୟୁନିୟନ' ନାମରେ ଏକ ଶ୍ରମିକ ସଂଘ ଗଠନକରି ଏହାର ସଭାପତି ହୋଇପାରିଥିଲେ।

୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଭାତ ଜନତା ଦଳ ପକ୍ଷରୁ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ସେ କେନ୍ଦ୍ରାପଡ଼ାରୁ ୧୯୯୮ରେ ପ୍ରଥମେ ବିଜେଡି ଟିକେଟରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। କେନ୍ଦ୍ର ସରକାର ଭାଙ୍ଗିଯିବାରୁ ସାନି ନିର୍ବାଚନରେ ସେ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଏମ୍‌ପି ରହିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ ଶକ୍ତି କୁମାର ଚୌଧୁରୀ, ଅମଳେନ୍ଦୁ ସାମନ୍ତରାୟ, ଦୀପକ ପାଇକରାୟ, ପୁରୁଷୋତ୍ତମ ଦାସ, ପୁରନ୍ଦମ ନାୟକ, ନିରଞ୍ଜନ କାନୁନ୍‌ଗୋ, ନିରଞ୍ଜନ ଦାସ ପ୍ରମୁଖ ପ୍ରଭାତଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ପ୍ରଭାତଙ୍କ ଘନିଷ୍ଠ ବନ୍ଧୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଶୋକ କରିବା ସହ ଅଣ କଂଗ୍ରେସ ରାଜନୀତିର ଜଣେ ଟାଣୁଆ ରାଜନେତାଙ୍କୁ ହରାଇଲା ବୋଲି ମତ ପ୍ରକାଶ କରିଛନ୍ତି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଗଭୀର ଶୋକବ୍ୟକ୍ତ କରି ପ୍ରଭାତଙ୍କ ପରଲୋକରେ କେନ୍ଦ୍ରାପଡ଼ା ଜିଲା ଜଣେ ବରିଷ୍ଠ ରାଜନେତାଙ୍କୁ ହରାଇଲା ବୋଲି କହିଛନ୍ତି। ସେହିପରି ତାଙ୍କ ମୃତ୍ୟୁରେ ପାରାଦୀପର ଅରିନ୍ଦମ ସର୍ଖେଲ, ବିଭୂତି ମହାରଣା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅନନ୍ତ ଦାସ, ନୃସିଂହ ଶତପଥୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ଆର୍‌ଆଇ, ଅମିନ ପରୀକ୍ଷା ବାତିଲ ଜିଦ୍‌ରେ ପରୀକ୍ଷାର୍ଥୀ

# ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲେ, ୨୪ରୁ ମହାସଂଗ୍ରାମ


ଆର୍‌ଆଇ, ଅମିନ ପରୀକ୍ଷା ବାତିଲ କରିବାକୁ ରାଷ୍ଟ୍ରପତିଙ୍କ ପାଖକୁ ଚିଠି ପଠାଇବାକୁ ଭୁବନେଶ୍ୱର ପିଏମ୍‌ଜିକୁ ଆସିଥିବା ଛାତ୍ରୀଛାତ୍ର ଓ ଚାକିରି ଆଶାୟୀମାନେ।

ଭୁବନେଶ୍ୱର,୧୭।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟରେ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ନିକଟରେ ଶେଷ ହୋଇଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ସହ ନିଯୁକ୍ତି ଦୁର୍ନୀତିକୁ ବିରୋଧକରି ଛାତ୍ରୀଛାତ୍ର ଓ ଚାକିରି ଆଶାୟୀମାନେ ଆନ୍ଦୋଳନ ଚଳାଇଛନ୍ତି। ପରୀକ୍ଷା ବାତିଲ ସହ ସମ୍ପୃକ୍ତ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଆସୁଥିଲେ ମଧ୍ୟ ସରକାର ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଷ୍ଟୁଡେଣ୍ଟସ୍ ଏଗ୍‌ନେଷ୍ଟ କରପ୍‌ଶନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ଛାତ୍ରୀଛାତ୍ର ଓ ଚାକିରି ଆଶାୟୀମାନେ ଅଭିନବ ଭାବେ ଦାବି ଓ ପ୍ରତିବାଦ କରିଛନ୍ତି। ସେମାନେ ରାଜ୍ୟ ଗ୍ରନ୍ଥାଗାରଠାରୁ ଚାଲି ଚାଲି ଆସି ପିଏମ୍‌ଜି ପୋଷ୍ଟ ଅଫିସ୍‌ରେ ଧାଡି ହୋଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରପତି ଭବନକୁ ଅନୁରୋଧ ପତ୍ର ପଠାଇଛନ୍ତି। ପରୀକ୍ଷା ବାତିଲ ସହ ନିଯୁକ୍ତି ଦୁର୍ନୀତିରେ ଉପରେ ପଦକ୍ଷେପ ନେବାକୁ ସେମାନେ ରାଷ୍ଟ୍ରପତିଙ୍କୁ ଅନିରୋଧ କରିଛନ୍ତି। ଦାବି ପୂରଣ ନ ହେଲେ ୨୪ ତାରିଖରୁ ରାଜଧାନୀରେ ମହାସଂଗ୍ରାମ ଆରମ୍ଭ ହେବ ବୋଲି ଚେତାବନୀ ଦିଆଯାଇଛି। ଆସନ୍ତା ୨୩ ତାରିଖରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ରହିଛି। ତେଣୁ ଏହା ପୂର୍ବରୁ ରାଜ୍ୟ ସରକାର ଆର୍‌ଆଇ, ଅମିନ ପରୀକ୍ଷାକୁ ବାତିଲ ଘୋଷଣା କରନ୍ତୁ ବୋଲି ସେମାନେ ପ୍ରକାଶ କରିଛନ୍ତି।

ପୂର୍ବରୁ କଳା ତାଲିକାଭୁକ୍ତ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ, ସଂସ୍ଥା ଦ୍ୱାରା ଚୟନ ନିମ୍ନମାନର ସେଣ୍ଟରରେ ବ୍ୟାପକ ଅନିୟମିତତା, ପରୀକ୍ଷା ସରିବା ପରେ ମଧ୍ୟ ସମାନ ପ୍ରଶ୍ନପତ୍ରରେ ପୁନର୍ବାର ପରୀକ୍ଷା ଓ ବୌଦ୍ଧରେ ନକଲି ସେଣ୍ଟର ମାଲିକ ଗିରଫ ହେବା ପରେ ମଧ୍ୟ ସରକାର କାହିଁକି ପରୀକ୍ଷା ବାତିଲ କରୁନାହାନ୍ତି ବୋଲି ଷ୍ଟୁଡେଣ୍ଟସ ଏଗ୍‌ନେଷ୍ଟ କରପ୍‌ଶନର ଆବାହକ ବିଭୂତି ଭୂଷଣ ମହାପାତ୍ର ପ୍ରଶ୍ନ କରିଛନ୍ତି। ନିଯୁକ୍ତି ଦୁର୍ନୀତି ବିରୋଧରେ ବିଭିନ୍ନ ଉପାୟରେ ଲଢେଇ ଜାରି ରହିଛି ବୋଲି ସେ କହିବା ସହ ରାଷ୍ଟ୍ରପତି ଏଥିପତି ଦୃଷ୍ଟି ଦେଇ ନିଯୁକ୍ତି ଦୁର୍ନୀତିରେ ପୂର୍ଣ୍ଣଚ୍ଛେଦ ପକାନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ମିଶ୍ର, ପରମେଶ୍ୱର ବଳ ଓ ଅମର ନାୟକ ଆଦିଙ୍କ ନେତୃତ୍ୱରେ ଏହି ଅଭିନବ ପ୍ରତିବାଦ ଆୟୋଜିତ ହୋଇଥିଲା।

# ୨୧,୨୮ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ୨୧ ଏବଂ ୨୮ ତାରିଖରେ ପୂର୍ବାହ୍ନ ୧୧ଟା ସମୟରୁ ୟୁନିଟ୍-୫,ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ୨ ଦିନ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ। ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ସେମାନଙ୍କ ଅଭିଯୋଗ ଜଣାଇପାରିବେ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ଜରିଆରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ। ଏ ସମ୍ପର୍କରେ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

# ରାୟଗଡ଼ା ଜିଲାରେ ରହିବାକୁ ଶିକ୍ଷକ ଅମଙ୍ଗ

ରାୟଗଡ଼ା,୧୭।୧୦
(ଆଶିଷ ରଞ୍ଜନ ପଣ୍ଡା)

- ନିଜ ଜିଲାକୁ ଗଲେ ୫୨, ବଦଳରେ ଆସିଲେ ୭
- ୮୩ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ରହିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ରାଜି ହେଉନାହାନ୍ତି। ସ୍ୱାସ୍ଥ୍ୟଗତ ଓ ଦମ୍ପତି ମାମଲା ଦର୍ଶାଇ ରାୟଗଡ଼ା ଜିଲାରୁ ୫୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଜିଲାକୁ ଫେରିଯାଇଛନ୍ତି। ହେଲେ ତାଙ୍କ ପ୍ରତିବଦଳରେ ଆଉ କାହାକୁ ନିଯୁକ୍ତି କରାଯାଇନାହିଁ। ଅନ୍ୟ ଜିଲାରୁ ମାତ୍ର ୭ଜଣଙ୍କୁ ରାୟଗଡ଼ାକୁ ବଦଳି ହୋଇଥିବା ଜଣାପଡ଼ିଛି। ଚାକିରି ପାଇବା ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ ରାୟଗଡ଼ା ଜିଲାକୁ ଚୟନକରି ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିଜ ଜିଲାକୁ ଫେରିଯାଉଥିବା ଅଭିଯୋଗ ହେଉଛି। ଏହି ବଦଳି କାରଣରୁ ଜିଲାର ୧୬ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକରେ ଚାଲିଛି ପାଠପଢ଼ା। ଜିଲାରେ ପୂର୍ବରୁ ୬୭ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବାବେଳେ ଏହି ବଦଳି ପରେ ସଂଖ୍ୟା ୮୩ରେ ପହଞ୍ଚିଛି । ଫଳରେ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବର୍ଷ ତମାମ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି ଲାଗି ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ବିପରୀତ ପ୍ରଭାବ ପଡ଼ିଥିବା ଅଭିଯୋଗ ହେଉଛି।

ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୧୦ ଜଣଙ୍କ ବଦଳି କରିଛନ୍ତି ସରକାର। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଚିଠି ନମ୍ବର ୧୮୨୨୨ରେ ରାଜ୍ୟ ବଦଳି କମିଟି ଅନୁମୋଦନ ପରେ ବଦଳି ହୋଇଥିବା ନେଇ ସୂଚନା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି। ବଦଳି ହୋଇଥିବା ୧୦ ଜଣଙ୍କ ମଧ୍ୟରେ କାଶୀପୁର ଓ ବିଷମକଟକ ବ୍ଲକ୍‌ର ୨ ଲେଖାଏଁ, ରାୟଗଡ଼ା, ମୁନିଗୁଡ଼ା ଓ ପଦ୍ମପୁର ବ୍ଲକରୁ ଜଣେ ଲେଖାଏଁ ଏବଂ କୋଲନରା ବ୍ଲକର ୩ ଶିକ୍ଷକଙ୍କୁ ଜିଲା ବାହାରକୁ ବଦଳି କରାଯାଇଛି। ସେହିଭଳି ଦମ୍ପତି ମାମଲାରେ ମଧ୍ୟ ୪୨ ଜଣଙ୍କ ବଦଳି ହୋଇଥିବା ନେଇ ମାଧ୍ୟମିକ ଶିକ୍ଷା ବିଭାଗ ଚିଠି ନମ୍ବର ୨୦୩୦୩ରେ ଉଲ୍ଲେଖ ହୋଇଛି। ସେଥିମଧ୍ୟରେ ସର୍ବାଧିକ କାଶୀପୁର ବ୍ଲକର ୧୦, ରାମନାଗୁଡା ଓ ପଦ୍ମପୁର ବ୍ଲକ୍‌ର ୩ ଲେଖାଏଁ, କଲ୍ୟାଣସିଂହପୁର, ଗୁଣପୁର, ଓ ରାୟଗଡା ବ୍ଲକର ୨ ଜଣ ଲେଖାଏଁ, ଚନ୍ଦ୍ରପୁର ବ୍ଲକର ୭, ମୁନିଗୁଡା ଓ କୋଲନରା ବ୍ଲକର ୬ ଲେଖାଏଁ ଏବଂ ବିଷମକଟକ ବ୍ଲକର ଜଣଙ୍କୁ ଅନ୍ୟ ଜିଲାକୁ ବଦଳି ହୋଇଛି। ଜିଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ନିକଟରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଏମ୍‌ପିଙ୍କଠାରୁ ଆରମ୍ଭ କରି ଜିଲାର ବିଧାୟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଜିଲାର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ମୂଳ ସ୍ଥାନ ବଦଳରେ ଡେପୁଟେଶନରେ ଆସି ଗତ ୧୦ ବର୍ଷରୁ ଅଧିକ ସମୟ ହେବ ଘର ପାଖରେ ଥିବା ସ୍କୁଲରେ ଅଛନ୍ତି। ଏବେ ସରକାର ଆଉ ୫୨ ଜଣକୁ ସେମାନଙ୍କ ମନପସନ୍ଦ ସ୍ଥାନକୁ ପଠାଇ ଦେଇଥିଲେ ମଧ୍ୟ ପ୍ରତିବଦଳରେ ଆଉ କାହାକୁ ନିଯୁକ୍ତି କରାଯାଇ ନାହିଁ। ଏହାଦ୍ୱାରା ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ ହେଉଥିବା ନେଇ ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଅନ୍‌ଲାଇନରେ ଯେଉଁମାନେ ବଦଳି ପାଇଁ ଆବେଦନ କରିଥିଲେ, ତାକୁ ରାଜ୍ୟ ବଦଳି କମିଟି ଅନୁମୋଦନ କରିବା ପରେ ବଦଳି ହୋଇଛି। ରାୟଗଡ଼ାକୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ କିଭଳି ନିଯୁକ୍ତ ହେବେ ତା'ର ସମୀକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଭୁବନେଶ୍ୱରଠାରେ ନୟାପଲ୍ଲୀ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ତିଆରି ହୋଇଥିବା ତୋରଣ। (ଫଟୋ- ବିକାଶ ନାୟକ)

> ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଜତ ହୋଇ ଏଣୁ ତେଣୁ ଗପିଯାଏ- ଯାହା ନ କହିବା ଉଚିତ ସେସବୁ କହିପକାଏ- ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା

-କାର୍ତ୍ତିକ ବ୍ରତାରମ୍ଭ, ପଣ୍ଡିତ ପରୀକ୍ଷିତ ଓ ବିଷ୍ଣୁ ପ୍ରସାଦ ଖଡ଼ିରତ୍ନଙ୍କ ଶ୍ରାଦ୍ଧୋତ୍ସବ

# ଜଳ ବଜାରରେ ପକ୍ଷପାତିତା



ଏଡୁଆର୍ଡୋ ଆରାରଲ

ନିକଟରେ ଗ୍ଲୋବାଲ କମିଶନ ଅନ୍ ଇକୋନୋମିକ୍ସ ଅଫ୍ ୱାଟରର ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ୱାଟର ମାର୍କେଟ ବା ଜଳ ବଜାର(ସ୍ଥାୟୀ କିମ୍ବା ଅସ୍ଥାୟୀ ଆଧାରରେ ଜଳ ଅଧିକାରର ବିକ୍ରି ଖର୍ଦ୍ଦି)କୁ ଜଳବାୟୁଜନିତ ଜଳ ସଙ୍କଟର ଏକ ମୌଳିକ ସମାଧାନ ଭାବରେ ଚିହ୍ନଟ କରିଛି। ଜଳର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ପୂର୍ବକ ଚାହିଦା ଆଧାରରେ ଏହାର ବଣ୍ଟନ ପାଇଁ ବଜାର ସୃଷ୍ଟିକରି ଆମେ ଜଳର ପ୍ରଭାବୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ସଂରକ୍ଷଣକୁ ମଧ୍ୟ ଉତ୍ସାହିତ କରିପାରିବା। ତେବେ ଜଳ ବଜାର ଏକ ଉତ୍କୃଷ୍ଟ ଚିନ୍ତାଧାରା ଜଣାପଡୁଥିଲେ ମଧ୍ୟ ଚିଲି, ଅଷ୍ଟ୍ରେଲିଆ, ଆମେରିକା ଏବଂ ଅନ୍ୟାନ୍ୟ ଦେଶର ଅନୁଭବ ଦର୍ଶାଏ ଯେ ଏହାର କାର୍ଯ୍ୟକାରିତା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇପାରେ।

ଜଳ ବଜାରରେ ବ୍ୟକ୍ତି କିମ୍ବା ସଙ୍ଗଠନକୁ ଜଳ ବ୍ୟବହାର ଲାଗି ବୈଧ ଅଧିକାର ପ୍ରଦାନ କରାଯିବା ସହ ବ୍ୟବସାୟ କରିବାକୁ ଅନୁମତି ଦିଆଯାଏ। ଜାତୀୟ ଜଳ ବଜାରକୁ କାର୍ଯ୍ୟକାରୀ କରିବାରେ ଚିଲି ହେଉଛି ପ୍ରଥମ ଦେଶ। ସେଠାରେ କୃଷକମାନେ ଜଳ ଲବ୍ଧ ଅଞ୍ଚଳ କିମ୍ବା ଶିଳ୍ପଗୁଡ଼ିକରୁ ଜଳ କିଣିପାରୁଛନ୍ତି। ଏଭଳି ପଦ୍ଧତି ମରୁଡ଼ି ସମୟରେ ବି ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଉତ୍ପାଦନ ବୃଦ୍ଧିରେ ସାହାଯ୍ୟକରେ। ଚିଲିର ଜଳ ବଜାର ଯୋଗୁ କୃଷି ଉତ୍ପାଦନ ବଢ଼ିଲା। ୧୯୮୫ ରୁ ୨୦୧୮ ମଧ୍ୟରେ ଅଧିକ ଜଳ ଦରକାର କରୁଥିବା କୃଷିର ଚାହିଦା ଥିବା ଅଞ୍ଚଳରେ ଜଳ ବଜାରକୁ ଅନୁମତି ଦେବା ଦ୍ୱାରା ଆଟାକାମା ଏବଂ କୋକ୍ୱିମ୍ବୋରେ ପ୍ରଚୁର ଫସଲ ଉତ୍ପାଦନ ହୋଇପାରିଥିଲା। ଏହି ପ୍ରକାର ନୀତି ଅଷ୍ଟ୍ରେଲିଆର ମୁର୍‌ରେ ଡାର୍ଲିଂ ଅବବାହିକାରେ ଲାଗୁ କରାଯାଇଛି। ସେଠାରେ କୃଷକମାନେ ଜଳର ବୈଧ ବାଣିଜ୍ୟିକ ଉପଯୋଗ କରୁଛନ୍ତି। ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲିଆରେ ଜଳ ବ୍ୟବସାୟ ଆକାର ପ୍ରାୟ ୪ ବିଲିୟନ ଅଷ୍ଟ୍ରେଲୀୟ ଡଲାର (୨.୭ ବିଲିୟନ ଆମେରିକୀୟ ଡଲାର) ଏବଂ ଅଷ୍ଟ୍ରେଲିଆକୁ ଏହା ବିଶ୍ୱର ନବମ ବୃହତ୍ତମ ଖାଦ୍ୟ ରପ୍ତାନିକାରୀ ଦେଶ କରିପାରିଛି। କାଲିଫର୍ନିଆର ସେଣ୍ଟ୍ରାଲ ଭ୍ୟାଲି ମଧ୍ୟ କୃଷିଭିତ୍ତିକ ଜଳ ବ୍ୟବସାୟକୁ ଅନୁମତି ଦିଏ। ଏହାଦ୍ୱାରା କୃଷକମାନେ ଜଳ ସମ୍ବଳ ସମୃଦ୍ଧ ଅଞ୍ଚଳରୁ ଜଳ କ୍ରୟ କରି ମରୁଡ଼ି ପରିସ୍ଥିତିର ମୁକାବିଲା କରୁଛନ୍ତି। କିନ୍ତୁ ଚିଲିରେ ଜଳ ବଜାରର ଦୁର୍ବଳତା ସାମ୍ନାକୁ ଆସିଛି। ଚିଲିରେ ଏହା ଅଧିକ ଅସମାନତା ସୃଷ୍ଟିକରିଛି। ବୃହତ୍ କୃଷି ବ୍ୟବସାୟୀମାନେ ଜଳକୁ ବ୍ୟବହାର କରିବାର ଅଧିକ ଅଧିକାର ପାଇଥିବାବେଳେ କ୍ଷୁଦ୍ରଚାଷୀ ଏବଂ ବଞ୍ଚିତ ସମୁଦାୟଙ୍କୁ କମ୍ ସୁବିଧା ଦିଆଯାଇଛି। ଧନୀ ବ୍ୟବସାୟୀମାନେ ଜଳ ବଜାରରେ ପ୍ରାଧାନ୍ୟ ବିସ୍ତାର



କରିଥିବାବେଳେ ଦୁର୍ବଳ ତଥା ବଞ୍ଚିତ ଗୋଷ୍ଠୀ ଅଧିକ ମୂଲ୍ୟ ଯୋଗୁ ଜଳ କିଣିବାକୁ ସକ୍ଷମ ହୋଇପାରୁନାହାନ୍ତି। ଏହା ଗମ୍ଭୀର ନ୍ୟାୟିକ ସମସ୍ୟା ସୃଷ୍ଟି କରୁଛି। ଚିଲିର ଜଳ ବଜାର ବ୍ୟବସ୍ଥା ଧନିକଙ୍କୁ ଅତ୍ୟଧିକ ଜଳ କିଣିବାକୁ ଅନୁମତି ଦେଇ ଅଧିକ ଜଳ ଦରକାର କରୁଥିବା ଲୋକଙ୍କୁ ଅଣଦେଖା କରୁଛି। ଉତ୍ତର ଚିଲିର ଲିମାରି ଉପତ୍ୟକାରେ ଜଳ ଅଧିକାରକୁ କେତୋଟି ବୃହତ୍ କୃଷି କମ୍ପାନୀ ମଧ୍ୟରେ ସୀମିତ ରଖାଯାଇଛି। ଏହା ଦ୍ୱାରା କ୍ଷୁଦ୍ରଚାଷୀମାନେ ମରୁଡ଼ି ସମୟରେ ପର୍ଯ୍ୟାପ୍ତ ଜଳ ପାଇପାରୁ ନାହାନ୍ତି। ଏହି ପ୍ରକାର ସମସ୍ୟା କାଲିଫର୍ନିଆରେ ମଧ୍ୟ ଦେଖାଯାଏ। ସେଠାରେ ଜଳ ଅଧିକାର ପାଇଥିବା ଏକ କ୍ଷୁଦ୍ର ଗୋଷ୍ଠୀ ଉପଲବ୍ଧ ଜଳର ଅତ୍ୟଧିକ ପରିମାଣ ସେମାନଙ୍କ ନିୟନ୍ତ୍ରଣରେ ରଖିଛନ୍ତି ,ଯାହା କେବଳ ବୃହତ୍ କୃଷି ପାଇଁ ଲାଭ ହେଉଛି।

ଜଳ ବଜାର ମଧ୍ୟ ପରିବେଶକୁ କ୍ଷତି କରିପାରେ। ଚିଲିରେ ଜଳକୁ କୃଷିରେ ବ୍ୟବହାର କରିବା ଦ୍ୱାରା ନଦୀ ଓ ଅର୍ଦ୍ରଭୂମିର ପରିସଂସ୍ଥାର କ୍ଷତି ଘଟୁଛି। ଅଷ୍ଟ୍ରେଲିଆରେ ଅତ୍ୟଧିକ ଜଳ ଉତ୍ତୋଳନ ଯୋଗୁ ଗମ୍ଭୀର ପରିବେଶଗତ କ୍ଷତି ହୋଇଛି। ସେଠାରେ ନଦୀର ପରିସଂସ୍ଥା ଭୁଶୁଡ଼ିପଡ଼ିବା ସହ ଭୂପୃଷ୍ଠ ଏବଂ ଭୂତଳ ଜଳ ଉତ୍ସ ହ୍ରାସପାଇବା ହେତୁ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି। କାଲିଫର୍ନିଆ ବି ସମାନ ଆହ୍ୱାନର ସମ୍ମୁଖୀନ ହୋଇଛି। ଜଳ ବ୍ୟବସାୟ କେତେକ ଅଞ୍ଚଳରେ ଯୋଗାଣ ଓ ଚାହିଦାରେ ସମନ୍ୱୟ ଆଣିବାରେ ସାହାଯ୍ୟ କରିଥିଲେ ମଧ୍ୟ ଏହା ଅଧିକ ଅସମାନତା ସାମ୍ନାକୁ ଆଣିଛି। ସେଣ୍ଟ୍ରାଲ ଭ୍ୟାଲିର କ୍ଷୁଦ୍ର ଚାଷୀମାନେ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଥିବାବେଳେ ସହରର ଗରିବ ସମୁଦାୟ ଜଳ ପାଇଁ ଅଧିକ ମୂଲ୍ୟ ଦେଉଛନ୍ତି। ମରୁଡ଼ି ସମୟରେ ଏହା ଦୁର୍ବଳ ବର୍ଗଙ୍କୁ ଅଣଦେଖା କରିଛି।

ଭବିଷ୍ୟତରେ ଲାଭ ପାଇଁ ଗଚ୍ଛିତ କରାଯାଉଥିବା ଜଳ ମଧ୍ୟ ଏକ ବଡ଼ ସମସ୍ୟା। କାଲିଫର୍ନିଆରେ କେତେକ ସଂସ୍ଥା ବଜାରକୁ ଜଳ ଛାଡୁନାହାନ୍ତି। ସେମାନେ ମୂଲ୍ୟ ବୃଦ୍ଧି ପାଇଁ ଅପେକ୍ଷା କରିଛନ୍ତି। ଏହା ସ୍ଥାନୀୟ ଅଞ୍ଚଳରେ ଜଳାଭାବ ସୃଷ୍ଟି କରିଥିବାବେଳେ ଜଳ ସଙ୍କଟ ଅଞ୍ଚଳରେ ଜଳର ମୂଲ୍ୟ ବୃଦ୍ଧି କରିଛି। ତେବେ ଜଳ ବଜାରରେ ଥିବା ନିଷ୍ପକ୍ଷତା ଓ ନ୍ୟାୟ କ୍ଷେତ୍ରରେ ଥିବା ବଡ଼ ସମସ୍ୟା ଉପରେ ବିଚାର କରିବାକୁ ହେବ। ଧନୀ ସଂସ୍ଥାଗୁଡ଼ିକ ଜଳ ଅଧିକାର କ୍ରୟ କରିବାକୁ ସକ୍ଷମହେବା ଏକଚାଟିଆ ଜଳ ବଜାରକୁ ଦର୍ଶାଉଛି। ଚିଲିରେ ଏହା ଏକ ସ୍ଥାୟୀ ସମସ୍ୟା ଓ ସେଠାରେ ବୃହତ୍ କୃଷି ବ୍ୟବସାୟ ଏବଂ ଖଣି କମ୍ପାନୀଗୁଡ଼ିକ ବିଶେଷକରି ମରୁଡ଼ିପ୍ରବଣ ଅଞ୍ଚଳରେ ଜଳ ବଜାରକୁ ନିୟନ୍ତ୍ରଣରେ ରଖିଛନ୍ତି। ଅନ୍ୟ ଏକ ଆହ୍ୱାନ ହେଉଛି, ବହୁ ସମୟରେ ଜଳ ବଜାରଗୁଡ଼ିକ ସହିତ ପାରମ୍ପରିକ ଜଳ ଅଧିକାରର ବିବାଦ ଉପୁଜି ନ୍ୟାୟିକ ଓ ସାମାଜିକ ସଂଘର୍ଷର ରୂପ ନେଉଛି। ଚିଲିରେ ଜଳ ବ୍ୟବହାର ଅଧିକାରର ବ୍ୟବସାୟୀକରଣ କରାଯିବା ସହ ତାହାକୁ ବୃହତ୍ ସଂସ୍ଥାଗୁଡ଼ିକୁ ବିକ୍ରି କରିଦିଆଯାଇଛି। ଫଳରେ ଆଦିବାସୀଙ୍କ ସମେତ ଯେଉଁମାନେ ପୂର୍ବରୁ ଜଳ ଅଧିକାର ପାଇଥିଲେ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ଏହା ବାସ୍ତବରେ ଅନ୍ୟାୟ। ଅନେକ ଗୋଷ୍ଠୀ ଜଳକୁ ସରକାରୀ ସମ୍ପତ୍ତି ଭାବେ ଦେଖୁଥିବାବେଳେ ଏହାର ବ୍ୟବସାୟୀକରଣକୁ ନେଇ ମୌଳିକ ପ୍ରଶ୍ନ ଉଠିଛି।

ଦେଖିବାକୁ ଗଲେ ଜଳ ବଜାରର କାର୍ଯ୍ୟକାରିତା ଯୋଗୁ ସୀମାପାର ଜଳ ବିବାଦ ବଢୁଛି। ହେଲେ ଜଳ ବଜାରର ପ୍ରତିଶ୍ରୁତି ସମ୍ଭାବ୍ୟ ଜଳ ସଙ୍କଟ ଦୂରକରିବା ସହ ସଂରକ୍ଷଣ ଦକ୍ଷତାକୁ ଉତ୍ସାହିତ କରୁଛି। କିନ୍ତୁ ନିରପେକ୍ଷତା ଏବଂ ପରିବେଶ ସ୍ଥିରତା ଉପରେ ଯେଉଁ ବିପଦ ସୃଷ୍ଟି ହେଉଛି ତାହାକୁ ଅଣଦେଖା କରାଯାଇପାରିବ ନାହିଁ । ଚିଲି, ଅଷ୍ଟ୍ରେଲିଆ ଏବଂ କାଲିଫର୍ନିଆର ବଜାରଭିତ୍ତିକ ଜଳ ପରିଚାଳନା ମୂଲ୍ୟବାନ୍ ଶିକ୍ଷା ପ୍ରଦାନକରେ। ସେଠାରେ ଜଳକୁ ଏକ ଦ୍ରବ୍ୟ ଭାବରେ ବ୍ୟବହାର କରାଯିବାବେଳେ ଏକଚାଟିଆ ଅଧିକାର, ଅଧିକ ଲାଭ ପାଇଁ ଜଳ ଗଚ୍ଛିତ କରିବା ଯୋଗୁ କ୍ଷତି ଘଟୁଛି ଏବଂ ପରିବେଶର ଅବନତି ହେଉଛି।

ଏହାର ସମାଧାନ କରିବା ଲାଗି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବା ଦରକାର। ଜଳର ନ୍ୟାୟପୂର୍ଣ୍ଣ ଉପଲବ୍ଧତା, କମ୍ ସଂସ୍ଥା ହାତରେ ଅଧିକ ଜଳ ଅଧିକାର ଯେଭଳି ନ ରହେ ତାହା ନିଶ୍ଚିତ କରିବା ସହ ପରିସଂସ୍ଥାର ସୁରକ୍ଷା ପାଇଁ ଜଳ ବଜାରକୁ ସତର୍କତାର ସହ ସଞ୍ଚାଳନ କରିବାକୁ ହେବ। ବଜାର ପ୍ରକ୍ରିୟା ସହ ଦୃଢ଼ ଦୃଷ୍ଟିକୋଣ ଏବଂ କମ୍ୟୁନିଟି ପରିଚାଳନାକୁ ଏକାଠି କରିପାରୁଥିବା ଏକ ବ୍ୟବସ୍ଥା ଅଧିକ ନିଷ୍ପକ୍ଷ ଏବଂ ପରିବେଶ ଉପଯୋଗୀ ସମାଧାନ ଆଣିପାରିବ। ସରକାରଗୁଡ଼ିକ ମଧ୍ୟ ଦୁର୍ବଳ ତଥା ବିପଦରେ ଥିବା ସମୁଦାୟର ଅଧିକାରକୁ ବଜାୟ ରଖିବା ଉଚିତ। ଏହା ସହ ଜଳକୁ ବ୍ୟବସାୟିକ ସାମଗ୍ରୀ ନୁହେଁ, ବରଂ ଏକ ସାର୍ବଜନୀନ ସଂସାଧନ ଭାବେ ସ୍ୱୀକୃତି ଦେବା ଦରକାର।

**ଆସୋସିଏଟ ପ୍ରଫେସର, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ପଲିସି, ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସିଙ୍ଗାପୋର**

## ଏଇ ଭାରତରେ

ପୋଷା କୁକୁର ବୟସ୍କ ହେବା ପରେ ସେମାନଙ୍କୁ ଲେହ ବାସିନ୍ଦା ରାସ୍ତାରେ ଛାଡ଼ିଦିଅନ୍ତି। ହେଲେ ଲେହର ୨୭ ବର୍ଷୀୟା ଜିଗ୍‌ମେଟ୍ ନୁର୍‌ଜିନ୍ ଅଙ୍ଗମୋ ସେମାନଙ୍କୁ ଉଦ୍ଧାରକରି ସ୍ୱତନ୍ତ୍ର କେନ୍ଦ୍ରରେ ରଖି ଯତ୍ନ ନେଉଛନ୍ତି। ଏହା ବ୍ୟତୀତ ଅସହାୟ ଓ ରୁଗ୍‌ଣ ବୁଲା କୁକୁରଙ୍କୁ ମଧ୍ୟ ସେ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ଜିଗ୍‌ମେଟ୍ ୧୭୦ଟି ଏଭଳି କୁକୁର ଉଦ୍ଧାର କରିସାରିଲେଣି। ୧୦ ବର୍ଷ ପୂର୍ବେ ସେ ସହରରେ ଯାଉଥିବାବେଳେ ଦୁର୍ଘଟଣାରେ ଏକ ଆହତ କୁକୁରକୁ ଦେଖି ତାକୁ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ । ସେହି କୁକୁର ସୁସ୍ଥହେବା ପରେ ତାକୁ ଘରେ ରଖିଥିଲେ। ଏହାପରେ ସେ ଏଭଳି ଆହତ, ରୁଗ୍‌ଣ କୁକୁରଙ୍କୁ ଉଦ୍ଧାରକରିବା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ସେ ୨୨ଟି କୁକୁର ଉଦ୍ଧାରକରି ସେମାନଙ୍କ ଯତ୍ନ ନେଇଥିଲେ। କୁକୁର ସଂଖ୍ୟା ବଢ଼ିବା ପରେ ସେ ସେମ୍‌ଚାନ ୱେଲ୍‌ଫେୟାର ସୋସାଇଟି ଗଠନ କରିଥିଲେ। ଏବେ ତା' ମାଧ୍ୟମରେ ଏକ ଉଦ୍ଧାର କେନ୍ଦ୍ର ପ୍ରତିଷ୍ଠାକରି ସେଠାରେ କୁକୁରଙ୍କୁ ରଖିଛନ୍ତି। ଏହା ବ୍ୟତୀତ ସେ ଲେହ ସହରରେ ପାଖାପାଖି ୭୦୦ କୁକୁରଙ୍କୁ ନିୟମିତ ଖାଦ୍ୟ ଦେବା ସହ ସେମାନଙ୍କ ବନ୍ଧ୍ୟାକରଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଅକ୍ଟୋବର ୧୯୭୫

- ଭାରତୀୟ ମହିଳାମାନଙ୍କର ଗୋଟିଏ ୯ ଜଣିଆ ପ୍ରତିନିଧି ଦଳ ୬ ହଜାର ୮ ଶହ ୯୫ ମିଟର ଉଚ୍ଚ କେଦାରନାଥ ଶୃଙ୍ଗ ଆରୋହଣ କରି ମହିଳା ସମ୍ପ୍ରଦାୟରେ ଏକ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଛନ୍ତି।
- କଟକ ଓ କଲିକତା ମଧ୍ୟରେ ସବ୍ ସ୍କ୍ରାଇବର୍‌ସ ଟ୍ରଙ୍କ ଡାୟାଲିଂ ବ୍ୟବସ୍ଥାର ପ୍ରଚଳନ ଫଳରେ କଟକ କଲିକତା ଡିମାଣ୍ଡ୍ ଟ୍ରଙ୍କ ସେବା ପ୍ରତ୍ୟାହୃତ।
- କର୍କଟ ରୋଗ ସମ୍ବନ୍ଧରେ ଉଲ୍ଲେଖନୀୟ ଗବେଷଣା ଦୃଷ୍ଟିରୁ ଦୁଇଜଣ ଆମେରିକୀୟ ଡାକ୍ତର ଓ ଜଣେ ଇଟାଲୀୟ ଡାକ୍ତରଙ୍କୁ ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 1 | | 7 | | 4 | |
| 1 | 6 | | | | | | 2 | |
| | | | 9 | | | 7 | | |
| | | | | 3 | 6 | | 7 | |
| | | | | 8 | 1 | | | |
| | | | 5 | | | | | |
| | 1 | 6 | | | 3 | 4 | | |
| | | 8 | | | | | | 3 |
| 4 | | | | 7 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 6 | 1 | 7 | 3 | 8 | 9 |
| 1 | 3 | 7 | 5 | 9 | 8 | 4 | 2 | 6 |
| 6 | 8 | 9 | 4 | 3 | 2 | 7 | 5 | 1 |
| 9 | 7 | 6 | 3 | 2 | 1 | 5 | 4 | 8 |
| 2 | 1 | 4 | 7 | 8 | 5 | 9 | 6 | 3 |
| 8 | 5 | 3 | 9 | 4 | 6 | 1 | 7 | 2 |
| 3 | 9 | 2 | 8 | 7 | 4 | 6 | 1 | 5 |
| 7 | 6 | 8 | 1 | 5 | 9 | 2 | 3 | 4 |
| 5 | 4 | 1 | 2 | 6 | 3 | 8 | 9 | 7 |

ଗତକାଲିର ଉତ୍ତର

# କୃତ୍ରିମ ପୁଷ୍ଟିସାର ସଂଶ୍ଳେଷଣ ପାଇଁ ନୋବେଲ୍



ଡ. ଦୁର୍ଗାମାଧବ ମିଶ୍ର

ଏ ବର୍ଷ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଲାଭ କରିଥିବା ଡେଭିଡ୍ ବେକର, ଯୁକ୍ତରାଷ୍ଟ୍ର ଆମେରିକାର ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବେ କାର୍ଯ୍ୟରତ ଥିବାବେଳେ, ଇଂରେଜ ଗବେଷକ ଡେମିସ୍ ହାସାବିସ୍ ଓ ଆମେରିକୀୟ ଗବେଷକ ଜନ୍ ଜମ୍ପର ବହୁରାଷ୍ଟ୍ରୀୟ କମ୍ପାନୀ 'ଗୁଗଲ୍'ର ଏକ ସଂସ୍ଥାନ 'ଡିପ୍‌ମାଇଣ୍ଡ'ରେ କାର୍ଯ୍ୟରତ। ହାସାବିସ୍ ଓ ଜନ୍ ଜମ୍ପର ପିଏଚ୍.ଡି. ଡିଗ୍ରୀ ଲାଭ ପରେ ଅଧ୍ୟାପକ ଭାବେ ବା ପାରମ୍ପରିକ ଗବେଷଣାଗାରରେ ଚାକିରି ନ କରି ବହୁରାଷ୍ଟ୍ରୀୟ କମ୍ପାନୀରେ ମୋଟା ଅଙ୍କର ଦରମାରେ ଯୋଗଦିଅନ୍ତି। ବିଦେଶର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ନିଜର ଗବେଷଣା ବ୍ୟବସ୍ଥା ଥାଏ। ହାସାବିସ୍ ଓ ଜମ୍ପର 'ଗୁଗଲ୍' କମ୍ପାନୀର ଡିପ୍ ମାଇଣ୍ଡରେ ବୈଜ୍ଞାନିକ ଭାବେ କାମ କରି 'ଆଲ୍‌ଫା ଫୋଲ୍ଡ' ନାମକ କୃତ୍ରିମ ବୁଦ୍ଧିମତ୍ତା ମଡେଲ ବିକଶିତ କରିଛନ୍ତି, ଯାହା ପୁଷ୍ଟିସାରର ସଂରଚନା ଆକଳନ ପାଇଁ ସକ୍ଷମ। ଆମେ ଜାଣୁ ପୁଷ୍ଟିସାର ଜୀବଜନ୍ତୁମାନଙ୍କ ମାଂସପେଶୀ, ଶିଙ୍ଗ, ପର, ହରମୋନ୍, ଜୈବଦ୍ରବକ ଗଠନର ମୌଳିକ ଉପାଦାନ। ହାସାବିସ୍ ଓ ଜମ୍ପର ପୁଷ୍ଟିସାର ଅଣୁର ସଂରଚନା ଆକଳନ ପାଇଁ ଉଦ୍ଦିଷ୍ଟ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ.) ମଡେଲ୍ ବିକଶିତ କରିଥିବା ଯୋଗୁ ଓ ପ୍ରାଧ୍ୟାପକ ବେକର, ମଡେଲିଂ ଦ୍ୱାରା ଆକଳନ କରାଯାଇଥିବା ନୂଆ ପୁଷ୍ଟିସାର ସବୁ ମଧ୍ୟରୁ ଅନେକ ବିରଳ ପୁଷ୍ଟିସାର ଅଣୁ ସଂଶ୍ଳେଷିତ କରିବାରେ କୃତକାର୍ଯ୍ୟ ହୋଇଥିବା କାରଣରୁ ୨୦୨୪ ସାଲରେ ରସାୟନ ବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିବେ ବୋଲି ସ୍ୱିଡେନ୍‌ସ୍ଥିତ ନୋବେଲ୍ ସମିତି ଘୋଷଣା କରିଛି।

ଆମେ ଜାଣୁ ପ୍ରକୃତିରେ କୋଡ଼ିଏଟି ଆମିନୋ ଏସିଡ୍ ଦୃଶ୍ୟମାନ ହୁଏ। ଏଇ ଆମିନୋ ଏସିଡ୍‌ଗୁଡ଼ିକ 'ପେପ୍‌ଟାଇଡ୍' ନାମକ ରାସାୟନିକ ବନ୍ଧ ଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇ ପୁଷ୍ଟିସାର ଅଣୁ ସଂଶ୍ଳେଷିତ କରନ୍ତି। ଗୋଟିଏ ଆମିନୋ ଏସିଡ୍‌ର ଅଙ୍ଗାରକ ଅଣୁ ଓ ଆଉ ଗୋଟିଏ ଆମିନୋ ଏସିଡ୍‌ର ଯବକ୍ଷାରଜାନ ଅଣୁ ପରସ୍ପର ସହ ସହସଂଯୋଜ୍ୟ ବନ୍ଧ ଦ୍ୱାରା ଯୋଡ଼ି ହେଲେ ଏଇ ରାସାୟନିକ ବନ୍ଧକୁ 'ପେପ୍‌ଟାଇଡ୍' ବନ୍ଧ କୁହାଯାଏ। କାର୍ବୋକ୍ସିଲିକ୍ ଅମ୍ଳ ଓ ଆଲ୍‌କୋହଲ, ଅମ୍ଳ ଉତ୍ପ୍ରେରକର ଉପସ୍ଥିତିରେ ଇଷ୍ଟର ଅଣୁକୁ ରୂପାନ୍ତରିତ ହୁଅନ୍ତି ବୋଲି ଯୁଗାନ୍ତକାରୀ ଆବିଷ୍କାର କରିଥିବାରୁ ୧୯୦୨ ସାଲରେ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାରରେ ସମ୍ମାନିତ ହୋଇଥିବା ଜର୍ମାନ ରସାୟନବିତ୍ ହରମାନ୍ ଏମିଲ୍ ଲୁଇ ଫିସର, ପୁଷ୍ଟିସାର ଅଣୁ 'ପେପ୍‌ଟାଇଡ୍' ବନ୍ଧ ଦ୍ୱାରା ଯୋଡ଼ି ହୋଇ ଗଠିତ ହୋଇଛି ବୋଲି ଆବିଷ୍କାର କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ରସାୟନବିତ୍ ଖ୍ରୀଷ୍ଟିଆନ୍ ଆଫିନ୍‌ସେନ୍, ଆମିନୋଏସିଡ୍‌ଗୁଡ଼ିକ ପରସ୍ପର ସହ ପେପ୍‌ଟାଇଡ୍ ବନ୍ଧଦ୍ୱାରା ସଂଯୁକ୍ତ ହୋଇ ଜୈବଦ୍ରବକ (ଏନ୍‌ଜାଇମ୍) ସୃଷ୍ଟି କରନ୍ତି ବୋଲି ଆବିଷ୍କାର କରି ୧୯୭୨ ସାଲରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।

ପୁଷ୍ଟିସାର ଅଣୁର ସଂରଚନା ତ୍ରିବିମୀୟ ବୋଲି ୧୯୬୨ ସାଲରେ ନୋବେଲ୍ ପୁରସ୍କାର ଲାଭ କରିଥିବା ରସାୟନବିତ୍ ମାକ୍ସ ଫର୍ଡିନାଣ୍ଡ ପେରୁଜ୍ ଓ କାଓଡରି କେନ୍ଦ୍ରେଉ ପ୍ରଥମେ କହିଥିଲେ। ଆମିନୋ ଏସିଡ୍‌ର ଅନୁକ୍ରମ ବହୁବିଧ। ତେଣୁ ପୁଷ୍ଟିସାର ଅଣୁର ବହୁଳତା ଓ ବିବିଧତା ଅପର୍ଯ୍ୟାପ୍ତ। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏଇ ୨୦ଟି ଆମିନୋଏସିଡ୍‌ର ଭିନ୍ନ ଭିନ୍ନ ଅନୁକ୍ରମ ପ୍ରାୟ ୨୦ କୋଟି ପ୍ରକାରର ପୁଷ୍ଟିସାର ଅଣୁଗଠନ ପାଇଁ



ସକ୍ଷମ ବୋଲି ବୈଜ୍ଞାନିକମାନେ ଜାଣିସାରିଲେଣି।

ଡେମିସ୍ ହାସାବିସ୍‌ଙ୍କ ନେତୃତ୍ୱରେ ୨୦୧୮ରେ ଗୁଗଲ୍ କମ୍ପାନୀ 'ଡିପ୍‌ମାଇଣ୍ଡ' ନାମକ ଛାମୁଆ କମ୍ପାନୀ ପ୍ରତିଷ୍ଠା କରି କୃତ୍ରିମ ବୁଦ୍ଧିମତ୍ତା ବିଷୟକ ଗବେଷଣା କରିବା ପାଇଁ ଏହାକୁ ପ୍ରୋତ୍ସାହିତ କଲା। ଡିପ୍‌ମାଇଣ୍ଡ୍ ଟିମ୍ କମ୍ପ୍ୟୁଟର ପ୍ରୋଗ୍ରାମ ବଳରେ କୃତ୍ରିମ ସ୍ନାୟବିକ ଜାଲି ପ୍ରସ୍ତୁତ କଲେ କୃତ୍ରିମ ବୁଦ୍ଧିମତ୍ତାର ସଫଳ ପ୍ରୟୋଗରେ। ଏହାର ନାଁ ଦିଆଗଲା 'ଆଲ୍‌ଫା ଫୋଲ୍ଡ'।

ଏଇ 'ଆଲ୍‌ଫା ଫୋଲ୍ଡ' ମଡେଲ୍ ଦ୍ୱାରା ଆମିନୋଏସିଡ୍‌ର ବିଭିନ୍ନ ଅନୁକ୍ରମ ଆଧାରରେ ସମ୍ଭାବ୍ୟ ପୁଷ୍ଟିସାର ଅଣୁର ସଂରଚନା ଆକଳନ କରିହେଉଛି ଓ ବର୍ତ୍ତମାନ ସୁଦ୍ଧା କୋଟି କୋଟି ପୁଷ୍ଟିସାର ଅଣୁର ସଂରଚନା ଆକଳନ କରାଯାଇପାରିଛି। ଏଇ ଯୁଗାନ୍ତକାରୀ ଆବିଷ୍କାର ପାଇଁ ଏ ବର୍ଷ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଲାଭ କରିବେ କର୍ପୋରେଟ୍ କମ୍ପାନୀର କର୍ମଚାରୀ ଓ ବୈଜ୍ଞାନିକ ଡେମିସ୍ ହାସାବିସ୍ ଓ ଜନ୍ ଜମ୍ପର। ସେମାନଙ୍କ ମଧ୍ୟରେ ପୁରସ୍କାର ରାଶିର ଅର୍ଦ୍ଧେକ ପ୍ରାୟ ସାଢ଼େ ଚାରିକୋଟି ଟଙ୍କାକୁ ସମାନ ଭାବରେ ବାଣ୍ଟିଦେବ ନୋବେଲ୍ ଫାଉଣ୍ଡେଶନ୍।

ଡେଭିଡ୍ ବେକର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବାବେଳେ ତାଙ୍କ ପଢ଼ା ବିଷୟ ଥିଲା ଦର୍ଶନ ଓ ସାମାଜିକ ବିଜ୍ଞାନ। ଏଇ ସମୟରେ 'ମୋଲେକ୍ୟୁଲାର ବାୟୋଲୋଜି ଅଫ୍ ଦ ସେଲ୍' ନାମକ ପୁସ୍ତକ ସଂସ୍ପର୍ଶରେ ଆସି ତାଙ୍କ ଜୀବନର ଗତିପଥ ବଦଳିଗଲା। ସେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟରେ ଜୈବ ରସାୟନ ବିଜ୍ଞାନ ବିଷୟରେ ଉଚ୍ଚତର ଗବେଷଣା କଲେ। ପୁଷ୍ଟିସାର ଅଣୁ କିପରି ମୋଡ଼ି ହୋଇ ତ୍ରିବିମୀୟ ସଂରଚନାରେ ପରିଣତ ହୋଇଛି, ଏଇ ସମୟରେ ସେ ତାକୁ ଗବେଷଣା ଗାରରେ ହୃଦୟଙ୍ଗମ କଲେ। ପୁଷ୍ଟିସାର ଅଣୁ କେଉଁ ଆମିନୋଏସିଡ୍ ଅନୁକ୍ରମରେ ଗଠିତ, ତାହା ଆକଳନ କରିବା ତାଙ୍କ ଗବେଷଣାର ଲକ୍ଷ୍ୟ ହେଲା।

ଡି ନୋଭା ନାମକ ପୁଷ୍ଟିସାର ଅଣୁ ସଂରଚନା ଆକଳନକାରୀ କମ୍ପ୍ୟୁଟର ମଡେଲ ଦ୍ୱାରା ଡେଭିଡ୍ ବେକର ଓ ତାଙ୍କ ଟିମ୍ ଟପ୍ ସେଭେନ୍ ନାମକ ପୁଷ୍ଟିସାର ଅଣୁ ଗବେଷଣାଗାରରେ ସଂଶ୍ଳେଷିତ କରିଛନ୍ତି ବୋଲି ୨୦୦୩ରେ ପ୍ରକାଶିତ ଗବେଷଣାତ୍ମକ ନିବନ୍ଧରୁ ଜଣାପଡ଼ିଲା। ବିରଳ ପୁଷ୍ଟିସାର ନିର୍ମାତା ଭାବେ ଡେଭିଡ୍ ବେକରଙ୍କ ଖ୍ୟାତି ଦିଗବିଦିଗ ଖେଳିଗଲା। ବେକରଙ୍କ କୌଶଳ ବ୍ୟବହାର ପୂର୍ବକ ଅନେକ ନୂଆ ପୁଷ୍ଟିସାର ଅଣୁ ଗବେଷଣାଗାରରେ ସଂଶ୍ଳେଷିତ ହୋଇପାରିଛି ଓ କୃତ୍ରିମ ଉପାୟରେ ପୁଷ୍ଟିସାର ଅଣୁ ସଂଶ୍ଳେଷିତ କରିବା ପଦ୍ଧତି ଡି'ନୋଭା ଡିଜାଇନ୍ ନାମରେ ଲୋକପ୍ରିୟ। ବେକରଙ୍କ ପଦ୍ଧତିରେ ସୃଷ୍ଟ ପୁଷ୍ଟିସାର ଅଣୁଗୁଡ଼ିକୁ ନେଇ ସୂକ୍ଷ୍ମ ସେନ୍‌ସର, ଇନ୍‌ଫ୍ଲୁଏଞ୍ଜା ଟିକା, ଆଣବିକ ରୋଟର, ଜୈବ ନାନୋ ପଦାର୍ଥ ପ୍ରଭୃତି ଗଢ଼ା ଯାଇପାରିଛି। କରୋନା ଟିକା ପ୍ରସ୍ତୁତିରେ ମଧ୍ୟ ବେକରଙ୍କ ପଦ୍ଧତି ଉପାଦେୟ ସାବ୍ୟସ୍ତ ହୋଇଛି। କୃତ୍ରିମ ପୁଷ୍ଟିସାର ଅଣୁ ଗଠନ କରିବାରେ ସକ୍ଷମ ହୋଇ ଡେଭିଡ୍ ବେକର ଔଷଧ ବିଜ୍ଞାନଠାରୁ ଆରମ୍ଭକରି ପଦାର୍ଥ ବିଜ୍ଞାନ ପର୍ଯ୍ୟନ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ କ୍ଷେତ୍ରରେ ଅଭିନବ ପ୍ରୟୋଗ ସବୁକୁ ସଫଳତାର ସୂର୍ଯ୍ୟ ଦେଖାଇଛନ୍ତି। ଆଣ୍ଟିବଡିଠାରୁ ଆରମ୍ଭ କରି ହରମୋନ୍, ମାଂସପେଶୀ ଟିସୁଠାରୁ ଆରମ୍ଭ କରି ସ୍ନାୟୁକୋଷସବୁକୁ ଜାତିଜାତିକା ପୁଷ୍ଟିସାରରୁ ଗଠିତ ହୋଇଥିବା କାରଣରୁ, ଅପେକ୍ଷିତ କୃତ୍ରିମ ପୁଷ୍ଟିସାରଗୁଡ଼ିକୁ ବିଜ୍ଞାନାଗାରରେ ସଂଶ୍ଳେଷିତ କରିପାରିବା ସମ୍ଭବ ହୋଇପାରିଥିବା ଯୁଗାନ୍ତକାରୀ ଆବିଷ୍କାର ନିଶ୍ଚୟ। ତେଣୁ ଏବର୍ଷ ଡେଭିଡ୍ ବେକର ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଲାଭ କରିବା ସଂଗେ ସଂଗେ ପ୍ରାୟ ସାଢ଼େ ଚାରିକୋଟି ଟଙ୍କାର ପୁରସ୍କାର ରାଶି ଲାଭ କରିବେ। ବେକର, ହାସାବିସ୍ ଓ ଜମ୍ପର କେବଳ ବୈଜ୍ଞାନିକ ଶବ୍ଦର ସଂଜ୍ଞାକୁ ବଦଳାଇ ନାହାନ୍ତି ବରଂ ବିଜ୍ଞାନକୁ ଏକ ନୂଆ ଦିଗ ଓ ଦିଗନ୍ତ ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

**ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇ.ଆଇ.ଟି.), ଯୋଧପୁର**
**ମୋ: ୬୩୭୦୩୩୫୧୫୦**

# ଭୟ



ଡ. ବାସୁଦେବ ମିଶ୍ର

ସଂସାରରେ ବୋଧହୁଏ ଏମିତି କେହି ନାହିଁ, ଯିଏ ସମ୍ପୂର୍ଣ୍ଣ ରୂପେ ଭୟଶୂନ୍ୟ ହୋଇ ଜୀବନ ଧାରଣ କରେ। କେହି ହୁଏତ ନିଜକୁ ଭୟଶୂନ୍ୟ ବୋଲି ଦାବି କରି କହିପାରେ, କିନ୍ତୁ କିଛି ନା କିଛି ଭୟ ତା' ମନରେ ନିଶ୍ଚୟ ରହିଛି। ଧନୀ ଲୋକଟିକୁ ତା' ଧନ ସରିଯିବାର ଅଥବା ନଷ୍ଟହେବାର ଭୟ ସର୍ବଦା ଘାରୁଥାଏ। ମାନୀ ଲୋକର ଅପମାନ ପ୍ରତି ଭୟ ଥାଏ। ଭର୍ତ୍ତୃହରି ତାଙ୍କ ବୈରାଗ୍ୟଶତକ ଗ୍ରନ୍ଥରେ ଏକ ଶ୍ଳୋକରେ ଲେଖିଛନ୍ତି ଯେ, ବିଷୟ ଭୋଗରେ ରୋଗର ଭୟ, ବିଭବ ଥିଲେ ରାଜାଙ୍କଠାରୁ ଭୟ, ମୌନତାରେ ଦୈନ୍ୟର ଭୟ, ବଳବାନ୍ ପାଇଁ ଶତ୍ରୁର ଭୟ, ରୂପବାନ୍ ପାଇଁ ଜରାର ଭୟ, ଶାସ୍ତ୍ରଜ୍ଞାନ ପାଇଁ ବିବାଦର ଭୟ, ଗୁଣୀ ଲୋକ ପାଇଁ ଖଳ(ଦୁଷ୍ଟ)ର ଭୟ ଏବଂ ଏହି ଶରୀର ପାଇଁ ଯମରାଜଙ୍କଠାରୁ ଭୟ ଥାଏ। ତେଣୁ ଏହି ସଂସାରରେ କେହି ଭୟମୁକ୍ତ ନାହାନ୍ତି। ସମସ୍ତେ କିଛି ନା କିଛି ଭୟଦ୍ୱାରା ତ୍ରସ୍ତହୋଇ ଜୀବନ ବଞ୍ଚିଥାଆନ୍ତି।

ବଣରେ ବାସ କରୁଥିବା ପ୍ରାଣୀମାନଙ୍କ ମଧ୍ୟରେ ମଧ୍ୟ ଭୟର ବାତାବରଣ ଥାଏ ପ୍ରାୟ ସବୁବେଳେ। ବଳବାନ୍ ହିଂସ୍ର ପ୍ରାଣୀମାନଙ୍କ ପ୍ରତି ଦୁର୍ବଳ ଏବଂ ନିରୀହ ପ୍ରାଣୀଙ୍କ ମନରେ ଭୟ ରହିବା ସ୍ୱାଭାବିକ। କୁହାଯାଏ, ସତ କହୁଥିବା ଲୋକଟି ଏବଂ ସତ୍‌ପଥରେ ଚାଲୁଥିବା ଲୋକଟି କେବେ କାହାକୁ ଭୟ କରେନାହିଁ। କଥାଟି କେତେକାଂଶରେ ସତ ହେଲେ ମଧ୍ୟ ତା' ମନରେ ଯେ ଆଦୌ ଭୟ ନାହିଁ, ଏ କଥାଟି ସତ ହୋଇ ନ ପାରେ। କାରଣ ଅତିକମ୍‌ରେ ସତ୍‌ପଥରୁ ବିଚ୍ୟୁତ ହୋଇଯିବାର ଭୟ ତ ତା' ମନରେ ନିଶ୍ଚୟ ରହିଛି। କିନ୍ତୁ ମିଥ୍ୟାଭାଷୀର ମନରେ ଭୟ ଥାଏ ଚାରିଦିଗରୁ। ମିଥ୍ୟା ଭାଷଣ ଦ୍ୱାରା ସ୍ୱାର୍ଥ ହାସଲ କରୁଥିବା ଦୃଷ୍ଟିରୁ ଯେକୌଣସି ସମୟରେ ଯେକୌଣସି ଦିଗରୁ ତା' ପ୍ରତି ଆକ୍ରୋଶ ଅବା ଆକ୍ରମଣର ଆଶଙ୍କା ତା' ମନକୁ ଅବିରତ ଭୟବିଜଡ଼ିତ କରି ରଖେ। ଜନମଙ୍ଗଳ ଉଦ୍ଦେଶ୍ୟରେ ସରକାରୀ ଦପ୍ତରରେ ନିଯୁକ୍ତ ଲୋକଟି କୌଣସି କାର୍ଯ୍ୟନିମିତ୍ତ ସାଧାରଣ ଜନତାଙ୍କଠାରୁ ଲାଞ୍ଚ ନିଏ। ସତ କଥାଟା ହେଲା, ସହଜରେ ହୋଇପାରିବା କାମଟି ନ ହୋଇପାରିବାର ଆଳ ଦେଖାଇ ଲୋକଙ୍କଠାରୁ ଲାଞ୍ଚ ଆଦାୟ କରେ କର୍ମଚାରୀ। ଲାଞ୍ଚ ନିଏ ସିନା, କେବେ ଧରା ପଡ଼ିଯିବାର ଭୟ ତା' ମନକୁ ସଦା ବିବ୍ରତ କରି ରଖେ। ସେଥିପାଇଁ ସେ ଲାଞ୍ଚ ହିସାବରେ ନେଉଥିବା ଅର୍ଥକୁ ସର୍ବସମକ୍ଷରେ ଗ୍ରହଣ କରେନାହିଁ।

ପ୍ରକୃତ କଥା ହେଲା, ସତ ସହିତ ସାମାନ୍ୟ ସମ୍ପର୍କ ଥିବା ଲୋକଟି କେବେ କିଛି ଭୁଲ୍ କରିବା ପରେ ତା' ମନରେ ଗୋଟିଏ ଅପରାଧବୋଧର ଭାବନା ସୃଷ୍ଟିହୁଏ ଏବଂ ତାହା ତାକୁ ଚେତାଇଦିଏ। ତେଣୁ ସେ ପୁଣି ତା'ର ପୂର୍ବ ଅବସ୍ଥାକୁ ଫେରି ଆସିବା ପାଇଁ ଚେଷ୍ଟାକରେ। କିନ୍ତୁ ବାରମ୍ବାର ଭୁଲ୍ କରୁଥିବା ଲୋକଟିର ମନରେ ସେପରି ହୁଏନାହିଁ। ବାରମ୍ବାର ଭୁଲ୍ କରି କରି ସେ ଭୁଲ୍ କରିବା ସହିତ ଅଭ୍ୟସ୍ତ ହୋଇଥାଏ। ତେଣୁ ଅପରାଧବୋଧର ଭାବନା ତା' ମନରେ ପ୍ରାୟ ରହିନଥାଏ। ଏହି ହେତୁରୁ ତା' ମନରେ ଭୟ ପ୍ରାୟ ନଥାଏ କହିଲେ ଚଳେ। ଏପରିକି ବିଭିନ୍ନ ପ୍ରକାର ଶାସ୍ତି ଓ ଭୋଗାଭୋଗ ପରେ ବି ତାର ଚୈତନ୍ୟ ଉଦୟ ହୁଏନାହିଁ ଏବଂ ତାହା ହିଁ ଆଶ୍ଚର୍ଯ୍ୟର ବିଷୟ ହୋଇ ରହେ।

ଭୟର ଆଉ ଗୋଟିଏ ସୁନ୍ଦର ରୂପ ଅଛି। ତାହା ସମ୍ଭ୍ରମ, ସମ୍ମାନ ଏବଂ ଭକ୍ତିରୂପରେ ଆମମାନଙ୍କ ମଧ୍ୟରେ ପ୍ରକାଶିତ ହୁଏ। ତାହା ସମାଦର, ଗୌରବ ଏବଂ ମର୍ଯ୍ୟାଦାର କଥା। ତାହା ହୋଇପାରେ ଭୟମିଶ୍ରିତ ଶ୍ରଦ୍ଧା, ଭକ୍ତି ଅଥବା ହର୍ଷଭୟାଦିଜନିତ ଆବେଗ ଏବଂ ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ନିମିତ୍ତ ବ୍ୟଗ୍ରତା। ଏମିତି ଅନେକ ରୂପରେ ତାହା ଆମ ଭିତରେ ଆତ୍ମପ୍ରକାଶ କରେ। ଅବଶ୍ୟ ସେଥିପାଇଁ ମନ ଏବଂ ହୃଦୟରେ ଶୁଚିତାର ଆବଶ୍ୟକତା ଥାଏ। ଶ୍ରୀବିଷ୍ଣୁ ଖମ୍ବ ମଧ୍ୟରୁ ନୃସିଂହ ରୂପରେ ଆବିର୍ଭୂତ ହୋଇ ହିରଣ୍ୟକଶିପୁକୁ ନିଜର ଜଙ୍ଘ ଉପରେ ରଖି ନଖ ଦ୍ୱାରା ବିଦାରଣ କରିବାର ଅପୂର୍ବ ଭୟାନକ ଦୃଶ୍ୟ ଦେଖି ମଧ୍ୟ ଭକ୍ତରାଜ ଶିଶୁ ପ୍ରହ୍ଲାଦଙ୍କଠାରେ ଭୟର କୌଣସି ସୂଚନା ନ ଥିଲା। ବରଂ ସେ ତାଙ୍କର ଆରାଧ୍ୟ ପ୍ରଭୁଙ୍କୁ ନିଜ ସମ୍ମୁଖରେ ଦେଖି ପରମ ତୃପ୍ତି ଓ ଆନନ୍ଦରେ ତାଙ୍କର ସ୍ତୁତି କରି ଚାଲିଥିଲେ। ଜଗନ୍ମାତା ମହାକାଳୀଙ୍କର ଭୟାନକ ରୂପ ଦେଖି ସାଧାରଣ ଲୋକଟିଏ ଭୟରେ ଶିହରି ଉଠୁଥିବାବେଳେ ଭକ୍ତଟିଏ ମାତାଙ୍କୁ ସମ୍ମୁଖରେ ପାଇ ତାର ଅନ୍ତରର ଭକ୍ତିନୈବେଦ୍ୟ ଅର୍ପଣ କରିଥାଏ।

**ଦଶରଥପୁର, ଯାଜପୁର**
**ମୋ: ୮୯୧୭୨୭୨୭୭୩**

## ଚିରନ୍ତନୀ

ଚାଲିଛି ମୁଁ ସଙ୍ଗେ ତା'ର
କି ବିରାଟ ଅଭିସାର !
ଚାଲିଛି ମୁଁ ଦୂରେ କେଉଁ ଦୂରେ ଗୋ
କି ବା ଗନ୍ଧେ ଅନ୍ତର ପୂରେ ମୋ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତି ପରିବାରକୁ ଡାଲି ମିଳୁ

ମହାଶୟ,

ରାଜ୍ୟରେ ସମସ୍ତ ଖାଉଟି କାର୍ଡଧାରୀମାନଙ୍କୁ ପିଡିଏସ୍ ମାଧ୍ୟମରେ ଶସ୍ତା ମୂଲ୍ୟରେ ହେଉ କିମ୍ବା ମାଗଣାରେ ଡାଲି ଯୋଗାଇ ଦିଆଯାଉ। ଏହା ଦ୍ୱାରା ବହୁ ଗରିବ ତଥା ମଧ୍ୟବିତ୍ତ ପରିବାର ଉପକୃତ ହୋଇପାରିବେ। ଏଥିପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ। ଚାଉଳ, ଗହମ ସହିତ ଡାଲିକୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯାଉ। ସମସ୍ତ ପରିବାର ପ୍ରତି ସରକାରଙ୍କ ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ଏପରିକି ଗର୍ଭବତୀ ମହିଳା, ଶିଶୁ ତଥା ଅସହାୟମାନଙ୍କ ସହାୟକ ହୋଇପାରିବ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ୟାଙ୍କର ଧକ୍କାରେ ଶନି ମନ୍ଦିର ଚୂରମାର୍




କମ୍ପାନୀ ଟ୍ୟାଙ୍କର ଧକ୍କାରେ ବଲାଙ୍ଗୀର ଲୋକନାଥ ମନ୍ଦିର ସମ୍ମୁଖ ଶନିମନ୍ଦିର ଭାଙ୍ଗି ଯାଇଛି।

**ବଲାଙ୍ଗୀର,୧୭।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ଶ୍ରୀ ଲୋକନାଥ ମନ୍ଦିର ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଶ୍ରୀଶନିଦେବ ମନ୍ଦିର ଏକ କମ୍ପାନୀର ଟ୍ୟାଙ୍କର ଧକ୍କାରେ ଚୁରମାର ହୋଇଯାଇଛି। ଗୁରୁବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ସୁନୀଲ ସିଂ ଆହତ ହୋଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶନିମନ୍ଦିର ପୂଜକ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ଦେଇଛନ୍ତି।

ଗୁରୁବାର ଆଶ୍ୱିନ ପୂର୍ଣ୍ଣିମା ଓ ତୁଳା ସଂକ୍ରାନ୍ତି ଥିବାରୁ ପୂଜାର୍ଚ୍ଚନା ପାଇଁ ଶ୍ରୀଲୋକନାଥ ମନ୍ଦିର ଏବଂ ସମ୍ମୁଖରେ ଥିବା ଶନିଦେବ ମନ୍ଦିର ଓ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିବା ଆଶା କରାଯାଉଥିଲା। ତେବେ ଭୋର ୫ଟା ସମୟରେ ପୂଜକ ଲୋକନାଥଙ୍କ ପୂଜାର୍ଚ୍ଚନା କରି ଶନିଦେବଙ୍କ ପୂଜା କରିବାକୁ ଆସୁଥିଲେ। ଏହି ସମୟରେ ବରଗଡ ପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ୟାଙ୍କର ପିପ୍ପଳ ଗଛ ତଳେ ପୂଜା ପାଉଥିବା ଶନିଦେବ ମନ୍ଦିରକୁ ଧକ୍କା ଦେଇଥିଲା। ଟ୍ୟାଙ୍କର ଧକ୍କାରେ ମନ୍ଦିରଟି ଧରାଶାୟୀ ହୋଇଯାଇଥିଲା। ଏପରିକି ମନ୍ଦିର ଭିତରେ ଶନିଦେବଙ୍କ ବିଗ୍ରହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ପୂଜକ ଜଣକ କହିଛନ୍ତି।

**■ଶ୍ରୀ ଶନିଦେବଙ୍କ ବିଗ୍ରହ ଭାଙ୍ଗିଗଲା**
**■ବର୍ତ୍ତିଲେ ପୂଜକ**

ଟ୍ୟାଙ୍କରଟି ମନ୍ଦିରର ଦୁଇଟି ପାହାଚକୁ ଚଢ଼ିଯାଇ ଧକ୍କା ଦେବା ଫଳରେ ଡ୍ରାଇଭର ଜଣକ ଚାପିହୋଇ ଟ୍ୟାଙ୍କର ଭିତରେ ରହି ଯାଇଥିଲେ। ଭୋର ୫ଟାରେ ଦୁର୍ଘଟଣା ଘଟିବାରୁ କୌଣସି ଶ୍ରଦ୍ଧାଳୁ ସେତେବେଳକୁ ଶନିମନ୍ଦିର କି ହନୁମାନ ମନ୍ଦିରକୁ ଆସି ନ ଥିଲେ। ଫଳରେ ଏକ ବଡଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଟ୍ୟାଙ୍କରରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାଇପାସ୍ ରାସ୍ତା ତିଆରି ହେଉ ନ ଥିବାରୁ ସହର ମଧ୍ୟଦେଇ ଭାରୀଯାନ ଯିବା ଆସିବା କରୁଥିବା ଏବଂ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିବାରୁ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ଜାତୀୟ ରାଜପଥ ବିଭାଗ ବାଇପାସ୍ ରାସ୍ତା ତିଆରି ନାଁରେ ଦିନ ଗଡାଇ ଆସୁଥିବା ଲୋକେ ଅଭିଯୋଗ କରିଥିଲେ। ଏହାସହିତ ରାସ୍ତା କଡରେ ଏଭଳି ମନ୍ଦିର ନିର୍ମାଣ ଯୋଗୁ ବିଭିନ୍ନ ସମୟରେ ବ୍ୟସ୍ତବହୁଳ ରାସ୍ତା ଉପରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହୁଥିବା ଏବଂ ଏଭଳି ଦୁର୍ଘଟଣା ଭୟ ଲାଗି ରହୁଥିବା କହିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ରାସ୍ତାକଡରେ ମନ୍ଦିର ନିର୍ମାଣ ନେଇ ପୁନବିଚାର କରିବାକୁ ଦାବି ହେଉଛି। ବଲାଙ୍ଗୀର ସହରରେ ଶୀଘ୍ର ବାଇପାସ୍ ରାସ୍ତା ନିର୍ମାଣ ନ ହେଲେ ଆଗକୁ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଆହତ ଡ୍ରାଇଭରଙ୍କୁ ପଚରାଉଚରା କରାଯାଉଛି ବୋଲି ସଦର ଏସଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି।

# ୨୦ରେ ଶ୍ରୀମତୀ ସମ୍ବଲପୁର ଅନ୍ୱେଷଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୭।୧୦(ବି.ଶଙ୍କର)**

ସମ୍ବଲପୁର ଜଗନ୍ନାଥ କଲୋନୀ ସାଇ ଶିକ୍ଷା ପରିଷଦ ଆୟୋଜିତ ଲିଟିଲ ମିସ, ଲିଟିଲ ମାଷ୍ଟର, ମିସ୍ ଟିନ, ମାଷ୍ଟର ଟିନ୍ ଏବଂ ଶ୍ରୀମତୀ ସମ୍ବଲପୁର-୨୦୨୪ ଡିସେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଏଥିସକାଶେ ପ୍ରସ୍ତୁତି ଚାଲିଛି । ଏହି ପ୍ରତିଯୋଗୀତାକୁ ସ୍ୱଚ୍ଛତା କରିବାକୁ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବିଚାରକମାନେ ଯୋଗଦେବାକୁ ସମ୍ମତି ପ୍ରକାଶ କରିଛନ୍ତି। ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଯଦ୍ୱାରା ସମ୍ବଲପୁରର ମହାନ ସଂସ୍କୃତିର ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏଥିସହ ବାଳିକା,ବାଳକ, କିଶୋର କିଶୋରୀ ଏବଂ ମହିଳାମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭା ଲୋକଲୋଚନକୁ ଆସିପାରିବ। ଏତଦ୍‌ବ୍ୟତୀତ ପ୍ରତିଯୋଗୀମାନେ ସମ୍ବଲପୁର ବିଷୟରେ ଅଧିକ ଜ୍ଞାନ ଆହରଣ କରି ପାରିବେ। ଗୁରୁବାର ସମ୍ବଲପୁର ସ୍ଥିତ ସମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସାଇ ଶିକ୍ଷା ପରିଷଦ କର୍ମକର୍ତ୍ତାମାନେ ସୂଚିତ କରିଛନ୍ତି । ସେମାନେ କହିଥିଲେ ଯେ, ଅକ୍ଟୋବର ୨୦ରେ ଶ୍ରୀମତୀ ସମ୍ବଲପୁର, ୨୭ରେ ମିସ୍ ଓ ମାଷ୍ଟର ଟିନ ଏବଂ ୩ରେ ନଭେମ୍ବର ଲିଟିଲ ମିସ୍ ଓ ମାଷ୍ଟର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି । ଏଥିରେ ୨୧ରୁ ୫୫ବର୍ଷ ପର୍ଯ୍ୟନ୍ତ ମହିଳା, ୧୨ରୁ ୧୭ ବର୍ଷର ଯୁବତୀ ଯୁବକ ଏବଂ ୬ବର୍ଷରୁ ୧୨ବର୍ଷର ବାଳିକା ବାଳକ ଅଂଶ ଗ୍ରହଣ କରି ପାରିବେ ବୋଲି କହିଛନ୍ତି । ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ଗୋଲକ ବିହାରୀ ମିଶ୍ର, ତ୍ରିଲୋଚନ ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜକ ଭୋଲା ଶଙ୍କର ମହନ୍ତମ, ନୃତ୍ୟ ଗୁରୁ ଅସୀମ ପ୍ରଧାନ ଏବଂ ମଡେଲ ତଥା ଟ୍ରେନର ମିମାଂସା ରଥ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

**ସମ୍ବଲପୁରୀ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଗୁରୁତ୍ୱାରୋପ**

# ନିୟମିତ ହେଲେ ୩୫ ପ୍ରାଥମିକ ଶିକ୍ଷକ

**ସମ୍ବଲପୁର,୧୭।୧୦(ପ୍ରମୋଦ ବହିଦାର):** ସମ୍ବଲପୁର ଜିଲାର ୩୫ ଜଣ ପ୍ରାଥମିକ ଶିକ୍ଷକ ନିୟମିତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଗତ ଅକ୍ଟୋବର ୭ ରେ ଉକ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଗତ ୧୫ ତାରିଖରେ ସମ୍ବଲପୁରଠାରେ ଏନେଇ ଆୟୋଜିତ ବୈଠକରେ ନିଷ୍ପତ୍ତି ଅନୁସାରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଅକ୍ଟୋବର ୧୭ତାରିଖ ଗୁରବାର ଚିଠିସଂଖ୍ୟା ୧୮୨୮ରେ ଜିଲାର ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଉକ୍ତ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ସମ୍ବଲପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ନିୟମିତ ହୋଇଥିବା ସମସ୍ତ ୩୫ ଜଣ ଶିକ୍ଷକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଏଥିପାଇଁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଜିଲା ସଭାପତି ସୁଶାନ୍ତ କୁମାର ସାହୁ, ଜିଲା ସମ୍ପାଦକ ପ୍ରୀତମ କୁମାର ନାୟକ ଓ ନିୟମିତ ହୋଇଥିବା ସମସ୍ତ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଣ୍ଡଳ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସକାଳ ୮ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ଆଜି

**ସମ୍ବଲପୁର,୧୭।୧୦(ବି.ଶଙ୍କର):** ଓପିଟିସିଏଲର ୧୩୨/୩୩ କେସିଙ୍ଗା ଗ୍ରୀଡ ସବେଷ୍ଟଶନ୍ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ୧୮ ତାରିଖ ଶୁକ୍ରବାର କରାଯିବ। ଏଥିପାଇଁ କେସିଙ୍ଗା, ନର୍ଲା, ଏମ୍ ରାମପୁର, ମଦନପୁର, ମୋହନଗିରି, ରୁପ୍ରା ରୋଡ, ବିଶ୍ୱନାଥପୁର, ବନ୍ଧାପରି, ଲାଞ୍ଜିଗଡ, କର୍ଲାମୁଣ୍ଡା, ନୁଆମାଥ, ଯୁରାଡୁବା, ବେଲଗାଁଓ, କର୍ଲାପଡା, ଖୋଲାନ, ପଣ୍ଡରିପାନି, ଟିଟିଲାଗଡ଼ ସହିତ ଏହାର ଆଖପାଖ ଅଞ୍ଚଳକୁ ଶୁକ୍ରବାର ସକାଳ ୮ ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ସାମୟିକ ବ୍ୟାହତ ପାଇଁ ଡିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହିତ ଗ୍ରାହକ ତଥା ଜନସାଧାରଣ ସହଯୋଗ କରିବାକୁ ଗୁରୁବାର ଏକ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି।

# କାର୍ ନମ୍ବର ଜାଲିଆତି କରି ଯୁବକ ଗିରଫ

**କୁଚିଣ୍ଡା,୧୭।୧୦(ବିରଞ୍ଚି ଦର୍ଶୀ):** ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା କୁଟାରିମାଲ ଗ୍ରାମର ରୁପାନନ୍ଦ ଭଇଁଷାଙ୍କ କାର ନମ୍ବରକୁ ଜାଲିଆତି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ନାମଝର ଗ୍ରାମର ସନ୍ୟାସି ପଧାନ(୩୧)। ସେ ଏବେ ସମ୍ବଲପୁର ଟାଉନ ଥାନା ମୋଦିପଡା ମାନିକମୁଣ୍ଡାରେ ରହୁଛନ୍ତି। ରୁପାନନ୍ଦଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଗୋବିନ୍ଦପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮(୪)/ ୩୩୬(୩)/୧୮୨(ଏ)/୧୭୭ମୋଟର ଭେଇକିଲ ଆକ୍ଟରେ ଏକ ମାମଲା(ନଂ.୧୭୭/୨୪) ରୁଜୁ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଅଭିଯୁକ୍ତ ନକଲି ନମ୍ବର ବ୍ୟବହାର କରୁଥିବା କାରକୁ ଜବତ କରିଛି। ସୂଚନା ଅନୁଯାୟୀ, କୁଟାରିମାଲ ଗ୍ରାମର ରୁପାନନ୍ଦ ଭଇଁଷାଙ୍କ ଏକ ରିନାଲଟ ଟିବର କାର(ଓଡି ୧୫ କ୍ୟୁ୨୭୨୩) ଅଛି। କିଛି ଦିନ ହେଲା ତାଙ୍କ କାର ନମ୍ବରଟି ଅନ୍ୟ ଏକ କାରରେ ବ୍ୟବହାର ହେଉଥିବା ଜାଣିବାକୁପାଇଥିଲେ। ଏନେଇ ସେ ଗୁରୁବାର ଗୋବିନ୍ଦପୁର ଥାନାରେ ଲିଖିତ ରିପୋର୍ଟ କରିଥିଲେ।



# କୃଷି, କୃଷକ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୧୭।୧୦(ଭବାନୀ ଶଙ୍କର ଭୋଇ):** ଜିଲା କୃଷି ବିଭାଗ ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଗୁରୁବାର କୃଷି ଏବଂ କୃଷକ ସମନ୍ୱିତ ମେଳା ଆୟୋଜନ ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେଳା ଆୟୋଜନ ନିମନ୍ତେ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ କମିଟି ଗଠନ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ ମେଳା ଆୟୋଜନର ତାରିଖ ଓ ସ୍ଥାନ ସ୍ଥିର କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲାସ୍ତରୀୟ ଯାଞ୍ଚ କରାଯିବା ସହ ଓଡ଼ିଶାର ଶ୍ରୀଅନ୍ନ ଓ କୃଷି ଐତିହ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। କୁଚିଣ୍ଡାରେ ନଭେମ୍ବର ୨୯ରୁ ଡିସେମ୍ବର ୧, ରେଢ଼ାଖୋଲ ଉପଖଣ୍ଡରେ ଡିସେମ୍ବର ୪ରୁ ୬ ପର୍ଯ୍ୟନ୍ତ, ସମ୍ବଲପୁରରେ ଡିସେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ କୃଷି ଯାନ୍ତ୍ରିକୀକରଣ, କୃଷି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉପରେ ଏକ ସମନ୍ୱିତ ମେଳା ଅନୁଷ୍ଠିତ ହେବା ନେଇ ବୈଠକରେ ସ୍ଥିର ହୋଇଥିଲା । ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମୁଖ୍ୟ ଜିଲା କୃଷି ଅଧିକାରୀ ହେମନ୍ତ ଜେନା, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପର୍ଶୁରାମ ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ତୁଷାର ରଞ୍ଜନ ଦୀପ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁଙ୍କ ସହିତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଉଦ୍‌ଘୋଷଣା**

**(ଧାରା 82 Cr.P.C. ଦେଖନ୍ତୁ)**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **୧. ବୀରେନ୍ଦର କୁମାର, ପିତା- ଲଖନ ସିଂହ, ବାସିନ୍ଦା- ଏଚ୍. ନଂ. ଏ-୮, ଗଳି ନଂ. ୧, ଅମନ ନଗର, କାଦିପୁର ଏକ୍ସଟେନ୍ସନ୍, ଦିଲ୍ଲୀ, ୨. ଦିବାକର କରାଡ଼, ପିତା- ଦୟାନିଧି କରାଡ଼, ବାସିନ୍ଦା- ଗ୍ରା- ବୁରିପଦର, ଅନୁଗୁରୁ, ଜିଲ୍ଲା- ଗଜପତି, ଓଡ଼ିଶା ଏଫ୍‌ଆଇଆର୍ ନଂ. ୭୯/୨୦୨୪ ୟୁ/** ଏସ୍ ୨୦/୨୫/୨୯ ଏନଡିପିଏସ୍ ଆକ୍ଟ, ଥାନା- କ୍ରାଇମ୍ ବ୍ରାଞ୍ଚ, ଦିଲ୍ଲୀ ଅଧୀନସ୍ଥ ମାମଲାରେ ଦଣ୍ଡନୀୟ ଅପରାଧ କରିଛନ୍ତି (କିମ୍ବା କରିଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ୱାରେଣ୍ଟକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **୧. ବୀରେନ୍ଦର କୁମାର ୨. ଦିବାକର କରାଡ଼ଙ୍କ** ସନ୍ଧାନ ମିଳୁନାହିଁ, ଏବଂ ମୋ ସନ୍ତୁଷ୍ଟିରୂପେ ଦର୍ଶିତ କରିଦିଆଯାଇଛି କି ଉକ୍ତ ଅଭିଯୁକ୍ତ **୧. ବୀରେନ୍ଦର କୁମାର ୨. ଦିବାକର କରାଡ଼** ଫେରାର ହୋଇଯାଇଛନ୍ତି (କିମ୍ବା ଉକ୍ତ ୱାରେଣ୍ଟକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି); ଏତଦ୍ୱାରା ଉଦ୍‌ଘୋଷଣା କରାଯାଉଛି କି, ଏନଡିପିଏସ୍ ଅଧିନିୟମ, ଥାନା-କ୍ରାଇମ୍ ବ୍ରାଞ୍ଚ **ଦିଲ୍ଲୀର ୨୦/୨୫/୨୯ ଅଧୀନସ୍ଥ ମାମଲା ଏଫ୍‌ଆଇଆର୍ ନଂ. ୭୯/୨୦୨୪** ଉକ୍ତ ଅଭିଯୁକ୍ତ **୧. ବୀରେନ୍ଦର କୁମାର ୨. ଦିବାକର କରାଡ଼** ଉକ୍ତ ଅଭିଯୋଗ/ମାମଲାର ଉତ୍ତର ଦେବା ପାଇଁ **ତା୨୦।୧୧।୨୦୨୪ରିଖ** ସୁଦ୍ଧା କୋର୍ଟରେ ଉପସ୍ଥିତ ହେବା ଆବଶ୍ୟକ ହେଉଅଛି ।

ଆଦେଶକ୍ରମେ
**ଶ୍ରୀ ଧୀରେନ୍ଦର ରଣା**
ଏଲ୍‌ଡି. ଅତିରିକ୍ତ ସେସନ୍ ଜଜ୍/ସ୍ପେଶାଲ୍ ଜଜ୍ (ଏନଡିପିଏସ୍)-୦୨
ରୁମ୍ ନଂ.୨୦୭
DP/13862/Crime/2024(Court Matter) ରୋହିଣୀ କୋର୍ଟସ୍ ଦିଲ୍ଲୀ



**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ**
**ସମ୍ବଲପୁର, ଦୁର୍ଗାପାଲି, ସମ୍ବଲପୁର – ୭୬୮୦୦୫**
**No. 1987/SDA** **Dt.17.10.24**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଦେହେରିପାଲି ହାଉସିଂ ସ୍କିମ୍, ବୁଢ଼ାରଜା, ସମ୍ବଲପୁରରେ ଘର ନମ୍ବର MIG-I-89ଟିକୁ ଶ୍ରୀ ସୋମନାଥ ମହାନ୍ତି, ପିତା: ସ୍ୱର୍ଗତ ଦାମୋଦର ମହାନ୍ତି, ନିବାସୀ: ମୁକୁନ୍ଦପୁର, ଆସ୍କା, ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । କିନ୍ତୁ ଆବଣ୍ଟନଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ହସ୍ତାନ୍ତରୀକରଣ ନିମନ୍ତେ ଏକ ଚୁକ୍ତିନାମା ବଳରେ ଶ୍ରୀମତୀ ସୁବର୍ଣ୍ଣଲତା ପାଣ୍ଡେ, ସ୍ୱାମୀ: ଶ୍ରୀ ଅଶ୍ୱିନୀ କୁମାର ପଟେଲଙ୍କଠାରୁ ଟଙ୍କା ୭୫,୦୦୦.୦୦ ଗ୍ରହଣ କରି ତା୦୭।୦୯।୧୯୯୪ ମସିହାରେ ଚୁକ୍ତିନାମାଟିକୁ କରିଥିଲେ ଏବଂ ସମୟ କ୍ରମେ ସମ୍ପତ୍ତିର ମୂଲ୍ୟ ବାବଦକୁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ବକେୟା ଦେୟ ପଇଠ କରିବା ପାଇଁ ଚୁକ୍ତିନାମାରେ ଦର୍ଶାଇ ଅଛନ୍ତି । ଏଣୁ ଶ୍ରୀ ଅମରେନ୍ଦ୍ର କୁମାର ପଟେଲ, ପିତା: ଅଶ୍ୱିନୀ କୁମାର ପଟେଲ, ମାତା: ଶ୍ରୀମତୀ ସୁବର୍ଣ୍ଣଲତା ପାଣ୍ଡେ ବର୍ତ୍ତମାନ ଘରଟିକୁ ତୃତୀୟ ପକ୍ଷ ହସ୍ତାନ୍ତର ନିମନ୍ତେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି । ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇ ଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ସୋମନାଥ ମହାନ୍ତିଙ୍କ ମୃତ୍ୟୁବରଣ ଯୋଗୁ ଏବଂ କୌଣସି ଉତ୍ତର ଅଧିକାରୀ ମଧ୍ୟ ପତ୍ରଗୁଡ଼ିକୁ ଗ୍ରହଣ ନ କରି ଫେରସ୍ତ କରିଅଛନ୍ତି । ଏଣୁ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଚୁକ୍ତିନାମା ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି । ଉକ୍ତ ଘରଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସ୍ୱା./– ଆବଣ୍ଟନ ଅଧିକାରୀ**



**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖରେ **୧୫.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ସମ୍ପୃକ୍ତ ତାରିଖରେ **୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି; ଖୋଲାଯିବା ତାରିଖ; କାର୍ଯ୍ୟର ସମାପ୍ତି ଅବଧି: (୧); ଇ-କେଜିପି-ସାଉଥ୍-୪୨-୨୦୨୪;** ସିନିୟର ଡିଇଏନ୍ (ସାଉଥ୍)/କେଜିପିଙ୍କ ଅଧୀନରେ ନଅ (୦୯) ଟି ଷ୍ଟେଶନରେ ଅତି ପୁରୁଣା/ଧ୍ୱଂସପ୍ରାପ୍ତ ଷ୍ଟିଲ୍ ଟାଙ୍କିଗୁଡ଼ିକୁ ଆର୍‌ସିସି ଓଭରହେଡ୍ ଟାଙ୍କି (୧,୦୦,୦୦୦ ଲିଟର କ୍ଷମତା ପର୍ଯ୍ୟନ୍ତ) ଦ୍ୱାରା ପ୍ରତିବଦଳ କରିବା (୨ୟ କଲ୍); ₹୧୦,୧୪,୨୮,୭୨୧.୨୫; ₹୬,୫୭,୨୦୦.୦୦; ତା୨୯।୧୦।୨୦୨୪; ୧୨ ମାସ । **(୨); ଇ-କେଜିପି-ସାଉଥ୍-୪୩-୨୦୨୪;** ସିନିୟର ଡିଇଏନ୍(ସାଉଥ୍)/ ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର-ବିଏଚ୍‌ସି ସେକ୍ସନରେ କଣ୍ଟ୍ରାକ୍ଟର୍ସ ସେଲ୍ଫ-ପ୍ରପେଲ୍ଡ ରେଲ୍ ତଥା ରୋଡ୍/ମୋବାଇଲ ଫ୍ଲାଶ୍ ବଟ୍ ୱେଲଡିଂ ପ୍ଲାଣ୍ଟ, ଟୁଲ୍ସ, ଇକ୍ୱିପମେଣ୍ଟ ଓ କନଜ୍ୟୁମେବଲ୍ସ ବ୍ୟବହାର କରି ଟ୍ରାଫିକ୍ ବ୍ଲକ୍ ଅଧୀନରେ ସେସ୍/ଇନ୍-ସିଟୁ ଉପରେ ୬୦ କିଗ୍ରା ୯୦ ୟୁଟିଏସ୍ ରେଲ୍ସର ଫ୍ଲାଶ୍ ବଟ୍ ୱେଲଡିଂ; ₹୬୬,୩୮,୮୮୨.୮୬; ₹୧,୩୨,୮୦୦.୦୦; ତା୦୧।୧୧।୨୦୨୪; ୧୮ ମାସ । **(୩); ଇ-କେଜିପି-ଏଚ୍‌କ୍ୟୁ-୩୩-୨୦୨୪;** ଖଡ଼ଗପୁର ଡିଭିଜନ ପାଇଁ ୫୦ ମିମି ଗେଜ୍ ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶଡ୍ ବାଲାଷ୍ଟ ଯୋଗାଣ ଏବଂ ତାହାକୁ ବାକୁଡିହ/ବଡ଼ହରଓ୍ୱା ଡିପୋରେ ଲୋଡିଂ କରିବା (୫୧,୬୮୮ ସିୟୁଏମ୍); ₹୬,୭୪,୯୧,୦୮୯.୧୨; ₹୪,୮୭,୫୦୦.୦୦; ୦୧।୧୧।୨୦୨୪; ୦୬ ମାସ । **(୪); ଇ-କେଜିପି-ଏଚ୍‌କ୍ୟୁ-୩୪-୨୦୨୪;** ଏଇଏନ୍/ ଡବ୍ଲ୍ୟୁଡବ୍ଲ୍ୟୁ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ସେଟଲମେଣ୍ଟଠାରେ ୧୪ ଗୋଟି ୧ ଲକ୍ଷ ଗ୍ୟାଲନ୍ କ୍ଷମତାର ଆର୍‌ସିସି ପାଣି ଟାଙ୍କିର ମରାମତି ଓ ପୁନରୁଦ୍ଧାର ସମେତ ପେଣ୍ଟିଂ, ସଫେଇ ତଥା ବିଭିନ୍ନ ଷ୍ଟିଲ୍ ପାଣି ଟାଙ୍କିର ପେଣ୍ଟିଂ; ₹୧,୪୧,୫୨,୪୯୪.୦୦; ₹୨,୨୦,୮୦୦.୦୦; ୦୧।୧୧।୨୦୨୪; ୦୬ ମାସ । **(୫); ଇ-କେଜିପି-ଏଚ୍‌କ୍ୟୁ-୩୫-୨୦୨୪;** ଏଡିଇଏନ୍/ ଟିଏମ୍‌ଜେଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ପାଂସକୁରା-ହଳଦିଆ ସେକ୍ସନରେ ୩୨ କିମି ପାଇଁ ବିସିଏମ୍ (୧୬.୨୫୬-୨୮.୭୨୪, ୨୮.୭୨୪-୪୪.୨୬୯ ଏବଂ ୮.୯୩୪-୧୨.୯୨୧) ଏବଂ ଅନ୍ୟାନ୍ୟ ଯାବତୀୟ ପି.ୱେ କାର୍ଯ୍ୟ; ₹୨,୨୪,୧୮,୬୬୪.୬୮; ₹୨,୬୨,୧୦୦.୦୦; ୦୧।୧୧।୨୦୨୪; ୦୬ ମାସ । **(୬); ଇ-କେଜିପି-ଏଚ୍‌କ୍ୟୁ-୩୬-୨୦୨୪;** ଏଡିଇଏନ୍/ସେଟଲମେଣ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରେଲୱେ ପରିତ୍ୟକ୍ତ ସ୍ଲିପର୍ସ ସହିତ ଏଣ୍ଡ ଟୁ ଏଣ୍ଡ ବାଉଣ୍ଡରୀ ୱାଲ୍ ଭାବେ ରିଲିଜ୍ଡ ରେଲୱେ ସ୍ଲିପର୍ସର ଯୋଗାଣ ଓ ଫିକ୍ସିଂ ; **₹୫୫,୩୫,୩୯୯.୫୨;** ₹୧,୧୦,୭୦୦.୦୦; ୦୧।୧୧।୨୦୨୪; ୦୪ ମାସ । **ସମସ୍ତ ଦସ୍ତାବିଜ ପାଇଁ ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ବିଡିଂ ଆରମ୍ଭ ତାରିଖ: କ୍ର. ସଂ. ୧ ପାଇଁ ତା୧୫।୧୦।୨୦୨୪ରିଖରୁ ତା୨୯।୧୦।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୨ରୁ ୬ ପାଇଁ ତା୧୮।୧୦।୨୦୨୪ରିଖରୁ ତା୦୧।୧୧।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।** ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-705)



**TPNODL**
**TP NORTHERN ODISHA DISTRIBUTION LIMITED**
(A Tata power and Odisha Govt. Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) October 18th, 2024**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2024-25/2500000799 | One year Rate Contract for deployment Of Manpower For FM Management Services at PAN TPNODL |
| 2 | TPNODL/OT/2024-25/2500000807 | One year Rate Contract for deployment Of Manpower For Office Management Services at PAN TPNODL |

* MSMEs registered in the State of Odisha shall pay tender fee of **Rs.1,000/-** including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief-Contracts & MM**


**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଆର୍ଟି



@ ନିକିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**झारखण्ड सरकार**
**कार्यपालक अभियंता का कार्यालय**
पथ निर्माण विभाग, पथ प्रमण्डल, मनोहरपुर।
eercdmanohar-jhr@nic.in

**शुद्धि पत्र**

इस कार्यालय द्वारा निकाली गई ई– निविदा आमंत्रण सूचना संख्या – **RCD/MANOHARPUR/08/2024-25** दिनांक : **01.10.2024** जिसका PR 337902 (West Singhbhum) 24-25 (D) एवं PR 338301 (West Singhbhum) 24-25 (D) को अपरिहार्य कारण से अगले आदेश तक रद्द किया जाता है।

**कार्यपालक अभियंता,**
प0नि0वि0, पथ प्रमण्डल,
मनोहरपुर।
PR 339213 (West Singhbhum) 24-25 (D)



**DISTRICT EDUCATION OFFICE, SUNDARGARH**

Email : deosundergarh30@gmail.com / Ph. No. - 06622-291077
Tender No. : 15848 / Date : 15.10.2024

**INVITATION TO TENDER FOR SELECTION OF TRAVEL AGENCY FOR PROVIDING BUS SERVICES TO DIFFERENT OAVs & COLLEGES OF SUNDARGARH DISTRICT UNDER DISTRICT MINERAL FOUNDATION, SUNDARGARH**

The Governor of Odisha, represented through the Office of the District Education Officer (DEO), Sundargarh, Government of Odisha, invites sealed technical and financial bids (tender) from eligible Bidder for **"SELECTION OF TRAVEL AGENCY FOR PROVIDING BUS SERVICES TO DIFFERENT OAVs & COLLEGES OF SUNDARGARH DISTRICT UNDER DISTRICT MINERAL FOUNDATION, SUNDARGARH"**. Bidders fulfilling the prescribed eligibility criteria of the Tender can access and download the complete tender Document and other details from https://sundargarh.odisha.gov.in/

The major events under the bid process are :

| Sl. No. | List of key Events | Critical Dates |
|---|---|---|
| 1 | Date of issue of Tender | 18.10.2024 |
| 2 | Date of Pre-Bid Meeting | 28.10.2024 at 12.00 P.M. |
| 3 | Deadline for submission of Pre-Bid Query | 28.10.2024 at 11.00 A.M. by email |
| 4 | Issue of Pre-Bid Clarifications | Via online mode website |
| 5 | Last Date for Submission of Bid | 13.11.2024 by 12.00 P.M. |
| 6 | Date of opening of Technical Bid | 13.11.2024 at 3.30 P.M. |
| 7 | Date of opening of Financial Bid | To be intimated to selected Bidders at later stage |
| 8 | EMD | Rs. 10,00,000/- in favour of DEO, Sundargarh in shape of DD (Details have been mentioned in this document) |

The bid complete in all respects must reach the undersigned by Speed Post / Registered Post only latest by 13.11.2024 before 12.00 P.M. in a sealed envelope clearly mentioning on the top of it " Selection of Travel Agency for providing bus services to different OAVs & Colleges of Sundargarh, Odisha under District Mineral Foundation, Sundargarh". The Bids received beyond the last date and time will be rejected. The authority reserves the right to reject any/all bids without assigning any reason thereof. Any addendum / corrigendum for the above will be published in the above website only.

Address for Submission of bids :
**DISTRICT EDUCATION OFFICE, SUNDARGARH**
In front of Collector Residence, At/PO/Dist. : Sundargarh,
PIN - 770001, Odisha
Email : **deosundergarh30@gmail.com**, Phone - **06622-291077**

**Sd./-**
**District Education Officer, Sundargarh**

# ସର୍ଭେରେ ଅଟକିଛି ଫ୍ଲାଏଓଭର ବ୍ରିଜ ନିର୍ମାଣ

**ଲାଠୋର, ୧୭।୧୦ (ଭୁବନେଶ୍ୱର ବାରିକ)**



ରେଳ ଫାଟକ ପଡ଼ିବା ପରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ।

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଫାଟକଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ରେଳ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ସର୍ଭେ ହୋଇ ସଏଲ ଟେଷ୍ଟ କରାଯାଇଛି। କିନ୍ତୁ ଆଜିଯାଏ ବ୍ରିଜ ନିର୍ମାଣ କରାଯାଇ ନ ଥିବା ଯୋଗୁ ସାଧାରଣ ଲୋକ ଯିବା ଆସିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବ୍ରିଜ ନିର୍ମାଣକୁ ନେଇ ବିଭିନ୍ନ ସଙ୍ଗଠନ ତଥା ସାଧାରଣ ଲୋକ ଆନ୍ଦୋଳନ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଦୀର୍ଘ ବର୍ଷରୁ ହରିଶଙ୍କର ରୋଡ ରେଳ ଷ୍ଟେଶନ(ଲାଠୋର) ଦେଇ ରେଳ ଚଳାଚଳ କରୁଛି। ବର୍ତ୍ତମାନ ଡ଼ବଲ ଲାଇନରେ ପ୍ରତି ୩୦ ମିନିଟରେ ରେଳ ଯିବା ଆସିବା କରୁଛି। ରେଳ ଯିବା ଆସିବା ସମୟରେ ଫାଟକ ବନ୍ଦ ରହୁଛି। ଏଥିଯୋଗୁ ସେଠାରେ ଦୀର୍ଘ ସମୟ ଧରି ଦୁଇଚକିଆ, ଚାରିଚକିଆ ଯାନବାହାନ ଅଟକି ରହୁଛି। ଏପରି କି ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ଅଟକି ରହିବା ଦେଖିବାକୁ ମିଳୁଛି। ଫଳରେ ଗୁରୁତର ରୋଗୀମାନଙ୍କ ଜୀବନ ପ୍ରତି ବିପଦ ରହୁଛି। ଅପରପକ୍ଷେ ଅଧିକ ସଂଖ୍ୟାରେ ଗାଡ଼ି ମୋଟର ଫାଟକଠାରେ ଦୀର୍ଘ ସମୟ ଅଟକି ରହିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ବିଶେଷ କରି ରୋଗୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର ତଥା ସରକାରୀ କର୍ମଚାରୀ ସମସ୍ୟାରେ ପଡୁଛନ୍ତି। ସପ୍ତାହର ରବିବାର ଓ ବୁଧବାର ହାଟପାଳି ଥିବାରୁ ଫାଟକ ପଡ଼ିଲେ ପରିସ୍ଥିତି ସଙ୍ଗୀନ ହୋଇ ଯାଉଛି। ସେଠାରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୋଲିସକୁ ମଧ୍ୟ ନାକେଦମ୍ ହେବାକୁ ପଡୁଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଅଞ୍ଚଳର ବିଭିନ୍ନ ସଙ୍ଗଠନ ତଥା ସାଧାରଣ ଲୋକ ଆନ୍ଦୋଳନ କରିବାରୁ ରେଳ ବିଭାଗ ପକ୍ଷରୁ ଫାଟକଠାରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରତଶ୍ରୁତି ଅନୁସାରେ ଫ୍ଲାଏଓଭର ନିର୍ମାଣ ପାଇଁ ସର୍ଭେ କରାଯିବା ସହ ସଏଲ୍ ଟେଷ୍ଟ ମଧ୍ୟ କରାଗଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାମ ଆରମ୍ଭ କରାଗଲା ନାହିଁ। ଫଳରେ

**■ ଫାଟକ ପଡ଼ିଲେ ଟ୍ରାଫିକ ସମସ୍ୟା**

**■ ଦୀର୍ଘ ସମୟ ଧରି ଅଟକି ରହୁଛି ଆମ୍ବୁଲାନ୍ସ**

ଦିନକୁ ଦିନ ସମସ୍ୟା ବଢିବାରେ ଲାଗିଛି। ଯେତେ ଦିନ ପର୍ଯ୍ୟନ୍ତ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହୋଇନାହିଁ ସେ ପର୍ଯ୍ୟନ୍ତ ଅଣ୍ଡର ଗ୍ରାଉଣ୍ଡ ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ ତାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏନେଇ କଣ୍ଟାବାଞ୍ଜି ଆଇଓଡ଼ବ୍ଲୁ ମାନସ ରଞ୍ଜନ ବେହେରାଙ୍କୁ ପଚାରିବାରେ ଫ୍ଲାଏ ଓଭର ବ୍ରିଜ ରାଜ୍ୟ ସରକାର ଏବଂ ରେଳ ବିଭାଗ ମିଳିତଭାବେ କରିଥାନ୍ତି। ଡ଼ିଭିଜନ ଅଫିସରେ ଆଲୋଚନା ହୋଇ ସ୍ଥିର ହୋଇଥାଏ । ଅଣ୍ଡର ଗ୍ରାଉଣ୍ଡ ରାସ୍ତା ସେଠାରେ ହୋଇପାରିବ ନାହିଁ, ଅନ୍ୟ ସ୍ଥାନରେ ହେବ ବୋଲି କହିଥିଲେ। ତେବେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏବଂ ରେଳ ବିଭାଗ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜିଲା କୁଲତା ସମାଜର ଶାରଦୀୟ ବାର୍ଷିକୋତ୍ସବ



ଜିଲା କୁଲତା ସମାଜର ଶାରଦୀୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର, ୧୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ହର୍ଡାଟାଲ ରଣେଶ୍ୱର ରାମଚଣ୍ଡି ମନ୍ଦିର ପରିସରସ୍ଥ ହର୍ଡାଟାଲ କେନ୍ଦ୍ରରେ ଜିଲା କୁଲତା ସମାଜର ଶାରଦୀୟ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି। ବଲାଙ୍ଗୀର ଜିଲା କୁଲତା ସମାଜ ସଭାପତି ବେଲାରସିଂ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବରଗଡ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଅଧ୍ୟାପିକା ଗାୟତ୍ରୀ ବିଶ୍ୱାଳ, କୁନ୍ତଳା ଗଡତ୍ୟା, ଜ୍ୟୋସ୍ନାମୟୀ ପଧାନ, ଡା. ଇତିଶ୍ରୀ ପଧାନ ମଞ୍ଚାସୀନ ହୋଇଥିଲେ । ଭକ୍ତବନ୍ଧୁ ବିଶ୍ୱାଲ, ରଘୁନାଥ ସାହୁ ଓ କ୍ଷମାନିଧି ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ୩୩ଟି ଆଞ୍ଚଳିକ କମିଟି ସଦସ୍ୟାସଦସ୍ୟମାନେ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂଜକ ଶୁକ୍ରୁ ଭୋଇ, ଚିନ୍ତା ପଧାନ ଓ ଅସକଟ ପଧାନ ରଣେଶ୍ୱର ରାମଚଣ୍ଡିଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ଯଜ୍ଞ କାର୍ଯ୍ୟ ଶାସ୍ତ୍ରୀ ଗୌତମ ବିଶ୍ୱାଲ, ପୂର୍ଣ୍ଣାନନ୍ଦ ଭୋଇ ଓ ଆନନ୍ଦ ଶାସ୍ତ୍ରୀ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପୁରୁଷ ମହିଳା ଆଞ୍ଚଳିକ ସ୍ତରରେ ଯୋଗଦାନ କରି ପୂଜାର୍ଚ୍ଚନା କରିଥିଲେ। ଶତ୍ରୁଘ୍ନ ଭୋଇ, ବେଲାରସିଂ ସାହୁ, ଉମେଶ ଚନ୍ଦ୍ର ଗଡତ୍ୟା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ନବୀନଙ୍କ ଜନ୍ମଦିନ ପାଳିତ

**ଟିଟିଲାଗଡ଼, ୧୭।୧୦ (ଶରତ ମିଶ୍ର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ବୁଧବାର ଟିଟିଲାଗଡ଼ ବିଜେଡ଼ି ପକ୍ଷରୁ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତା ରାଜେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ସଭାରେ ଦଳର ନଗର ସଭାପତି ରଞ୍ଜିତ ପୃଷ୍ଟି ଯୋଗଦେଇ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ବିଜେଡ଼ି ନିଜ ଶକ୍ତି ପ୍ରଦର୍ଶନ କରିବ ବୋଲି କହିଥିଲେ। ସଭାରେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଉପାଧ୍ୟକ୍ଷ ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ବ୍ଲକ ବିଜେଡ଼ି ସଭାପତି ପଦ୍ମଲୋଚନ ପୋଢ଼, ଦେବାଶିଷ ସୌରା, ଭରତ ତାଣ୍ଡି, କୃଷ୍ଣଚନ୍ଦ୍ର ହାତୀ, ଅରୁଣ ବାଗ, ଲଳିତ ସାହୁ, ରମାକାନ୍ତି ପୁଟେଲ, ଧ୍ରୁବ ସାହୁ, ସମିତି ସଭ୍ୟ ଜୟପ୍ରସାଦ ନାଏକ, ଦୀପକ ବେହେରାଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଓ ନେତା ଉପସ୍ଥିତ ଥିଲେ ।

### ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା

**ଲୋଇସିଂହା, ୧୭।୧୦ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହାର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ପଞ୍ଚବାଦ୍ୟ ତାଳେ ତାଳେ ଦେବୀ ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲେ। ଲୋଇସିଂହା ବସ୍ତିର ପ୍ରତ୍ୟେକ ଅଗଣାରେ ଲିପାପୋଛା କରି ପ୍ରତି ପରିବାରର ମୁଖ୍ୟ ଦେବୀଙ୍କ ଆଗମନ ସମୟରେ ଭକ୍ତିର ସହ ଧୂପ, ଦୀପ, ଅର୍ଘ୍ୟ ଦେଇ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଯାତ୍ରା ହୋଇଥିଲା। ପ୍ରତିବର୍ଷ ପରି ସମଲେଶ୍ୱରୀଙ୍କ ପୀଠରେ ପୁଅ ଜିଉଁତିଆ ଦିନରୁ ଷୋହଳ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଆଶ୍ୱିନ କୃଷ୍ଣ ଅମାବାସ୍ୟାରେ ଧବଳମୁଖୀ ବେଶ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ପୀଠରେ ଦଶହରା ପୂଜା ପୂର୍ବଦିନ ଦେବୀଙ୍କ ସ୍କନ୍ଦମାତା ପୂଜା ହୋଇଥିଲା। ଷଷ୍ଠୀ ତିଥିରେ ବିଲ୍ୱାଧିବାସ କର୍ଣ୍ଣ ତଥା ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇ କାତ୍ୟାୟନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସପ୍ତମୀରେ ଦେବୀ କାଳରାତ୍ରୀ ବେଶରେ, ମହାଷ୍ଟମୀରେ ଚଣ୍ଡୀପାଠ ହୋଇଥିବା ବେଳେ ମହାଗୌରୀ ପୂଜା ପାଇଥିଲେ। ନବମୀରେ ସିଦ୍ଧିଦାତ୍ରୀ ଓ ଦଶମୀରେ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ । ସେହିଦିନ ଦୀପ ଓ ଘଣ୍ଟ ବିସର୍ଜନ କରାଯାଇଥିଲା। ଛତର ଯାତ୍ରା ପାଇଁ ବୁଧବାର ପାହୁର ଯାତ୍ରା ହୋଇଥିଲା। ଗୁରୁବାର ସକାଳେ ଦେବୀଙ୍କ ପୂଜା ଓ ମଧ୍ୟାହ୍ନରେ ବରୁଆ ଉଭା ହୋଇଥିଲେ। ଅପରାହ୍ନରେ ଛତର ଯାତ୍ରା ହୋଇଥିଲା। ଦଶହରା ସମୟରେ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ହିଁ ଦେବୀଙ୍କ ଛତର ଧରିଥାନ୍ତି। ପୂଜା କର୍ତ୍ତା ରଞ୍ଜନ ବେହେରା ଛତର ଧରି ନଗର ପରିକ୍ରମା କରିଥିଲେ। ଶାରଳା ପୀଠର ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଉକ୍ତ ଛତର ଯାତ୍ରା ଅନୁଷ୍ଠିତ ହୋଇଥିଲା।



ଗଜଲକ୍ଷ୍ମୀ ପୂଜା ପାଇଁ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।



ନାଳଖଣ୍ଡିପଡାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ ।

# ବଲାଙ୍ଗୀର ନାଳଖଣ୍ଡିପଡ଼ା ୫୨ତମ ଗଜଲକ୍ଷ୍ମୀ ପୂଜା

**ବଲାଙ୍ଗୀର, ୧୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରର ନାଳଖଣ୍ଡିପଡାଠାରେ ଚଳିତବର୍ଷ ୫୨ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ନାଳଖଣ୍ଡିପଡାର ଶ୍ରଦ୍ଧାଳୁ, ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟଗଣ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସ୍ଥାନୀୟ ମହାରାଣୀସାଗରଠାରୁ କଳସରେ ପାଣି ଆଣି ଏକ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ଲଗ୍ନ ଅନୁଯାୟୀ ପୂଜକଙ୍କ ଦ୍ୱାରା ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଏଥର କର୍ତ୍ତା ଭାବେ କଲ୍ୟାଣ ସାହାଣୀ ଓ ତାଙ୍କ ସ୍ତ୍ରୀ ରୋଜାଲିନ ସାହାଣୀ ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଆଳତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୂଜା କମିଟି ସଭାପତି ଲଳିତ ପଣ୍ଡା, ଶୁଭସ୍ମିତା ପଣ୍ଡା, ଦିଲୀପ ଶତପଥୀ, ସୁଜାତା, ଗଜାନନ, ପଞ୍ଚା, ଗଙ୍ଗା, ବଣ୍ଟି, ଲକ୍ଷ୍ମୀକାନ୍ତ, ପ୍ରାଚୀ, ହରିପ୍ରିୟା, ପୁଷ୍ପାଞ୍ଜଳି, ପଲ୍ଲବିନୀ ଓ ବାବୁ ପୂଜାରୀଙ୍କ ସମେତ କମିଟିର ବହୁ ସଦସ୍ୟ ସହଯୋଗ କରୁଛନ୍ତି। ନିଷ୍ଠାର ସହ ପୂଜାର୍ଚ୍ଚନା ଚାଲିଥିବାରୁ ସେଠାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ଶ୍ରଦ୍ଧାଳୁମାନେ କହିଛନ୍ତି।

## ଭାଗବତ ମହୋତ୍ସବ ଉଦ୍‌ଯାପିତ

**ଲୋଇସିଂହା, ୧୭।୧୦ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡାରେ ଗତ ୩ ଦିନ ଧରି ଚାଲିଥିବା ୮୦ତମ ଭଗବତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ମହୋତ୍ସବରେ ମେଣ୍ଡା ମଠ ମହନ୍ତ ପୁରୁଷୋତ୍ତମ ଦାସ ପୌରୋହିତ୍ୟ କରିଥିଲେ। ବ୍ୟାସ ସୁଯୋଗ ମିଶ୍ର, ସୁଦାମ ମିଶ୍ର ଓ ରାଜକିଶୋର ମିଶ୍ର ପ୍ରମୁଖ ଭାଗବତ ପାରାୟଣ କରିଥିଲେ । ଭାଗବତ ମହୋତ୍ସବର ବିଭିନ୍ନ ଦିବସର ସନ୍ଧ୍ୟା ସମାରୋହରେ ମହାରାଜ ପରକ୍ଷିତ ମିଶ୍ର, ଗିରଧାରୀ ମିଶ୍ର, ମନୋରଞ୍ଜନ ବାଘ, ମାନଭଞ୍ଜନ ଦାସ ଓ ନାରାୟଣ ମିଶ୍ର ଯୋଗଦେଇ ଭାଗବତ କଥାମୃତ ଆଲୋଚନା କରିଥିଲେ । ଏଥିରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭାଗ ନେଇ ଭାଗବତ ଜ୍ଞାନ ଆହରଣ କରିଥିଲେ। ମହୋତ୍ସବ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ୮୦ ବର୍ଷ ଧରି ଭାଗବତ ମହୋତ୍ସବ ପାଳିତ ହୋଇ ଆସୁଛି ।

## ରାମଜୀ ନାଟକ ସଂସଦ ପକ୍ଷରୁ ନାଟକ ମହିଷାମର୍ଦ୍ଦିନୀ ମଞ୍ଚସ୍ଥ



ମହିଷାମର୍ଦ୍ଦିନୀ ନାଟକର ଏକ ଦୃଶ୍ୟ ।

**ବଲାଙ୍ଗୀର, ୧୭।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମଜୀ ନାଟକ ସଂସଦ ପକ୍ଷରୁ ମହିଷାମର୍ଦ୍ଦିନୀ ନାଟକ ମଞ୍ଚସ୍ଥ ହୋଇଛି। ଗୁରୁଶ୍ରୀ ବାଲମୁକୁନ୍ଦ ବେହେରା ମଞ୍ଚ ପୂଜା ପରେ ନାଟକ ଆରମ୍ଭ ହୋଇଥିଲା। ଶ୍ରୀୟା ପଟେଲ ନାଟକ ପରିଚାଳନା କରିଥିଲେ । ଏହି ନାଟକରେ ଡା. ରୁଦ୍ର ନାରାୟଣ ପଟେଲ, ଦୁର୍ଗା ମାନସ ରଞ୍ଜନ ସାହୁ, ଦେବେଶ ଦର୍ଜୀ, ରାଜେଶ ସ୍ୱାଇଁ, କୁମୁଦ ନାୟକ, ଅମିତ ବେହେରା, ଲଳିତ ପୂଝାରୀ, ଜିତେନ୍ଦ୍ର ବଢିଆ, ଆନନ୍ଦ କୁମାର ମିଶ୍ର, ଅରୁଣ କୁମାର ରାଉତ, ସଞ୍ଜୀବ ସାହାଣୀ ଅଭିନୟ କରିଥିଲେ। ରାଜେଶ ସ୍ୱାଇଁ, ଘନଶ୍ୟାମ ସାଏ, ସୁବ୍ରତ ପଟ୍ଟନାୟକ, ଚିଦାନନ୍ଦ ବେହେରା, ଶୈଳିନ କୁମାର ବାବୁ. ଜୟନ୍ତ ନାଏକ, ସତ୍ୟ ଚୋପଦାର, ଅମିତ ବେହେରା, ଘୁଣ୍ଟୁ ଗୋପାଳ ମିଶ୍ର, ଟିଙ୍କୁ ବରିହା, ଦୁଷ୍ମନ୍ତ ପଟେଲ, ରାମ ପ୍ରସାଦ ସାହୁ, ପ୍ରୀତମ ପଟେଲ, ହିମାଂଶୁ ଯୋଷୀ, ଝସକେତନ ବେହେରା ଓ କ୍ଷେତ୍ର ବନଛୋର ମଧ୍ୟ ଅଭିନୟ କରିଥିଲେ । ବାଦ୍ୟରେ କୁଶ ଭୋଇ, ଦୀପକ ଷଡଙ୍ଗୀ, ଦିଲୀପ କୁମାର ସିଂଦେଓ, ପୀତବାସ ବେହେରା, ଗୁଣନିଧି ବେହେରା, ଶ୍ରୀକାନ୍ତ ଦାସ ସହଯୋଗ କରିଥିଲେ । ଗାୟନରେ ବସୁଦେବ ବେହେରା ଓ ସୁଶାନ୍ତ ଚୋପଦାର ସହଯୋଗ କରିଥିଲେ।

# ୮ ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ: ଲୋକେ ହନ୍ତସନ୍ତ

**ଗୁଡଭେଲା, ୧୭।୧୦ (ମନୋଜ କୁମାର ଜୈନ)**

**ଗୁଡଭେଲା ଗ୍ରୀଡ୍‌ରୁ ବିଦ୍ୟୁତ୍ ଯୋଗାଣ ବନ୍ଦ**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୮ଟି ଗ୍ରାମ ପଞ୍ଚାୟତରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବ୍ଲକ ଅଧ୍ୟକ୍ଷା ବେବୀ ଦୋରାଙ୍କ ନିକଟରେ ଗୁରୁବାର ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଗୁଡଭେଲା ବ୍ଲକର ଗମ୍ଭାରୀଗୁଡା, ଜାମୁଟ, ଘୁନା, ବିରାମୁଣ୍ଡା, ଗୁଡଭେଲା, ଦେଉଳଗୁଡି, ତେନ୍ତୁଳିଖୁଣ୍ଟି, ମାଢେକେଲା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଧିକାଂଶ ସମୟରେ ବିଦ୍ୟୁତ ରହୁନାହିଁ । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହେବା ସହ ଦୋକାନ ବଜାରରେ ବିକ୍ରି ମାନ୍ଦା ହେଉଛି । ଏବେ କିଛି ଦିନ ହେଲା ଗୁଡଭେଲା ଗ୍ରୀଡରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ଦୁଷରା ଗ୍ରୀଡରୁ ବିଦ୍ୟୁତ୍ ଯୋଗାଣ ହେଉଥିବା ବେଳେ ସାମାନ୍ୟ ପବନ ହେଲେ ଲାଇନ ରହୁନାହିଁ । ଲୋ-ଭୋଲଟେଜ ସମସ୍ୟା ସହ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହୁଛି । ଏପରି କି ବେଳେ ବେଳେ ୮ରୁ ୧୦ ଘଣ୍ଟା ବିଦ୍ୟୁତ ରହୁନାହିଁ। ବିଦ୍ୟୁତ୍ ବିଭ୍ରାଟ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ରାସ୍ତା ଅବରୋଧ କରିବା ସହ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଯଥାଶୀଘ୍ର ଦୃଷ୍ଟିଦେଇ ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ। ଏନେଇ ଗୁଡଭେଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜାମୁଟ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଅଶୋକ ଚନ୍ଦ୍ର ଦୋରା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ଯେ, ଗୁଡଭେଲାରେ କରାଯାଇଥିବା ଗ୍ରୀଡ କାମ ନିମ୍ନମାନର ହୋଇଥିବାରୁ ବର୍ଷେ ନ ପୁରୁଣୁ ଖରାପ ହୋଇ ଗଲାଣି। ତୁରନ୍ତ ଏହାର ତଦନ୍ତ କରାଯିବା ସହ ପୂର୍ବପରି ଗୁଡଭେଲା ଗ୍ରୀଡରୁ ବିଦ୍ୟୁତ ଯୋଗାଣ କରିବାକୁ ସେ ଦାବି କରିଛନ୍ତି।

## ଟିଟିଲାଗଡ଼ର ନିଶିତଙ୍କ ସଫଳତା

**ଟିଟିଲାଗଡ଼, ୧୭।୧୦ (ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ର ପୁଅ ନିଶିତ ପୁରୋହିତ ଆମେରିକାର ଭର୍ଜିନିଆରେ ଓରାଲ ଆନାଲିଟିକାଲ କେମିଷ୍ଟ୍ରିରେ ଅଂଶଗ୍ରହଣ କରି ପ୍ରଥମ ହୋଇଛନ୍ତି। ପ୍ରଥମ ସ୍ଥାନ ଲାଭ କରିଥିବାରୁ ସେ ସେଠାରେ ଆନାଲିଟିକାଲ କେମିଷ୍ଟ୍ରିର ଡ. ଡୋଗଲାସଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ବର୍ତ୍ତମାନ ନିଶିତ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ସେ ଟିଟିଲାଗଡ ନିବାସୀ ସଦାନନ୍ଦ ପୁରୋହିତଙ୍କ ପୁତ୍ର। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।



ନିଶିତ ପୁରୋହିତଙ୍କୁ ପୁରସ୍କୃତ କରାଯାଉଛି ।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ବେଲପଡ଼ା, ୧୭।୧୦ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ଥାନା ସଲଣ୍ଡି ଗ୍ରାମର ଜ୍ଞାନ ପ୍ରକାଶ ବେହେରା(୨୭)ଙ୍କ ଗଳିତ ମୃତଦେହ ବୁଢ଼ାଡଙ୍ଗର ପାହାଡ଼ ଉପରୁ ଗୁରୁବାର ପୋଲିସ ଜବତ କରିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସଲଣ୍ଡି ଗ୍ରାମର ଜ୍ଞାନପ୍ରକାଶ ଏକ ବାଇକ୍ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିବା ବେଳେ ଗତ ୧୪ ତାରିଖରୁ ଘରୁ ନିଖୋଜ ଥିଲେ। ଏନେଇ ପରିବାର ଲୋକେ ବେଲପଡା ଥାନାରେ ଲିଖିତ



ମୃତ ଜ୍ଞାନପ୍ରକାଶ ବେହେରାଙ୍କ ଫାଇଲ ଫଟୋ ।

**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଅଭିଯୋଗ କରିଥିଲେ। ପରିବାର ଲୋକେ ଓ ପୋଲିସ ବହୁ ଖୋଜାଖୋଜି କଲା ପରେ ମଧ୍ୟ ତାଙ୍କର ପତ୍ତା ମିଳି ପାରି ନ ଥିଲା। ଗୁରୁବାର କେତେଜଣ ବ୍ୟକ୍ତି ଛେଳି ଚରାଇବାକୁ ବାଗଦୋର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଥୁଡିବାହାଲ ଗ୍ରାମର ବୁଢାଡଙ୍ଗର ପାହାଡ଼କୁ ଯାଇଥିବା ବେଳେ ସେଠାରେ ଏକ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ମୃତଦେହ ଜ୍ଞାନପ୍ରକାଶଙ୍କର ବୋଲି ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକେ ଚିହ୍ନଟ କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଥିଲା। ଏସ୍‌ଡ଼ିପିଓ ସଦାନନ୍ଦ ପୂଝାରୀ ଓ ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ଜଣାପଡିନାହିଁ। ଫରେନସିକ୍ ରିପୋର୍ଟ ଆସିଲା ପରେ ଏହା ଜଣାପଡିବ ବୋଲି ବେଲପଡା ଥାନାଧିକାରୀ ଅନନ୍ତ କୁମାର ପଧାନ ପ୍ରକାଶ କରିଛନ୍ତି। ଏନେଇ ବେଲପଡା ଥାନାରେ ନଂ ୨୯୩/୨୦୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପାଣିରେ ବୁଡ଼ି କରମା ଗାୟକଙ୍କ ମୃତ୍ୟୁ

ବିନିକା, ୧୭।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗଣିଆ ଫାଣ୍ଡି ଭିମଟିକ୍ରା ଗ୍ରାମର ଜଣେ ବ୍ୟକ୍ତି ଗୁରୁବାର ଗାଧୋଉଥିବା ବେଳେ ଗୁରୁବାର ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗାଁର ବେଦବ୍ୟାସ ଭୂଏ। ଦିନ ପ୍ରାୟ ୧ଟା ସମୟରେ ଗ୍ରାମର ପଥରିଆ ବନ୍ଧରେ ଶୌଚଚ ବେଳେ ସେ ପାଣିରେ ବୁଡ଼ି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ଡ଼ାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ବେଦବ୍ୟାସଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟାସଦେବ କରମା ଗାୟକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ ।

### ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତୁତି



ବିନିକା,୧୭।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଶୁଳିଆଗୁଡ଼ିଠାରେ ଗୁରୁବାର ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଦିବାସୀ ସଂଘର ଏକ ପ୍ରସ୍ତୁତି ବୈଠକ ପ୍ରମୋଦ ଲବଣିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ସଭାପତି ବିରଞ୍ଚି କୁଅଁର, ସମ୍ମାନୀତ ଅତିଥିଭାବେ ନଗର ସଭାପତି କରଞ୍ଜିତ ଭୋଇ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।ଏଠାରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାପତି ପ୍ରମୋଦ ଲବଣିଆ, ଉପସଭାପତି ସୀତାଂଶୁ ଲବଣିଆ, ସାଧାରଣ ସମ୍ପାଦକ ଯୋଗୀନ୍ଦ୍ର ମୁଣ୍ଡା, କୋଷାଧକ୍ଷଭାବେ ଗୋପାଳ ମୁଣ୍ଡାଙ୍କୁ ରଖାଯାଇଛି। ସଦସ୍ୟଭାବେ ଅଶୋକ ଡାଙ୍ଗ, ଚିରଞ୍ଜିବୀ ସାଣ୍ଡ, ଭୁବନ ସାଣ୍ଡ, ସୁବାଷ ଡାଙ୍ଗ, ମିନକେତନ ମୁଣ୍ଡା, ଜୟନ୍ତ ଡାଙ୍ଗ, ସୁଦାମ ଲବଣିଆ, ମୁକୁନ୍ଦ ମୁଣ୍ଡା ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ବୈଠକକୁ ଅଶୋକ ଡାଙ୍ଗ ପରିଚାଳନା କରିଥିବାବେଳେ ଗୋପାଳ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ୨୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ବାତିଲ

ରାଉରକେଲା,୧୭।୧୦(ସଙ୍ଗୀତା ଜେନା): ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ମରାମତି ଓ ଅନ୍ୟ କାର୍ଯ୍ୟ ପାଇଁ ଗୁରୁବାର ଏବଂ ଶୁକ୍ରବାର ୨ ଦିନ ଧରି ୨୦ରୁ ଊର୍ଦ୍ଧ୍ୱ ଟ୍ରେନ ବାତିଲ କରାଯାଇଥିବା ସୂଚନା ମିଳିଛି। ଅଳ୍ପ ଦୂରତା ବିଶିଷ୍ଟ ଉକ୍ତ ଯାତ୍ରୀବାହୀ ଟ୍ରେନ ବାତିଲ ହେବା ଯୋଗୁ ଜିଲା ଓ ପଡୋଶୀ ରାଜ୍ୟରୁ ଆସୁଥିବା ପନିପରିବା ବ୍ୟବସାୟୀ ଓ ଅନ୍ୟମାନେ ପ୍ରଭାବିତ ହୋଇଛନ୍ତି। ଉକ୍ତ ଟ୍ରେନଗୁଡ଼ିକ ଉପରେ ସ୍ଥାନୀୟ ଲୋକେ ମଧ୍ୟ ନିର୍ଭର କରିଥାନ୍ତି।

# ଯାଦବଙ୍କ ଉନ୍ନତି, ସଙ୍ଗଠନ ସୁଦୃଢ଼କୁ ଗୁରୁତ୍ୱ

ସୋନପୁର,୧୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଯାଦବ ମହାସଭା ପକ୍ଷରୁ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ବାର୍ଷିକ ପୂଜନୋତ୍ସବ ଓ ଯାଦବ ସମାଜର ବନ୍ଧୁ ମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ସହରର ଘୋଡାଘାଟପଡାସ୍ଥିତ ବୁଢିସମଲେଇ ମନ୍ଦିର ପ୍ରାଙ୍ଗଣରୁ ଗୌଡ ବାଡିଖେଳ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ପାରମ୍ପରିକ ଶୋଭାଯାତ୍ରା ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ସମଲେଶ୍ୱରୀଙ୍କଠାରେ ଶାରଦୀୟ ପୂର୍ଣ୍ଣିମା ଅବସରରେ ବିଶେଷ ପୂଜା ହୋଇଥିଲା। ପରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଯାଦବ ମହାସଭାର ସଭାପତି ତପନ ଯୁଆଡି ଏଥିରେ ସଭାପତିତ୍ୱ କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ଉନ୍ନତି ପାଇଁ ସମସ୍ତେ ଐକ୍ୟବଦ୍ଧ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷା ଓ ଆର୍ଥନୀତି କ୍ଷେତ୍ରରେ ପ୍ରଗତି ପାଇଁ ସମସ୍ତେ ସଙ୍ଗଠିତ ହେବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ



ସାଧାରଣ ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସମଲେଶ୍ୱରୀଙ୍କ ବାର୍ଷିକ ପୂଜା ଓ ଯାଦବ ସମାଜର ବନ୍ଧୁ ମିଳନ**

ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଓଡ଼ିଶା ଯାଦବ ବୁଦ୍ଧିଜୀବୀ ମଞ୍ଚ ବଲାଙ୍ଗୀର ଜିଲା ଶାଖା ସଭାପତି ଛବିଳ ବଗର୍ତ୍ତି, ଯାଦବ ବୁଦ୍ଧିଜୀବୀ ମଞ୍ଚର ଆବାହକ ଧବଳେଶ୍ୱର ବାଘ, ବରଗଡ ଜିଲା ଯାଦବ ମହାସଭାର ସଭାପତି ରାଜୁ ଘିବିଲା, ବୌଦ୍ଧ ଜିଲା ଯାଦବ ମହାସଂଘ ସମ୍ପାଦକ ଧବଳେଶ୍ୱର ମନହୀରା, ସମ୍ବଲପୁର ଜିଲା ଯାଦବ ମହାସଂଘର ସଭାପତି ବିରଞ୍ଚି ଦର୍କା ଓ କଣ୍ଟାମାଳ ଯାଦବ ମହାସଭାର ସଭାପତି ବାବୁଲାଲ ମଟାଲି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଯାଦବ ସମାଜର ସାମାଜିକ ଚଳଣି, ରୀତିନିତୀ ଓ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସମାଜର ଭାଇ ଭଉଣୀମାନେ ସଂଗଠିତ ହେବା ସହ ପରସ୍ପର ମଧ୍ୟରେ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦେଇଥିଲେ। ମନବୋଧ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୃନ୍ଦାବନ ଦୀପ ସଭାକୁ ସଂଯୋଜନା କରିଥିଲେ। ସୁରେଶ କୁମାର ଷାଣ୍ଢ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଯାଦବ ମହାସଭାର କେନ୍ଦ୍ର ସଭାପତି ଓ ସମ୍ପାଦକଙ୍କ ମଧ୍ୟରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଗଣପତି ବାଘ, ପିତବାସ ଭୋଇ ଓ ପ୍ରଫୁଲ୍ଲ ନାଏକ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଯାଦବ ସମାଜର ହଜାର ହଜାର ପ୍ରତିନିଧି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପାପି ଗାଁ ପୁରୁଷ ଶୂନ୍ୟ, ସ୍ଥିତି ନିୟନ୍ତ୍ରଣରେ

ସୋନପୁର,୧୭।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ଥାନାର ପାପି ଗାଁ ପୁରୁଷ ଶୂନ୍ୟ ହୋଇପଡିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଗାଁର ପୁରୁଷମାନେ ଘରକୁ ନ ଆସି ବାହାରେ ରହୁଛନ୍ତି। ଗୁରୁବାର ସ୍ଥିତି ନିୟନ୍ତ୍ରଣରେ ଥିବା ବେଳେ ପାପି ଓ ଆନନ୍ଦନଗରରେ ଭୟର ବାତାବରଣ ଲାଗି ରହିଛି। ମୋବାଇଲ ଚୋରି ଅଭିଯୋଗରେ ରାମପୁର ଅଞ୍ଚଳର ୩ ନାବାଳକଙ୍କୁ ଗ୍ରାମବାସୀ ମଙ୍ଗଳବାର ରାତି ସାରା କ୍ଲବ ଘରେ ତାଲା ପକାଇ ରଖିଥିଲେ। ବୁଧବାର ବିନିକା ପୋଲିସ ସେମାନଙ୍କୁ ନିଜ ହେପାଜତକୁ ନେବା ସମୟରେ ତୁମୁଳକାଣ୍ଡ ଘଟିଥିଲା। ବିଳମ୍ବରେ ପୋଲିସ ପହଞ୍ଚିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଟିମ୍‌କୁ ମାଡ ମାରିବା ସହ ପୋଲିସ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏଥିଯୋଗୁ ପୋଲିସ ଏସ୍‌ଆଇ ସୁଜାତା ବୁଡେକ୍, ଏଏସ୍‌ଆଇ ତ୍ରିନାଥ ସାହୁ ଓ କନଷ୍ଟେବଲ ଗୋପିନାଥ ସାହୁ ଆହତ ହୋଇଥିଲେ। ପରେ ଅଧିକ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ

**ପୋଲିସକୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ଘଟଣା**

ହେପାଜାତକୁ ନେଇଥିଲେ। ଅନ୍ୟପକ୍ଷେ ପୋଲିସ ଉପରେ ଆକ୍ରମଣ ଓ ଗାଡି ଭଙ୍ଗାରୁଜା ଅଭିଯୋଗରେ ଏସ୍‌ଆଇ ସୁଜାତା ବୁଡେକ୍‌ଙ୍କ ଲିଖିତ ଅଭିଯୋଗ କ୍ରମେ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ବିନିକା ପୋଲିସ ମୋଟ ୨୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଗିରଫଦାରି ସଂଖ୍ୟା ଆଗକୁ ବଢିବା ସନ୍ଦେହରେ ପାପି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏହି ଗାଁରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଚାଷବାସ ସେମାନଙ୍କ ମୁଖ୍ୟ ଜୀବିକା। ଗଣ୍ଡଗୋଳରେ ସମ୍ପୃକ୍ତ ନଥିବା କେତେଜଣ ନିରୀହ ଲୋକଙ୍କୁ ପୋଲିସ ଗିରଫ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ କରିଛନ୍ତି।

# ମୁରାସୁର ଦରବାର ଉଦ୍‌ଘାଟିତ



ଅତିଥିମାନେ ମୁରାସୁର ଦରବାର ଉଦ୍‌ଘାଟନ କରୁଛନ୍ତି।

ଅମରପାଲି,୧୭।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ୪୨ତମ ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ମୁରାସୁର ଦରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଗଜଲକ୍ଷ୍ମୀ ପୂଜା କମିଟି ଉପ ସଭାପତି ଧନଞ୍ଜୟ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟ ଅତିଥି, ସମିତି ସଭ୍ୟା ରୀତା ଗର୍ଡିଆ ଓ ବରିଷ୍ଠ ବିଜେଡି ନେତା ସତ୍ୟଞ୍ଜିବ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ମାନେ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା କମିଟି କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ଆରମ୍ଭ କରିଥିବା ଗ୍ରାମର ପାଞ୍ଚ ଜଣ ବରିଷ୍ଠ ନାଗରିକଙ୍କୁ ଆୟୋଜକଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିଲା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୀଳା ନାଟକ। ନାଟ୍ୟାଭିକ୍ରମରେ କର୍ନାଟ ପ୍ରଦେଶରେ ମୁରାସୁରର ରାଜ୍ୟାଭିଷେକ, କଣ୍ଠ, ବିକଣ୍ଠଙ୍କୁ ସେନାପତି ଭାବେ ନିଯୁକ୍ତି, ମୁରାସୁରଙ୍କ ସ୍ୱର୍ଗପୁର ଆକ୍ରମଣ ଏବଂ ଦେବରାଜ ଇନ୍ଦ୍ରଙ୍କୁ ପରାସ୍ତ ଆଦି ପର୍ଯ୍ୟାୟକ୍ରମେ ପରିବେଷଣ ହୋଇଥିଲା। ଏଥିରେ ମୁରାସୁର ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି। ଏହା ସହିତ ମଞ୍ଚରେ ସମ୍ବଲପୁରୀ, ଆଧୁନିକ ଓ ଦଳଗତ ଲୋକନୃତ୍ୟ ପରିବେଷଣ ହେଉଛି। ଦିନବେଳା ଗଜଲକ୍ଷ୍ମୀଙ୍କ ପୂଜା, ହୋମ, ଯଜ୍ଞ, ପୁଷ୍ପାଞ୍ଜଳି ହୋଇଥିବା ବେଳେ ସନ୍ଧ୍ୟାରେ ଆଳତି ହୋଇଥିଲା।

# ବୌଦ୍ଧର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ବୌଦ୍ଧ,୧୭।୧୦(ଅଜିତ କୁମାର ବାରିକ)

ବୌଦ୍ଧ ସହର ସମେତ ଜିଲାର ପୁରପଲ୍ଲୀରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି। ବୌଦ୍ଧ ସହରର ବାଘଗୁଡା ଛକସ୍ଥିତ ଲକ୍ଷ୍ମୀ ବଜାରରେ ଓ ବୁଟୁପାଲିଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ସେହିପରି ହରଭଙ୍ଗା ବ୍ଲକର କରଞ୍ଜକଟା ଗ୍ରାମରେ ଦୀର୍ଘ ୧୬ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ହୋଇଆସୁଛି। ବାମଣ୍ଡାରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି । ଏହି ଉପଲକ୍ଷେ ବାମଣ୍ଡା ଗ୍ରାମରେ ୬ ଦିନ ଧରି ମା'ଙ୍କ ପୂଜା ହେବ । ସେହିପରି ଦେବଗଡ, ପଙ୍କୁଆଳ, ବୃନ୍ଦାବନପୁର ଆଦି ସ୍ଥାନରେ



ବୌଦ୍ଧ ସହରର ଲକ୍ଷ୍ମୀ ବଜାର ପୂଜା ମଣ୍ଡପ ।

ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି । ପୂଜା ମଣ୍ଡପଗୁଡିକ ଆର୍କଷଣୀୟ ତୋରଣ ସାଙ୍ଗକୁ ସୁନ୍ଦର ଆଲୋକମାଳାରେ ଝଲସୁଛି । ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମା'ଙ୍କ ଦର୍ଶନ ପାଇଁ ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଖୁଣ୍ଟିଗୋରା,୧୭।୧୦(ମକରନ୍ଦ ସାହୁ)

ମାନବ ସେବା ସଦନ ରୁଗୁଡ଼ିପାଲି ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିର ମିଳିତ ଆନୁକୂଲ୍ୟରେ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ରିଙ୍ଗାପଡା ସଦାନନ୍ଦ ହାଇସ୍କୁଲରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୧୩ଜଣ ଚକ୍ଷୁରୋଗୀ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଣ୍ଡାପାଲିସ୍ଥିତ ଚିକିତ୍ସାଳୟକୁ ନିଆଯାଇଛି । ଚିକିତ୍ସକ ମନୋଜ କୁମାର ସାହୁ, ଧର୍ମରାଜ ନାଏକ, ଭୁଜରାଜ ପଧାନ, ଯୋଗେଶ୍ୱରୀ କୁଅଁର, ରିପଞ୍ଜଳି ମଲିକ ଯୋଗଦେଇ ରୋଗୀଙ୍କୁ ପରୀକ୍ଷା କରିଥିଲେ । ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣପ୍ରସାଦ ସରପଞ୍ଚ ତାରାକାନ୍ତି ମାଝୀ, ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ସାମାଜିକ କର୍ମୀ ସତ୍ୟନାରାୟଣ ମାଝୀ, ପ୍ରଭାତ କୁମାର ସାହୁ, ରିଙ୍ଗାପଡା ହାଇସ୍କୁଲର ଖେଳ ଶିକ୍ଷକ ମୁରଲୀଧର ରଣା, ସହକାରୀ ଶିକ୍ଷକ ଶେଷଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ପ୍ରବେଶ ସେଠୀ, ରାଜେନ୍ଦ୍ର ସାହୁ, ଶିବ ସାହୁ ସହଯୋଗ କରିଥିଲେ । ମାନବ ସେବା ସଦନ ସଂଗଠନ ସଭାପତି ବଳରାମ ବାଘ, ସମ୍ପାଦକ ବଂଶୀଧର ମାଝୀ, ସଦସ୍ୟ ପ୍ରଦୀପ ସାହୁ, ଗଜାନନ ପ୍ରଧାନ, ଜିତେନ୍ଦ୍ର ଭୋଇ, ନବୀନ ଠେଲା, ସୁଶାନ୍ତ ଭୋଇ, ଲବ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଦୁର୍ଗମ ଅଞ୍ଚଳ ମହାଲିକପଡ଼ାରେ ମଶାରି ବର୍ଣ୍ଟନ

ହରଭଙ୍ଗା,୧୭।୧୦(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଦୁର୍ଗମ ମହାଲିକପଡା ଗ୍ରାମ ପଞ୍ଚାୟତରେ ଗୁରୁବାର ଦିନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାରି ବର୍ଣ୍ଟନ କରାଯାଇଥିଲା। ମଶାରି ବର୍ଣ୍ଟନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଓ ସମ୍ମାନିତ ଅତିଥି ଭାବେ ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ନାଥ, ହରଭଙ୍ଗା ବିଡିଓ ଶରତ ଚନ୍ଦ୍ର ସେଠୀ ଯୋଗ




କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ଦେଇଥିଲେ । ଏହି ଔଷଧୀୟ ମଶାରି ବ୍ୟବହାର ଯୋଗୁ ମ୍ୟାଲେରିଆରୁ ରକ୍ଷା ମିଳିପାରିବ । ମହାଲିକପଡା ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମରେ ଏହି ମଶାରି ବର୍ଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ଡ. ମଦନ ମୋହନ ପ୍ରଧାନ , ଡ, ଶ୍ରୀମନ୍ତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ, ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ, ଅଙ୍ଗନୱାଡି ଓ ଆଶା କର୍ମୀ ସାମିଲ ଥିଲେ।

# ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ

ବିନିକା, ୧୭।୧୦ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜନୋତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଦେବାର୍ଚ୍ଚନ ଭୋଇ ପୂଜାର୍ଚ୍ଚନା କରିଥିଲେ। ସକାଳେ କୁଳତା ସମାଜ ପକ୍ଷରୁ ରାମେଶ୍ୱର ବାବାଙ୍କଠାରେ ଜଳସାଇ କରାଯାଇଥିଲା। ପରେ ଡୋଳାମଣି ପଧାନଙ୍କ ଘରୁ ୭ ଫୁଟ ଉଚ୍ଚର ଏକ ଜୁଗାର (ଲିଆରେ ନିର୍ମିତ) ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା। ପୂଜାର୍ଚ୍ଚନା ପରେ ଖଗେଶ୍ୱର ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମକରଧ୍ୱଜ ସାହୁ, ମୁଖ୍ୟବକ୍ତା ଭକ୍ତବନ୍ଧୁ ବିଶ୍ୱାଳ (ଘସିଏନ), ସମ୍ମାନୀତ ଅତିଥିଭାବେ ଯଶୋବନ୍ତ ପଧାନ (କେସିଙ୍ଗା), କଳ୍ପ ପଧାନ(ମହଦା), ଆନନ୍ଦ ପଧାନ(ପଧାନପାଲି), ନରେନ୍ଦ୍ର ସାହୁ(ଯୁଲୁଣ୍ଡା), ନନ୍ଦଲାଲ ନାଏକ (ଡୁଙ୍ଗୁରିପାଲି) ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡୋଳାମଣି ପଧାନ, ସୁନୀଲ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଶମ୍ଭୁ ପ୍ରସାଦ ପଧାନ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଧନୁ ପଧାନ, ଗୋପୀନାଥ ବିଶ୍ୱାଳ, ଜୟନ୍ତ ପଧାନ ସହଯୋଗ କରିଥିଲେ।

# ଚୂଡ଼ାଖାଇ ଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ତରଭା, ୧୭।୧୦(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚୁଡାଖାଇ ଡଙ୍ଗରରେ ଚାଲିଥିବା ଲୋକ ମହୋତ୍ସବ ସମ୍ପନ୍ନ ହୋଇଯାଇଛି। ଚୁଡାଖାଇ ଡଙ୍ଗର ଉନ୍ନୟନ କମିଟି ସଭାପତି ଦଶରଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଡ଼ ସୌମ୍ୟରୂପା ରଥ, ସମ୍ମାନୀତ ଅତିଥି ବିଡ଼ିଓ ଅନିଲ କୁଲୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସରଗଜ ସରପଞ୍ଚ ନର୍ମଦା ମିଶ୍ର, କନ୍ଧ ସମାଜ ସମ୍ପାଦକ କପୁରଚନ୍ଦ ଭୋଇ, ସରପଞ୍ଚ ଉମା ସାହୁ, କୁଶଳେଶ୍ୱର ପାଣ୍ଡେ ମଞ୍ଚାସୀନ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପ ନଗରପାଳ ଗଗନ ଅଗ୍ରୱାଲ ଉପସ୍ଥିତ ଥିଲେ। ଉପରୋକ୍ତ ତିନିଦିନ ଧରି ମନୋରଞ୍ଜନ ସକାଶେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅଧିନ ଫଟକରା(କ)ଗ୍ରାମର ଯୁବ କଳାକାର ଅନିଲ କୁମାର ନାଏକ ଓ ସାଥିଙ୍କ କଂସ ଦରବାର, ଲୋଇସିଂହାର ଶଙ୍କର ବେହେରା ଓ ସାଥୀ, ଦୁଷୁରାର ସାନବଡ଼ ଘୁଡକା ନାଚ, ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା, ହାସ୍ୟ ଅଭିନେତା ଟିଙ୍କୁ ଟିଙ୍ଗାଲି ମଲି ଏବଂ ରୋଶନ ମୁନିଆ ପ୍ରମୁଖଙ୍କ ସମେତ ସ୍ଥାନୀୟ କଳାକାରମାନେ ନିଜର କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଥିଲେ। ମାନଭଞ୍ଜନ ସଭା ଓ ମଞ୍ଚ ପରିଚାଳନା କରିଥିଲେ। ଆଶିନ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ମହୋତ୍ସବ ପାଳିତ ହୋଇଆସୁଛି। ଚୁଡାଖାଇ ପାହାଡ଼କୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାପରେ ୨୦୧୯ ରେ ଆରମ୍ଭ ହୋଇଥିଲା ଚୁଡାଖାଇ ଲୋକ ମହୋତ୍ସବ।

# ଗାଁ ସଭ୍ୟତା ଜୀବନ, ସହର ସଭ୍ୟତା ଜୀବିକା ପାଇଁ

ଅମରପାଲି ,୧୭।୧୦(ପୀତାମ୍ବର ସାହୁ)

ଉଭୟ ଗାଁ ଓ ସହରୀ ସଭ୍ୟତା ଆମ ପାଇଁ ଆବଶ୍ୟକ। ସାମ୍ପ୍ରତିକ ସମୟରେ ଗାଁ ସଭ୍ୟତା ଉତ୍ତମ ଜୀବନ ପାଇଁ ଆବଶ୍ୟକ ହୋଇଥିବା ବେଳେ ସହରୀ ସଭ୍ୟତା ଜୀବିକା ପାଇଁ ଉଦ୍ଦିଷ୍ଟ ହୋଇ ପଡ଼ିଛି। ଶାନ୍ତ ଓ ସୁସ୍ଥ ଜୀବନ ପାଇଁ ସହରୀ ଲୋକ ଗାଁମୁହାଁ ହେଉଥିବା ବେଳେ ଜୀବିକାର୍ଜନ ପାଇଁ ଗାଁ ଲୋକେ ସହର ମୁହାଁ ହେଉଛନ୍ତି। ଉଭୟ ଗାଁ ଓ ସହରର ମିଶ୍ରଣ ହେଉଛି ଜୀବନ ଜୀବିକା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାଠାରେ ଗୁରୁବାର ଅନୁଷ୍ଠିତ କଳକାହ୍ନୁ ମିଶ୍ର ସ୍ମୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ସୁବର୍ଣ୍ଣପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ଅର୍ଥ କମିଟିର ସଦସ୍ୟ ଡ. ସଞ୍ଜୟ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ରହ୍ମପୁରସ୍ଥିତ ତ୍ରିଧାରା ସାହିତ୍ୟ ସଂସଦ ସମ୍ପାଦକ



କବିତା ସଙ୍କଳନ ନିଃଶବ୍ଦ ଝଡ଼କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଳାକାହ୍ନୁ ମିଶ୍ର ସ୍ମୃତି ସାଂସଦର ବାର୍ଷିକ ଉତ୍ସବ**

ଡ. ଲକ୍ଷ୍ମୀନାରାୟଣ ଦାସ ମୁଖ୍ୟବକ୍ତା, ଡ. ବିକାଶ ରଞ୍ଜନ ବେହେରା ସ୍ୱତନ୍ତ୍ର ଅତିଥି, ଆୟୋଜକ ଉପଦେଷ୍ଟା ବ୍ରଜଗୋପାଳ ମହାପାତ୍ର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସ୍ୱରୂପା ରଥ ଓ ସ୍ମରଣିକା ନନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଯୁଧିଷ୍ଠିର ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଦାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଧେଶ୍ୟାମ ମିଶ୍ରଙ୍କ କବିତା ସଙ୍କଳନ ନିଃଶବ୍ଦ ଝଡ଼ ଏବଂ ଗାଳ୍ପିକ ଯଜ୍ଞେଶର ବିଶିଙ୍କ ଗଳ୍ପ ସଂକଳନ ପ୍ରେମ ଲଡୁର ସ୍ୱାଦ ଉନ୍ମୋଚିତ ହୋଇଥିଲା। ଏହା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡ. ସତ୍ୟ ପ୍ରକାଶ ରାୟ ଚୌଧୁରୀ, ଡ.ବିକାଶ ରଞ୍ଜନ ବେହେରାଙ୍କୁ ସେବା ସମ୍ମାନ, ବିନୋଦ ପ୍ରଜାପତିଙ୍କୁ ଶିକ୍ଷା ସମ୍ମାନ, ଡ.ଆର୍ତ୍ତତ୍ରାଣ ବାବୁଙ୍କୁ ସାହିତ୍ୟ ସମ୍ମାନ, ଡ.ପ୍ରଫୁଲ୍ଲ କୁମାର ରଥଙ୍କୁ ଶିକ୍ଷା ସମ୍ମାନ, ଡ.ଜୟନ୍ତୀ ଜେନା, ଡ.ବାସୁଦେବ ନାଏକଙ୍କୁ କଳା ସମ୍ମାନ, ଝରଣା ପ୍ରଧାନଙ୍କୁ ସମାଜସେବା ସମ୍ମାନ ଓ ରାଧେଶ୍ୟାମ ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଅନିରୁଦ୍ଧ କୁରକୁରିଆ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ଡ. ଦ୍ୱୀତିକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସନ୍ତୋଷ ରଥ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ। ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ବନ୍ଧମୁଣ୍ଡା,୧୭।୧୦(ସୁବ୍ରତ ଦେ):** ବନ୍ଧମୁଣ୍ଡା ରାମଟୋଲି ନିକଟରେ ଗୁରୁବାର ଅପରାହ୍ନରେ ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟର ମୁର୍ସିଦାବାଦ ଜିଲାର ଇକବାଲ ହୁସେନ। ବନ୍ଧମୁଣ୍ଡା ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଉରକେଲା ସରକାରୀ ହସ୍ପିଟାଲର ମାର୍ଗ ହାଉସରେ ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ସୂଚନାଯୋଗ୍ୟ, ଇକବାଲ ତାଙ୍କର କେତେକ ସାଙ୍ଗଙ୍କ ସହ ମୁର୍ସିଦାବାଦରୁ କାମ କରିବା ପାଇଁ ରାଉରକେଲାକୁ ଆସୁଥିବା ବେଳେ ଇସ୍ପାତ ଟ୍ରେନରୁ ଖସି ପଡିଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ରେଲୱେ କ୍ୱାର୍ଟରରୁ ଚୋରି

**ବନ୍ଧମୁଣ୍ଡା,୧୭।୧୦(ସୁବ୍ରତ ଦେ):** ବନ୍ଧମୁଣ୍ଡା ବି- ସେକ୍ଟରସ୍ଥିତ ରେଲୱେ କ୍ୱାର୍ଟର ସଂଖ୍ୟା ୫୩ରେ ରହୁଥିବା ରେଲବାଇ ଅପରେଟିଂ ବିଭାଗର କର୍ମଚାରୀ କୁମାର ସାମୀଙ୍କ ଘରେ ଗୁରୁବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୁମାର ସକାଳେ କାମକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରି ଦେଖିଥିଲେ ରୋଷେଇ ଘରୁ ଗ୍ୟାସ ସିଲିଣ୍ଡର ଏବଂ ମିକ୍ସର ଗ୍ରାଇଣ୍ଡର ନାହିଁ। ଏନେଇ ସେ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ଲହୁଣୀପଡା,୧୭।୧୦(ଦାଶରଥି ପଣ୍ଡା):** ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଅମାତପାଲି ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ହେମନ୍ତ କିଷାନ(୩୦) ସୂଚନାରୁ ପ୍ରକାଶ, କିଷାନ ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ୩ ବର୍ଷ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଯୁବତୀଙ୍କ ପରିବାର ଲୋକେ କିଷାନଙ୍କୁ ବିବାହ କଥା କହିବାରୁ ସେ ଗ୍ରାମରୁ ଫେରାର ହୋଇଯାଇଥିଲେ। ଏନେଇ ଯୁବତୀଙ୍କ ପରିବାର ଲୋକେ ଅଗଷ୍ଟ ୩୦ରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଶରତ ପୂର୍ଣ୍ଣିମାରେ ଅନ୍ତାକ୍ଷରୀ, ଡାଣ୍ଡିଆ ପ୍ରତିଯୋଗିତା

**ରାଉରକେଲା,୧୭।୧୦(ଦିନେଶ ମିଶ୍ର)** ରାଉରକେଲା ଅମର ଭବନ ପରିସରରେ ବୁଧବାର ରାଜସ୍ଥାନ ପରିଷଦ ପକ୍ଷରୁ ସଭାପତି ସନ୍ତୋଷ ଅଗ୍ରୱାଲଙ୍କ ନେତୃତ୍ୱରେ ଶରତ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦର ବରିଷ୍ଠ ଅଧିକାରୀ ଓ ସଦସ୍ୟଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶରତ ପୂର୍ଣ୍ଣିମା ପାଳନ ଉପଲକ୍ଷେ ଅନ୍ତାକ୍ଷରୀ, ଗରବା ଡାଣ୍ଡିଆ ଆୟୋଜିତ ହୋଇଥିଲା। ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ପାରିକ, ମହାବୀର ତୋଡି, ବଦ୍ରି ନାରାୟଣ ମହେଶ୍ୱରୀ, ଶୈଳେନ୍ଦ୍ର ମାରୋଠିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଷଦର ବିନୟ ଶର୍ମା, ନଜୱାରା ବାଗେଡିଆ, ମନୋଜ ଅଗ୍ରୱାଲ, ବିନୋଦ ମୋଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଡାଣ୍ଡିଆ ନୃତ୍ୟ ଆକର୍ଷଣର କେନ୍ଦ୍ର ପାଲଟିଥିଲା ବେଳେ ବରୁଣ ସୋନାନୀ ମଞ୍ଚ ପରିଚାଳନା କରିଥିଲେ।

### ଅନ୍‌ଲାଇନ୍ ପେମେଣ୍ଟ ନାଁରେ ଠକେଇ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କଠାରୁ ଅନ୍‌ଲାଇନ୍ ପେମେଣ୍ଟ ନାଁରେ ତାଙ୍କର ୩ଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୬୦ ହଜାର ଟଙ୍କା ଠକେଇ ହୋଇଥିବା ସୂଚନା ମିଳିଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୬୮/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଥିବା ଯୁବକ ବିଚିତ୍ର ପ୍ରଧାନ(୨୬) ଗୁଗଲରେ ଅନ୍ୱେଷଣ କରୁଥିବା ବେଳେ ଏକ ନମ୍ବର ତାଙ୍କୁ ମିଳିଥିଲା। ଏଥିରେ ଗୋଟିଏ ଲିଙ୍କ୍ ଦିଆଯାଇଥିଲା। ବରାଦ ସାମଗ୍ରୀ ତୁରନ୍ତ ପାଇବା ପାଇଁ ତାଙ୍କୁ ଲିଙ୍କ୍‌କୁ ଅନୁସରଣ କରି ୫ଟଙ୍କା ପଠାଇବା ଲାଗି କୁହାଯାଇଥିଲା। ବିଚିତ୍ର ତାହା କରିଥିଲେ। ତେବେ ବୁଧବାର ତାଙ୍କର ୩ଟି ବ୍ୟାଙ୍କ ଆକାଉଣ୍ଟ ସମ୍ପୂର୍ଣ୍ଣ ଖାଲି ହୋଇଯାଇଥିଲା। ଅନ୍ୟ ଉପାୟ ନ ପାଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସୁନ୍ଦରଗଡ଼ରେ ଗଜଲକ୍ଷ୍ମୀପୂଜା


ବଡ଼ଗାଁ


ଲହୁଣୀପଡ଼ା


ରାଜଗାଙ୍ଗପୁର

**ଲହୁଣୀପଡ଼ା,୧୭।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ପୂଜା ଗୁରୁବାର ସମ୍ପୂର୍ଣ୍ଣ ହୋଇଛି। ଲହୁଣୀପଡ଼ା ପଞ୍ଚାୟତ ଶୁକପାଲି ଗ୍ରାମରେ ବୁଧବାର ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମର ମହିଳାମାନେ ପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପକୁ ଆସିଥିଲେ। ସେଠାରେ କଳସ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ଶ୍ରୀମନ୍ତ ଅଧିକାରୀ ହୋମଯଜ୍ଞ ସଞ୍ଚାଳନ କରିଥିବା ବେଳେ ସାଏବ ମାହାନ୍ତ ଓ ତାଙ୍କ ସହଧର୍ମିଣୀ ଅଞ୍ଜଳି କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ସଭାପତି ମନୋଜ ମାହାନ୍ତଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ଦେବେନ ବୋଦ୍ରା, ରାଜ କିଶୋର ଠାକୁର, ସୁଧାଂଶୁ ମାହାନ୍ତ, ପ୍ରେମ କିଶୋର ଠାକୁର,ଜଗଦୀଶ ମୁଣ୍ଡା,ସୁନାରାମ ମୁଣ୍ଡା, ରମେଶ ମାହାନ୍ତ, ଶ୍ରୀରାମ ମାହାନ୍ତଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିଭଳି ଯାତ୍ରା ପଡ଼ିଆ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଯାତ୍ରା ପଡ଼ିଆଠାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ଧୀରେନ କୁମାର ପଣ୍ଡା,ଅମରନାଥ ରାୟ କର୍ତ୍ତାଦାୟିତ୍ୱ ତୁଲାଇଥିଲେ। ଭିକି ମାହାନ୍ତ, ଆତିଶ ମହାକୁଡ଼,ବାବୁଲି ସୁଆର,ଅବିନାଶ ରାୟ,ରାହୁଲ ବର୍ମା, ଅମର ମଲ୍ଲିକଙ୍କ ସମେତ କମିଟି କର୍ମକର୍ତ୍ତାମାନେ ପୂଜାରେ ସହଯୋଗ କରିଥିଲେ। ସେହିଭଳି ଗମ୍ଭାର ଡିହିରେ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜକ ଦିଲୀପ ପଣ୍ଡା ହୋମଯଜ୍ଞ କାର୍ଯ୍ୟ ଏବଂ ପରମାନନ୍ଦ ରାୟ ଓ ତାଙ୍କ ସହଧର୍ମିଣୀ ପୁଷ୍ପା ରାୟ କର୍ତ୍ତାଦାୟିତ୍ୱ ତୁଲାଇଥିବା ଜଣାପଡିଛି। ସେହିଭଳି ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍କେଇକଳା ଗ୍ରାମରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱରର ମହାବାହୁ ଭଜନ ସନ୍ଧ୍ୟା ଦଳ ଆସିଥିଲେ। ବାବା ବାଣେଶ୍ୱର ଗ୍ରାମ୍ୟ ବିକାଶ ଲକ୍ଷ୍ମୀ ପୂଜା କମିଟିର ସଭାପତି ରଞ୍ଜିତ ସାହୁ, ସମ୍ପାଦକ କୁମାର ଗୌତମ ବାରିକ, ସମିତି ସଭ୍ୟ ଅଶୋକ କୁମାର ବେହେରା, ସୁନୀଲ କୁମାର ସାହୁ, ହେମନ୍ତ କୁମାର ଅମାତ ପ୍ରମୁଖ କର୍ମକର୍ତ୍ତାମାନେ କଳାକାରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାଙ୍ଗଳିକ ନୃତ୍ୟ ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ବାଣୀଶ୍ରୀ ବିଦ୍ୟାରୁପା ବାରିକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ତୁମକଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଗ୍ରାମର ଯୁବ କଳାକାରଙ୍କୁ ନେଇ ସାମାଜିକ ନାଟକ ବନ୍ଧୁ ବାନ୍ଧିଥିଲି ଲୁହ ସାଥିରେ ନାଟକ ପରିବେଷଣ ହୋଇଥିବା ଜଣାପଡିଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଭଜନ କୀର୍ତ୍ତନ ଚାଲିଥିବା ବେଳେ କେତେକ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ବନ୍ଧମୁଣ୍ଡା (ସୁବ୍ରତ ଦେ):** ବନ୍ଧମୁଣ୍ଡାର ଡିଜେଲ କଲୋନିଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ପୂଜାର ପ୍ରଥମ ଦିନରେ ସ୍ଥାନୀୟ ମହିଳାଙ୍କ ଦ୍ୱାରା ଏକ କଳସ ଯାତ୍ରା ବାହାରିଥିଲା। ପରେ ମା'ଙ୍କ ପୂଜା ରୀତିନୀତି ଅନୁସାରେ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଏଥିସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। କମିଟି ସଭାପତି ଆର.କେ. ପରିଡା, ଉପସଭାପତି ଶିଭାୟ ଦାସ, ସଚିବ ପ୍ରଦୀପ ପ୍ରମାଣିକ, ସହକାରୀ ସଚିବ ସୁଶୀଲ ମାହାତୋ, କୋଷାଧ୍ୟକ୍ଷ ଅରବିନ୍ଦ କୁମାର ସିଂ, ସହକୋଷାଧ୍ୟକ୍ଷ ସନ୍ତୋଷ ରାଇ,ଏନ ସାରଙ୍ଗୀ, ଲୋକନାଥ ପାତ୍ର, ଅମର ଦାସ, ଯୁଧିଷ୍ଠିର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବସ୍ତିରେ ପାରମ୍ପରିକ ରୀତିନୀତିରେ ମା' ଗଜଲକ୍ଷ୍ମୀ ପୂଜା ଚାଲିଛି। ୧୯୭୧ରୁ ଏଠାରେ ମା'ଙ୍କର ପୂଜା କରାଯାଉଥିବାବେଳେ ଚଳିତବର୍ଷ ମଧ୍ୟ ଆକର୍ଷଣୀୟ ମେଢ଼ ସହ ମା'ଙ୍କ ପୂଜା ଆୟୋଜନ କରାଯାଇଛି। ଗ୍ରାମବାସୀମାନେ କଳସ ଯାତ୍ରାରେ ସାମିଲ ହୋଇଥିବାବେଳ ନରେଶ ଦାସ ସପତ୍ନୀକ କର୍ତ୍ତାଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଦିବ୍ୟଲୋଚନ ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରୁଛନ୍ତି। ଗୁରୁବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକମାନେ ଉପଭୋଗ କରୁଛନ୍ତି। ପୂଜା ପରିଚାଳନା କମିଟି ସଭାପତି ଅମ୍ଳାନ ଜ୍ୟୋତି ନାୟକ ଏବଂ କୋଷାଧ୍ୟକ୍ଷ ଅମିତ ପୃଷେଟ, ସଦସ୍ୟ ଦତ୍ତାତ୍ରେୟ ପାଣିଗ୍ରାହୀ, ରଞ୍ଜନ ଦାସ, ପିଙ୍କୁ ନାୟକ, ଉତ୍ତମ ପଣ୍ଡା, ଆଶିଷ ମିଶ୍ର, ସୁମନ ପୃଷେଟ, ତୁଲା ନାୟକ, ରଜତ ମହାପାତ୍ର, ପ୍ରକାଶ ସାହୁଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ଦାୟିତ୍ୱ ବହନ କରିଛନ୍ତି।

**ରାଜଗାଙ୍ଗପୁର (ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ବୁଧବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ତନ୍ମଧ୍ୟରୁ ମୁଖ୍ୟତଃ ଗୋସାଲା ପଡା ଗଜଲକ୍ଷ୍ମୀ ପୂଜା କମିଟି, କମ୍ୟୁନିଟି ସେଣ୍ଟର ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା କମିଟି, ଲିପଲୋଇ ପୂଜା କମିଟି ମଣ୍ଡପ ଗୁଡିକର ସାଜସଜ୍ଜା ସୁନ୍ଦର ଓ ଆକର୍ଷଣୀୟ ରହିଛି।

# ସଉନାମରା ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବାଲିଶଙ୍କରା,୧୭।୧୦(ହୃଦାନନ୍ଦ ବାରିକ)**


ଅତିଥିଙ୍କ ସହ ଖେଳାଳି।

ବାଲିଶଙ୍କରା ବ୍ଲକ ସଉନାମରା ହକି ଖେଳ ପଡିଆରେ ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୨୨ଟି ହକି ଦଳ ଅଂଶଗ୍ରହଣ କରିଥିଲେ। ବର୍ହାଡେମା ଓ ଦେଓଗାଁ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଚାଲିଥିଲା। ଟ୍ରାଇବେକରରେ ୪-୫ ଗୋଲରେ ଦେଓଗାଁ ବିଜୟୀ ହୋଇଛି। ଚାମ୍ପିୟନ ଦେଓଗାଁକୁ ୨୦ ହଜାର ଟଙ୍କା ଏବଂ ରନର୍ସଅପ ଦଳ ବର୍ହାଡେମାକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ଖେଳିଲେ ସୁସ୍ଥ ଶରୀର ଗଠନ ହେବା ସହିତ ମନ ଫୁର୍ତ୍ତି ରହିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ବ୍ଲକ ଉପାଧକ୍ଷ ପୀତାମ୍ବର ଶେଖର ଦେଓ, ସରପଞ୍ଚ ଚୁଲୁ ବାର୍ଲା, ସମିତି ସଭ୍ୟା ବେଳମତି ଧୁରୁଆ, ବ୍ଲକ ଭାଜପା ସଭାପତି ଉଚ୍ଛବ ତନ୍ତୀ, ଦୁବରାଜ ବାରସତିଆ, ଫ୍ରାନ୍ସିସ ତିର୍କୀ, ପାଣ୍ଡରୁ ଏକ୍କା, ଜର୍ଜ ତିର୍କୀ, ଉପେନ୍ଦ୍ର ପ୍ରଧାନ, ଚାରୁଆ ବାର୍ଲା, ଚିରଞ୍ଜୀବୀ ବାର୍ଲା ପ୍ରମୁଖ ଯୋଗଦେଇ ହକି ଖେଳ ବିଷୟରେ କହିଥିଲେ। ସୁନ୍ଦରଗଡ଼ ହେଉଛି ହକିର ଗଡ଼। ଏହି ସଉନାମରା ମାଟିରୁ ଅନେକ ଜାତୀୟ, ଅନ୍ତର୍ଜାତୀୟ ହକି ଖେଳାଳି ବାହାରିଛନ୍ତି। ପଦ୍ମଶ୍ରୀ ଦିଲୀପ ତିର୍କୀ, ଅମିତ ରୋହିଦାସ, ଦୀପସାନ ତିର୍କୀ ବିଶ୍ୱଦରବାରରେ ନିଜର ହକି ଖେଳର ଚମକ ଦେଖାଇଛନ୍ତି।

# ଅବହେଳାରୁ ନବଜାତ ଶିଶୁ ମୃତ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡ଼ା ଅଞ୍ଚଳରେ ଏକ ନବଜାତ ଶିଶୁ ଟିକା ନେବା ପରେ ଗୁରୁବାର ସକାଳେ ଅଚେତ ହୋଇଯାଇଥିଲା। ତାକୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ନିଆଯାଇଥିଲା। ସେଠାରେ ଡାକ୍ତର ଉକ୍ତ ଶିଶୁକୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ ଥାନାରେ କୌଣସି ଏତଲା ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସିଡିପିଓ ଆନ୍ନା ଭାଲେରିଆ କୁଜୁରଙ୍କୁ ପଚାରିବାରୁ ସେ କହିଥିଲେ, ବୁଧବାର ଶୀତଳପଡ଼ା ଅଞ୍ଚଳର ୪/୫ଜଣ ଶିଶୁ ଏକକାଳୀନ ଟିକା ନେଇଥିଲେ। ଟିକାର ପାର୍ଶ୍ୱ ପ୍ରତିକ୍ରିୟାରେ ଜ୍ୱର ହେବା ଆଶଙ୍କା ସମ୍ପର୍କରେ ଶିଶୁମାନଙ୍କ ମା'ଙ୍କୁ ସୂଚନା ଦିଆଯାଇଥିଲା। ସମ୍ଭବତଃ ମାତାପିତାଙ୍କ ଅବହେଳା ଯୋଗୁ ଏପରି ହୋଇଥାଇପାରେ ବୋଲି ସିଡିପିଓ କୁଜୁର କହିଥିଲେ। ସ୍ଥାନୀୟ ଲୋକଙ୍କ ଅନୁଯାୟୀ ଆରଜିଏଚ୍‌ରେ ମୃତ ଘୋଷିତ ହେବା ପରେ ଶିଶୁର ଅଭିଭାବକ ତାକୁ ପୋତି ଦେଇଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ

**ସୁନ୍ଦରଗଡ,୧୭।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହାକୁ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗୁରୁବାର ରାଣୀବଗିଚା ବାଇପାସ ନିକଟରେ ଥିବା ଆଦୃତ ଶିଶୁ ଯତ୍ନକାରୀ ଅନୁଷ୍ଠାନରେ ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ୬ଟାରେ ସୁନ୍ଦରଗଡ ସମଲେଇ ମନ୍ଦିରଠାରେ ନବୀନଙ୍କ ଜନ୍ମଦିନ ପାଇଁ ୭୮ଟି ଦୀପ ଲଗାଯାଇ ତାଙ୍କର ସୁସ୍ଥ, ନୀରୋଗ ଓ ନିରାମୟ ଜୀବନ କାମନା କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠନେତା ଜନ୍ମେଜୟ ମହାପାତ୍ର, ଉପନଗରପାଳ ଲଲାଟ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା ଏବଂ ସୁମନ୍ତ ପଣ୍ଡା, ଜିଲା ଛାତ୍ର ବିଜେଡି ସଭାପତି ସେହେବାଜ ହୁସେନ,ବରିଷ୍ଠନେତା ପଞ୍ଚା ବାର୍ଲା, ଛାତ୍ର ସଭାପତି ନରଦୀପ ସିଂ, ଆଶିଷ ତ୍ରିପାଠୀ, ସୁମନ୍ତ ସାହୁ, କୈଳାସ ତନ୍ତି, ଅଶୋକ ମହାନ୍ତି, ଗୌରାଙ୍ଗ ଧଳ, ରୋଶନ ସାହୁ, ଉମେଶ ଶର୍ମା, ସମସ୍ତ କାଉନ୍‌ସିଲର, ସମସ୍ତ ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡିର ନେତା ଓ କର୍ମୀଙ୍କ ସହିତ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ କରାଯାଉଛି।

# ମନ୍ଦିର ରୋଡ୍‌ରେ ଗୋମାତା ମୃତ

**ବେଦବ୍ୟାସ,୧୭।୧୦(ଆଲୋକ ସ୍ୱାଇଁ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମନ୍ଦିର ରୋଡ୍ ନିକଟରେ ଗୁରୁବାର ଅପରାହ୍ନରେ ଏକ ଗୋମାତା ମୃତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ସମ୍ଭବତଃ ବିଷକ୍ରିୟା ଯୋଗୁ ଏପରି ମୃତ୍ୟୁ ହୋଇଥିବା କୁହାଯାଉଛି। ବର୍ତ୍ତମାନ ଚାଷଜମିରେ କୀଟନାଶକ ସ୍ପ୍ରେ କରାଯାଉଛି। ଏହାକୁ ଗୋମାତା ଖାଇ ମୃତ୍ୟୁବରଣ କରିଥିବା ଆଲୋଚନା ହେଉଛି।

# ଜାତି ୫ ଶହ ଘର ଭୂୟାଁ ସମାଜର ଶାରଦୀୟ ବନ୍ଧୁମିଳନ

**ବଡ଼ଗାଁ,୧୭।୧୦( ଅଶୋକ ଷଡ଼ଙ୍ଗୀ)**


ବନ୍ଧୁ ମିଳନରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ଼ସ୍ଥିତ ବିକାଶ ଭବନଠାରେ ରବିବାର ଜାତି ୫ଶହ ଘର ଭୂୟାଁ ସମାଜର ଶାରଦୀୟ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଜାତି ପାଞ୍ଚ ଶହ ଘର ଭୂୟାଁ ସମାଜର କେନ୍ଦ୍ରୀୟ କମିଟି ସଭାପତି ଅମିୟ କୁମାର ପ୍ରଧାନ, ବିକାଶ ସଂଘର ସଭାପତି ଅଜେକ କୁମାର ପ୍ରଧାନ, ଉପସଭାପତି ଠଣ ସୁନ୍ଦର ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଦୀପ କାଲୋ, କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ କୌଶିକ ବୁଡା, ଝାରସୁଗୁଡ଼ାର ଜିଲା ପରିଷଦ ସଭ୍ୟ ଅକ୍ଷୟ ସାହୁ, ଝାରସୁଗୁଡ଼ା ବିକାଶ ସଂଘର ଆବାହକ ପ୍ରକାଶ କୁମାର ସାହୁ, କେନ୍ଦ୍ରୀୟ କମିଟି ସମ୍ପାଦିକା ସୁଧାରାଣୀ ରଉଡିଆ, ଉପସଭାପତି ଡିଲେଶ୍ୱର ସା ପ୍ରମୁଖ ଯୋଗଦେଇଥିଲେ। ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭୋଇ ତାଙ୍କ ବକ୍ତବ୍ୟରେ ନାରୀ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାର ମହିଳାଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନାରେ ସାମିଲ ହୋଇ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ସାନିଗାଦିରେ କମ୍ୟୁନିଟି ସେଣ୍ଟର୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମାଜର କେନ୍ଦ୍ରୀୟ କମିଟି ସଭାପତି ଅମିୟ କୁମାର ପ୍ରଧାନ ବିକାଶ ଭବନର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମିଳିବା ଦିଗରେ ପଦକ୍ଷେପ ନେବାକୁ ଉପବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିକାଶ ସଂଘର ସଭାପତି ଅଜେକ କୁମାର ପ୍ରଧାନ ସମାଜ ଲୋକଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ସମାଜ କର୍ମକର୍ତ୍ତାମାନେ ଦୃଷ୍ଟିଦେବାକୁ କହିଥିଲେ। ସୁନ୍ଦରଗଡରେ ଜମି କିଣି ମହିଳା ମାନଙ୍କ ସୁବିଧା ପାଇଁ ଗୃହ ନିର୍ମାଣ ଲାଗି ପ୍ରସ୍ତାବ ରଖିଥିଲେ। ସମାଜର ମୁଖ୍ୟ ଉପଦେଷ୍ଟା ଭୀଷ୍ମ ଦେବ କାଲୋ ଓ ବିକାଶ ସଂଘର ଉପସଭାପତି ଠଣ ସୁନ୍ଦର ଚୌଧୁରୀ ବିଭିନ୍ନ ସାନିଗାଦିରେ ପ୍ରତିବର୍ଷ ହୋଇଆସୁଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଓ ସମାଜ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ କହିଥିଲେ। ରେଲୱେର ପ୍ରିନ୍ସିପାଲ ଡାଇରେକ୍ଟର ରାଜେନ୍ଦ୍ର ଢମେଲ କହିଥିଲେ, ଆମ ପୂର୍ବଜମାନେ ଯାହା ଚିନ୍ତା କରିଥିଲେ ତାହାର ଲକ୍ଷ୍ୟ ପୂରଣ ହୋଇପାରିଛି। ସମସ୍ତେ ମିଶି ଏହାକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ସମାଜର ଉନ୍ନତି ଓ ବିକାଶ ପାଇଁ କାର୍ଯ୍ୟ କରିଥିବା ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ, ସ୍ୱର୍ଗତ ଗଙ୍ଗାଧର ପ୍ରଧାନ, ସ୍ୱର୍ଗତ ନାରାୟଣ ଗୌନ୍ତିଆ, ସ୍ୱର୍ଗତ ଲୋକନାଥ ପ୍ରଧାନ, ଚତୁର୍ଭୁଜ ସା, ରତ୍ନାକର ପ୍ରଧାନଙ୍କ ମାର୍ଗ ଦର୍ଶନକୁ ମନେପକାଇଥିଲେ। ବିକାଶ ସଂଘର ଜମି ରେଜିଷ୍ଟ୍ରେଶନ ପାଇଁ ସହଯୋଗ କରିଥିବା ଗୋପାଳ କାଲୋଙ୍କୁ ସମାଜ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ବନ୍ଧୁ ମିଳନ ଅବସରରେ ଦଶମ, ଯୁକ୍ତ ୨, ଇଞ୍ଜିନିୟରିଂ, ମେଡିକାଲ , ସୈନିକ ସ୍କୁଲ, ନବୋଦୟ, ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ଯୋଗ୍ୟତା ହାସଲ କରିଥିବା ୩୦ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ଚାକିରି ପାଇଥିବା ୧୫ ଜଣଙ୍କୁ ସମ୍ମାନିତ କରାଯାଇଥିଲା। କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହୋଇଥିବା ଦର୍ଲିପାଲି ଗ୍ରାମର ସୁରେନ୍ଦ୍ର କାଲୋ, ବହୁ ଚର୍ଚ୍ଚିତ ପ୍ରତୀକ୍ଷା ଓ କର୍ମ ସିନେମାର ମ୍ୟୁଜିକ ଡାଇରେକ୍ଟର ଆଶିଷ ପ୍ରଧାନ, କଲେଜ ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଥିବା ସୁଜାତା ପ୍ରଧାନ , ବିଏଚଇଏଲର ଜେନେରାଲ ମ୍ୟାନେଜର ହରେନ୍ଦ୍ର ସା ଓ ଅବସରପ୍ରାପ୍ତ ରେଲୱେ ଅଫିସର ରାଜେନ୍ଦ୍ର ଧମେଲଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଓ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କୁ ମରଣୋତ୍ତର ସମ୍ମାନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିକାଶ ସଂଘର ସମ୍ପାଦକ ପ୍ରଦୀପ କାଲୋ ବିବରଣୀ ପାଠ କରିଥିଲାବେଳେ କୌଶିକ ବୁଡା,ବିରଞ୍ଚି ବିଶାଳ ଓ ପୁଷ୍ପକ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗଞ୍ଜା, ଲୁହାଛଡ୍ ଚୋରି ଘଟଣା: ଯୁବକ ଗିରଫ

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ଗୁରୁବାର ଘରେ ଥିବା ଗଞ୍ଜା ଏବଂ ଲୁହାଛଡ ଚୋରି କରି ବିକ୍ରି କରିବା ସହ ପରିବାର ଲୋକଙ୍କୁ ଧମକ ଚମକ ଦେବା ଅଭିଯୋଗରେ ନୂଆଗୌଡସୁଗୁଡା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ଜଣକ ନୂଆଗୌଡସୁଗୁଡା ଗ୍ରାମର ବିରଞ୍ଚି ସାହୁ (୪୦)। ସୂଚନା ଅନୁଯାୟୀ ନୂଆ ଗୌଡସୁଗୁଡା ଗ୍ରାମର ବିରଞ୍ଚିଙ୍କ ବଡ ଭାଇଙ୍କ କରୋନାରେ ମୃତ୍ୟୁ ଘଟିଥିବା ବେଳେ ସେ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ବିଧବା ଭାଉଜ ଓ ବାପାମା'ଙ୍କୁ ଗାଳିଗୁଲଜ କରବା ସହ ଧମକ ଚମକ ଦେଇଆସୁଥିଲେ। ଫଳରେ ଘର ଛାଡି ସେମାନେ ଅନ୍ୟ ଏକ ଘରେ ରହୁଛନ୍ତି। ଏହାର ସୁଯୋଗ ନେଇ ବିରଞ୍ଚି ଗତ ୧୦ ତାରିଖରେ ଘରେ ଥିବା ଗଞ୍ଜା ଏବଂ ପ୍ରାୟ ୬ ରୁ ୭ କୁଇଣ୍ଟାଲ ଲୁହା ଛଡ ଚୋରି କରି ବିକ୍ରି କରିଦେଇଥିଲେ। ଏ ନେଇ ଗତ ୧୪ ତାରିଖରେ ବିରଞ୍ଚିଙ୍କ ଭାଉଜ ସୁଭଦ୍ରା ପ୍ରଧାନ ବାରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ବାରକୋଟ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଏହି ଘଟଣାରେ ବିରଞ୍ଚିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

### ରାଜମାତା ଗୁଣବନ୍ତି ଦେଈଙ୍କ ବିୟୋଗରେ ଶୋକସଭା

ଝାରସୁଗୁଡ଼ା,୧୭।୧୦(ସଞ୍ଜୟ ମାଲି)

ଶହୀଦ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍ନେଇ ନାଏକ ସ୍ମୃତି ଟ୍ରଷ୍ଟର ପ୍ରତିଷ୍ଠାତା କୋଲାବିରା ଗଡ଼ର ରାଜମାତା ଗୁଣବନ୍ତୀ କୁମାରୀ ଦେଈଙ୍କ ବିୟୋଗରେ ଶୋକସଭା ସ୍ଥାନୀୟ ତେଲେଙ୍ଗା ପଡାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଜମାତା ୧୯୪୫ ମାର୍ଚ୍ଚ ୨ରେ ପାହାଡା ସିରଗିଡା ଜମିଦାର ପରିବାରେ ଜନ୍ମଗ୍ରହଣ କରିଥିଲେ। ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ସମ୍ମିଳିତ ଆଦିବାସୀ ସମାଜ ଓ ଆଦିବାସୀ ଶକ୍ତିପିଠ ସେବା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଶୋକ ସଭାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲା ସଭାପତି ଡମ୍ବରୁଧର ନାଏକ, ସମ୍ବଲପୁର ଜିଲା ଗୋଁଣ୍ଡ ମହାସଭାର ମହାସଚିବ ମନୋଜ ନାଏକ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ଭୋଇ, ଟ୍ରଷ୍ଟ ସଭାପତି ରୁଦ୍ର ପ୍ରତାପ ସିଂହ, ସମ୍ପାଦକ ରାଜେଶ କୁମାର ନେଟି, ସମ୍ମିଳିତ ଆଦିବାସୀ ସମାଜର ମହାସଚିବ ଅଶୋକ ମାଝି, ଉପସଭାପତି ପ୍ରେମସାଗର ଧୁରୁଆ, ରତ୍ନାକର ପ୍ରଧାନ, ଅର୍ଜୁନ କିଷାନ, ପ୍ରଭାକର ଓରାମ, ଗଙ୍ଗାଧର ଭୋଇ, ତ୍ରିଲୋଚନ ଡନସନା, ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟର ସମ୍ପାଦକ ଧର୍ମେନ୍ଦ୍ର କିଷାନ, ସୁସ୍ମିତା କୁମୁରା, ରିଙ୍କି ସମର୍ଥା, ମଞ୍ଜରି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍କେଟ କମ୍ପ୍ଲେକ୍ସର ଦର ବୃଦ୍ଧିକୁ ବିରୋଧ

ବ୍ରଜରାଜନଗର ପୌରାଞ୍ଚଳ

■ପ୍ରତିବାଦରେ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ବ୍ରଜରାଜନଗର,୧୭।୧୦(ବିଜୟ ବରାଡ଼)



ଦାବିପତ୍ର ଦେବାକୁ ଆସିଥିବା ସଚେତନ ନାଗରିକ କମିଟି ବୃନ୍ଦ।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳର ଗାନ୍ଧୀଛକଠାରେ ୪୦ ଲକ୍ଷ ବ୍ୟୟରେ ନିର୍ମିତ ୧୪ଟି ଦୋକାନ ଘର ବଣ୍ଟନ ବ୍ୟବସ୍ଥାକୁ ବିରୋଧ କରିଛନ୍ତି ଅଞ୍ଚଳର ସଚେତନ ନାଗରିକ ସମାଜ। ଏହାର ପ୍ରତିବାଦରେ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ଭେଟି ଦାବିପତ୍ର ଦେବା ସହିତ ପୌର ପ୍ରଶାସନ ଏହାର ପୁନଃ ବିଚାର କରୁ ବୋଲି ଦାବି କରିଛନ୍ତି। ସଚେତନ ନାଗରିକ ସମାଜ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ଗରିବ ଲୋକମାନଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛି। ଗାନ୍ଧୀଛକଠାରେ ୧୪ଟି ଦୋକାନ ଘର ୪୦ ଲକ୍ଷ ବ୍ୟୟରେ ନିର୍ମାଣ କରାଯାଇଛି। ୪୦ ଲକ୍ଷ ଟଙ୍କା ଆଦାୟ ପାଇଁ ଗତ ୧୧ ତାରିଖରେ ଟେଣ୍ଡର ମାଧ୍ୟମରେ ଗୋଟିଏ ଦୋକାନ ଘର ମୂଲ୍ୟ ସର୍ବନିମ୍ନ ୨ ଲକ୍ଷ ୪୦ ହଜାର ଟଙ୍କା ରଖାଯାଇଛି। ୨ ଲକ୍ଷ ୪୦ ହଜାର ଟଙ୍କା ଉପରେ ଯିଏ ଅଧିକ ଟଙ୍କା ଦେବ ତାକୁ ଦୋକାନ ଘର ମିଳିବ। ଏହାପରେ ଦୋକାନ ଘର ମାସିକ ଭଡା ୩ ହଜାର ଟଙ୍କା ଓ ପ୍ରତ୍ୟେକ ଦୋକାନ ଘର ଭଡା ବାର୍ଷିକ ୫ ପ୍ରତିଶତ ବଢିବ ବୋଲି ଉଲ୍ଲେଖ କରାଯାଇଛି, ଯାହାଦ୍ୱାରା ଗୋଟିଏ ସାଧାରଣ ଲୋକ ଦୋକାନ ପାଇବା ସମ୍ଭବପର ହେବ ନାହିଁ। ଯେହେତୁ ଏହା ପୌର ପ୍ରଶାସନ ପକ୍ଷରୁ କରାଯାଉଛି, ଦୋକାନ ଘର ସିକୁରୀଟି ପାଇଁ ୧ ଲକ୍ଷ ଓ ବାର୍ଷିକ ଭଡା ମାସିକ ୨ ହଜାର ଟଙ୍କା ଓ ଲଟେରି ବ୍ୟବସ୍ଥା କରି ଦୋକାନ ଘର ବଣ୍ଟାଯାଉ। ଫଳରେ ସାଧାରଣ ଲୋକଟିଏ ଦୋକାନଟିଏ ପାଇପାରିବ ଓ ତାପରିବାର ପ୍ରତିପୋଷଣ କରି ପାରିବ। ନାଗରିକ ସମାଜ ଅଭିଯୋଗ ଆଧାରରେ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାରେ ଟେଣ୍ଡର ପ୍ରକ୍ରିୟାରେ ଯେଉଁ ନିୟମ ରହିଛି ସେହି ହିସାବରେ ଦୋକାନ ବଣ୍ଟନ କରାଯିବ ବୋଲି ପ୍ରକାଶ କରିଛନ୍ତି। ପୌର ଅଞ୍ଚଳରୁ ଅଧିକ ରାଜସ୍ୱ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଓଡିଶାର ଯେଉଁ ପୌରପାଳିକା ଯେତେ ରାଜସ୍ୱ ଆଦାୟ କରି ଦେଇପାରିବ ତାକୁ ସେହି ହିସାବରେ ଫଣ୍ଡ ଆସିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ବିରୋଧ କରିଛନ୍ତି ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ। ସେ ନିର୍ବାହୀ ଅଧିକାରୀଙ୍କ କଥାକୁ ଖଣ୍ଡନ କରିବା ସହିତ ଦୋକାନ ଘର କିପରି ସାଧାରଣ ଲୋକ ପାଇପାରିବ ତାର ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ଦୋକାନ ଘର ସର୍ବନିମ୍ନ ମୂଲ୍ୟ ୧ ଲକ୍ଷ ଟଙ୍କା ଓ ମାସିକ ଭଡା ୨ ହଜାର ଟଙ୍କା କରିବାକୁ ଲିଖିତ ଆକାରରେ ନିର୍ବାହୀ ଅଧିକାରୀଙ୍କୁ ଦେଇଛନ୍ତି। ହେଲେ ଅଧିକାରୀ ନିଜେ ଟେଣ୍ଡର ଡ଼ାକି ଏଭଳି କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏଭଳି କୌଣସି ନିର୍ଦ୍ଦେଶ ଆସି ନ ଥିବା ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଉପନଗରପାଳ ଗୋପାଲ ସୀତାନିଙ୍କୁ ପଚାରିବାରେ ଉଭୟଙ୍କ କଥାକୁ ସମର୍ଥନ କରିଛନ୍ତି। ତାଙ୍କ କହିବା ଅନୁସାରେ ମ୍ୟୁନିସିପାଲିଟିର ରାଜସ୍ୱ ଆଦାୟ ହେଉ ଓ ଗରିବ ଲୋକ ଦୋକାନ ଘର ବି ପାଉ। ତେବେ ନାଗରିକ ସମାଜ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବ ବୋଲି ପ୍ରକାଶ କରିଛନ୍ତି। ନାଗରିକ ସମାଜ ପକ୍ଷରୁ ଶିକ୍ଷାବିତ୍ ପ୍ରାଣକୃଷ୍ଣ ମହାପାତ୍ର, ସୁପ୍ରିତ ବେହେରା, ନୃପ ତାଣ୍ଡି, ରାଧାକାନ୍ତ ପ୍ରଧାନ, ସୁଶିଲ ପୁରୋହିତ, ସଚିନ ଦାସ, ସୁରଜ କଣ୍ଟା ପ୍ରମୁଖ ସାମିଲ ଥିଲେ।

# କେଶନପୁର-ବି ଟିମ୍ ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମଧୁପୁର ଗ୍ରାମପଞ୍ଚାୟତ କେଶନପୁର ଗଜଲକ୍ଷ୍ମୀ କମିଟି ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ଗୁରୁବାର ଏକ ଦିବସୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୮ ଟି ଦଳକୁ ନେଇ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ସାନମାଣପୁର ଭଲିବଲ ଦଳକୁ ପରାସ୍ତ କରି କେଶନପୁର-ବି ଟିମ୍ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ରେଫରୀ ଭାବେ ଲୋକନାଥ ପ୍ରଧାନ ଏବଂ ଆନନ୍ଦ ସାହୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜକ ଅନୁଷ୍ଠାନର ସଭାପତି ଲିଙ୍ଗରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ସଂଘର ମୁଖ୍ୟ ପରାମର୍ଶ ଦାତା ସତ୍ୟନାରାୟଣ ପାଣି ଯୋଗଦେଇ ଉଭୟ ବିଜେତା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ରୋଶନ ପ୍ରଧାନ, ହିରେନ ପ୍ରଧାନ, ନିହାର ନାୟକ ଓ ରଞ୍ଜିତ ପ୍ରଧାନ ସମେତ ବାପୁଜୀ ଯୁବକ ସଂଘର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଅନ୍ଧାରରେ ସନ୍ଧାନୀ କୁକୁର ଦ୍ୱାରା ଘଟଣାର ତଦନ୍ତ

ଘର ଭିତରେ ପଶି ସୁନା, ରୁପା ଗହଣା ଚୋରି ଘଟଣା

■ଅନ୍ଧାରରେ ପୋଲିସର ତଦନ୍ତକୁ ନେଇ ପ୍ରଶ୍ନବାଚୀ

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)



ଗୁରୁବାର ସନ୍ଧ୍ୟାରେ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ କରୁଛି।

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ସଇଡା କଦମ୍ବସାହିର ଜଣେ ବ୍ୟକ୍ତିଙ୍କ ଘରୁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସୁନା ଓ ରୁପା ଗହଣା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବାରକୋଟ ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ ଘଟଣାର ଅଧିକ ତଦନ୍ତ ନିମନ୍ତେ ସନ୍ଧାନୀ କୁକୁରର ସହାୟତା ନେଇଥିଲେ ହେଁ ଚୋରକୁ ଧରିବା କିମ୍ବା ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇନାହିଁ। ଅନ୍ୟପକ୍ଷରେ ମଙ୍ଗଳବାର ରାତିରୁ ଚୋରି ହୋଇଥିଲେ ହେଁ ଗୁରୁବାର ସନ୍ଧ୍ୟାରେ ଅନ୍ଧାର (ସୂର୍ଯ୍ୟାସ୍ତପରେ)ରେ ସନ୍ଦାନୀ କୁକୁର ସହାୟତାରେ ତଦନ୍ତ କରିବାରୁ ନେଇ ପୋଲିସ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟଶୈଳୀ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ରାତି ପ୍ରାୟ ୧ଟାରେ ସଇଡା କଦମ୍ବସାହିର ବେଣୁ ସାହୁଙ୍କ ସ୍ତ୍ରୀ ଓ ନାତିତାରୁଣି ପରିଶ୍ରା କରିବାକୁ ବାହାରକୁ ଯାଇଥିଲେ। କିଛି ସମୟ ପରେଏ ସେମାନେ ଘରକୁ ଫେରି ଘର କବାଟ ବନ୍ଦ କରି ଶୋଇଥିଲେ। ସକାଳ ପ୍ରାୟ ୬ଟାରେ ତାଙ୍କ ବୋହୁ ଘର ଲୁହା ଆଲମାରୀ ଖୋଲା ରହିଥିବା ଦେଖିବାକୁ ପାଇଥିଲେ। ଯାଞ୍ଚ କରିବାରୁ ଆଲମାରୀ ମଧ୍ୟରୁ ଗୋଟିଏ ସୁନାହାର, ଗୋଟିଏ ସୁନା ଚେନ, ୨ହଳ ସୁନା କାନଫୁଲ, ୨ଟି ସୁନା ମୁଦି ଓ ଏକହଳ ରୁପା ପାଉଁଜି ସମେତ ବହୁ ପରିମାଣର ରୁପାଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ବେଣୁ ବୁଧବାର ସକାଳେ ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ମାତ୍ର ଘଟଣାକୁ ଯେତିକି ଗୁରୁତ୍ୱ ଦେବାକଥା ସେତିକି ଗୁରୁତ୍ୱ ନ ଦେଇ ହାଲୁକା ଭାବେ ଗ୍ରହଣ କରୁଥିବା ବେଣୁଙ୍କ ପରିବବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ରାତିରୁ ଚୋରି ଘଟଣା ଘଟିଥିଲେ ହେଁ ତଦନ୍ତ ପ୍ରକ୍ରିୟାରେ ବିଳମ୍ବକୁ ଅଞ୍ଚଳବାସୀ ନାପସନ୍ଦ କରିବା ସହ ଚୋରଙ୍କୁ ଧରିବା ନିମନ୍ତେ ପୋଲିସର ଆନ୍ତରିକତା ନ ଥିବା ଅଞ୍ଚଳବାସୀ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ବାରକୋଟ ପୋଲିସ ଚରମ ଅବହେଳା ଓ ନିଷ୍କ୍ରୀୟତା ଯୋଗୁ ଏହି ଥାନା ଅଞ୍ଚଳରେ ସମ୍ପ୍ରତି ଚୋରି, ଡକାୟତି, ବଳାତ୍କାର ସମେତ ବେଆଇନ ବାଲି, ଲୁହାପଥର, କୋଇଲା, ଚୋରା ମଦ, ଗଞ୍ଜେଇ କାରବାର ଓ ଜୁଆଖେଳ ଭଳି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ଝାରସୁଗୁଡ଼ା,୧୭।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବିଜେଡ଼ି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବଡ଼ମାଲସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟିକା ସୁଶ୍ରି ଦୀପାଲି ଦାସ ଯୋଗଦେଇ ସର୍ବଶ୍ରେଷ୍ଠ ରାଜନୀତିଜ୍ଞ ତଥା ସୁଶାସକ ନବୀନ ପଟ୍ଟନାୟକଙ୍କଙ୍କୁ ସର୍ବଶ୍ରେଷ୍ଠ ରାଜନୀତିଜ୍ଞ ଭାବେ ନିଜ ହୃଦୟରେ ସ୍ଥାନ ଦେଇଥିବା କହିଛନ୍ତି। ମାଲ୍ୟାର୍ପଣ ଅବସରରେ ଶହଶହ ବରିଷ୍ଠ ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମୋତ୍ସବ ଦିନ ଉପଲକ୍ଷେ ସହର ମହକୁମାସ୍ଥିତ ଏକ ହୋଟେଲଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରୁ ପାଞ୍ଚଜଣ ଲେଖାଏଁ ରକ୍ତଦାନ କରିବା ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ସଭାପତି ରବି ସିଂ, ପୂର୍ବତନ ପୌର ଅଧକ୍ଷ ତାପସ ରାୟ ଚୌଧୁରୀ, ସହର ସଭାପତି ସନ୍ଦୀପ ଅବସ୍ଥି, ପୂର୍ବତନ ନଗରପାଳ ହରିଶ ଗଣତ୍ରା, ଯୁବ ସଭାପତି ପ୍ରସାନ୍ତ ଜେନା, ପୱନ ସିଂ ଯାଦବ, ପିଣ୍ଟୁପାଢ଼ୀ, ପ୍ରତାପ ନନ୍ଦ, ଆଲୋକ ତ୍ରିପାଠୀ, ତୁଳସି ଦାସ, ଦେବେନ୍ଦ୍ର ମହାପାତ୍ର, ନାଗେଶ୍ୱରି ବୋନେଲା, ଗୀତାଞ୍ଜଳୀ ପଣ୍ଡା, ନବନିତ କୋର, ନେତ୍ରରାନି ସାହା ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କିର୍ମିରା ବ୍ଲକ ଅଧକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଝାରସୁଗୁଡ଼ା,୧୭।୧୦(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଗତ ମାସ ୧୩ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ସରପଞ୍ଚ ଏବଂ ସମିତି ସଭ୍ୟ। ଅଧକ୍ଷା ଠିକ ଭାବରେ ନିଜର ଦାୟିତ୍ୱ ସମ୍ପାଦନ କରୁ ନ ଥିବା ବେଳେ ଅଞ୍ଚଳରେ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରୁ ନ ଥିବା ଅଭିଯୋଗ କରାଯାଇଥିଲା। ଏଠାରେ ମନମୁଖି କାର୍ଯ୍ୟ କଳାପ କରୁଥିବା କହିଛନ୍ତି ସମିତି ସଭ୍ୟ ଓ ପୂର୍ବତନ ବିଧାୟକ ଦିପାଳୀ ଦାସ। ଏହି ଅନାସ୍ଥା ପ୍ରସ୍ତାବ ଉପରେ ଜିଲା ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁ ଗୁରୁବାର ପୂର୍ବତନ ବିଧାୟକ ଦିପାଳୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ଟିମ ଜିଲାପାଳଙ୍କୁ ଭେଟିଥିଲେ। ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଜିଲାପାଳ ଚଳିତ ମାସ ଶେଷ ଆଡ଼କୁ ଏକ ତାରିଖ ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଦିପାଳୀ କହିଛନ୍ତି।

## ଭାଗୀରଥି ପାଣି ସାରଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)

ରାଜା ବାସୁଦେବ ହାଇସ୍କୁଲର ୮୩ ବ୍ୟାଚ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସ୍ୱର୍ଗତ ଭାଗୀରଥି ପାଣି ସାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୮୩ ବ୍ୟାଚର ସଂଯୋଜକ ସତ୍ୟ ନାରାୟଣ ମିଶ୍ର ଓ ଉମା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବ୍ୟାଚର ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ରାଜ ପ୍ୟାରୀ ସାହୁ, ହରେକୃଷ୍ଣ ସାହୁ, ପ୍ରଦୀପ ଦାଶ, ତ୍ରିଦିବେଶ ଗଙ୍ଗଦେବ, ବିକ୍ରମ କେଶରୀ ଦେବ, ରାଧା ମୋହନ ବରାଇ, ମଞ୍ଜୁଳ ନାଏକ, ପ୍ରଦୀପ ଛତ୍ରିଆ, ଜଗବନ୍ଧୁ ପାତ୍ର, ସୀତାକାନ୍ତ ଧଉଳିଆଁ, ବିଶେଶ୍ୱର ନନ୍ଦ, ବିଜୟ ମୋଦୀ, ଗୌର ସାହୁ, ଶୁଶିଲ ନାଏକ, ଭୂପେଶ ୱାଧେର, ୮୨ ବ୍ୟାଚର ନୀଳାଞ୍ଚଳ ଆଚାର୍ଯ୍ୟ, କୁମୁଦ ବନ୍ଧୁ ପୃଷ୍ଟି, ତଥା ବରିଷ୍ଠ ବଡ଼ଭାଇ କୁଞ୍ଜ ବିହାରୀ କିଷାନ, ଅଶୋକ କୁମାର ନନ୍ଦ, ଧୀରେନ୍ଦ୍ର କୁମାର ନାଏକ, ଅମରେନ୍ଦ୍ର ଗଙ୍ଗଦେବ, ବିକାଶ ପ୍ରଧାନ, ସିମାଞ୍ଚଳ ଦ୍ୱିବେଦୀ, ପ୍ରତାପ କୁମାର ଦେବ ତଥା ସହରର ବହୁ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସୁନାମୁଣ୍ଡା ଗ୍ରାମରେ ଭାଜପାର ସଦସ୍ୟତା ଅଭିଯାନ

ସାମିଲ ହେଲେ ଭାଜପା ରାଷ୍ଟ୍ରୀୟ ଉପସଭାପତି

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)

ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଗୁରୁବାର ଦେବଗଡ ଜିଲା ଗସ୍ତରେ ଆସି ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପଣ୍ଡା ହେଲିକେପ୍ଟର ଯୋଗେ ଦେବଗଡସ୍ଥିତ ବଡବଗିଚା ଅସ୍ଥାୟୀ ହେଲିପାଡରେ ପହଞ୍ଚିବା ପରେ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହାପରେ ସେ ଦଳୀୟ ନେତା ଓ କର୍ମୀମାନଙ୍କ ସହିତ ତିଲେଇବଣି ବ୍ଲକ ସୁନାମୁଣ୍ଡା ଗ୍ରାମରେ ପହଞ୍ଚି ଘରକୁ ଘର ବୁଲି ଭାଜପା ପାଇଁ ସଦସ୍ୟ ସଂଗ୍ରହ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନଙ୍କୁ ମୋବାଇଲ ଆପ୍ ଯୋଗେ ଅଧିକରୁ ଅଧିକ ସଦସ୍ୟ ସଗ୍ରହ କରିବାକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ସ୍ଥାନୀୟ ସର୍କିଟ ହାଉସରେ ସ୍ଥାନୀୟ ନେତୃବର୍ଗଙ୍କ ସହିତ ଆଲୋଚନା କରି ଫେରିଯାଇଥିଲେ। ଏହି ଅବସରରେ ପଣ୍ଡାଙ୍କ ସହିତ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାସ, ଜିଲା ଭାଜପା ଉପସଭାପତି ସତ୍ୟ ନାରାୟଣ ପାଣି, ଭାଜପା ନେତା ଯୋଗେଶ ଚନ୍ଦ୍ର ପ୍ରଧାନ, ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ପ୍ରୀତି ବେହେରାଙ୍କ ସମେତ ଭାଜପା ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।



ଭାଜପା ସଦସ୍ୟତା ଅଭିଯାନରେ ସାମିଲ କେନ୍ଦ୍ରାପଡା ଏମ୍‌ପି ଏବଂ ଅନ୍ୟମାନେ।

# ଶିଶୁର ପୁଷ୍ଟି, ସ୍ୱାସ୍ଥ୍ୟ, ଶିକ୍ଷାର ବିକାଶ ପାଇଁ କର୍ମଶାଳା

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)



ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କର୍ମଶାଳା।

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମେରିକାନ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ (ଏଆଇଏଫ୍ଟି) ଓ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ସହଯୋଗରେ ଶିଶୁର ପୁଷ୍ଟି, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶକୁ ନେଇ ଏକ ସମନ୍ୱିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ସେ ସମନ୍ୱିତ କାର୍ଯ୍ୟକ୍ରମ ପ୍ରତି ସାହାଯ୍ୟ ସହଯୋଗ କରିବେ ବୋଲି ସମ୍ମତି ପ୍ରକାଶ କରିଥିଲେ। ଆମେରିକାନ ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟର ସଦସ୍ୟ ପୌରୋହିତ୍ୟ କରି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଶୁର ପୁଷ୍ଟି, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ମିଳିତ ବିକାଶ ପାଇଁ ଏକ ମିଳିତ ଉପାୟରେ ମହିଳା ଏବଂ ଶିଶୁ ବିକାଶ, ସାମାଜିକ ବିଭାଗ ଦ୍ୱାରା ୦-୬ ବର୍ଷର ଶିଶୁର ପୁଷ୍ଟି, ସ୍ୱାସ୍ଥ୍ୟର ଉନ୍ନତି ନେଇ ସଫଳତା ପାଇବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ଯଥାକ୍ରମେ ଶିଶୁ କିପରି କୁପୋଷଣରେ ମୁକାବିଲା କରିବ ତଥା ଶିଶୁମାନଙ୍କ ମଧ୍ୟରେ କିପରି ଭାବେ ଅପପୁଷ୍ଟି ଦୂର କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ପୁଷ୍ଟିକର ସହାୟତା, ସଚେତନତା ଅଭିଯାନ ଏବଂ ସନ୍ତୁଳିତ ଖାଦ୍ୟ ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚର ଗୁରୁତ୍ୱ ଦେବା ପାଇଁ ପିତାମାତା ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ସହିତ ଜଡିତ ରହିବା ଉପରେ ବିଶେଷ ଧ୍ୟାନ ଦେବା ସହିତ ପ୍ରାରମ୍ଭିକ ବାଲ୍ୟକାଳର ଗୁଣାତ୍ମକ ଶିକ୍ଷାରେ ଉନ୍ନତି ଆଣିବା ଉପରେ ମଧ୍ୟ କିପରି ଧ୍ୟାନ ଦିଆଯିବ ସେ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ଶିକ୍ଷକ ତାଲିମ, ଶିକ୍ଷାଗତ ସାମଗ୍ରୀର ବ୍ୟବସ୍ଥା ଏବଂ ତିଲେଇବଣି ବ୍ଲକର ଦୁର୍ଗମ ଅଞ୍ଚଳରେ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ଅନ୍ତର୍ଭୁକ୍ତ କରାଯିବା ନେଇ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ସମନ୍ୱିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଦେବଗଡ ଜିଲାର ପିଲାମାନଙ୍କ ମଧ୍ୟରେ ଅପପୁଷ୍ଟିସ୍ତରକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବ ଏବଂ ଯୁବ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷାଗତ ଫଳାଫଳକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି, ଯାହା ସେମାନଙ୍କ ସାମଗ୍ରିକ କଲ୍ୟାଣ ଏବଂ ଭବିଷ୍ୟତର ସମ୍ଭାବନାରେ ଯୋଗଦାନ କରିବ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରଚି ପ୍ରଧାନ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ କର୍ପୋରେଟ ସାମାଜିକ ଦାୟିତ୍ୱ ମୁଖ୍ୟ ଅରୁଣା ମରାଣ୍ଡି, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, କର୍ପୋରେଟ ସାମାଜିକ ଦାୟିତ୍ୱ ମୁଖ୍ୟ ସହଯୋଗୀ ହରପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୩ଟି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସହ, ତିଲେଇବଣି ବ୍ଲକର ଅଙ୍ଗନୱାଡି କର୍ମୀଙ୍କୁ ଗରମ ରନ୍ଧାଖାଦ୍ୟ ଉପରେ ତାଲିମ ଦିଆଯାଇଥିଲା।

## ସଂକ୍ଷେପରେ

### ଖଡ଼ିଆଳ ସହର ଜଗିବ ସିସିଟିଭି କ୍ୟାମେରା



ଖଡ଼ିଆଳ,୧୭।୧୦ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଲାଗିଥିବା ସିସିଟିଭି କ୍ୟାମେରା ୨ ବର୍ଷରୁ ଅଧିକ ଦିନ ବନ୍ଦ ରହିଥିବା ବେଳେ ଖଡ଼ିଆଳ ପୋଲିସ ତତ୍ପରତା ଦେଖାଇ ନୂତନ ଭାବେ ବିଭିନ୍ନ ସ୍ଥାନରେ ୩୨ ଗୋଟି କ୍ୟାମେରା ଲଗାଇଛି। ସହରର ଆମ୍ବେଡକର ଛକଠାରୁ ଖଡ଼ିଆଳ କଲେଜ, ଥାନା ଛକରୁ ପୁଟୁପଡା ମଡେଲ ଡିଗ୍ରୀ କଲେଜ ଛକ ଓ ବ୍ଲକ ଛକରୁ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଖଡ଼ିଆଳ ସହରକୁ ଜଗିବ। ଏହି ବ୍ୟବସ୍ଥା ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ସହରରେ କୌଣସି ଅନୈତିକ କାର୍ଯ୍ୟ ହେଉଥିଲେ ମଧ୍ୟ କିଛି ପରିମାଣରେ ଅଭିଯୁକ୍ତ ଖସି ଯିବାରେ ସକ୍ଷମ ହେଉଥିଲେ। ବର୍ତ୍ତମାନ ସିସି କ୍ୟାମେରା ନଜରରେ ସହର ରହିବ ବୋଲି ଚର୍ଚ୍ଚା ହେଉଛି। ଏନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ପଚାରିବାରୁ ସିସିଟିଭି କ୍ୟାମେରା ଲାଗିବା ପରେ ସହରର ଆଇନଶୃଙ୍ଖଳା ଠିକ୍ ରହିବା ସହିତ ପୋଲିସ ପ୍ରଶାସନକୁ ଅଧିକ ସହଯୋଗ ମିଳିବ ବୋଲି ପ୍ରକାଶ କରିଥିଲେ।

### ମହିଳା ସଙ୍ଗଠନ ଗଠନ ପାଇଁ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୧୭।୧୦(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଇନ୍ଦ୍ରନଗରସ୍ଥିତ ସୁଶ୍ରୀ ସିଂ ବାରିକଙ୍କ ବାସଭବନରେ ଝାନ୍ସୀ ରାଣୀ ଲକ୍ଷ୍ମୀବାଇ କ୍ଷତ୍ରାଣି ମହିଳା ସଂଘ ଗଠନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ହୋଇଥିଲା। ସୁଶ୍ରୀ ସିଂ ବାରିକ ସମସ୍ତ ମହିଳାଙ୍କୁ ସ୍ୱାଗତ କରିଥିବା ବେଳେ କାଦମ୍ବିନୀ ପଣ୍ଡା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏ ଅବସରରେ କ୍ଷତ୍ରାଣିମାନଙ୍କ ଏକ ସଂଗଠନ ଜରୁରୀ ବୋଲି ଉପସ୍ଥିତ ମହିଳାମାନେ ମତାମତ ପ୍ରଦାନ କରିଥିଲେ। ଆଗାମୀ ବୈଠକରେ ଉକ୍ତ ସଂଗଠନର କର୍ମକର୍ତ୍ତା ଚୟନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଗୀତାଞ୍ଜଳି ମହାରଥା, ଦୀପ୍ତିମୟୀ ବାରିକ, ରାଜଶ୍ରୀ ଦଣ୍ଡସେନା, ଜୟଶ୍ରୀ ସିଂ ବାରିକ, ମୌସମୀ ଦଣ୍ଡସେନା, ରିତୁ ବାରିକ, ଖ୍ୟାତିମୟୀ ପଣ୍ଡା, ପ୍ରିୟଦର୍ଶିନୀ ଠାକୁର, ଭାଗ୍ୟବନ୍ତୀ ମହାରଥା ପ୍ରମୁଖ ଉପସ୍ଥିତ ଥିଲେ।

# ହୋଇ ନ ଥିବା ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ କର

ଭବାନୀପାଟଣା,୧୭।୧୦(ଉତ୍ତମ କୁମାର ଦାଶ)



ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବଙ୍କ ସହ ଅନ୍ୟ ଅଧିକାରୀମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଜିଲାର ବିଭିନ୍ନ ଉନ୍ନୟନ କାମକୁ ନେଇ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟ ହୋଇ ନ ଥିବା ପ୍ରକଳ୍ପଗୁଡିକୁ ଶୀଘ୍ର ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଲୋକମାନେ ସରକାରୀ ଯୋଜନାର ଫାଇଦା ଉଠାଇ ଉପକୃତ ହୋଇପାରିବେ ବୋଲି କହିଥିଲେ। ଦେଶାନ୍ତର (ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକ) ରୋକିବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ, ଦକ୍ଷତା ବିକାଶ, ଜୀବିକା ମିଶନକୁ ଅଗ୍ରାଧିକାର ଦେବାକୁ କହିଥିଲେ। ସେହିପରି ୬୫୦ ବେଡ୍ ବିଶିଷ୍ଟ ଟିଚିଂ ହସ୍ପିଟାଲ ଓ ସରକାରୀ କ୍ୟାନସର ହସ୍ପିଟାଲ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା, ନୂଆ ଅମୃତ ସରୋବର ଯୋଜନା

**ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ**

ପ୍ରକଳ୍ପ ଆରମ୍ଭ କରିବା ଓ ଜିଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବା ନେଇ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଓ ପୁଷ୍ଟିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବ୍ଲକରେ ଏକ ମା' ଗୃହ କାର୍ଯ୍ୟକ୍ଷମ କରିବା ଓ ଅଧାପନ୍ତରିଆ ହୋଇଥିବା ଅଙ୍ଗନୱାଡି କେନ୍ଦ୍ର ଶୀଘ୍ର ସମାପନ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାର କୃଷି ଓ ଜଳ ଯୋଗାଣର ଉନ୍ନତି ଉପରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ବିଜୁଳି ସଂଯୋଗ ପାଇ ନ ଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ସଂଯୋଗ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି ବୈଠକରେ ଜଳ ଯୋଗାଣ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଡିପିଏମ୍‌ୟୁ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲା ବନଖଣ୍ଡ ଅଧିକାରୀ (ଉତ୍ତର) ଅନୁରାଗ ମିଶ୍ର, ଜିଲା ବନଖଣ୍ଡ ଅଧିକାରୀ (ଦକ୍ଷିଣ) ଆରକାଲଇ ଭାନନ୍, ଧର୍ମଗଡ ଉପଜିଲାପାଳ ଧିମାନ ଚକମାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୬୦ ବର୍ଷରେ ପଦାର୍ପଣକଲା ହନୁମାନ ପୂଜା

ଖଡ଼ିଆଳ,୧୭।୧୦ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସହର ଜଗନ୍ନାଥ ମନ୍ଦିରଠାରେ ହେଉଥିବା ହନୁମାନ ପୂଜା ୬୦ ବର୍ଷରେ ପଦାର୍ପଣ କରିଛି। ବୁଧବାର ପୂଜା କମିଟି ପକ୍ଷରୁ ଏକ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଜଗନ୍ନାଥ ମନ୍ଦିର ପଡ଼ାର ମହିଳାମାନେ ସ୍ଥାନୀୟ ଗୋଡେଲବନ୍ଧ ଜଳାଶୟରୁ ପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାର ବିଧିବଦ୍ଧ ଭାବରେ ପୂଜା ଆରମ୍ଭ ହୋଇଛି। ଏଥିରେ କର୍ତ୍ତା ଭାବେ ଶଙ୍କର ପୁରୋହିତ ଓ ତାଙ୍କ ସ୍ତ୍ରୀ କ୍ରିଷ୍ଣାମୟୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପୂଜକ ଭାବେ ବିଭୁ ବିନୋଦ ମିଶ୍ର, ମିଳିନ୍ଦ ଖମାରୀ, ଶକ୍ତିମାନ ଯୋଶୀ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। କମିଟି ସଭାପତି ସନ୍ତୋଷ ବାରିକ, ଉପସଭାପତି ନମେଶ ବାରିକ, ସମ୍ପାଦକ ଲଳିତେନ୍ଦୁ ସାହୁ, ସହସମ୍ପାଦକ ଜୟରାମ କୈବର୍ତ୍ତ, କୋଷାଧ୍ୟକ୍ଷ ହୃଷୀକେଶ ସାହୁ, ଉପ କୋଷାଧ୍ୟକ୍ଷ ବିକାଶ ବଂଶଲ, ଭଣ୍ଡାର ରକ୍ଷକ ସୁମିତ ଅଗ୍ରୱାଲ ପ୍ରମୁଖ ସହଯୋଗ କରୁଛନ୍ତି ।



ହନୁମାନଙ୍କ ପୂଜା କରାଯାଉଛି।



କଳସ ଯାତ୍ରାରେ ସାମିଲ ମହିଳା ଓ ଯୁବତୀ।

## ବିଷମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ଯାତ୍ରା ଆରମ୍ଭ

ଲାଞ୍ଜିଗଡ଼,୧୭।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତ ସାଡିଙ୍ଗ ଗୁମ୍ଫାଠାରେ ବିଷମୁଣ୍ଡ ବୁଢ଼ାରାଜାଙ୍କ ବାର୍ଷିକ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ କାର୍ତ୍ତିକ ଶୁକ୍ଳପକ୍ଷ ପୂର୍ଣ୍ଣମୀଠାରୁ ଯାତ୍ରା ଆରମ୍ଭ ହୋଇ ତିନିଦିନ ଧରି ଚାଲିବ। ପ୍ରଭୁ ବିଶମୁଣ୍ଡ ବୁଢ଼ା ରାଜାଙ୍କ ପାଖରେ ଯାହାବି ମାନସିକ କରାଯାଏ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଜିଲା ତଥା ଜିଲା ବାହାରୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ପ୍ରଥମ ଦିନରେ ବିଭିନ୍ନ ଗ୍ରାମର ମହିଳା ଓ ଯୁବତୀମାନେ କଳସରେ ନିକଟସ୍ଥ ନଦୀରୁ ପାଣି ଧରି ବୁଢ଼ାରାଜାଙ୍କ ପୀଠକୁ ଆସିଥିଲେ। ପରେ ମୁଖ୍ୟ ପୂଜକ ବୁଦ୍ଧୁ ନାଏକଙ୍କ ସମେତ ଲୋକନାଥ ମାଝି, ମାନ ମାଝି, ଭୀମ ମାଝି ଓ ଜଗଦୀଶ ପୁଟାଙ୍କ ଦ୍ୱାରା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ନଡ଼ିଆ, କଦଳୀ, ଧୂପ ଓ ମୁଆଁ ଆଦି ଶୁକ୍ଳ ଭୋଗରେ ପୂଜା କରାଯାଇଥିଲା। ମାନସିକଧାରୀ ହଜାର ସଂଖ୍ୟାରେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ। ପୂଜାରେ ପାହାଡ଼ପଦର, ଲାଖବାହିଲି, ବିଜେପୁର, ମାଲିଯୁବାଙ୍ଗ ଓ ବେନଗାଁ ପଞ୍ଚାୟତର ଭକ୍ତ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି ମୁଖ୍ୟ ଅତିଥି ଓ ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ଲାଞ୍ଜିଗଡ ପ୍ରେସକ୍ଲବ ଉପସଭାପତି କ୍ଷମାନିଧି ମହାକୁଡ଼, କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ରାତିରେ ଲୋକଙ୍କ ମନୋରଞ୍ଜନ ସକାଶେ ଗୀତିନାଟ୍ୟ, ରେକର୍ଡ ଡ୍ୟାନ୍ସ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ହତ୍ୟା ଅଭିଯୋଗ, ପ୍ରେମିକ ଗିରଫ

ଅତାବିରା,୧୭।୧୦(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ହତ୍ୟା ଅଭିଯୋଗରେ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭେଡ଼େନ ଥାନା କଦଳୀପାଲି ଗ୍ରାମର ଶମ୍ଭୁ ମଟାରୀ(୨୪)। ସେ ଆସାମ ପାରା ମିଲିଟାରିରେ କାର୍ଯ୍ୟରତ ଥିଲେ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡ଼େନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୨୯୮/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଶମ୍ଭୁ ଏବଂ ସୋହେଲା ଥାନା ସୁଚବାହାଲ ଗ୍ରାମର ନନ୍ଦିତା ବରିହାଙ୍କ ମଧ୍ୟରେ ଫେସ୍‌ବୁକରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନନ୍ଦିତା ହାଇଦ୍ରାବାଦରେ ରହି ନର୍ସ କାମ କରୁଥିଲେ। ତେବେ ପ୍ରେମ ସମ୍ପର୍କର କିଛିମାସ ପରେ ଶମ୍ଭୁ ନନ୍ଦିତାଙ୍କଠାରୁ ଦୂରେଇ ଯାଇଥିଲେ। ଶମ୍ଭୁ ଛୁଟିରେ ଗ୍ରାମକୁ ଆସିଥିବା ସୂଚନା ପାଇ ଗତ ୧୫ତାରିଖରେ ନନ୍ଦିତା ପ୍ରେମିକ ଶମ୍ଭୁଙ୍କ ଘରକୁ ପହଞ୍ଚିଥିଲେ। କିନ୍ତୁ ଶମ୍ଭୁ ଧରାଛୁଆଁ ଦେଇ ନ ଥିଲେ। ଅନ୍ୟପଟେ କିଛି ଘଣ୍ଟା ପରେ ଶମ୍ଭୁଙ୍କ ଗ୍ରାମଠାରୁ ଅନତିଦୂରରେ ବୁଧବାର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ନନ୍ଦିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନନ୍ଦିତାଙ୍କ ପରିବାର ଲୋକେ ଏ ନେଇ ଶମ୍ଭୁଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଶମ୍ଭୁଙ୍କୁ ଗିରଫ କରିଥିଲା।

## ଗଜଲକ୍ଷ୍ମୀ ପୂଜା ପାଇଁ ଜୟପାଟଣା ଚଳଚଞ୍ଚଳ



ଜୟପାଟଣା,୧୭।୧୦ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣାସ୍ଥିତ ମହାବୀର ପଡ଼ାରେ ଗୁରୁବାରଠାରୁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ଏହି ଅବସରରେ ଅପରାହ୍ନରେ ଏଠାରେ କଳସ ଯାତ୍ରା ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଚଳିତ ବର୍ଷ ମା'ଙ୍କ ପୂଜା ୫ଦିନ ଧରି ଚାଲିବ ବୋଲି ପୂଜା କମିଟି ପକ୍ଷରୁ ଜଣାପଡିଛି। ପୂଜାର କର୍ତ୍ତା ଭାବେ ବ୍ୟବସାୟୀ ରାଜେଶ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ସଞ୍ଜୁ ଅଗ୍ରୱାଲ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ମୁଖ୍ୟ ପୂଜକ ଭାବେ ହୃଷୀକେଶ ମୁଣ୍ଡ ଓ ସହକାରୀ ପୂଜକ ବ୍ୟୋମକେଶ ମୁଣ୍ଡ ରହିଛନ୍ତି। ପୂଜା କମିଟି ସଭାପତି ଭିକାରୀ ଚରଣ ମିଶ୍ର ଓ ଯୁବ ସଭାପତି ସୁରଜ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

## କର୍ଲାମୁଣ୍ଡାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ



କର୍ଲାମୁଣ୍ଡା ବସ୍ତିପଡ଼ାରେ ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି।

ରିଷିଡ଼ା,୧୭।୧୦ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ବସ୍ତିଠାରେ ତ୍ରୟୋଦଶତମ ଗଜଲକ୍ଷ୍ମୀ ପୂଜା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସକାଳେ କଳସ ଯାତ୍ରା ପରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ଭାରତ ଷଡ଼ଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ କର୍ତ୍ତା ଭାବେ ଶଲ୍ୟ ରଥ୍ ସାହୁ ଓ ତାଙ୍କ ଧର୍ମପତ୍ନୀ ପଦ୍ମାବତୀ ସାହୁ ରହିଛନ୍ତି। ପୂଜା କମିଟି ସଭାପତି କୈଳାସ ସାହୁ, ସମ୍ପାଦକ ନିଲେଶ ସାହୁ, କୋଷାଧ୍ୟକ୍ଷ ହେମସାଗର ସାହୁ, ଶିବ ସାହୁ, ପରମା ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ଦାୟିତ୍ୱ ତୁଲାଉଛନ୍ତି। ଏହି ପୂଜା ଶୁକ୍ରବାର ଉଦ୍‌ଯାପିତ ହେବ।

## ଆନ୍ତର୍ଜାତିକ ସାହିତ୍ୟ ପ୍ଲାଟଫର୍ମରେ ଡ. ଭବାନୀ ଶଙ୍କର ନିଆଲ



ଡ଼. ଭବାନୀଶଙ୍କର ନିଆଲ।

ଭବାନୀପାଟଣା,୧୭।୧୦ (ଉତ୍ତମ କୁମାର ଦାଶ)

**୨୪ରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ ହେଲାଣି କବିତା**

ଚଳନ୍ତି ଦଶକରେ ବଦଳିଛି ସାହିତ୍ୟର ଦିଶା ଓ ଆଶା। ସମଗ୍ର ବିଶ୍ୱ ସାହିତ୍ୟରେ ଆସିଛି ନୂଆ ସ୍ୱର, ଯାହା ସ୍ୱତନ୍ତ୍ର। ତେବେ ଏହି ସମୟକୁ ନିଜର ଲେଖନୀରେ ଆହୁରି ସୁସ୍ପଷ୍ଟ କରିଛି କବି ଡ଼. ଭବାନୀ ଶଙ୍କର ନିଆଲଙ୍କ କବିତା। ପୃଥିବୀର ୨୪ରୁ ଊର୍ଦ୍ଧ୍ୱ ଭାଷାରେ ତାଙ୍କ କବିତା ଅନୁଦିତ ହୋଇସାରିଛି। ଏହାକୁ ନେଇ ସେ ଏବେ ଆନ୍ତର୍ଜାତିକ ସାହିତ୍ୟ ପ୍ଲାଟଫର୍ମରେ ଚର୍ଚ୍ଚାରେ ରହିଛନ୍ତି। ସାହିତ୍ୟ ପତ୍ରିକା 'ମହୁରି'ର ମୁଖ୍ୟ ସମ୍ପାଦକ ରହିଥିବାବେଳେ ବିଭିନ୍ନ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହେବା ସହ ଅନେକ ସଂଗଠନର ଅଧ୍ୟକ୍ଷ ଓ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। କରୋନା ସମୟରେ 'ଲକ୍‌ଡାଉନ' କବିତା ସଂକଳନ ମାଧ୍ୟମରେ ସେ ବିଶ୍ୱ ସାହିତ୍ୟରେ ଦୃଷ୍ଟି ଆକର୍ଷଣ କରିଥିଲେ।

## ଜୀବନରେ କ୍ରୀଡ଼ାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ

ଭବାନୀପାଟଣା,୧୭।୧୦ (ଉତ୍ତମ କୁମାର ଦାଶ)



ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ଥିବା ଉଇଜ୍‌ଡ଼ମ ପାର୍କରେ ଗୁରୁବାର ତୃତୀୟ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ବାର୍ଷିକ କ୍ରୀଡ଼ା ଉତ୍ସବ 'ଆଥ୍‌ଲେଟିକ ମିଟ ୨୦୨୪' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିସିସିଆଇ ପିଚ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଓ ଓଡ଼ିଶା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ କଳାହାଣ୍ଡି ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପରେ ବିଦ୍ୟାଳୟର ପତାକା ଉତ୍ତୋଳନ ଓ ମଶାଲ ପ୍ରଜ୍ୱଳନ ପୂର୍ବକ ମୁଖ୍ୟ ଅତିଥି କାର୍ଯ୍ୟକ୍ରମର

**ବିକାଶ ଉଇଜ୍‌ଡମ୍ ପାର୍କରେ ବାର୍ଷିକ କ୍ରୀଡ଼ା ଉତ୍ସବ**

ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷା ଆରତୀ ମିଶ୍ର ସ୍ୱାଗତ ବକ୍ତବ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ପ୍ରଭାରୀ ଡି. ବିଜୟା କ୍ରୀଡ଼ାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ଦ୍ଦେଶକ ଡି. ରାମ କୁମାର ତାଙ୍କ ବକ୍ତବ୍ୟରେ ଆମ ଜୀବନରେ କ୍ରୀଡାର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ଅତିଥି ବିଭିନ୍ନ କ୍ରୀଡାବିତ୍‌ମାନଙ୍କ ପ୍ରାରମ୍ଭିକ ଜୀବନ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ୧୦୦ ମିଟର, ୪୦୦ ମିଟର ରେସ୍, ସେକ ରେସ୍, ଥ୍ରୋ ଇଭେଣ୍ଟ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଜବାହର ଉଚ୍ଚ ବିଦ୍ୟାପୀଠରେ ଗଣଧାରଣା ଜାରି

କେସିଙ୍ଗା,୧୭।୧୦ (ତୁମେଶ୍ୱର ସାହୁ)




ଜବାହର ଉଚ୍ଚ ବିଦ୍ୟାପୀଠ ଆଗରେ ଶିକ୍ଷା କମିଟିର ଧାରଣା।

ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ଯୋଗଦାନ କରାଇ ନ ଦେବା ଦାବିରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଜବାହର ଉଚ୍ଚ ବିଦ୍ୟାପୀଠ ବାଲସି (କ)ର ଶିକ୍ଷା କମିଟି ପକ୍ଷରୁ ଧାରଣା ଜାରି ରହିଛି। ସୂଚନାକ୍ରମେ ଏହି ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ରାଉତଙ୍କୁ ୩ ବର୍ଷ ତଳେ ଜିଲା ଶିକ୍ଷାଧିକାରୀ କନ୍ତେଶିରସ୍ଥିତ କପିଳେଶ୍ୱର ହାଇସ୍କୁଲକୁ ଡେପୁଟେଶନରେ ପଠାଇଥିଲେ। ହେଲେ ତାଙ୍କୁ ପୁନଶ୍ଚ ଜବାହର ଉଚ୍ଚ ବିଦ୍ୟାପୀଠକୁ ଫେରାଇଆଣିବା ପାଇଁ ଜିଲାପାଳ ତାଙ୍କ ଚିଠି ସଂଖ୍ୟା ୬୩୮୯/ ୭।୧୦।୨୪ରେ ଆଦେଶ ଦେଇଛନ୍ତି। ତଦନୁଯାୟୀ ଗତ ୧୪ତାରିଖରେ ପ୍ରଧାନ ଶିକ୍ଷକ ରାଉତ ଉକ୍ତ ପଦ୍ୟାପୀଠକୁ ଯୋଗଦାନ କରିବାକୁ ଆସିଥିଲେ। ହେଲେ ଜିଲାପାଳଙ୍କ ଆଦେଶକୁ ଅଣଦେଖାକରି ଶିକ୍ଷା କମିଟି ସଭାପତି ଗୋପାଳ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତା ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିବାରୁ ସେ ନିରାଶରେ ଫେରିଯାଇଥିଲେ। ଅନ୍ୟପକ୍ଷେ ଦଶହରା ପାଇଁ ସ୍କୁଲ ଛୁଟି ଥିବାବେଳେ ଶୁକ୍ରବାର ଖୋଲିବ। ହେଲେ ସ୍କୁଲରେ ଦେଖାଦେଇଥିବା ସମସ୍ୟାର କିଭଳି ସମାଧାନ ହେଉଛି ତାହାକୁ ଅପେକ୍ଷା। ଏ ସଂକ୍ରାନ୍ତରେ ଶିକ୍ଷା କମିଟି ସଭାପତି ସାହୁଙ୍କୁ ପଚାରିବାରୁ ଜେଲ ପଛେ ଯିବୁ, ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ସ୍କୁଲରେ ଯୋଗଦାନ କରେଇଦେବୁ ନାହିଁ, ସେ ଯୋଗଦାନ କଲେ ବହୁ ପିଲା ଟିସି ନେଇ ପଳାଇବେ ବୋଲି କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ରାଉତଙ୍କୁ ପଚାରିବାରୁ ଜିଲାପାଳ ଡେପୁଟେଶନ ବାତିଲକରି ଉକ୍ତ ସ୍କୁଲରେ ଯୋଗଦାନ କରିବାକୁ ଆଦେଶ ଦେଇଛନ୍ତି। ଶିକ୍ଷା କମିଟି ଏହାକୁ ଅଣଦେଖାକରି ତାଲା ପକାଇ ଧାରଣା ଦେଇଛି। ଜିଲାପାଳଙ୍କ ଆଦେଶ ଅନୁଯାୟୀ ସେ ଶୁକ୍ରବାର ସ୍କୁଲରେ ଯୋଗଦାନ କରିବେ ବୋଲି ପ୍ରକାଶ କରିଥିଲେ। ଏ ନେଇ ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ କହନ୍ତି, ଶୁକ୍ରବାର ସ୍କୁଲ ଖୋଲିବ। ହେଲେ ଶିକ୍ଷା କମିଟି ତାଲା ଖୋଲିବା ପାଇଁ ମନାକରି ତାଙ୍କୁ ଲିଖିତ ଦେଇଛନ୍ତି ବୋଲି ସେ କହିଥିଲେ।

# କଂସ ଅଭିନେତାଙ୍କ ଅଡୁଆ ବଢ଼ିଲା

ବରଗଡ଼,୧୭।୧୦(ପ୍ରେମାନନ୍ଦ ଖମାରୀ)


ମୃତକଙ୍କ ଘରେ ତଦନ୍ତକାରୀ ଟିମ୍‌ର ତଦନ୍ତ ଚାଲିଛି।

ମହାପ୍ରୟାଣ ଗାଡ଼ିରେ ମୃତଦେହ ପରିବହନ ବାବଦକୁ ମୃତକଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ନେବା ଘଟଣା ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଡ୍ରାଇଭର ତଥା ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ହୃଷୀକେଶ ଭୋଇଙ୍କୁ ମହଙ୍ଗା ପଡ଼ିଛି। ଏ ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ଏବଂ ଘଟଣାଟି ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ନିରୁପମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଟିମ୍ ମୃତକଙ୍କ ଗ୍ରାମ ଗାଇସିଲେଟ ବ୍ଲକ ଅନ୍ତର୍ଗତ ବଡ଼ସାହାଜବାହାଲ ଗ୍ରାମରେ ପହଞ୍ଚିଥିଲେ। ଏପରିକି ସମ୍ପୃକ୍ତ ଡ୍ରାଇଭର ତଥା କଂସ ଅଭିନେତା ହୃଷୀକେଶ ମଧ୍ୟ ସେମାନଙ୍କ ସହିତ ସେଠାକୁ ଯାଇଥିଲେ। ତଦନ୍ତକାରୀ ଟିମ୍ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଘଟଣାକୁ ନେଇ ଉଭୟ ପକ୍ଷକୁ ପଚରାଉଚୁରା କରିବା ସହିତ ତଦନ୍ତ ସମୟର ଭିଡ଼ିଓ ରେକର୍ଡିଂ କରିଥିଲେ। ତେବେ ମହାପ୍ରୟାଣ ଗାଡ଼ି ବାବଦକୁ ସମ୍ପୃକ୍ତ ଡ୍ରାଇଭର ଟଙ୍କା ନେଇଥିବା ଏବଂ ଘଟଣାଟି ପ୍ରଘଟ ହେବା ପରେ ତାହା ଫେରାଇଥିବା ତଦନ୍ତରୁ ଜଣାପଡ଼ିଥିବା

## ମହାପ୍ରୟାଣ ଗାଡ଼ି ବାବଦ ଟଙ୍କା ନେବା ମହଙ୍ଗା ପଡ଼ିଲା

ସୂଚନା ମିଳିଛି। ଏପରିକି ଏହି ଘଟଣାକୁ ଚାପି ଦେବା ପାଇଁ ଅପପ୍ରୟାସ ଚାଲିଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତଦନ୍ତକାରୀ ଟିମ୍‌ରେ ଡେପୁଟି କଲେକ୍ଟର ଉତ୍ତମ କୁମାର ବାଗ, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡି. କେ. ଦତ୍ତ, ପ୍ରଶାସନିକ ଅଧିକାରୀ ଈପ୍‌ସିତା ପାତ୍ର, ତାଳପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ସୁମିତ ମିଶ୍ର, ଗାଇସିଲେଟ୍ ବିଡ଼ିଓ ଲକ୍ଷ୍ମଣ ମାଝି ପ୍ରମୁଖ ସାମିଲ ହୋଇଥିଲେ।

ଏହି ଟିମ୍ ତଦନ୍ତ ରିପୋର୍ଟ ଦେବା ପରେ ସମ୍ପୃକ୍ତ ଡ୍ରାଇଭର ତଥା କଂସ ଅଭିନେତା ହୃଷୀକେଶଙ୍କ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ କିଭଳି କାର୍ଯ୍ୟାନୁଷ୍ଠାନ ନେବ, ତାକୁ ସମସ୍ତେ ଚାହିଁ ବସିଛନ୍ତି। ଏ ସମ୍ପର୍କରେ ଜାଣିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଷଡ଼ଙ୍ଗୀଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୯୯୮୨୨୪୯ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

ଅନ୍ୟପଟେ ଏହି ଘଟଣା ପରେ ସମ୍ପୃକ୍ତ ଡ୍ରାଇଭର ତଥା କଂସ ଅଭିନେତା ହୃଷୀକେଶଙ୍କ ଅଡୁଆ ବଢ଼ିବାରେ ଲାଗିଛି। ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ଅଢ଼େଇ ମାସ ଥିବାବେଳେ କଂସ ଅଭିନେତା ହୃଷୀକେଶ ଏଭଳି ବିବାଦରେ ଛନ୍ଦି ହୋଇ ପଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଜଣେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ବଦଳରେ ତାଙ୍କଠାରୁ ୩ହଜାର ଟଙ୍କା ବେଆଇନ ଭାବେ ଆଣିବା ଘଟଣାକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ମହାପ୍ରୟାଣ ଯୋଜନାରେ ଡାକ୍ତରଖାନାରୁ ଘରକୁ ମୃତଦେହ ପରିବହନ ପାଇଁ ମାଗଣା ବ୍ୟବସ୍ଥା ଥିବାବେଳେ ହୃଷୀକେଶ ମୃତକଙ୍କଠାରୁ ଟଙ୍କା ଆଣିବା ଘଟଣା କେବଳ ଲୋକଙ୍କୁ ବ୍ୟଥିତ କରିଛି ତାହା ନୁହେଁ, ଏଥିପାଇଁ ରାଜ୍ୟ ସରକାର ବଦନାମ ହୋଇଛନ୍ତି। ସେହିପରି କଂସ କଳାକାରଙ୍କ ସେଭଳି ବେଆଇନ କାର୍ଯ୍ୟ ବରଗଡ଼ ଧନୁଯାତ୍ରାର ଗାରିମାକୁ ମଧ୍ୟ କ୍ଷୁର୍ଣ୍ଣ କରିଛି ବୋଲି ଅଭିଯୋଗ କରି ଆଗାମୀ ଧନୁଯାତ୍ରା ମହୋତ୍ସବରେ ହୃଷୀକେଶଙ୍କୁ କଂସ ଭୂମିକାରେ ଅଭିନୟ କରିବାର ସୁଯୋଗ ନ ଦେବାକୁ ସୋସିଆଲ ମିଡ଼ିଆରେ ଦାବି ଜୋର୍ ଧରିଛି। ଏପରିକି ଏହି ଦାବି ନେଇ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳଙ୍କୁ ଫେରାଦ ହେବା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

ପ୍ରକାଶଥାଉକି, ବଡ଼ସାହାଜବାହାଲ ଗ୍ରାମର ପ୍ରହ୍ଲାଦ ସାହୁଙ୍କ ଦେହ ଅସୁସ୍ଥ ହେବା ଯୋଗୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ଗତ ୭ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ମହାପ୍ରୟାଣ ଗାଡ଼ିରେ ମୃତଦେହ ଘରକୁ ନେଇଥିଲେ। ତେବେ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟରତ ହୃଷୀକେଶ ସେତେବେଳେ ଗାଡ଼ି ଚଳାଉଥିଲେ ଏବଂ ମୃତଦେହ ପରିବହନ ବାବଦକୁ ମୃତକଙ୍କ ପରିବାରଙ୍କଠାରୁ ୩ହଜାର ଟଙ୍କା ନେଇଥିଲେ। ମହାପ୍ରୟାଣ ଯୋଜନାରେ ମୃତଦେହ ନେବା ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ହୃଷୀକେଶ ମୃତକଙ୍କ ପରିବାର ଲୋକଙ୍କଠାରୁ ସେଭଳି ଟଙ୍କା ଅସୁଲି ଘଟଣା ପ୍ରଘଟ ହୋଇଥିଲା। ଏହାପରେ ହୃଷୀକେଶ ମୃତକଙ୍କ ପରିବାର ଲୋକଙ୍କୁ ଟଙ୍କା ଫେରାଇଥିଲେ। ଘଟଣାଟି ସାମ୍ନାକୁ ଆସିବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ହୃଷୀକେଶଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ହୃଷୀକେଶ ନିଜ ସ୍ପଷ୍ଟୀକରଣ ରଖିଥିବାବେଳେ ଗୁରୁବାର ତଦନ୍ତକାରୀ ଟିମ୍ ମୃତକଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ଘରେ ଏକାଦଶାହ କାର୍ଯ୍ୟ ଚାଲିଥିଲା ଏବଂ ସେଠାରେ ବହୁ ଲୋକଙ୍କ ଉପସ୍ଥିତିରେ ତଦନ୍ତକାରୀ ଟିମ୍ ଘଟଣା ସମ୍ପର୍କରେ ମୃତକଙ୍କ ପରିବାର ଲୋକଙ୍କୁ ପଚରାଉଚୁରା କରିଥିଲେ।

# ହତ୍ୟା ଅଭିଯୋଗରେ ପ୍ରେମିକ ଗିରଫ

ଅତାବିରା,୧୭।୧୦(ହୃଷୀକେଶ ଖମାରୀ)

ଏକ ହତ୍ୟା ଅଭିଯୋଗରେ ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭେଡ଼େନ ଥାନା କଦଳୀପାଲି ଗ୍ରାମର ଶମ୍ଭୁ ମଟାରୀ(୨୪)। ସେ ଆସାମ ପାରା ମିଲିଟାରିରେ କାର୍ଯ୍ୟରତ ଥିଲେ। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡ଼େନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୨୯୮/୨୪) ରୁଜୁ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଶମ୍ଭୁ ଏବଂ ସୋହେଲା ଥାନା ସୁଚବାହାଲ ଗ୍ରାମର ନନ୍ଦିତା ବରିହାଙ୍କ ମଧ୍ୟରେ ଫେସ୍‌ବୁକରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନନ୍ଦିତା ହାଇଦ୍ରାବାଦରେ ରହି ନର୍ସ କାମ କରୁଥିଲେ। ତେବେ ପ୍ରେମ ସମ୍ପର୍କର କିଛିମାସ ପରେ ଶମ୍ଭୁ ନନ୍ଦିତାଙ୍କଠାରୁ ଦୂରେଇ ଯାଇଥିଲେ। ଶମ୍ଭୁ ଛୁଟିରେ ଗ୍ରାମକୁ ଆସିଥିବା ସୂଚନା ପାଇ ଗତ ୧୫ତାରିଖରେ ନନ୍ଦିତା ପ୍ରେମିକ ଶମ୍ଭୁଙ୍କ ଘରେ ପହଞ୍ଚିଥିଲେ। କିନ୍ତୁ ଶମ୍ଭୁ ଧରାଛୁଆଁ ଦେଇ ନ ଥିଲେ। ଅନ୍ୟପଟେ ବୁଧବାର ଶମ୍ଭୁଙ୍କ ଗ୍ରାମର ଅନତିଦୂରରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ନନ୍ଦିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ନନ୍ଦିତାଙ୍କ ପରିବାର ଲୋକେ ଏ ନେଇ ଶମ୍ଭୁଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ତାଙ୍କୁ ଗିରଫ କରିଥିଲା।

# ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳିତ



ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବରଗଡ଼,୧୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ପଣ୍ଡରୀପଥର ଗ୍ରାମରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳିତ ହୋଇଯାଇଛି। ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ପବିତ୍ର ଦେହେରୀ ଏଥିରେ ସଭାପତିତ୍ୱ କରିଥିଲେ। ଶ୍ୟାମସୁନ୍ଦର ଅଗ୍ରୱାଲ, ପ୍ରୀତମ ସିଂ, ଆଶୁତୋଷ ରଥ, ଦିନେଶ ଅଗ୍ରୱାଲ, ମେରିୟମ ବାର୍ଲା ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଦାରିଦ୍ର୍ୟ ଦୂରୀକରଣ ଉପରେ ମତ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ୮୦ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଏବଂ ଅସହାୟ ମହିଳା ପୁରୁଷଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ମେରିୟମ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ସମବାୟ ସମିତି ଉଦ୍‌ଘାଟିତ


ଅତିଥିମାନେ ସେବା ସମବାୟ ସମିତିକୁ ଉଦ୍‌ଘାଟନ କରୁଛନ୍ତି।

ଗାଇସିଲେଟ୍,୧୭।୧୦(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ତାଳପାଲିଠାରେ ନୂତନ ସେବା ସମବାୟ ସମିତି ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସନତ କୁମାର ଗଡ଼ତୀୟା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଡ଼ିଓ ଲକ୍ଷ୍ମଣ ମାଝି, ଶ୍ରଦ୍ଧାଞ୍ଜଳି ସାହୁ, ସମ୍ପାଦକ ରୂପେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ତାଳପାଲି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମ କମିଟି ସଭାପତି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରୌପ୍ୟ ଜୟନ୍ତୀ ପାଳିଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ

ପଦ୍ମପୁର,୧୭।୧୦(ପ୍ରଦୀପ୍ତ ଦାଶ)


ଏମ୍‌ପି ପ୍ରଦୀପ ପୁରୋହିତ ଫେସବୁକ୍ ପେଜ୍‌କୁ ଉନ୍ମୋଚନ କରୁଛନ୍ତି ।

ପଦ୍ମପୁର ସରେଇକେଲା ଗ୍ରାମପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସମ୍ବଲପୁରୀର ରୌପ୍ୟ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ସରେଇକେଲା ସରପଞ୍ଚ ଉପେନ୍ଦ୍ର ପଟେଲ, ସମିତି ସଭ୍ୟା ଅନିତା ସାହୁ ସମ୍ମାନିତ ଅତିଥି, ଦହିତା ମହାବିଦ୍ୟାଳୟର ଅଧ୍ୟାପକ ତଥା ନାଟ୍ୟକାର ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପଦ୍ମପୁରର ସହଯୋଗ ଅନୁଷ୍ଠାନ ଏବଂ ପୁରାତନ ଛାତ୍ର ସୁଶାନ୍ତ କୁମ୍ଭାରଙ୍କ ଦ୍ୱାରା ରକ୍ତଚାପ ଓ ମଧୁମେହ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିସହ ବିଦ୍ୟାଳୟ ସ୍ଥାପନରେ ବିଶେଷ ଅବଦାନ ଥିବା ୩ ଜଣ ଜମିଦାତା ଛତ୍ରପତି ପ୍ରଧାନ, ଟଙ୍କଧର ପ୍ରଧାନ, ଲକ୍ଷ୍ମଣ ବେହେରା ଏବଂ ପ୍ରତିଷ୍ଠାତା ସଦସ୍ୟ ସଭାପତି ଓ ସମ୍ପାଦକ, ସମାଜସେବୀ ଦିବସ କୁମାର ସାହୁ, ତେଜେନ୍ଦର ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ମରଣିକା 'କିଶଳୟ' ଉନ୍ମୋଚନ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ବରଗଡ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜବୋଡାସମ୍ବର, ପାଇକମାଳ, ଝାରବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ରୌପ୍ୟ ଜୟନ୍ତୀ ସ୍ମାରକୀର ଶିଳାନ୍ୟାସ, ଫେସବୁକ୍ ପେଜ୍ ଉନ୍ମୋଚନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ଆଲୁମିନି କମିଟି ସଭାପତି ବେଦପ୍ରକାଶ ପଟେଲ, ସଦସ୍ୟା ନମିତା ବେହେରା ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ନିଗମାନନ୍ଦ ବିହାରରେ ରାମାୟଣ ପାଠ



ବରଗଡ଼,୧୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପରେ ଗୁରୁବାର ରାମାୟଣ ପାଠ ଏବଂ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ପଡ଼ାର ଭାଗୀରଥି ପ୍ରଧାନ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ବିବେକାନନ୍ଦ ବହିଦାର ବ୍ୟାସ ଭାବେ ରାମାୟଣ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଯୋଗଦେଇ ରାମକଥା ପଠନ କରିଥଲେ। ଶ୍ରବଣ ମଣିଷର ଆଚରଣ, ଉଚ୍ଚାରଣକୁ ମାର୍ଜିତ କରେ ବୋଲି ପରିପ୍ରକାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଆଦର୍ଶ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ସେ କହିଥିଲେ। ଚନ୍ଦ୍ରଶେଖର କମ୍ପ, ସନ୍ତୋଷ ପଣ୍ଡା ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଡ଼ାର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଖଡ଼ିଆଳ ସହର ଜଗିବ ସିସିଟିଭି କ୍ୟାମେରା



ଖଡ଼ିଆଳ,୧୭।୧୦ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହରରେ ଲାଗିଥିବା ସିସିଟିଭି କ୍ୟାମେରା ୨ ବର୍ଷରୁ ଅଧିକ ଦିନ ବନ୍ଦ ରହିଥିବା ବେଳେ ଖଡ଼ିଆଳ ପୋଲିସ ତତ୍ପରତା ଦେଖାଇ ନୂତନ ଭାବେ ବିଭିନ୍ନ ସ୍ଥାନରେ ୩୨ ଗୋଟି କ୍ୟାମେରା ଲଗାଇଛି। ସହରର ଆମ୍ବେଡକର ଛକଠାରୁ ଖଡ଼ିଆଳ କଲେଜ, ଥାନା ଛକରୁ ପୁଟୁପଡା ମଡେଲ ଡିଗ୍ରୀ କଲେଜ ଛକ ଓ ବ୍ଲକ ଛକରୁ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଖଡ଼ିଆଳ ସହରକୁ ଜଗିବ। ଏହି ବ୍ୟବସ୍ଥା ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ସହରରେ କୌଣସି ଅନୈତିକ କାର୍ଯ୍ୟ ହେଉଥିଲେ ମଧ୍ୟ କିଛି ପରିମାଣରେ ଅଭିଯୁକ୍ତ ଖସି ଯିବାରେ ସକ୍ଷମ ହେଉଥିଲେ। ବର୍ତ୍ତମାନ ସିସି କ୍ୟାମେରା ନଜରରେ ସହର ରହିବ ବୋଲି ଚର୍ଚ୍ଚା ହେଉଛି। ଏନେଇ ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ପଚାରିବାରୁ ସିସିଟିଭି କ୍ୟାମେରା ଲାଗିବା ପରେ ସହରର ଆଇନଶୃଙ୍ଖଳା ଠିକ୍ ରହିବା ସହିତ ପୋଲିସ ପ୍ରଶାସନକୁ ଅଧିକ ସହଯୋଗ ମିଳିବ ବୋଲି ପ୍ରକାଶ କରିଥିଲେ।

# ରାବଣ ପୋଡ଼ି ସହ ଜଗଦଲପୁର ଦୁର୍ଗାପୂଜା ଶେଷ

ପଦ୍ମପୁର,୧୭।୧୦(ପ୍ରଦୀପ୍ତ ଦାଶ)


ଜଗଦଲପୁର ଦୁର୍ଗାପୂଜାରେ ରାମ, ଲକ୍ଷ୍ମଣ ଓ ସୀତା ବେଶଧାରୀଙ୍କ ନଗର ପରିକ୍ରମା।

ଜଗଦଲପୁର ଦୁର୍ଗାପୂଜା ମହାଆଡମ୍ବରରେ ସମାପନ ହୋଇଛି। ୬ଦିନ ଧରି ଚାଲିଥିବା ଦୁର୍ଗାପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚାନ୍ଦମାରି, ଜ୍ଞାନ ଭାରତୀ ଗୁରୁକୁଳ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ରାମ ସୀତା ବେଶରେ ନଗର ପରିକ୍ରମା ଓ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦଶମୀ ରାତିରେ ବୁମ୍ ଡ୍ୟାନ୍ସ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ଅନୁଷ୍ଠିତ ଚନ୍ଦମାରିରେ ବଡ଼ମହୁଲପାଲିର ସୁରେନ୍ଦ୍ର ସିଂ ସଫଳ ହୋଇଥିଲେ। ଦୁର୍ଗା ପୂଜା କମିଟି ସଭାପତି ମଦନମୋହନ ପଟେଲ, ସମ୍ପାଦକ ହରେକୃଷ୍ଣ ପଟେଲ, ସହ ସମ୍ପାଦକ ଶଙ୍କର ସିଂ, ଜ୍ଞାନ ଭାରତୀ ଗୁରୁକୁଳର ପ୍ରଧାନ ଶିକ୍ଷକ ସାଧୁ ଚରଣ ବରିହାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧାପକ ଦିବ୍ୟ କିଶୋର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦୀପ ପଟେଲ, ଭବାନୀ, ବନମାଳି ପଟେଲ, କୃଷ୍ଣ ପଟେଲ, ଅନିଲ ପଟେଲ, ଭାରତୀ ସରାଫ ପ୍ରମୁଖ ସହଯୋଗ କରିଥିଲେ।

# ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧୭।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଡାଙ୍ଗ ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନେତାଜୀ ଯୁବକ ସଂଘ ଏବଂ ସଂକଳ୍ପ ପରିବାରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସାଧୁ ନେପାକ, ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି. ରମେଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରତ୍ୟୁଷ ଷଡ଼ଙ୍ଗୀ, ସିମରନ ପ୍ରଧାନ, ରୁକ୍ମିଣୀ ପାଢ଼ୀ, ବାସମତୀ ବନଛୋର, ରାଜକୁମାର ବନଛୋର, ସୁରେନ ଭୁଏ, ଦେବେନ ଭୁଏ, ଆକାଶ ପାଣ୍ଡେ, ଚନ୍ଦନ ପ୍ରଧାନ, ନେତାଜୀ ଯୁବକ ସଂଘର ସାହିଲ ଥପା, ଶଙ୍କର ଠେଲା, କରୁଣା ଭୋଇ, ମନୋଜ କୁମାର ମାଝି, ନିର୍ମଳ ଠେଲା, ଟିଙ୍କୁ ରାଉତ, ଆଶିଷ ପାଣିଗ୍ରାହୀ, ଆୟୁଷ ପାଣିଗ୍ରାହୀ, ସୁଜିତ ପାଣିଗ୍ରାହୀ, ହୃଷୀକେଶ ବଗର୍ତ୍ତି, ରାଜୁ ବଗର୍ତ୍ତି, ପଞ୍ଚମ ଠେଲା ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ମା' ପାଟଖଣ୍ଡା, ପାଟଣେଶ୍ୱରୀଙ୍କ ପୂଜା ମହୋତ୍ସବ ସମ୍ପନ୍ନ

ଗାଇସିଲେଟ,୧୭।୧୦( ଦୁର୍ଗା ପ୍ରସାଦ ତ୍ରିବେଦୀ)

## ରାବଣ ଦରବାର ମୁଖ୍ୟ ଆକର୍ଷଣ

ବରଗଡ ଜିଲା ଗାଇସିଲେଟ ଥାନା ଜଗଲପାଟ ପଞ୍ଚାୟତ ଟେଙ୍ଗନାପାଲି ଗ୍ରାମ ଗୋରୁବଜାର ପ୍ରାଙ୍ଗଣରେ ଚାଲିଥିବା ମା' ପାଟଖଣ୍ଡା ଓ ପାଟଣେଶ୍ୱରୀ ପୂଜା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାବଣ ଦରବାର ସହ କୀର୍ତ୍ତନ ଧାରା ଗୁମୁକୁଡୁମା, ଦଣ୍ଡନୃତ୍ୟ, ମିନାବଜାର ଆଦି ବସିଥିଲା। ଅନ୍ତିମ ଦିବସରେ ମେଣ୍ଢା ଲଢେଇରେ ଆଖପାଖ ଗ୍ରାମର ୨୮ଟି ମେଣ୍ଢା ଯୋଗ ଦେଇଥିଲେ। ବଲାଙ୍ଗୀର ଲୁରୁବାହାଲର ଚାରି ଦାନ୍ତିଆ ଓ ଛଅ ଦାନ୍ତିଆ ମେଣ୍ଢା ଲଢେଇରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସାଇଡୁଙ୍ଗରିପାଲିର ମଦନ ସାହୁ ଓ ସେଇପାଲିର ପ୍ରଫୁଲ୍ଲ ସାହୁଙ୍କୁ ଯଥାକ୍ରମେ ୬ହଜାର ଓ ୪ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ରାବଣ ଦରବାରରେ ବିଧାୟକ ସନତ କୁମାର ଗଡତିଆ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ, ସମାଜସେବୀ କୀର୍ତ୍ତନ ଦାଶ ଏବଂ କଏଁରା ସାହୁ ମଞ୍ଚାସୀନ ଥିଲେ। ଜୟ ଶ୍ରୀରାମ ଆଞ୍ଚଳିକ କଳା ପରିଷଦ କଡଉମାଲର ରାବଣ ଦରବାରରେ ସୀତା ଚୋରି, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଓ ରାବଣ ବଧ ମଞ୍ଚସ୍ଥ ହୋଇଥିଲା। ରାବଣ ଭୂମିକାରେ ଚକ୍ର ସାକୁ, ମନ୍ତ୍ରୀ ଗଜପତ ସାହୁ, ସେନାପତି ରମେଶ ସାହୁ, ରାମ ଭୂମିକାରେ ସୁଶ୍ରୀ ନିହାରିକା ସାହୁ, ଲକ୍ଷ୍ମଣ ଭୂମିକାରେ ସୁଶ୍ରୀ ରୋଜି ପାଣ୍ଡେ ଅଭିନୟ କରିଥିଲେ। ଗଙ୍ଗାଧର ସାହୁ ନିର୍ଦ୍ଦେଶନା ଦେଇଥିଲେ।


ଗ୍ରାମବାସୀ ଦେବୀଙ୍କ ପୂଜାର୍ଚ୍ଚନା କରୁଛନ୍ତି।


ରାବଣ ଦରବାରରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ୨୦ରୁ ଉର୍ଦ୍ଧ୍ୱ ଟ୍ରେନ୍ ବାତିଲ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା):** ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ମରାମତି ଓ ଅନ୍ୟ କାର୍ଯ୍ୟ ପାଇଁ ଗୁରୁବାର ଏବଂ ଶୁକ୍ରବାର ୨ ଦିନ ଧରି ୨୦ରୁ ଉର୍ଦ୍ଧ୍ୱ ଟ୍ରେନ ବାତିଲ କରାଯାଇଥିବା ସୂଚନା ମିଳିଛି। ଅଳ୍ପ ଦୂରତା ବିଶିଷ୍ଟ ଉକ୍ତ ଯାତ୍ରୀବାହୀ ଟ୍ରେନ ବାତିଲ ହେବା ଯୋଗୁ ଜିଲା ଓ ପଡୋଶୀ ରାଜ୍ୟରୁ ଆସୁଥିବା ପନିପରିବା ବ୍ୟବସାୟୀ ଓ ଅନ୍ୟମାନେ ପ୍ରଭାବିତ ହୋଇଛନ୍ତି। ଉକ୍ତ ଟ୍ରେନଗୁଡ଼ିକ ଉପରେ ସ୍ଥାନୀୟ ଲୋକେ ମଧ୍ୟ ନିର୍ଭର କରିଥାନ୍ତି। ଖଡ଼ଗପୁର-ଟାଟାନଗର, ସ୍ପେଶାଲ ଟ୍ରେନ୍, ବିରମିତ୍ରପୁର ସ୍ପେଶାଲ୍ ଟ୍ରେନ୍, ଚକ୍ରଧରପୁର-ରାଉରକେଲା ସ୍ପେଶାଲ, ହାଟିଆ-ଟାଟାନଗର ସ୍ପେଶାଲ, ରାଉରକେଲା-ଝାରସୁଗୁଡ଼ା, ଖାରଗ୍ରାମ ସ୍ପେଶାଲ ଆଦି ୨୦ରୁ ଉର୍ଦ୍ଧ୍ୱ ଟ୍ରେନ୍‌କୁ ବାତିଲ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସ କହିଛନ୍ତି, ରେଳବାଇ କାର୍ଯ୍ୟ ଯୋଗୁ ଏପରି ବାତିଲ କରାଯାଇଛି। ଟ୍ରେନ୍ ବାତିଲ ହେଲେ ଯାତ୍ରୀମାନଙ୍କ ଉପରେ ପ୍ରଭାବ ନିଶ୍ଚିତ ଭାବେ ପଡ଼ିଛି। ତେଣୁ ମାତ୍ର ୨ ଦିନ ପାଇଁ ଏପରି ଟ୍ରେନ ବାତିଲ ହୋଇଛି। ଏହା ଶନିବାରଠାରୁ ସ୍ୱାଭାବିକ ଭାବେ ଚଳାଚଳ କରିବ ବୋଲି ଦାସ କହିଛନ୍ତି।

# ବ୍ୟବସାୟୀଙ୍କ କବ୍‌ଜାରେ ଫୁଟ୍‌ପାଥ୍

**ରାଉରକେଲା,୧୭।୧୦(ଦିନେଶ ମିଶ୍ର)**

ରାଉରକେଲାର ବିଭିନ୍ନ ଫୁଟ୍‌ପାଥ୍ ଉପରେ ଠେଲା ଓ ଦୋକାନ ସାମଗ୍ରୀ ରଖାଯାଉଛି। ଫଳରେ ଫୁଟ୍‌ପାଥ୍‌ରେ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଉରକେଲା ମୁଖ୍ୟ ଡେଲିମାର୍କେଟ, ଏସ୍‌ଟିଆଇ ଛକ, ପାନପୋଷ ମାର୍କେଟ, ଉଦିତନଗର ମାର୍କେଟ ଆଦି ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ରାଉରକେଲା ଡେଲିମାର୍କେଟ ସହରର ଏକ ପ୍ରମୁଖ ବଜାର। ଏହି ବଜାରରେ ପରିବା ଗଦି ଠାରୁ ଆରମ୍ଭ କରି ବହୁ ହୋଲ୍‌ସେଲ୍ ଦୋକାନ ରହିଛି। ରାତି ପାହିଲେ ଏହି ବଜାରକୁ ବହୁ ସଂଖ୍ୟକ ଗ୍ରାହକ ବିଭିନ୍ନ ଜିନିଷ କିଣାବିକା କରିବା ପାଇଁ ଆସିଥାନ୍ତି। କିନ୍ତୁ ଏହି ବଜାରର କିଛି ଫଳ ବ୍ୟବସାୟୀ ଓ ଜଳଖିଆ ଦୋକାନୀ ସେମାନଙ୍କ ଠେଲା ଗୁଡିକ ବେଆଇନ ଭାବେ ଫୁଟ୍‌ପାଥ୍ ଉପରେ ରଖି ବ୍ୟବସାୟ କରୁଛନ୍ତି। ଦୋକାନ ସାମଗ୍ରୀ ଓ ଠେଲା ଗୁଡିକ ଫୁଟ୍‌ପାଥ୍ ଉପରେ ରହୁଥିବାରୁ ଏଠାରେ ପାଦଚଲା ବାଟୋଇମାନେ ହଇରାଣ ହେଉଛନ୍ତି।



ଡେଲି ମାର୍କେଟ ଫୁଟ୍‌ପାଥ୍‌ରେ ଦୋକାନ ସାମଗ୍ରୀ ରଖାଯାଇଛି।

### ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

ବିଶେଷ କରି ଫୁଟ୍‌ପାଥ୍ ଜାମ୍ ରହୁଥିବାରୁ ଏହି ବଜାରକୁ ଆସୁଥିବା ବରିଷ୍ଠ ନାଗରିକ ଓ ମହିଳାମାନେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏସ୍‌ଟିଆଇ ଛକରେ ଥିବା ଫୁଟ୍‌ପାଥ୍‌ର ମଧ୍ୟ ସମାନ ଅବସ୍ଥା। ଏହି ଅଞ୍ଚଳରେ ଥିବା ଫୁଟ୍‌ପାଥ୍ ଉପରେ ସ୍ଥାନୀୟ ବ୍ୟବସାୟୀ ଫଳ ଠେଲା ସାଙ୍ଗକୁ ଦୋକାନ ସାମଗ୍ରୀକୁ ରଖି ଜାମ୍ କରୁଛନ୍ତି। କିଛି ବ୍ୟବସାୟୀ ସେମାନଙ୍କ ଦୋକାନ ବୋର୍ଡ ଫୁଟ୍‌ପାଥ୍ ଉପରେ ରଖି ପାଦଚଲା ରାସ୍ତାକୁ ଜାମ୍ କରୁଛନ୍ତି। ଏହି ଛକ ନିକଟରେ ରାଉରକେଲା ସରକାରୀ ଡାକ୍ତରଖାନା ଥିବାବେଳେ ଏଠାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଏହି ଫୁଟପାଥ୍‌ରେ ଯାତାୟାତ କରୁଛନ୍ତି। ଏଠାକାର ଫୁଟପାଥ୍ ସ୍ଥାନୀୟ ବ୍ୟବସାୟୀଙ୍କ କବ୍‌ଜାରେ ଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ସେହିପରି ପାନପୋଷ ମାର୍କେଟ, ଉଦିତନଗର, ବିଶ୍ରା ଛକ, ପାଣି ମାର୍କେଟ ଆଦି ଅଞ୍ଚଳରେ ଥିବା ଫୁଟ୍‌ପାଥ୍ ବ୍ୟବସାୟୀଙ୍କ କବ୍‌ଜାରେ ଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ଫୁଟପାଥରେ ଏଭଳି ପରିସ୍ଥିତି ସାଙ୍ଗକୁ ରାସ୍ତାକଡ଼ ବେଆଇନ ଗାଡି ପାର୍କିଂ ବାଟୋଇଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ପୂଜା ସମୟ ଥିବାରୁ ସହରର ଫୁଟ୍‌ପାଥ୍ ଗୁଡିକ ଜାମ୍ ରହୁଛି। ଗତ ୬ ମାସ ଭିତରେ ଆର୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ୨ଥର ସହରରେ ଥିବା ବିଭିନ୍ନ ଦୋକାନୀଙ୍କୁ ଫୁଟପାଥ୍ କବ୍‌ଜା ନ କରିବା ପାଇଁ ଅବଗତ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଥିଲା। ବର୍ତ୍ତମାନ ପୂଜା ସମୟ ଥିବାରୁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇନାହିଁ। ଖୁବ୍‌ଶୀଘ୍ର ଆଗାମୀ ଦିନରେ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି ନାୟକ କହିଥିଲେ।

## ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ



ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷାଙ୍କୁ ସମ୍ମାନିତ କରାଯାଉଛି।

**ରାଉରକେଲା,୧୭।୧୦(ଦିନେଶ ମିଶ୍ର)**

ରାଉରକେଲା ଜେଲ୍ ରୋଡ୍ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍‌ରେ ଗୁରୁବାର ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ସାହିତ୍ୟ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଭବେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ସ୍ୱନାମଧନ୍ୟ ଶିଶୁ ସାହିତ୍ୟିକ ଉଦୟ ନାଥ ଷଡଙ୍ଗୀଙ୍କ ସାମଗ୍ରିକ ଜୀବନୀ ସାହିତ୍ୟ ତଥା ରଚନାବଳିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଇଞ୍ଜିନିୟର ଅଭୟ କୁମାର ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ଡକ୍ଟରେ ଜୟନ୍ତୀ ପାଢୀ, ସମାଜସେବୀ ଲଳାଟେନ୍ଦୁ ଚୌଧୁରୀ, ବିଜୟ ସାହୁ ପ୍ରମୁଖ ବକ୍ତା ଭାବେ ଉପସ୍ଥିତ ରହି ଶିଶୁ ସାହିତ୍ୟର ଅନନ୍ୟ ସାରଥୀ ଉଦୟନାଥ ଷଡଙ୍ଗୀଙ୍କ ବିଷୟ ବସ୍ତୁକୁ ନେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ରଙ୍କୁ ୨୦୨୩ର କ୍ଷେତ୍ରପାଳ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜଗାଙ୍ଗପୁରର ବରିଷ୍ଠ ସମାଜସେବୀ ପଦ୍ମନାଭ ସାମଲଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ସଭାରେ ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ଓ ସୁନ୍ଦରଗଡ ପୌର ପରିଷଦର ବହୁ ଅଧିକାରୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୀଲ କୁମାର ଦାଶ ସଭାପତିତ୍ୱ କରିଥିଲେ। ରେବତୀ ବଲ୍ଲଭ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଉର୍ବଶୀ ପତି କବିତା ସଂଯୋଜନା କରିଥିଲେ। ଏଥିରେ ୨୦ ଜଣ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ଲଳାଟେନ୍ଦୁ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନକକରଣ ଜୀବନର ଗୁଣବତ୍ତା ନିଶ୍ଚିତ କରିଥାଏ

### ରାଉରକେଲାରେ ବିଶ୍ୱମାନକ ଦିବସ ପାଳିତ

**ରାଉରକେଲା,୧୭।୧୦(ଦିନେଶ ମିଶ୍ର):** ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲାର ସ୍ଥାନୀୟ କେନ୍ଦ୍ର ଦ୍ୱାରା ବିଶ୍ୱ ମାନକ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହାର ବିଷୟ ଥିଲା 'ଆଗାମୀ ପିଢ଼ି ପାଇଁ ମାନକ ଏକ ଶେୟାର୍ଡ ଭିଜନ ଓ ଲକ୍ଷ୍ୟ। ଏହି ଆଲୋଚନାର ମୁଖ୍ୟ ଥିମ୍ 'ପରିବର୍ତ୍ତିତ ଜାଗତିକ ପରିସ୍ଥିତି ପାଇଁ ମାନକ' ଉପରେ ଆଧାରିତ ଥିଲା। ଅଧ୍ୟକ୍ଷ ଇଞ୍ଜିନିୟର୍ସ ଇନ୍‌ଷ୍ଟିଚ୍ୟୁଶନ(ଇଣ୍ଡିଆ)ର ଉପାଧ୍ୟକ୍ଷ ଡକ୍ଟର ନୂତନ କୁମାର ଦାସ ଅନ୍‌ଲାଇନ ମାଧ୍ୟମରେ ଯୋଗ ଦେଇଥିଲେ। ସଚିବ ଡ. ଅଜିତ କୁମାର ବେହେରାଙ୍କ ସହ ସିନିୟର ମ୍ୟାନେଜର, ରିସର୍ଚ୍ଚ ଓ କଣ୍ଟ୍ରୋଲ ଲ୍ୟାବ୍, ଆରଏସ୍‌ପି ବରିଷ୍ଠ ଇଞ୍ଜିନିୟର ରାମକୃଷ୍ଣନ ବକ୍ତା ଭାବେ ଯୋଗଦେଇ ମାନକ ଦିବସର ଆଭିମୁଖ୍ୟ ଉପରେ ମତ ରଖିଥିଲେ। ଆନ୍ତର୍ଜାତିକ ମାନକ ଟେକ୍ନୋଲୋଜିକାଲ, ଆର୍ଥିକ ଓ ସାମାଜିକ ଲାଭ ପ୍ରଦାନ କରେ। ଏହା ପ୍ରତିଷ୍ଠାନର ଦକ୍ଷତା ବୃଦ୍ଧି କରିଥାଏ ଏବଂ ଉତ୍ପାଦ ଓ ସେବାଗୁଡିକରେ ଅନ୍ତର୍ଜାତୀୟ ବିକ୍ରୟ ସହଜ କରିଥାଏ। ମାନକକରଣ ଖାଦ୍ୟ ସୁରକ୍ଷା, ଆପ୍ତତା ସହ ଜୀବନର ଗୁଣବତ୍ତା ନିଶ୍ଚିତ କରିଥାଏ ବୋଲି ରାମକୃଷ୍ଣନ୍ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ପ୍ରସଙ୍ଗରେ ଆଇଏସ୍‌ଓ ଓ ବିଆଇଏସ୍‌ର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ଇଞ୍ଜିନିୟର ରାମକୃଷ୍ଣନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ଓ ଏକ ସ୍ମାରକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୪୨ ଜଣ ଅଂଶଗ୍ରହଣ କରି ବିଶ୍ୱମାନକ ଦିବସର ଉଦ୍ଦେଶ୍ୟ ଓ ବିଶେଷତା ଉପରେ ଆଲୋଚନା କରିଥିଲେ। ସଚିବ ଡ. ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।



କାର୍ଯ୍ୟକ୍ରମରେ ବିଜୟିନୀ ପ୍ରତିଯୋଗୀଗଣ।

# ର୍‍ୟାମ୍ପରେ ଦକ୍ଷତା ଦେଖାଇଲେ ମହିଳା

**ରାଉରକେଲା,୧୭।୧୦(ଦିନେଶ ମିଶ୍ର)**

ରୋଟାରୀ କ୍ଲବ ଅଫ ରାଉରକେଲା କୁଇନ୍ସ ପକ୍ଷରୁ ଏକ ଘରୋଇ ହୋଟେଲ ପରିସରରେ ଗୁରୁବାର କରୱାଚୋଥ୍ ର୍‍ୟାମ୍ପ୍ ଶୋ ସଭାପତି ବରଖା ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ର୍‍ୟାମ୍ପ ଶୋ ପ୍ରତିଯୋଗିତାରେ ବିଚାରକ ଭାବେ ଭିନିତା ଗରେଡିଆ, ସ୍ୟାମସ୍ମୃତି ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ଦକ୍ଷତାକୁ ପରଖିଥିଲେ। ପରେ ୫ଟି କାଟାଗୋରିରେ କୃତୀ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଗୋଲଡେନ୍ ଗ୍ଲାମର କାଟାଗୋରିରେ ୬୦ରୁ ଉର୍ଦ୍ଧ୍ୱ ବୟସର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହା ଏହି ଶୋର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେମାନଙ୍କ ମଧ୍ୟରୁ ସତାକ୍ଷୀ ଅଗ୍ରୱାଲ ମିସ୍ କରୱାଚୋଥ୍ ଟାଇଟଲ ହାସଲ କରିଥିବାବେଳେ ଶୀତଲ ଚନ୍ଦଲ ଗୋଲଡେନ ଗ୍ଲାମର ଏବଂ ରାଜେଶ୍ୱରୀ ଅଗ୍ରୱାଲ ବ୍ଲେସିଙ୍ଗ ବ୍ରିଜ୍ ବିଜୟିନୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ରାଉରକେଲାର ପ୍ରାୟ ୩୭ଟି କ୍ଲବର ପ୍ରତିଯୋଗୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ଅଫ ରାଉରକେଲାର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ସଭାପତି ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ଚାକିରି ପ୍ରଲୋଭନ ଦେଖାଇ ଠକେଇ, ଏସ୍‌ପିଙ୍କୁ ଫେରାଦ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

ଗତ ସେପ୍ଟେମ୍ବର ୧ ତାରିଖରେ ଛତିଶଗଡ଼ ଜଗଦଲପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଜଗଦା, ବରଟୋଲି ଅଞ୍ଚଳରେ ଚାକିରି କରାଇ ଦିଆଯିବାର ପ୍ରଲୋଭନ ଦେଖାଇ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଉକ୍ତ ଯୁବତୀ ଜଣଙ୍କ ଗୁରୁବାର ରାଉରକେଲା ଏସ୍‌ପିଙ୍କୁ ଭେଟି ଏ ନେଇ ଫେରାଦ ହୋଇଛନ୍ତି। ଏପରି ବାହାର ରାଜ୍ୟର ବହୁ ଯୁବତୀ ଜଗଦା, ବରଟୋଲି ଅଞ୍ଚଳରେ ଚାକିରି ଲୋଭରେ ଫସିରହିଛନ୍ତି ବୋଲି ପୀଡ଼ିତା ଯୁବତୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପୀଡିତା ଯୁବତୀଙ୍କୁ ଜଗଦା, ବରଟୋଲି ଚାକିରି କରାଇ ଦେବାକୁ କହି ପରବର୍ତ୍ତୀ ସମୟରେ ରାଉରକେଲା ଆସିବା ପରେ ତାଙ୍କୁ ୨୧ ହଜାର ଟଙ୍କା ମଗାଯାଇଥିଲା। ହେଲେ ଯୁବତୀ ଜଣଙ୍କ ଅର୍ଥାଭାବରୁ ମାତ୍ର ୯ ହଜାର ଟଙ୍କା ଦେଇଥିଲେ। ପରେ ତାଙ୍କୁ ଚାକିରି ମିଳି ନ ଥିଲା। ଫଳରେ ସେ ଗୁରୁବାର ପୂର୍ବାହ୍ନରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ଫେରାଦ ହୋଇ ଏପରି ବ୍ୟକ୍ତି ବିଶେଷ ଏବଂ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

# ଏସ୍‌ପିଙ୍କୁ ଭେଟିଲା ବ୍ଲକ ସରପଞ୍ଚ ସଂଘ



ସରପଞ୍ଚ ସଂଘ ସଦସ୍ୟମାନେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

### ସରପଞ୍ଚଙ୍କ ଘରେ ଅବକାରୀ ବିଭାଗର ଚଢ଼ାଉ ପ୍ରସଙ୍ଗ

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଜରେଇକେଲା ସରପଞ୍ଚ ସୁରେଶ ତିର୍କୀଙ୍କ ଘରେ ଗତ ମଙ୍ଗଳବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ କୁଆଡେ ସାଧା ପୋଷାକରେ ଅବକାରୀ କର୍ମୀମାନେ ବିନା ମହିଳା ସଦସ୍ୟାଙ୍କୁ ନେଇ ଘରେ ପଶି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ବେଳେ ଉକ୍ତ ସରପଞ୍ଚଙ୍କ ସ୍ତ୍ରୀଙ୍କ ପର୍ସରେ ଥିବା ଗାଡି କାଗଜପତ୍ର, ୧୦ ହଜାର ଟଙ୍କା ଆଦି ଚୋରି ହୋଇଥିଲା। ଏହି ଚଢାଉ ଦ୍ୱାରା ସରପଞ୍ଚଙ୍କ ସାମାଜିକ ସମ୍ମାନ କ୍ଷୁର୍ଣ୍ଣ ହୋଇଥିଲା। ସହରର କୋଣ ଅନୁକୋଣରେ ବେଆଇନ ଢ଼ାବା, ହୋଟେଲରେ କୋଟି କୋଟି ଟଙ୍କାର ମଦ କାରବାର ହେଉଥିବା ବେଳେ ଜଣେ ଜନପ୍ରତିନିଧିଙ୍କ ଘରେ ଏପରି ଚଢ଼ାଉକୁ ସରପଞ୍ଚ ସଂଘ ନିନ୍ଦା କରିଛି। ଏହି ମର୍ମରେ ଗୁରୁବାର ପୂର୍ବାହ୍ନରେ ବିଶ୍ରା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଝିରପାଣି ସରପଞ୍ଚ ଅଜିତ ତିର୍କୀଙ୍କ ନେତୃତ୍ୱରେ ଜରେଇକେଲା ସରପଞ୍ଚ ସୁରେଶ ତିର୍କୀ, ସନ୍ତୋଷପୁରର ରାଜକୁମାର କେର୍କେଟା, ଜମସେରାର ବେଦନା ଓରାମ, ଉଡ୍‌ସୁର ଦୁଲାରୀ ଓରାମ, ଅନୀତା ତିର୍କୀ, ଭାଲୁଲତା ବିଟା ଓରାମଙ୍କ ସମେତ ୧୪ ଜଣ ସରପଞ୍ଚ ଓରାମପଡ଼ା ସ୍ଥିତ ରାଉରକେଲା ଅବକାରୀ ଅଫିସରେ ପହଞ୍ଚି କ୍ଷୋଭ ପ୍ରକାଶ କରିଥିଲେ। ଅବକାରୀ ବିଭାଗ ଅଧିକାରୀଙ୍କ ସହ ଆଲୋଚନାରେ ସନ୍ତୁଷ୍ଟ ନ ହୋଇ ସଂଘ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କୁ ଭେଟି ଉକ୍ତ ଅଭିଯୋଗ କରିଥିଲା। ଏସ୍‌ପି ୱାଧୱାନୀ ଘଟଣାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସରପଞ୍ଚ ସଂଘ ସଭାପତି ତିର୍କୀଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ସରପଞ୍ଚଙ୍କ ଘରେ ଚଢ଼ାଉ କରାଯାଇଥିଲା। ତେବେ ଚଢାଉ ବେଳେ କୌଣସି ମଦ ମିଳି ନ ଥିଲା। ଜଣେ ଜନପ୍ରତିନିଧିଙ୍କୁ ଏପରି ହତାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାରେ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଜିଲା ସରପଞ୍ଚ ସଂଘ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ତିର୍କୀ ସୂଚନା ଦେଇଛନ୍ତି।

# ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ

### ରାଉରକେଲାରେ ଛଟ୍ ପର୍ବ ପାଳନ ପ୍ରସ୍ତୁତି

**ରାଉରକେଲା,୧୭।୧୦(ଦିନେଶ ମିଶ୍ର)**

ଆସନ୍ତା ନଭେମ୍ବର ୭ ଓ ୮ ତାରିଖରେ ଛଟ୍ ପୂଜା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ଜଳାଶୟ ଘାଟକୁ ପ୍ରସ୍ତୁତ କରିବା ଲାଗି ବିହାରୀ ଯୁବ ମଞ୍ଚ ପକ୍ଷରୁ ରାଉରକେଲା ମହାନଗର ନିଗମ ଆୟୁକ୍ତଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିହାର ଯୁବ ମଞ୍ଚର କର୍ମକର୍ତ୍ତା ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ଭେଟି ଆଗାମୀ ଛଟପର୍ବ ପାଳନ ପାଇଁ କିଭଳି ଘାଟ ସଫେଇ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ପ୍ରତିବର୍ଷ ରାଉରକେଲା ମହାନଗର ନିଗମ ପକ୍ଷରୁ ୧୫ଟି ନଦୀ ଘାଟକୁ ପୁନରୁଦ୍ଧାର କରାଯିବା ସହିତ ଆଲୋକ ବ୍ୟବସ୍ଥା ଓ ଘାଟକୁ ସଜ୍ଜିତ କରାଯାଉଥିବାରୁ ଚଳିତବର୍ଷ ମଧ୍ୟ ଏହି ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିହାରୀ ଯୁବ ମଞ୍ଚ ପ୍ରତିନିଧି ମଣ୍ଡଳୀ ସଦସ୍ୟ ବ୍ରିଜେଶ ମାହୋତୋ, ରାହୁଲ ମହାନ୍ତି, ସତ୍ୟଜିତ ସାହୁ, ଯୋଗୀ ସିଂ, ବିଭୀଷଣ ସାହୁ, ସୁବାଷ ମଣ୍ଡଳ, କିଶୋର ଯାଦବ, ଚନ୍ଦନ ସିଂ, ମନୋଜ ପାଣ୍ଡେ, ଶତ୍ରୁଘନ ସିଂ, ହାର୍ଦ୍ଦିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଯୁବ ମଞ୍ଚ କର୍ମକର୍ତ୍ତା ଆର୍‌ଏମ୍‌ସି ଉପ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୦୫ତମ ପ୍ରତିଷ୍ଠା ଦିବସ ସିପିଆଇଏମ୍ ସୁନ୍ଦରଗଡ଼ ଜିଲା କମିଟି ଓ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଦଳର ରାଜ୍ୟ କମିଟି ଆହ୍ୱାନ କ୍ରମେ ଶକ୍ତିନଗର ସ୍ଥିତ ସିପିଆଇଏମ୍ କାର୍ଯ୍ୟାଳୟ ଏ କେଜି ଭବନରେ ଦଳର ଲାଲ ପତାକାକୁ କମ୍ରେଡ୍ ପ୍ରମୋଦ ସାମଲ ଉତ୍ତୋଳନ କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ, ୧୯୧୭ରେ ରଷିଆରେ ସଙ୍ଗଠିତ ଅକ୍ଟୋବର ବିପ୍ଳବ ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ କମ୍ୟୁନିଷ୍ଟ ପାର୍ଟି ଗଠନ କରିବାରେ ଖୋରାକ୍ ଯୋଗାଇଥିଲା। ଭାରତର ମୁକ୍ତି ସଂଗ୍ରାମରେ ଏହାର ବଳିଷ୍ଠ ଯୋଗଦାନ ରହିଥିଲା ବୋଲି ବେହେରା କହିଥିଲେ। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେନ୍ଦ୍ର ଦାଶ, ଜିଲା କମିଟି ସଦସ୍ୟ ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ଅରୁଣ ମହାରଣା, କୁଳମଣି ରାଉତ, ପ୍ରମୋଦ ପରିଡ଼ା, ସହଦେବ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶକ୍ତିନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ନେତୃମଣ୍ଡଳୀ।

# ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରି ସିଲ୍ କଲା ଆର୍‌ଏମ୍‌ସି

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

ବିନା ଲାଇସେନ୍ସ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଆଇସ୍‌କ୍ରିମ୍ ପ୍ରସ୍ତୁତ କରି ମାର୍କେଟକୁ ବିକ୍ରି ପାଇଁ ପଠାଯାଉଥିଲା। ଆଇସ୍‌କ୍ରିମ୍ ପ୍ୟାକେଟ୍ ଉପରେ ବ୍ୟାଚ୍ ନମ୍ବର, ପ୍ରସ୍ତୁତ ତାରିଖ ଓ ବ୍ୟବହାର ତାରିଖ ଆଦି ଲେଖା ଯାଇ ନ ଥିଲା। ପ୍ରାୟ ୨ ମାସ ହେଲା ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଓ ଖାଦ୍ୟ ନିରାପତ୍ତା ବିଭାଗ ଦୃଷ୍ଟିରେ ଥିଲେ ମଧ୍ୟ ଉକ୍ତ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରି ନିଜର ତ୍ରୁଟି ସଂଶୋଧନ କରି ନ ଥିଲା। ଫଳରେ ଆରଏମ୍‌ସି ଏବଂ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଉକ୍ତ ଫ୍ୟାକ୍ଟ୍ରିକୁ ନୋଟିସ ଜାରି କରାଯାଇଥିଲା। ଶେଷରେ ଗୁରୁବାର ଉକ୍ତ ଫ୍ୟାକ୍ଟ୍ରି ଉପରେ ଚଢାଉ କରି ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ପୂର୍ବାହ୍ନରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁଦକ୍ଷ ପଟେଲଙ୍କ ଉପସ୍ଥିତିରେ ଆର୍‌ଏମ୍‌ସି



ବିଭାଗୀୟ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

### ନୋଟିସ୍‌କୁ ବେଖାତିର କରି ଫସିଲା

ସହାୟକ ଆୟୁକ୍ତ ଅଜିତ ପଟ୍ଟନାୟକ, ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ୱାଗତିକା ବେହେରା, ଦୀକ୍ଷା ଦେ, ମୋନାଲିସା ଟପ୍ପୋ ପ୍ରମୁଖ ରାଉରକେଲା ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ ଥିବା ରେନ୍‌ବୋ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସିଲ୍ କରିଦେଇଛନ୍ତି। ଖାଦ୍ୟ ନିରାପତ୍ତା ଅଧିକାରୀ ବେହେରା ସୂଚନା ଦେଇ କହିଛନ୍ତି, ପ୍ରାୟ ୨ ବର୍ଷ ହେଲା ପ୍ରଭାତ ସାହୁ ନାମକ ବ୍ୟକ୍ତି ରେନ୍‌ବୋ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରି ଚଳାଇ ଆସୁଥିଲେ। ବଜାରରେ ଏହି ଆଇସ୍‌କ୍ରିମ୍ ବିକ୍ରି ହେଉଥିଲା। ଏହାର ଗୁଣବତ୍ତା ଓ ସ୍ୱଚ୍ଛତା ନେଇ ପ୍ରାୟ ୨ ମାସ ହେଲା ଅନେକ ଅଭିଯୋଗ ଆସୁଥିଲା। ଏଥିପାଇଁ ପୂର୍ବରୁ ଉକ୍ତ ଫ୍ୟାକ୍ଟ୍ରିକୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ତ୍ରୁଟି ସଂଶୋଧନ କରି ନ ଥିଲେ। ଫଳରେ ଉକ୍ତ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି। ଫ୍ୟାକ୍ଟ୍ରି ମାଲିକଙ୍କୁ ଫୁଡ୍ ଲାଇସେନ୍ସ ମଗାଯାଇଥିଲା। ସେ ଏହାକୁ ଦେଖାଇପାରି ନ ଥିଲେ। ପ୍ରାୟ ୧୦ଟି ଫ୍ରିଜରରେ ଥିବା ଏକ କୁଇଣ୍ଟାଲ ଆଇସ୍‌କ୍ରିମ୍ ଏବଂ ବିଭିନ୍ନ ସାମଗ୍ରୀ ଜବତ କରି ନଷ୍ଟ କରାଯାଇଛି ବୋଲି ବେହେରା କହିଥିଲେ। ସେହିପରି ଆର୍‌ଏମ୍ ସହାୟକ ଆୟୁକ୍ତ ପଟ୍ଟନାୟକ କହିଥିଲେ, ସହରରେ ଏପରି ଆହୁରି କିଛି ଆଇସ୍‌କ୍ରିମ ଫ୍ୟାକ୍ଟ୍ରି ଠାବ କରାଯାଉଛି। ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ପୂଜା ପାର୍ବଣ ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ।


ସମ୍ବଲପୁରର ବିଭିନ୍ନ ମଣ୍ଡପରେ ଧନଦାତ୍ରୀଙ୍କ ପୂଜାର୍ଚ୍ଚନା: ମୁଦିପଡ଼ା ପୂଜା ମଣ୍ଡପ।


କାଳିବାଡ଼ି ପୂଜା ମଣ୍ଡପ ।


ସାକ୍ଷୀପଡ଼ା ପୂଜା ମଣ୍ଡପ।


ସହଯୋଗ ନଗର ପୂଜା ମଣ୍ଡପରେ ଗଜଲକ୍ଷ୍ମୀ।

# ଜଳଭଣ୍ଡାର ପାଖରେ ଥାଇ ମିଳୁନି ପାଣି

ସମ୍ବଲପୁର,୧୭।୧୦(ପ୍ରମୋଦ ବହିଦାର)

ବର୍ଷା ଯାଇ ଶୀତ ଋତୁ ଆରମ୍ଭ ନ ହେଉଣୁ ସମ୍ବଲପୁର ସହରରେ ଦେଖା ଦେଲାଣି ପାନୀୟ ଜଳର ଉତ୍କଟ ଅଭାବ। ହୀରାକୁଦ ଜଳଭଣ୍ଡାର ପାଦତଳେ ରହି ଉତ୍କଟ ଜଳାଭାବର ସମ୍ମୁଖୀନ ହେଉଛନ୍ତି ସହରର ଦୁର୍ଗାପାଲି, କାନିଜୁରି, କୁସୁମପଡ଼ା, ଖଡ଼ିଆପଡ଼ା, ଭତରା ଆଦି ଅଞ୍ଚଳର ଅଧିବାସୀ। ଏହି ଅଞ୍ଚଳମାନଙ୍କରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ବିଛା ଯାଇଛି। ହେଲେ ବର୍ଷର ଅଧିକାଂଶ ସମୟରେ ଏଥିରେ ଜଳ ଯୋଗାଣ ହେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଫଳରେ ଏଅଞ୍ଚଳର ଅଧିବାସୀଙ୍କୁ ସମ୍ପୂର୍ଣ୍ଣ ଭାବେ ଟ୍ୟାଙ୍କର ଜଳ ଉପରେ ନିର୍ଭର କରିବାକୁ ପଡୁଛି। ଦୀର୍ଘଦିନ ହେଲା ଏଠାରେ ଏହି ସମସ୍ୟା ଲଗି ରହିଛି। କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ନିୟମିତ ଜଳ ଯୋଗାଣ ହୋଇ ପାରୁ ନ ଥିବା ବେଳେ କେତେକ ସ୍ଥାନରେ ନିଅଣ୍ଟିଆ ହେଉଥିବା ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ପାନୀୟ ଜଳ ପାଇଁ ଅଞ୍ଚଳବାସୀଙ୍କୁ ଖରାତରାରେ ରାସ୍ତା ଉପରେ ଦୀର୍ଘ ସମୟ ଧରି ଟ୍ୟାଙ୍କରକୁ ଅପେକ୍ଷା କରିବାକୁ ପଡୁଛି। ଏହା ସାଙ୍ଗକୁ ସହରର ଶାନ୍ତିନଗର, ଗୋପାଳମାଳ ଆଦ ଅଞ୍ଚଳରେ ମଧ ପାରି ସମସ୍ୟା ଦେଖା ଦେଇଛି। ଦିନର ପ୍ରଥମାର୍ଦ୍ଧର ଏକ ନିର୍ଦ୍ଦିଷ୍ଟ ସମୟରେ ମାତ୍ର ଘଣ୍ଟେ ଦୁଇ ଘଣ୍ଟା ପାଇଁ ଜଳ ଯୋଗାଣ ହୋଇ ବନ୍ଦ ହୋଇ ଯାଉଥିବା ବେଳେ ସନ୍ଧ୍ୟାରେ ଆଦୌ ଯୋଗାଣ ହେଉନାହିଁ। ଏହି ସମସ୍ୟା ଦୂରୀକରଣ ପାଇଁ ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ବିଭିନ୍ନ ଅଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ଏହା ଅଦୌ ଫଳପ୍ରସୂ ହୋଇ ପାରିନାହିଁ। ଏହି ସମସ୍ୟା ନେଇ ଅଞ୍ଚଳବାସୀ ଅତୀତରେ ଅନେକଥର ଜନସ୍ୱାସ୍ଥ୍ୟ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ ସେମାନଙ୍କୁ କୌଣସି ସୁଫଳ ମିଳି ନାହିଁ। ଗତବର୍ଷ ଏହି ସମସ୍ୟା ନେଇ ଅଞ୍ଚଳବାସୀ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ। ମାତ୍ର ସେମାନଙ୍କ ଅଭିଯୋଗକୁ ଅଣଦେଖା କରିବାରୁ ନିର୍ବାହୀ ଅଧିକାରୀଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଅପରପକ୍ଷରେ ଏହି ସମସ୍ୟା ପାଇଁ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ବେଆଇନ ସଂଯୋଗକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ମାତ୍ର ଏହାର ପ୍ରତିକାର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହାକାରୀ ଯନ୍ତ୍ରୀ ଗୁଲସନ ସାହୁ କହିଛନ୍ତି ଯେ, ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏହି ସମସ୍ୟା ଦୂର ହୋଇଯିବ। ଉକ୍ତ ଅଞ୍ଚଳର ଲୋକଙ୍କୁ ପାନୀୟ ଜଳ ପାଇଁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଉକ୍ତ ଅଞ୍ଚଳରେ ଜଳ ଉତ୍ତୋଳନ ପାଇଁ ଲାଗିଥିବା ପୁରୁଣା ପମ୍ପରେ ତ୍ରୁଟି ଦେଖା ଦେବାରୁ ଏହି ସମସ୍ୟା ଦେଖାଦେଇଛି। ୨ ମାସ ତଳେ ଏଠାରେ ଲାଗିଥିବା ପୁରୁଣା ପମ୍ପକୁ ପରିବର୍ତ୍ତନ କରି ନୂତନ ପମ୍ପ ଲଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ସମ୍ଭବତଃ ସୋମବାର ଠାରୁ ଏଠାରେ ପାନୀୟ ଜଳ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇ ଯିବ ବୋଲି କହିଛନ୍ତି ଯନ୍ତ୍ରୀ ସାହୁ।


ରାସ୍ତାରେ ଗରା, ବାଲଟି ରଖି ପାଣି ପାଇଁ ଲୋକେ ଟ୍ୟାଙ୍କରକୁ ଅପେକ୍ଷା କରିଛନ୍ତି।

**ପାଇପ୍ ଜଳ ବଦଳରେ ଟ୍ୟାଙ୍କରକୁ ଭରସା**

# ଆମେ ଆଗେଇବା ଓ ଅନ୍ୟାନ୍ୟ ପୁସ୍ତକ ଉନ୍ମୋଚିତ


ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୧୭।୧୦(ବି.ଶଙ୍କର)

ଆମେ ଆଗେଇବା ଓ ଅନ୍ୟାନ୍ୟ ଆଲୋଚନା ପୁସ୍ତକ ସମ୍ବଲପୁର ପାନ୍ଥ ନିବାସ ସଭାକକ୍ଷରେ ଲୋକାର୍ପିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର କାଳିଦାସ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କବି ରାମକୃଷ୍ଣ ଓ ଡ. କାମଦେବ ସାହୁ ଆଲୋଚକଭାବେ ଯୋଗଦେଇଥିଲେ। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହୋତା ସଭା ପରିଚାଳନା କରିଥିଲେ। ଡ. ପଞ୍ଚାନନ ପୂଜାରୀ, ବିପିନ ବିହାରୀ ନନ୍ଦ, ରାଉରକେଲା ନିଟ୍‌ର ଅବସରପ୍ରାପ୍ତ ପ୍ରଫେସର ବନମାଳୀ ପ୍ରଧାନ ଓ ପୁସ୍ତକର ରଚୟିତା ପ୍ରଫେସର ସୁଦର୍ଶନ ପୂଜାରୀ ଅତିଥିମାନଙ୍କ ସହିତ ପୁସ୍ତକ ପାଠକାର୍ପଣ କରାଯାଇଥିଲା। ସାହିତ୍ୟିକ ମୋହନ ସାହୁ ଆମେ ଆଗେଇବା ଓ ଅନ୍ୟାନ୍ୟ.. ପୁସ୍ତକ ପ୍ରକାଶନର ପୃଷ୍ଠଭୂମିରୁ ପାଠକାର୍ପଣ ପର୍ଯ୍ୟନ୍ତ ଘଟଣାବଳୀର ବିବରଣୀ ଅନୁଭୂତିରୁ ପ୍ରଦାନ କରିଥିଲେ। ପ୍ରବନ୍ଧ ଲିଖନର ଦିଗ ବିଦିଗ ଓ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧ ସାହିତ୍ୟର ଇତିହାସ ଦିଗରେ ଆମେ ଆଗେଇବା ଓ ଅନ୍ୟାନ୍ୟ ପୁସ୍ତକର ସ୍ୱାତନ୍ତ୍ର୍ୟ ଓ ନୂତନତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାଷା ଆମ ବୁଝାମଣାର ଅସଲ ପ୍ରତିବନ୍ଧକ। ସେ ଦିଗକୁ ଅଧିକ ଦୃଷ୍ଟି ଦେଇ ପ୍ରାବନ୍ଧିକମାନେ ପ୍ରତ୍ୟେକ ଆଲୋଚନାକୁ ପାଠକ ପାଖରେ ସଫଳତାର ସହିତ ପହଞ୍ଚାଇ ପାରିଛନ୍ତି ବୋଲି ସାହିତ୍ୟକମାନେ ମତବ୍ୟକ୍ତ କରିଥିଲେ। ଅଗରତଲା ଇକଫାଇ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଅଧ୍ୟକ୍ଷା ଡ. ଜିଗୀଷା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ବିଶ୍ୱରଞ୍ଜନ ପୂଜାରୀ, ଆଇନଜିବୀ ରବିରଞ୍ଜନ ପୂଜାରୀ, ସତ୍ୟମ ପାଣିଗ୍ରାହୀ ଓ ଶୁଭମ ପୂଜାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୁଚିଣ୍ଡାରେ ମେରୁ ମହୋତ୍ସବ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ନୃତ୍ୟ ଗୁରୁ ରିଙ୍କୁ ସାହୁ ଓ ଅନ୍ୟମାନେ।

କୁଚିଣ୍ଡା,୧୭।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ମେରୁ ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଭୟ ଆର୍ଟ ଏକାଡେମୀ ନିର୍ଦ୍ଦେଶକ ରିଙ୍କୁ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକର ଆଲୋଚନା ମୁତାବକ ବିକୁ ନାୟକ, ରଞ୍ଜନ ସାହୁ, ରୋଶନ ସାହୁଙ୍କୁ ଉତ୍ସବ ପରିଚାଳନା କମିଟିର ମୁଖ୍ୟଭାବେ ମନୋନୀତ କରାଯାଇଥିଲା। ଏଥିରେ କୁଚିଣ୍ଡା, ଭୋଜପୁର, ସାତକମା, ଲଇଡା, କୁଲେଇଗଡର ଯୁବ ନେତୃତ୍ୱମାନେ ଉପସ୍ଥିତ ରହି ଏ ଅଞ୍ଚଳର କଳା ଓ ସଂସ୍କୃତି ସହ ଯୁବ କଳାକାରଙ୍କ ବିକାଶ ହେବ ସେ ନେଇ ଆଲୋଚନା ହେଇଥିଲା। ଦୁଇଦିନ ଧରି ହେବାକୁ ଥିବା ମେରୁ ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ଯୁବ କଳାକର ଯେପରି ସାମିଲ ହେବେ ସେ ଦିଗରେ ପ୍ରୟାସ କରାଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ କୁଚିଣ୍ଡା ଅଞ୍ଚଳର ଯୁବ କଳାକାରଙ୍କୁ ୧୫ରୁ ୨୦ ଦିନ ଧରି ନୃତ୍ୟ ଶିବିର ଆୟୋଜନ କରାଯିବାକୁ ପ୍ରସିଦ୍ଧ ନୃତ୍ୟଗୁରୁ ରିଙ୍କୁ ସାହୁ କହିଥିଲେ।

# ତଦନ୍ତ କଲେ ତହସିଲଦାର

ସମ୍ବଲପୁର,୧୭।୧୦(ଭବାନୀ ଶଙ୍କର ଭୋଇ)

**ନୀଳଡୁଙ୍ଗୁରିରେ କାରଖାନା ପାଉଁଶ ପକାଯିବା ଘଟଣା**

- ବାହାର ଅଞ୍ଚଳରୁ ପାଉଁଶ ଆଣି ପକାଇବାକୁ ବିରୋଧ
- ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ: ତହସିଲଦାର

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲି ଗ୍ରାମ ପଞ୍ଚାୟତର ନୀଳଡୁଙ୍ଗୁରିଠାରେ କାରଖାନା ପାଉଁଶ ପକାଯିବା ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯୋଗ ଉପରେ ଗୁରୁବାର ନିଳଡୁଙ୍ଗୁରି ଯାଇ ତଦନ୍ତ କରିଛନ୍ତି ଯୁଯୋମୁରା ତହସିଲଦାର ସ୍ୱାଧୀନ ବେହେରା। ତଦନ୍ତ ସମୟରେ କବରାପାଲି ଗ୍ରାମପଞ୍ଚାୟତର ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ସମିତି ସଭ୍ୟା ବନିତା ଓରାମଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦା ନିଳଡୁଙ୍ଗୁରିରେ ଥିବା ସରକାରୀ ଜମିରେ ପୂର୍ବରୁ ପକାଯାଇଥିବା ପାଉଁଶ କିଭଳି ବେଆଇନ ଭାବେ ଏଣେତେଣେ ପକାଯାଇଛି ତାହା ଦେଖାଇଥିଲେ। ନୀଳଡୁଙ୍ଗୁରିରେ ଏମସ୍ ଭଳି ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଆଶା ଥିବାବେଳେ କେତେକ ଲୋକ ଅଞ୍ଚଳରେ ପାଉଁଶ ପକାଇବା ପାଇଁ ମସୁଧା ଚଳାଇଥିବା ନେଇ ସମିତି ସଭ୍ୟା ଓରାମଙ୍କ ନେତୃତ୍ୱରେ ଲୋକେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ନୀଳଡୁଙ୍ଗୁରିରେ ପାଉଁଶ ପକାଗଲେ କୁରୁରାଯୋରୀ, ମାଳିମୁଣ୍ଡା, ବାରିବନ୍ଧା ଆଦି ତଳ ଅଞ୍ଚଳରେ ଚାଷଜମି ପ୍ରଭାବିତ ହେବ ବୋଲି ସ୍ଥାନୀୟ ଲୋକେ ଜଣାଇଥିଲେ। ପୂର୍ବରୁ ନୀଳଡୁଙ୍ଗୁରିରେ ପକାଯାଇଥିବା ପାଉଁଶ ପବନ ହେଲେ ସବୁ ପାଖରେ ଥିବା ଘରଦ୍ୱାର ପୋତି ହେଉଥିବା ଲୋକେ ଅଭିଯୋଗ କରିଥିଲେ। ଯୁଯୋମୁରା ବ୍ଲକରେ କୌଣସି ଶିଳ୍ପସଂସ୍ଥା ନ ଥିବା ବେଳେ ବାହାର ଜିଲା ବା ବ୍ଲକରୁ କବରାପାଲି ପଞ୍ଚାୟତକୁ ପାଉଁଶ ଆଣି ପକାଇବା ପାଇଁ କାହିଁକି ଚେଷ୍ଟା କରାଯାଉଛି ବୋଲି ସ୍ଥାନୀୟ ଲୋକେପ୍ରେଶ୍ନ କରିଥିଲେ। ତହସିଲଦାର ସ୍ଥାନୀୟ ଜନ ପ୍ରତିନିଧି ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ମତାମତ ସଂଗ୍ରହ କରିଥିଲେ। ଘଟଣା ସମ୍ପର୍କରେ ତହସିଲଦାର କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କ ମତ ସଂଗ୍ରହ କରିଛନ୍ତି। ଲୋକଙ୍କ ମତାମତକୁ ସେ ଜିଲା ପ୍ରଶାସନକୁ ଜଣାଇବେ। ଏହାପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବଳମ ଲକ୍ଷ୍ମୀପୂଜାରେ ନୃତ୍ୟ ପ୍ରତିଯୋଗିତା

ନାକଟୀଦେଉଳ,୧୭।୧୦(ବୈକୁଣ୍ଠନାଥ ସାହୁ)

ଶିଶୁ ଓ କିଶୋର ପ୍ରତିଭା ବିକାଶ ନିମନ୍ତେ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ବଳମ ପିତାବଳୀପଡା କୃପାମୟୀ ପୂଜା କମିଟି ଆନୁକୂଲ୍ୟରେ ବଳମ ମାର୍କେଟ ଛକର ଗଜଲକ୍ଷ୍ମୀ ପୂଜା ଅବସରରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରମେଶ ପ୍ରଧାନ ଓ ରିପନ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ ୫୦ ଜଣ ପ୍ରତିଯୋଗୀ ଥିଲେ। ଦେବଗଡର ଅଙ୍କୁର ପ୍ରଧାନ ପ୍ରଥମ, ପଡିଆବାହାଲର ରାହୁଲ ଦୀପ ୨ୟ ଓ ବଳମର ଶୁହାନୀ ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିଲେ। ୪ର୍ଥରୁ ଦଶମ ସ୍ଥାନରେ କ୍ରିଷ୍ଣାମୟୀ ପ୍ରଧାନ, ବିଷ୍ଣୁପ୍ରିୟା ଦେହୁରୀ, ଜସ୍ମୀନ ସାହୁ, ଅଲିନା ସାହୁ, ଗୀତାଞ୍ଜଳି ବେହେରା, ଜିଜ୍ଞାସୀ ସାହୁ ଓ କରିସ୍ମା ନାୟକ ରହିଥିଲେ। ବିଚାରକ ଭାବେ ହଳଧର ସାହୁ, ରେଣୁବାଳା ନାୟକ ଓ ନନ୍ଦିନୀ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ସୁଦର୍ଶନ ସାହୁ ଓ ନେତ୍ରାନନ୍ଦ ରାଉଳ, ସମ୍ମାନୀତ ଅତିଥି ଭାବେ ପବିତ୍ର ମୋହନ ଗଡତିଆ ଯୋଗ ଦେଇଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ଗୋଧିଡ଼ିପ ଉତ୍ସବମୁଖର


ଗୋଧିଡ଼ିପ ଛକ ନିକଟ ପୂଜା ମଣ୍ଡପରେ ମା' ଲକ୍ଷ୍ମୀ।

ନାକଟୀଦେଉଳ,୧୭।୧୦(ବୈକୁଣ୍ଠନାଥ ସାହୁ)

ଗଜଲକ୍ଷ୍ମୀ ପୂଜା ପାଇଁ ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଡିପା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଗୋଧିଡିପ, ମାରୁଆଡ଼ିମୁଣ୍ଡା ଏବଂ ନାଟୁଆବୁରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ପୂଜା ପାଇଁ ୧୫ତାରିଖ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ସ୍ଥାନୀୟ ଟିଂକିରା ନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ଗୋଧିଡିପ ଛକ ନିକଟ ଲକ୍ଷ୍ମୀ ପୂଜା ମଣ୍ଡପରେ ୧୬ତାରିଖ ସକାଳୁ ହୋମ ଏବଂ ପୂଜାର୍ଚ୍ଚନା ହୋଇଥିଲା। ମଣ୍ଡପରେ ପ୍ରତ୍ୟହ ଲକ୍ଷ୍ମୀ ପୁରାଣ ପାଠ ସହ ନାମ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା। ପୂଜା ମଣ୍ଡପକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଚଳିତବର୍ଷ ପୂଜା କମିଟି ସଭାପତିଭାବେ ହଳଧର ସାହୁ, ସମ୍ପାଦକ ଅକ୍ଷୟ କୁମାର ରାଉଳ, କୋଷାଧ୍ୟକ୍ଷଭାବେ ନୀଳାମ୍ବର ସାହୁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଶଙ୍କର୍ଷଣ ମଲ୍ଲିକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବୁଧବାର ରାତିରେ ମେଲୋଡ଼ି ପରିବେଷଣ କରାଯାଇଥିବା ବେଳେ ଗୁରୁବାର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଶୁକ୍ରବାର ପୂର୍ଣ୍ଣାହୁତି ପଡ଼ିବା ସହ ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କୁ ମେଲାଣି ଦିଆଯିବା କାର୍ଯ୍ୟକ୍ରମ ରହିଥିବା ପୂଜା କମଟି ପକ୍ଷରୁ କୁହାଯାଇଛି।

# ଦେଶୀ ମଦ ଜବତ, ୨ ଗିରଫ

ସମ୍ବଲପୁର,୧୭।୧୦(ପ୍ରମୋଦ ବହିଦାର)

ଦେଶୀ ମଦ ଚୋରା ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଧନୁପାଲି ଥାନା ଚାରବାଟିର ଚୈନୁ ଓରାମ ଓ ବସନ୍ତ ଓରାମ। ସେମାନଙ୍କ ନିକଟରୁ ୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଅବକାରୀ ବିଭାଗ କର୍ମଚାରୀ ଧନୁପାଲି ଥାନା ସରଲାକାନୀ ଛକରେ ଜଗି ରହିଥିଲେ। ଏହି ସମୟରେ ଏକ ସ୍କୁଟରରେ ଦୁଇଟି ଜରି ବ୍ୟାଗ ରଖି ଯାଉଥିବା ୨ଜଣଙ୍କୁ ଅବକାରୀ କର୍ମଚାରୀ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ଜରି ବ୍ୟାଗରେ ଦେଶୀମଦ ଥିବା ଜଣାପଡିଥିଲା।

# ଅଖିଳ ଭାରତୀୟ ମହିଳା ଅଗ୍ରୱାଲ ସମ୍ମେଳନର ଶରତ ଉତ୍ସବ



ଶରତ ଉତ୍ସବ ଅବସରରେ ମଞ୍ଚାସୀନ କର୍ମକର୍ତ୍ତା।

ସମ୍ବଲପୁର,୧୭।୧୦(ଭବାନୀ ଶଙ୍କର ଭୋଇ)

ଅଖିଳ ଭାରତୀୟ ମହିଳା ଅଗ୍ରୱାଲ ସମ୍ମେଳନ ସମ୍ବଲପୁର ଶାଖା ପକ୍ଷରୁ ଗୁରୁବାର ଭିଏସଏସ ମାର୍ଗ ସ୍ଥିତ ଏକ ହୋଟେଲରେ ଶରତ ପୂର୍ଣ୍ଣିମା ଅବସରରେ ଶରତ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷା ବିନିତା ଖେତବାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଶାଖାର ରାଷ୍ଟ୍ରୀୟ ମହିଳାଧ୍ୟକ୍ଷଙ୍କ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ମହିଳା ଅଗ୍ରୱାଲ ସମ୍ମେଳନର ବରିଷ୍ଠ ପଦାଧିକାରୀଙ୍କ ସମେତ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ରାଜ୍ୟ ସଭାପତି ଓ ଅନ୍ୟ ରାଜ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା ରାଜ୍ୟ ସମେତ ବିଭିନ୍ନ ରାଜ୍ୟରୁ ଆସିଥିବା ଷ୍ଟଲ ଗୁଡିକରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ହୋଇଥିଲା। ଏହି ଷ୍ଟଲଗୁଡିକରେ ଭିନ୍ନ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଏହାସହ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଗରୱା ନାଚ ଆୟୋଜିତ ହୋଇଥିଲା। ଅଖିଳ ଭାରତୀୟ ମହିଳା ଅଗ୍ରୱାଲ ସମ୍ମେଳନ ଜିଲା ସଭାନେତ୍ରୀ ବିନ୍ଦୁ ଅଗ୍ରୱାଲ, ସମ୍ପାଦିକା ସବିତା ମୋଦୀ, କୋଷାଧ୍ୟକ୍ଷା କିରଣ ଅଗ୍ରୱାଲଙ୍କ ସମେତ ସବୁ ପଦାଧିକାରୀ ଉପସ୍ଥିତ ଥିଲେ।

# ବଳବନ୍ତରାୟଙ୍କ ଗାଡ଼ିକୁ ଅଣ୍ଡାମାଡ଼

ଯାଜପୁର,୧୭।୧୦
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ଆକ୍ରୋଶ କ୍ରମଶଃ ବଢ଼ିବାରେ ଲାଗିଛି। ବିଜେଡି, ଭାଜପା ଓ ସ୍ୱାଧୀନ ବିଧାୟକ ସମର୍ଥକଙ୍କ ମଧ୍ୟରେ ଅଧିକାଂଶ ସମୟରେ ଟଣାଓଟରା ଲାଗି ରହିଛି। ଗୁରୁବାର ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ(ଜିତୁ) ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଜେନାପୁର ଥାନା ଅନ୍ତର୍ଗତ ୧୨ନଂ.ଜୋନ୍ କୁରିକଣା ଗ୍ରାମକୁ ଲକ୍ଷ୍ମୀପୂଜା ନିମନ୍ତ୍ରଣ ପାଇ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ଫେରିବାବେଳେ କୁରିକଣା ଛକ ନିକଟରେ ତାଙ୍କ ଗାଡ଼ି ଉପରକୁ


କେତେଜଣ ଯୁବକ ପୂର୍ବତନ ବିଧାୟକଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରୁଛନ୍ତି।

ସମ୍ମୁଖ ପଟୁ କେତେଜଣ ଯୁବକ ଅଣ୍ଡା ମାଡ଼ କରିଥିଲେ। ଏହାସହ ସେମାନେ ଜିତୁଙ୍କୁ ଗାଳିଗୁଲଜ କରିଥିଲେ। ଏଭଳି ସ୍ଥିତିରେ ଜିତୁ ସେଠାରୁ ଚାଲିଯାଇଥିଲେ। ଖବର ପାଇ ଜେନାପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜେନାପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏହି ଘଟଣାକୁ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା। ଏଥିରେ ୩ ବିଜେଡି, ୩ ଭାଜପା ଓ ଜଣେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ) ପରେ ଭାଜପାରେ ସାମିଲ ହୋଇଥିଲେ। ଜିଲାର ଅନ୍ୟ କୌଣସି ନିର୍ବାଚନମଣ୍ଡଳୀରେ ଉତ୍ତେଜନା ପରିସ୍ଥିତି ନ ଥିବାବେଳେ ଧର୍ମଶାଳାରେ କାହିଁକି ନିୟମିତ ଭାବେ ଏଭଳି ପରିସ୍ଥିତି ଲାଗି ରହିଛି ସେ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


ବାଲ୍ମୀକି ଜୟନ୍ତୀ ଅବସରରେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନୂଆଦିଲ୍ଲୀର ବାଲ୍ମୀକି ମନ୍ଦିରରେ ପୂଜାର୍ଚ୍ଚନା କରିବା ଅବସରରେ।

## ଦଳ ଛାଡ଼ିପାରନ୍ତି ଆଉ କିଛି ନେତା: ଅମର

ଭୁବନେଶ୍ୱର,୧୭।୧୦(ଅନିଲ ଦାସ)

ବିଜେଡିର ଦୁଇ ଜଣ ରାଜ୍ୟ ସଭା ସଦସ୍ୟଙ୍କ ପରେ ଅନ୍ୟମାନେ ମଧ୍ୟ ଆଗକୁ ଦଳ ଛାଡ଼ିପାରନ୍ତି ବୋଲି ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଅମରପ୍ରସାଦ ଶତପଥୀ କହିଛନ୍ତି। ସେ କହିଛନ୍ତି ଦଳରେ ପୁଞ୍ଜିଭୂତ ଅସନ୍ତୋଷ ଥିଲା, କିନ୍ତୁ କେହି କହୁ ନ ଥିଲେ। ସେ ମୁହଁ ଖୋଲିବା ଆରମ୍ଭ କରିବା ପରେ ଧୀରେ ଧୀରେ ବାସ୍ତବତାକୁ ବୁଝୁଥିବା ନେତାମାନେ ସମସ୍ତେ କହିବା ଆରମ୍ଭ କରିଛନ୍ତି ବୋଲି ଅମର କହିଛନ୍ତି। ତେବେ ବିଜେଡି ନେତାଙ୍କ ଅଭିଯୋଗକୁ ସେ ଅପରିପକ୍ୱ ବୋଲି କହିଛନ୍ତି। ଏଭଳି ଅପରିପକ୍ୱ ମନ୍ତବ୍ୟ ଯେଉଁମାନେ ଦେଉଛନ୍ତି ସେମାନଙ୍କ ପ୍ରତି ତାଙ୍କର ଦୟା ଆସୁଛି। ଯେଉଁମାନେ ବିଜୁ ଜନତା ଦଳ ଗଠନ ବେଳେ ନ ଥିଲେ ସେମାନେ ବର୍ତ୍ତମାନ ବହୁତ କଥା କହୁଛନ୍ତି। ଏଭଳି ବୟାନବାଜି ହିଁ କହୁଛି, ବିଜେଡି ବର୍ତ୍ତମାନ ବାସ୍ତବତାଠୁ କେତେ ଦୂରରେ ରହିଛି। ବୟାନବାଜି କରୁଥିବା ନେତାମାନେ ବାସ୍ତବତାକୁ ବୁଝିବାକୁ ଚାହୁଁନାହାନ୍ତି ବୋଲି ଅମର କହିଛନ୍ତି। ଇଆଡୁସିଆଡୁ କହୁଥିବା ନେତାମାନେ ତାଙ୍କ ମୂଳ ପ୍ରଶ୍ନର ଉତ୍ତର ଦେଉନାହାନ୍ତି। ଦଳର ପରାଜୟ କାହିଁକି


ଅମରପ୍ରସାଦ ଶତପଥୀ

ହେଲା ଏବଂ ଗୋଳମାଳିଆ ସ୍ଥିତି ପାଇଁ କିଏ ଦାୟୀ, ରାଜ୍ୟ ସଭାପତି ସେ ବିଷୟରେ ଉତ୍ତର ଦେବା ଦରକାର। ରାଜ୍ୟ ସଭାପତି ବର୍ତ୍ତମାନ ସୁଦ୍ଧା ମୁହଁ ଖୋଲିନାହାନ୍ତି। କିନ୍ତୁ ଯେଉଁମାନେ ତାଙ୍କ ତରଫରୁ କହୁଛନ୍ତି ସେମାନଙ୍କ ପ୍ରଚ୍ଛଦପଟରେ କିଏ ଅଛନ୍ତି ଆଉ ସାମ୍ନା ପଟରେ କିଏ ଅଛନ୍ତି ତାହା କହିବାକୁ ଚାହୁଁନି ବୋଲି ଅମର କହିଛନ୍ତି।

ଦଳରେ ସଂସ୍କାର ଆଣିବା ଲାଗି ସ୍ଥିତିରେ ସୁଧାର ଆଣିବା ପାଇଁ ସେ କହିଥିଲେ। ତାକୁ ଭୁଲ୍ ବାଟରେ ନେଇ ଅଣନିଃଶ୍ୱାସୀ ଥିବା କଥା କୁହାଗଲା। ଯିଏ ଅଣନିଃଶ୍ୱାସୀ ଶବ୍ଦଟି ଲଗେଇଛନ୍ତି ସେ କେତେ ଅମ୍ଳଜାନ କି ଅଙ୍ଗାରକାମ୍ଳ ପାଉଛନ୍ତି ଜାଣିନି ବୋଲି ଅମର କହିଛନ୍ତି।

## ଆଦିମ ଜନଜାତିଙ୍କ ସମସ୍ୟା ବୁଝିଲେ ସୁନୀଲ ବଂଶଲ


ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଜନଜାତି ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ବାରିପଦା,୧୭।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ସଦସ୍ୟତା ଅଭିଯାନରେ ସାମିଲ ହେଲେ ୪୦୦

ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ସୁନୀଲ ବଂଶଲ ମୟୂରଭଞ୍ଜ ଜିଲା ଗସ୍ତ ଅବସରରେ ଆଦିମ ଜନଜାତି ସଦସ୍ୟତା ଅଭିଯାନରେ ଯୋଗଦେଇଛନ୍ତି। ଶିମିଳିପାଳ ମଧ୍ୟରେ ଥିବା ଗୁଡୁଗୁଡ଼ିଆ ପଞ୍ଚାୟତର ଖଡ଼ିଆ ସାହିରେ ଆଦିମ ଜନଜାତି ଖଡ଼ିଆ ଓ ମାଙ୍କିଡ଼ିଆ ସମ୍ପ୍ରଦାୟର ମହିଳାମାନଙ୍କ ସହ ଭାବ ବିନିମୟ କରିଛନ୍ତି। ମହିଳାମାନଙ୍କ ଗହଣରେ ତଳେ ବସି ସେମାନଙ୍କ ବିଭିନ୍ନ ସମସ୍ୟା ଓ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭାଜପାର ସଦସ୍ୟତା ଅଭିଯାନରେ ୪୦୦ ଜଣଙ୍କୁ ସାମିଲ କରାଇଥିଲେ। ବିଭିନ୍ନ ଦଳର ନେତା ଓ କର୍ମକର୍ତ୍ତାମାନେ ମିଶ୍ରଣ ପର୍ବରେ ସାମିଲ ହୋଇ ନୂତନ ସଦସ୍ୟତା ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ବୁଧବାର ରାତିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ସହ ସୁନୀଲ ବଂଶଲ ଜିଲାର ଯଶିପୁରସ୍ଥିତ ଖଇରୀ ନିବାସରେ ରାତ୍ରିଯାପନ କରିଥିଲେ। ଗୁରୁବାର ସକାଳେ ବିଭାଗୀୟ ଜଙ୍ଗଲ ସଫାରି ଗାଡ଼ିରେ ଶିମିଳିପାଳ ପରିଦର୍ଶନକରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶିମିଳିପାଳ ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଗୁଡୁଗୁଡ଼ିଆ ଡାକ୍ତରଖାନା ସନ୍ନିକଟ ଏକ ଜନଜାତି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଆଦିବାସୀ ଓ ବନବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ।

## ପୂର୍ବ ସରକାରରେ ମନ୍ତ୍ରୀ, ବାବୁମାନେ ବିମାନବୁଲାରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି: ଆଇନ ମନ୍ତ୍ରୀ ହରିଚନ୍ଦନ

### ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନରେ ନ ଯିବା ନେଇ ବିଜେଡିକୁ ଟାର୍ଗେଟକଲା ଶାସକ ଦଳ

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାରଠାରୁ ୫ ଦିନିଆ ହରିୟାଣା ଓ ମୁମ୍ବାଇ ଗସ୍ତରେ ଯାଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସ୍ୱତନ୍ତ୍ର ବିମାନ ବ୍ୟବହାର କରିନାହାନ୍ତି। ରାଜ୍ୟ ରାଜକୋଷର ଅର୍ଥ ବଞ୍ଚାଇବା ଲାଗି ସେ ଏହି ନିଷ୍ପତ୍ତି ନେଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତି ପରେ ଗତ ବିଜେଡି ସରକାର ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରବଳ ବର୍ଷିଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଗତ ସରକାରରେ ମନ୍ତ୍ରୀ ଓ ବାବୁମାନେ ବିମାନରେ ବୁଲୁଥିଲେ। ହେଲେ ଏବେକାର ସରକାରରେ ମୁଖ୍ୟମନ୍ତ୍ରୀ ସାଧାରଣ ଭାବେ ଯାତ୍ରା କରୁଛନ୍ତି। ଚାର୍ଟାର୍ଡ ଫ୍ଲାଇଟ୍ ବଦଳରେ


ପୃଥ୍ୱୀରାଜ ହରିଚନ୍ଦନ

ମୁଖ୍ୟମନ୍ତ୍ରୀ ମାଝୀ ସାଧାରଣ ବିମାନରେ ସାଧାରଣ ଜନତାଙ୍କ ସହ ଯାଉଛନ୍ତି। ଏହା ହିଁ ପରିବର୍ତ୍ତନ। ପୂର୍ବ ସରକାରରେ ମନ୍ତ୍ରୀ ଓ ବାବୁମାନେ ବିମାନ ବୁଲାରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି। ଏପରିକି ଦଳୀୟ ବୈଠକ ପାଇଁ ହେଲିକପ୍ଟର ଓ ପ୍ଲେନ୍‌ରେ ଯାଉଥିଲେ। କିନ୍ତୁ ଏବେକାର ସରକାର ଓ ମୁଖ୍ୟମନ୍ତ୍ରୀ ସାଧାରଣ ଭାବେ ଚଳିବାକୁ ନିର୍ଦ୍ଦେଶ ଦେଉଛନ୍ତି। ଯେପରି ସାଧାରଣ ଲୋକେ ବଞ୍ଚନ୍ତି ସେପରି ମୁଖ୍ୟମନ୍ତ୍ରୀ ଓ ପୂରା ସରକାର ସେମିତି ଚଳୁଛନ୍ତି ବୋଲି ହରିଚନ୍ଦନ କହିଛନ୍ତି। ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ଯଦି ଚାର୍ଟାର୍ଡ ଫ୍ଲାଇଟ୍‌ରେ ଯାଇଥାଆନ୍ତେ ତେବେ ପ୍ରାୟ ୯୧ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ପଡ଼ିଥାଆନ୍ତା ବୋଲି କୁହାଯାଉଛି।

## ତୀର୍ଥଶଙ୍କର ହେଲେ ନାଏବ ସରପଞ୍ଚ

କୁଜଙ୍ଗ,୧୭।୧୦(ମନୋଜ ପ୍ରଧାନ)

### ଢିଙ୍କିଆ ପଞ୍ଚାୟତ

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ବହୁଚର୍ଚ୍ଚିତ ଢିଙ୍କିଆ ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନ ଗୁରୁବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନିର୍ବାଚନରେ ଶିଳ୍ପ ବିରୋଧୀ ଓ କଂଗ୍ରେସକୁ ନେଇ ଗଠିତ ସ୍ୱାଭିମାନ ମଞ୍ଚ ପ୍ରାର୍ଥୀ ତୀର୍ଥଶଙ୍କର ଦାସ ଭାଜପା ସମର୍ଥିତ ପ୍ରାର୍ଥୀ ଆଶିଷ ପ୍ରଧାନଙ୍କୁ ୭ ଖଣ୍ଡ ଭୋଟରେ ହରାଇ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ତୀର୍ଥଶଙ୍କର ୧୫ ଖଣ୍ଡ ଭୋଟ ପାଇଥିବା ବେଳେ ଆଶିଷ ୮ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟପଟେ ବିଜେଡି ପକ୍ଷରୁ ସ୍ୱାଭିମାନ ମଞ୍ଚ ପ୍ରାର୍ଥୀଙ୍କୁ ସମର୍ଥନ ଦିଆଯାଇଥିଲା।

ପୂର୍ବାହ୍ନ ୧୦ଟାରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହୋଇଥିଲା। ୨୦ନଂ.ୱାର୍ଡ ସଭ୍ୟ ତୀର୍ଥଶଙ୍କର ଓ ୪ ନଂ.ୱାର୍ଡସଭ୍ୟ ଆଶିଷ ସେମାନଙ୍କ ନାମାଙ୍କନ ଦାଖଲ କଲା ପରେ ଭୋଟ ହୋଇଥିଲା। ଏଥିରେ ୨୨ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସମେତ ସରପଞ୍ଚ ତାଙ୍କ ମତଦାନ ଦେଇଥିଲେ। ମୋଟ୍ ୨୩ ଖଣ୍ଡ ଭୋଟ ମଧ୍ୟରୁ ଦଳୀୟ ସମର୍ଥନ ହିସାବରେ ତୀର୍ଥଶଙ୍କରଙ୍କୁ ୧୬ ଓ ଆଶିଷଙ୍କୁ ୭ ଖଣ୍ଡ ଭୋଟ ମିଳିବା କଥା। ହେଲେ ଆଶିଷଙ୍କୁ ୮ ଓ ତୀର୍ଥଶଙ୍କରଙ୍କୁ ୧୫ ଖଣ୍ଡ ଭୋଟ ମିଳିଛି। ତେବେ ଭାଜପା ସମର୍ଥିତ ପ୍ରାର୍ଥୀ ଆଶିଷଙ୍କୁ କିଏ ଅଧିକ ୧ ଖଣ୍ଡ ଭୋଟ ଦେଲେ ସେନେଇ ଉଭୟେ ଶିଳ୍ପ ବିରୋଧୀ ସ୍ୱାଭିମାନ ମଞ୍ଚ ଓ ବିଜେଡି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ୨୩ଟି ୱାର୍ଡକୁ ନେଇ ଗଠିତ ଢିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୨୨ଟି ୱାର୍ଡ ସଭ୍ୟାସଭ୍ୟ ପଦବୀ ନିମନ୍ତେ ଅକ୍ଟୋବର ୪ରେ ଭୋଟ ଗ୍ରହଣ ହୋଇଥିଲା। ହେଲେ ୯ ନମ୍ବର ୱାର୍ଡଟି ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ମାତ୍ର ସେଠାରେ କୌଣସି ବ୍ୟକ୍ତି ଅନୁସୂଚିତ ଜନଜାତି ବର୍ଗର ନ ଥିବାରୁ ୱାର୍ଡସଭ୍ୟ ନିମନ୍ତେ ଭୋଟ ଗ୍ରହଣ ହୋଇ ନ ଥିଲା। ଏହି ନିର୍ବାଚନରେ ସ୍ୱାଭିମାନ ମଞ୍ଚ ପ୍ରାର୍ଥିନୀ ପିଙ୍କି ଦାସ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ସମର୍ଥିତ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ନିର୍ବାଚିତ ହୋଇଥିଲେ। ବିଜେଡି ସମର୍ଥିତ ୬ ଜଣ ୱାର୍ଡ ସଭ୍ୟାସଭ୍ୟ ଓ ଭାଜପା ସମର୍ଥିତ ଭାବେ ୭ ଜଣ ୱାର୍ଡ ସଭ୍ୟାସଭ୍ୟ ନିର୍ବାଚିତ ହୋଇଥିଲେ।


ସମର୍ଥକଙ୍କ ସହ ନିର୍ବାଚିତ ନାଏବ ସରପଞ୍ଚ ତୀର୍ଥଶଙ୍କର ଦାସ।

## ରାଜ୍ୟପାଳଙ୍କୁ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଯୁବକଂଗ୍ରେସର ପ୍ରତିବାଦ



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଗୁରୁବାର ଯୁବ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

### ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅଙ୍କ ଆକ୍ରମଣ ଘଟଣା

ଓଡ଼ିଆ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ଓ ତାଙ୍କ ସହଯୋଗୀମାନେ ମାଡ଼ମାରିବା ଘଟଣାକୁ ପାଖାପାଖି ୩ ମାସ ବିତିଗଲାଣି। ହେଲେ ଓଡ଼ିଆ ଅସ୍ମିତା ସ୍ଲୋଗାନ ଦେଇ ସରକାରକୁ ଆସିଥିବା ଭାଜପା ଏପର୍ଯ୍ୟନ୍ତ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିଛି। ବିଗତ ଦିନରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଓଡ଼ିଶାର ରାଜଭବନ ସମ୍ମୁଖରେ ଏହି ପରିପ୍ରେକ୍ଷୀରେ ଧାରଣାଦେବା ସହ ଘେରାଉ କରାଯାଇଥିଲା। ତଥାପି ଏହି ଘଟଣାରେ ରାଜ୍ୟର ଭାଜପା ସରକାର ରାଜ୍ୟପାଳଙ୍କ ପୁଅ ଓ ତାଙ୍କ ସହଯୋଗୀମାନଙ୍କ ଉପରେ କ'ଣ ପାଇଁ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି , ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କୁ ତୁରନ୍ତ ପ୍ରତ୍ୟାହାର ଏବଂ ତାଙ୍କ ପୁଅ ଓ ସହଯୋଗୀମାନଙ୍କୁ ଗିରଫ ପ୍ରତିବାଦରେ ପୂର୍ବତନ ଯୁବ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ଗୁରୁବାର ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରଣଜିତ ତାଙ୍କ ବିବୃତିରେ କହିଛନ୍ତି, ଯଦି ରାଜ୍ୟପାଳଙ୍କୁ ତୁରନ୍ତ ଓଡ଼ିଶାରୁ ପ୍ରତ୍ୟାହାର ସହ ତାଙ୍କ ପୁଅ ଓ ସହଯୋଗୀମାନଙ୍କୁ ଗିରଫ କରା ନ ଯାଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀଠାରେ ଏହି ଧାରଣାରେ ଭୁବନେଶ୍ୱର ଲୋକ ସଭା ସଦସ୍ୟ ପ୍ରାର୍ଥୀ ୟାସିର ନୱାଜ, ସୁଦୀପ ସାମଲ, ନିହାର ରଞ୍ଜନ ବେହେରା, ଅଜିତ ସିଂ, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓଇଏସ୍ ପ୍ରତିଷ୍ଠା ଦିବସରେ ପୁରସ୍କୃତ ହେବେ ୫ ବ୍ୟକ୍ତିତ୍ୱ

ଭୁବନେଶ୍ୱର, ୧୭।୧୦ (ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୩ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ପରିବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ଜଣଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥଙ୍କୁ ପରିବେଶ କ୍ଷେତ୍ରକୁ ସାମଗ୍ରିକ ଅବଦାନ ନିମନ୍ତେ 'ଆଜୀବନ କୃତି ପୁରସ୍କାର', ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟଙ୍କୁ 'ପରିବେଶ ଉତ୍କର୍ଷତା ପୁରସ୍କାର', ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ଅଜୟ କୁମାର ପାତ୍ରଙ୍କୁ 'ଜନପ୍ରିୟ ପରିବେଶ ଏବଂ ବିଜ୍ଞାନ ପୁରସ୍କାର', ଡେରାଡୁନ୍‌ସ୍ଥିତ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ପ୍ରଫେସର ବିଭାଶ ପାଣ୍ଡବଙ୍କୁ 'ପ୍ରକୃତି ସଂରକ୍ଷଣ ପୁରସ୍କାର' ଏବଂ ନିତିଦିନର ସହଯୋଗୀ ସମ୍ପାଦକ ହରେକୃଷ୍ଣ ଚୌଧୁରୀଙ୍କୁ 'ପରିବେଶ ସମ୍ବାଦରେ ଉତ୍କର୍ଷତା ପୁରସ୍କାର' ପ୍ରଦାନ କରାଯିବ। ଏଥିସହ ପ୍ରଫେସର ଶରତ କୁମାର ପାଲିତ୍, ଡ. ଭି.ପି. ଉପାଧ୍ୟାୟ, ଡ. ନବୀନ କୁମାର ଧଳ ଏବଂ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ାଙ୍କୁ 'ଓଇଏସ୍ ଫେଲୋ' ଉପାଧି ପ୍ରଦାନ କରାଯିବ। ଆଇଆଇଟି ବମ୍ବେର ପୂର୍ବତନ ପ୍ରଫେସର କୃଷ୍ଣଚନ୍ଦ୍ର ଚନ୍ଦ୍ର ସାହୁ, ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ପର୍ଶୁରାମ ପଣ୍ଡା ଏବଂ ତାପସ ରଞ୍ଜନ ମଲ୍ଲିକ 'ଓଇଏସ୍ ପୃଷ୍ଠପୋଷକ' ଭାବରେ ମାନ୍ୟତା ପାଇବେ। ଏହି ଅବସରରେ ୫ଜଣ ବରିଷ୍ଠ ଆଜୀବନ ସଦସ୍ୟ ଏକାଦଶୀ ନନ୍ଦୀ, ବିଶ୍ୱନାଥ ପୁହାଣ, ପ୍ରକାଶ ଚନ୍ଦ୍ର ମିଶ୍ର, ସ୍ୱପ୍ନା ବେହେରା ଏବଂ ରାମ ନାରାୟଣ ଗୁପ୍ତାଙ୍କୁ ମଧ୍ୟ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ମୁଖ୍ୟବକ୍ତା ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବିଦତ୍ତ ବିଶ୍ୱାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଓଇଏସ୍‌ର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଟାସ୍କଫୋର୍ସ ପୁନର୍ଗଠନ, ୬ ଥିମେଟିକ ସବ୍‌କମିଟି ଗଠନ

ଭୁବନେଶ୍ୱର,୧୭।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

### ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଜାତୀୟ ଶିକ୍ଷା ନୀତି

ଜାତୀୟ ଶିକ୍ଷା ନୀତି–୨୦୨୦କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଗୁରୁବାର ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ପୁନର୍ଗଠନ ସହ ୬ଟି ଥିମେଟିକ୍ ସବ୍‌କମିଟି ଗଠନ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଏହି ଟାସ୍କଫୋର୍ସରେ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ପଞ୍ଚାୟତିରାଜ ବିଭାଗ, ଅର୍ଥ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ପ୍ରମୁଖ ସଚିବଙ୍କ ସହ ଉଚ୍ଚଶିକ୍ଷା ବିଭାଗର ସଚିବ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ପ୍ରିନ୍ସିପାଲ ସଦସ୍ୟ ରହିଛନ୍ତି। ସେହିଭଳି ଟିଚର୍ସ ଏଜୁକେଶନ ଆଣ୍ଡ୍ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ଜାତୀୟ ଶିକ୍ଷା ନୀତି–୨୦୨୦ର ନୋଡାଲ ଅଫିସର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ଆବାହକ ସଦସ୍ୟ ରଖାଯାଇଛି। ଏହି ଟାସ୍କଫୋର୍ସରେ ଏକ୍ସପର୍ଟ ସଦସ୍ୟ ଭାବେ ୟୁନିସେଫ, ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେଶନ, ଅକ୍ଷର ଫାଉଣ୍ଡେଶନ, ଲାଙ୍ଗୁଏଜ ଲର୍ନିଂ ଫାଉଣ୍ଡେଶନ, ପ୍ରଥମ ଅନୁଷ୍ଠାନର ପ୍ରତିନିଧିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ମନୋନୀତ ସଦସ୍ୟ ମଧ୍ୟ ରହିବେ। ଏଥିସହ ଜାତୀୟ ଶିକ୍ଷାନୀତିର ବିଭିନ୍ନ ଉପାଦାନକୁ ଅନୁଧ୍ୟାନ ପାଇଁ ୬ଟି ଥିମେଟିକ ସବ୍‌କମିଟି ମଧ୍ୟ ଗଠନ କରାଯାଇଛି। ଏହି ସବ୍‌କମିଟିରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତ୍‌ମାନଙ୍କୁ ସାମିଲ କରାଯାଇଛି।

# ଦେଶୀ ମଦ କାରଖାନା ଠାବ

- ବିପୁଳ ପରିମାଣର ଦେଶୀ ମଦ ସହ ୨ ବାଇକ୍, କାର୍ ଜବତ
- ଅବକାରୀ ବିଭାଗର ମିଳିତ ଚଢ଼ାଉ,୩ ଗିରଫ
- ମଦରନ୍ଧା ସାମଗ୍ରୀ, ପ୍ୟାକିଂ ମେଶିନ ବି ଜବତ





**ଖଣ୍ଡପଡ଼ା,୧୭।୧୦ (ଅଜୟ କୁମାର ମହାରଣା)**

କେନ୍ଦ୍ରାଞ୍ଚଳ କଟକ ରେଞ୍ଜ ନୟାଗଡ଼ ଓ ଖଣ୍ଡପଡ଼ା ଅବକାରୀ କର୍ମଚାରୀମାନେ ଗୁରୁବାର ସକାଳେ ଫତେଗଡ଼ ଥାନା ଅଧୀନ ନିହଲପ୍ରସାଦ ଗ୍ରାମରେ ଅଚାନକ ଚଢ଼ାଉକରି ଏକ ଦେଶୀ ମଦ ପ୍ରସ୍ତୁତ କାରଖାନା ଠାବ କରିଛନ୍ତି। ସେଠାରୁ ବିପୁଳ ପରିମାଣ ଦେଶୀ ମଦ ସହିତ ୨ ବାଇକ୍ ଓ ଗୋଟିଏ କାରକୁ ବି ଜବତ କରାଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ କର୍ମଚାରୀମାନେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜଣେ ଅଭିଯୁକ୍ତ ଫେରାର ଅଛନ୍ତି।

ମିଳିତ ଚଢ଼ାଉ ସମୟରେ କର୍ମଚାରୀମାନେ ଦେଶୀ ମଦ ରନ୍ଧା ସାମଗ୍ରୀ, ୨୩୦୦ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ, ମଦ ପାଉଚ ପ୍ୟାକିଂ ୨ ମେଶିନ ସମେତ ଦେଶୀ ମଦ ଚାଲାଣରେ ବ୍ୟବହୃତ ହେଉଥିବା ଏକ କାର୍, ୨ ବାଇକ୍‌କୁ ଜବତ କରିଥିଲେ। ଚୋରା ଦେଶୀ ମଦ ପ୍ରସ୍ତୁତି ଓ କାରବାରରେ ଲିପ୍ତ ଥିବା ଅଭିଯୋଗରେ ଅବକାରୀ କର୍ମଚାରୀମାନେ ଇଟାମାଟି ଗ୍ରାମର ଅଶୋକ କୁମାର ସାହୁ(୩୨), ରଣପୁର ଥାନା ଅଧୀନ ଅରଖପଲ୍ଲୀ ଗ୍ରାମର ଦାଶରଥି ନାୟକ(୫୮) ଓ ରଘୁନାଥପୁର ଗ୍ରାମର ସୁଶାନ୍ତ କୁମାର ସାହୁ(୨୪)ଙ୍କୁ ଗିରଫ କରିଛନ୍ତି। ଅନ୍ୟତମ ବ୍ୟକ୍ତି ଦୀପକ ସାହୁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଅବକାରୀ ଆଇଆଇସି ଧୀରେନ କୁମାର ବେହେରା କହିଛନ୍ତି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଗିରଫ ୩ ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଆଇଆଇସି ଅବନୀ କୁମାର ମହାପାତ୍ର, ଏସ୍ଆଇ ଦିବ୍ୟଜ୍ୟୋତି ସତ୍ୟ ପ୍ରକାଶ, ଖଣ୍ଡପଡା ଅବକାରୀ ଅଧିକାରୀ ଦୀପକ କୁମାର ଜେନା, ପ୍ରତ୍ୟୁଷ ଦେହୁରୀ, ଲକ୍ଷ୍ମୀଧର ବେହେରା, ଏଏସ୍ଆଇ ଯୋଗେନ୍ଦ୍ର ପରିଡ଼ା, କିଶୋର ଚନ୍ଦ୍ର ରାଉତ, ଶ୍ରୀଧର ପଲେଇ, ମମତା ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଜନ୍ମଦିନରେ ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଗଞ୍ଜାମ,୧୭।୧୦(ବିଦ୍ୟାଧର ସାହୁ)**

ଜନ୍ମ ଦିନରେ ମୃତ୍ୟୁ। ଏପରି ଏକ ଅଘଟଣ ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ନନ୍ଦନାପଲ୍ଲୀ ଗ୍ରାମରେ ଘଟିଯାଇଛି। ଜଣେ ଛାତ୍ର ତାଙ୍କ ଜନ୍ମ ଦିନରେ ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଦେବୀ ପ୍ରସାଦ ଶତପଥୀ। ତାରିଣୀ ଚରଣ ଶତପଥୀଙ୍କ ସାନପୁଅ ଦେବୀଙ୍କ ଗୁରୁବାର ଥିଲା ଜନ୍ମଦିନ। ପୂର୍ବାହ୍ନରେ ସେ ଗ୍ରାମ ନିକଟସ୍ଥ ଏକ ନଳକୂପକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ବାଲଟି, ମଗ ରଖି ନିକଟ ପଡିଆକୁ ଶୌଚ ହେବାକୁ ଯାଇ ପରେ ପୋଖରୀକୁ ଧୋଇ ହେବାକୁ ଯାଇଥିବାବେଳେ ଗୋଡ ଖସିଯାଇଥିଲା। ଦେବୀଙ୍କୁ ଉଦ୍ଧାର କରି ଖଣ୍ଡଦେଉଳି ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦେବୀ ପରିବାରର ୩ ଭଉଣୀରେ ଏକମାତ୍ର ପୁଅ ଥିଲେ।


**ଇଣ୍ଡିଆନ ବ୍ୟାଙ୍କ Indian Bank — ଇଲାହାବାଦ ALLAHABAD**

**ଆଞ୍ଚଳିକ କାର୍ଯ୍ୟାଳୟ: କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡିଏ, ପୋ: ମର୍କତନଗର, କଟକ-୭୫୩୦୧୪

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୧୦.୨୦୨୪ରିଖ ଅପରାହ୍ନ ୦୨.୩୦ ଘଟିକାରୁ ଅପରାହ୍ନ ୦୪.୩୦ ଘଟିକା** ସମୟ ମଧ୍ୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କର ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକୁ ନେଇପାରିବେ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାଙ୍କ ନାମ | ବକେୟା ଦେୟ | ମୋଟ୍ ଓଜନ (ଗ୍ରାମ୍‌ରେ) | ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| | **ବ୍ରହ୍ମଣସାଇଲୋ ଶାଖା, ଯୋଗାଯୋଗ ନଂ.: ୮୭୬୩୪୯୨୩୭୦** | | | | |
| ୧. | ୬୯୦୬୮୪୫୪୩୭ | କୈଳାସ ଚନ୍ଦ୍ର ସାହୁ | ଟ.୨୪,୭୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୪.୭୦ | ୧୧.୦୦ |
| | **କେନ୍ଦ୍ରାପଡା ଶାଖା, ଯୋଗାଯୋଗ ନଂ.: ୮୩୩୫୦୦୯୬୬୦** | | | | |
| ୨. | ୭୨୨୦୯୦୯୨୧୯ | ସେକ୍ ମୋଜାମିଲ୍ ହୁସେନ୍ | ଟ.୪,୧୪୯/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୩.୩୫ | ୨.୩୪ |
| | **ହରିଅଙ୍କ ଶାଖା, ଯୋଗାଯୋଗ ନଂ.: ୯୬୫୮୯୬୫୧୫୧** | | | | |
| ୩. | ୬୮୧୭୪୧୩୬୪୪ | ପ୍ରଭାକର ନାୟକ | ଟ.୧୦,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୭.୮୦ | ୫.୪୬ |
| | **ବାଲେଶ୍ୱର ଶାଖା, ଯୋଗାଯୋଗ ନଂ.: ୯୯୩୭୦୨୬୮୪୫** | | | | |
| ୪. | ୭୫୫୬୬୮୦୪୧୪ | ତାନିଆ ପରବିନ୍ | ଟ.୨,୨୦,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୬୮.୩୫ | ୫୧.୮୦ |
| | **କୃଷ୍ଣ ପ୍ରସାଦ ଶାଖା, ଯୋଗାଯୋଗ ନଂ.: ୮୪୫୭୮୯୭୧୮୬** | | | | |
| ୫. | ୬୭୮୦୬୭୮୦୦୭ | ବସନ୍ତ କୁମାର ଜେନା | ଟ.୬୯,୦୦୧/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୫୩.୫୦ | ୩୭.୫୦ |
| | **କଟକ କ୍ୟାଣ୍ଟନ୍‌ମେଣ୍ଟ ଶାଖା, ଯୋଗାଯୋଗ ନଂ.: ୭୫୪୨୯୬୫୩୮୨** | | | | |
| ୬. | ୫୦୪୩୬୮୨୫୨୭୬ | ସୁଲତାନା ବେଗମ୍ | ଟ.୧୯,୦୨୭/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୨୭.୯୦ | ୧୪.୩୦ |
| | **ମହାନଦୀ ବିହାର ଶାଖା, ଯୋଗାଯୋଗ ନଂ.: ୯୫୮୨୭୫୩୨୧୨** | | | | |
| ୭. | ୭୬୪୨୫୮୯୧୪୨ | ତୃପ୍ତି ଲତା କର | ଟ.୧,୧୫,୦୦୦/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୪୦.୬୦ | ୩୨.୪୦ |
| | **କୁଆଖିଆ ଶାଖା, ଯୋଗାଯୋଗ ନଂ.: ୮୨୪୯୩୦୯୫୪୭** | | | | |
| ୮. | ୬୯୪୪୬୯୦୫୪୩ | ପ୍ରମୋଦ ନାଥ | ଟ.୩୫,୪୭୩/- + ସୁଧ + ଅନ୍ୟାନ୍ୟ ଖର୍ଚ୍ଚ | ୧୨.୯୫ | ୧୦.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨. ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ତାହାର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫. ବ୍ୟାଙ୍କ କୌଣସି ନିଲାମ ଡାକ ମାନିବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭. ଇଣ୍ଡିଅନ୍ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଇଣ୍ଡିଆନ୍ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ: କଟକ, ତାରିଖ: ୧୭.୧୦.୨୦୨୪** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**


## ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର ସଫଳ

# ସୋମ୍‌ଙ୍କ ହାତରୁ କଢ଼ାଗଲା ଟ୍ୟୁମର

**କଟକ,୧୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)**






ଅସ୍ତ୍ରୋପଚାର ପୂର୍ବ ଏବଂ ପରର ସ୍ଥିତି।

ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଗୁରୁବାର ଏକ ଜଟିଳ ଅସ୍ତ୍ରୋପ୍ରଚାର ସଫଳ ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକ ଅଞ୍ଚଳର ସୋମ୍ ସିଂ(୪)ଙ୍କ ହାତରୁ ୨ କେଜି ଓଜନର ଟ୍ୟୁମର କଢ଼ାଯାଇଛି। ଭରତ ସିଂ ଓ ଜ୍ୟୋତି ସିଂଙ୍କ ସାନ ପୁଅ ସୋମ୍‌ଙ୍କ ଡାହାଣ ହାତରେ ମାଂସ ବଢ଼ି ହାତ ବଡ଼ ହେବାରେ ଲାଗିଥିଲା। ୩ ବର୍ଷ ପୂର୍ବେ ସୋମ୍‌ଙ୍କ ଚିକିତ୍ସା ପାଇଁ ତାଙ୍କ ମାଆବାପା ଏସ୍‌ସିବି ମେଡିକାଲ ଆଣିଥିଲେ। ଡାକ୍ତର ତାଙ୍କର ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ଡାକ୍ତରଙ୍କ ପରାମର୍ଶ ନ ମାନି ସେମାନେ ଗାଁକୁ ଚାଲିଯାଇଥିଲେ। ପରେ ସୋମ୍‌ଙ୍କ ହାତରେ ବଢୁଥିବା ମାଂସ କାନ୍ଧ ଆଡକୁ ମାଡ଼ିବାକୁ ଲାଗିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ଶିଶିର ସାହୁ ଓ ଲଳିତ ରାୟ ଜାଣିବା ପରେ ଗତ ସେପ୍ଟେମ୍ବର ୨୪ରେ ସୋମ୍‌ଙ୍କୁ ଏସ୍‌ସିବି ମେଡିକାଲ ଆଣି ଡାକ୍ତର ଦେଖାଇଥିଲେ। ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇ ସୋମ୍‌ଙ୍କୁ ଉକ୍ତ ବିଭାଗରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଅସ୍ତ୍ରୋପଚାର କରାଯାଇ ସୋମ୍‌ଙ୍କ ହାତରୁ ପ୍ରାୟ ୨ କେଜି ଓଜନର ଟ୍ୟୁମର କଢ଼ାଯାଇଛି। ପ୍ଲାଷ୍ଟିକ୍ ସର୍ଜରି ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକଙ୍କ ସମେତ ୪ ଜଣିଆ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର କରିଛନ୍ତି। ଏ ନେଇ ଡା. ନାୟକ କହିଛନ୍ତି, ଏହି ରୋଗକୁ ଭାସ୍‌କୁଲାରମାଲ୍‌ଫର୍‌ମେଶନ୍ କୁହାଯାଏ। ଏଥିରେ ମାଂସ ବଢ଼ିବା ସହ ରକ୍ତନଳୀକୁ ଚଢ଼ିଯାଇଥାଏ। ଫଳରେ ସାଧାରଣ ଶିଶୁଙ୍କ ହାତ ଭଳି ତାହା କାମ କରି ନ ଥାଏ। ଅସ୍ତ୍ରୋପଚାର ମାଧ୍ୟମରେ ଶିଶୁର ହାତରୁ ଟ୍ୟୁମର କଢ଼ାଯାଇଛି। ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଶିଶୁକୁ ନଜରରେ ରଖାଯିବ। ଅପରପକ୍ଷରେ ଶିଶୁର ଛାତିରେ ମଧ୍ୟ ମାଂସ ବଢ଼ିଛି। ୩ ମାସ ପରେ ଏହାର ଅସ୍ତ୍ରୋପଚାର କରାଯିବ ବୋଲି ନାୟକ କହିଛନ୍ତି। ସାମାଜିକ କର୍ମୀ ଶିଶିର ସାହୁ କହିଛନ୍ତି, ଶିଶୁଟି ବିଷୟରେ ଖବରପାଇ ମେଡିକାଲକୁ ଆଣିଥିଲୁ। ଅସ୍ତ୍ରୋପଚାର ସଫଳ ହୋଇଛି। ଖୁବ୍‌ଶୀଘ୍ର ତାଙ୍କ ହାତ ଅନ୍ୟମାନଙ୍କ ଭଳି କାମ କରିବ।


# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No. RDM-LAA-MBJ-0023-2024-32569 — R&DM, Dated 23 SEP 2024

**No.XXI-50**: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ହେମପୁର ମାଇନର, ବିଷ୍ଣୁପୁର ଏବଂ ଶିଖରଖୁଣ୍ଟା ସବ୍ ମାଇନର ନିର୍ମାଣ ନିମନ୍ତେ ମୌଜା-ବିଷ୍ଣୁପୁର, ଥାନା-ବୈଶିଙ୍ଗା ନଂ.୧୫୧, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୮.୬୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ହେମପୁର ମାଇନର, ବିଷ୍ଣୁପୁର ଏବଂ ଶିଖରଖୁଣ୍ଟା ସବ୍ ମାଇନର ନିମନ୍ତେ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ,ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** – ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. **ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ବିଷ୍ଣୁପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୪୬.୮୬ | ଏ. ୮.୬୧ | ଏଥି ସହିତ ସଂଲଗ୍ନ |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୩୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨,ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-(ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୦୭/୨୦୨୨
ଏ.୮.୬୧ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ, ହେମପୁର ମାଇନର, ବିଷ୍ଣୁପୁର ଏବଂ ଶିଖରଖୁଣ୍ଟା ସବ୍-ମାଇନର ନିମନ୍ତେ ମୌଜା-ବିଷ୍ଣୁପୁର, ଥାନା-ବୈଶିଙ୍ଗା ନଂ-୧୫୧, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 6 | 554 | 1.04 | 0.15 | ଚକ | କଟିଆ ସିଂ, ଉଦି ସିଂ, ପି.ମଧୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 7 | 551 | 1.35 | 0.30 | ଚକ | କଟିଆ ସିଂ, ଉଦି ସିଂ, ପି.ମଧୁ ସିଂ, ସବା ସିଂ, ପି. ଜଟା ସିଂ, ଜା.ଭୂମିଜ, ବା.ନିଜଗାଁ |
| 8 | 341 | 0.34 | 0.05 | ଶାରଦ ଅଣ ଜଳସେଚିତ ତିନି | କହ୍ନେଇ ସିଂ, ସନିଆ ସିଂ, ବନମାଳୀ ସିଂ, ପି.ଅର୍ଜୁନ ସିଂ, ଜା.ଭୂମିଜ, ବା.ନିଜଗାଁ |
| 10 | 455 | 0.18 | 0.01 | ଶାରଦ ଅଣ ଜଳସେଚିତ ତିନି | କାର୍ତ୍ତିକ ସିଂ, ପି.ସନିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 16 | 525 | 1.10 | 0.10 | ଶାରଦ ଅଣ ଜଳସେଚିତ ତିନି | କାହ୍ନୁ ସିଂ, ପି.ଗୁରୁବା ସିଂ, ଜା.ଭୂମିଜ, ବା.ନିଜଗାଁ |
| 18 | 584 | 0.16 | 0.05 | ଶାରଦ ଅଣ ଜଳସେଚିତ ଦୁଇ | କୃଷ୍ଣ ସିଂ, ପି.ଗୋବିନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| 23 | 523 | 0.42 | 0.04 | ଶାରଦ ଅଣ ଜଳସେଚିତ ଦୁଇ | ଗଣେଶ୍ୱର ସିଂ, ସନିଆ ସିଂ, ମିନତୀ ସିଂ, ରିନା ସିଂ, ପି:ପୁନ ସିଂ, କାନ୍ଦ୍ରି ସିଂ, ସ୍ୱା: ପୁନ ସିଂ, କାଞ୍ଚନି ସିଂ, ପି:ଗଣେଶ ସିଂ, ଜା:ଭୂମିଜ, ବା:ନିଜଗାଁ |
| | 534 | 0.70 | 0.01 | ଶାରଦ ଅଣ ଜଳସେଚିତ ଦୁଇ | |
| 25 | 201 | 1.16 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ଗୁରୁଭା ସିଂ, ପି-ମାଙ୍ଗୁ ସିଂ, ଜା:ଭୂମିଜ, ବା:ନିଜଗାଁ |
| | 439 | 0.32 | 0.01 | ଶାରଦ ଅଣ ଜଳସେଚିତ ତିନି | |
| | 440 | 0.33 | 0.01 | ଶାରଦ ଅଣ ଜଳସେଚିତ ତିନି | |
| 40 | 587 | 0.56 | 0.13 | ଚକ | ଚରଣ ମହାନ୍ତ, ପି.ପୁରସ୍ତମ ମହାନ୍ତ,ଜା. କୁଡୁମୀ, ବା.ଶିଖରଖୁଣ୍ଟା, ଚୁଡାମଣି ମହାନ୍ତ, ପି.ପୁରସ୍ତମ ମହାନ୍ତ, ଜା.କୁଡୁମୀ, ବା.ଗନ୍ଧିଆଳି ଦୁର୍ଗାପୁର |
| 41 | 204 | 0.98 | 0.11 | ଚକ | ଚରଣ ସିଂ, ଚୁନୁ ସିଂ, ପି.କନ୍ଦା ସିଂ, ଜା.ଭୂମିଜ, ବା.ଧୋବଣୀଶୋଳ |
| 51 | 437 | 0.08 | 0.01 | ଶାରଦ ଅଣ ଜଳସେଚିତ ତିନି | ଜଡା ସିଂ, ମଡି ସିଂ, ଗେହ୍ଲି ସିଂ, କାଣି ସିଂ, ମଙ୍ଗୁଲୁ ସିଂ, ବୁଧୁନି ସିଂ, ସମ୍ବାରି ସିଂ, ପି:ଭିମ ସିଂ, ସୁରୁବାଲି ସିଂ, ସ୍ୱା–ଭିମ ସିଂ, ଜା:ଭୂମିଜ, ବା:ନିଜଗାଁ |
| 58 | 517 | 0.75 | 0.04 | ଶାରଦ ଅଣ ଜଳସେଚିତ ଦୁଇ | ଦଶରଥ ସିଂ, ପି.ନାଲୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 62 | 453 | 0.06 | 0.02 | ଶାରଦ ଅଣ ଜଳସେଚିତ ଦୁଇ | ଦିବାକର ସିଂ, ଗେଡା ସିଂ, ରମେଶ ସିଂ, ଚାୟାଁ ସିଂ, ପି.ରଘୁ ସିଂ, ଶୁକ୍ରା ସିଂ,ଗେଲ୍ଲୀ ସିଂ, ପି.ଅଭି ସିଂ, ଜା.ଭୂମିଜ, ବା.ନିଜଗାଁ |
| | 454 | 0.03 | 0.01 | ଶାରଦ ଅଣ ଜଳସେଚିତ ଦୁଇ | |
| 73 | 340 | 0.36 | 0.06 | ଶାରଦ ଅଣ ଜଳସେଚିତ ତିନି | ନରେନ୍ଦ୍ର ସିଂ, ପି.କନ୍ଦା ସିଂ, କଟି ସିଂ, ସ୍ୱା.କନ୍ଦା ସିଂ, ଜା.ଭୂମିଜ, ବା.ନିଜଗାଁ |
| 79 | 553 | 0.92 | 0.15 | ଚକ | ନିଶାମଣି ମହାନ୍ତ, ସ୍ୱା.କହ୍ନେଇ ମହାନ୍ତ, ଜା.କୁଡୁମୀ, କ୍ଷତ୍ରିୟ, ବା.ଶିଖରଖୁଣ୍ଟା |
| 80 | 600 | 0.10 | 0.02 | ଶାରଦ ଅଣ ଜଳସେଚିତ ଦୁଇ | ପଗର ସିଂ, ପି.ନନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| 83 | 214 | 0.07 | 0.04 | ଚକ | ପହଲା ମହାନ୍ତ, ପି.ଭୈରବ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ଟିକରବାଟି |
| 90 | 443 | 0.59 | 0.01 | ଶାରଦ ଅଣ ଜଳସେଚିତ ତିନି | ପୂର୍ଣ୍ଣ ସିଂ, ପି.ମାଙ୍ଗ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 438 | 0.06 | 0.01 | ଶାରଦ ଅଣ ଜଳସେଚିତ ତିନି | |
| 94 | 249 | 0.80 | 0.04 | ଶାରଦ ଅଣ ଜଳସେଚିତ ଦୁଇ | ପୁରୁଷୋତ୍ତମ ସିଂ, ପି.ସୀତାରାମ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 338 | 0.28 | 0.06 | ଶାରଦ ଅଣ ଜଳସେଚିତ ଦୁଇ | |
| | 247 | 0.18 | 0.10 | ଶାରଦ ଅଣ ଜଳସେଚିତ ଦୁଇ | |
| 98 | 444 | 0.79 | 0.02 | ଶାରଦ ଅଣ ଜଳସେଚିତ ତିନି | ବାଇଦୁ ସିଂ, ପି.ହାଡି ସିଂ, ବଟେ ସିଂ, ନିନୀ ସିଂ, ଗୋପୀ ସିଂ, ଶ୍ୟାମ ସିଂ, ପି.ଭଞ୍ଜ ସିଂ, ପୂର୍ଣ୍ଣ ସିଂ, ବାବୁଲ ସିଂ, ପାଗୁଲୁ ସିଂ, ପି.ବାଙ୍ଗୁରୁ ସିଂ, ଅରୁଣ ସିଂ, ପି.ରଥ ସିଂ, ଗୁରୁବାରି ସିଂ, ସ୍ୱା.ରଥ ସିଂ, ବାଙ୍ଗୁରୁ ସିଂ, ପି.ଶ୍ୟାମ ସିଂ, ମନ ସିଂ, ଗୁଡୁରା ସିଂ, ବାଘୁଆ ସିଂ, ପି.ଶଙ୍କୁରୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 103 | 602 | 0.70 | 0.10 | ଶାରଦ ଅଣ ଜଳସେଚିତ ଦୁଇ | ବିଜୟ କୁମାର ସିଂ, ପି.ପୂର୍ଣ୍ଣ ସିଂ, ଜା.ଭୂମିଜ, ବା.ନିଜଗାଁ |
| 104 | 445 | 0.33 | 0.01 | ଶାରଦ ଅଣ ଜଳସେଚିତ ତିନି | ବିପିନ ସିଂ, ମୋହନ ସିଂ, ପି.ମଙ୍ଗଳିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 516 | 0.81 | 0.12 | ଶାରଦ ଅଣ ଜଳସେଚିତ ତିନି | |
| 105 | 691 | 0.05 | 0.01 | ଘରବାରି | ବିନୋଦ ମହାନ୍ତ, ପି.ହଗୁରୁ ମହାନ୍ତ, ଗୁରୁବାରି ମହାନ୍ତ, ସ୍ୱା.ବିନୋଦ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ନିଜଗାଁ |
| 106 | 477 | 0.20 | 0.03 | ଶାରଦ ଅଣ ଜଳସେଚିତ ତିନି | ବିର ସିଂ, ପି.ଘାସି ସିଂ, ଜା.ଭୂମିଜ, ବା.ନିଜଗାଁ |
| 107 | 243 | 0.92 | 0.13 | ଶାରଦ ଅଣ ଜଳସେଚିତ ତିନି | ବିଲୁଆ ସିଂ, ପି.ବୁଧିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 113 | 599 | 0.13 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ବୁଧିଆ ସିଂ, ଚନ୍ଦ୍ରମୋହନ ସିଂ, ସର୍ଜୀ ସିଂ, ସୁରୁବାଲି ସିଂ, ପି.ସାଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| 114 | 203 | 0.21 | 0.15 | ଚକ | ବୁଧିନି ସିଂ, ପି.ଲୋଚନ ସିଂ, ଜା.ଭୂମିଜ, ବା.ନିଜଗାଁ |
| 115 | 248 | 1.42 | 0.12 | ଶାରଦ ଅଣ ଜଳସେଚିତ ଦୁଇ | ବୁଧୁନି ସିଂ, ପି.ରାମ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 242 | 0.70 | 0.23 | ଶାରଦ ଅଣ ଜଳସେଚିତ ତିନି | |
| 117 | 211 | 0.25 | 0.03 | ଚକ | ଭଗବାନ ମାଝି, ପି.ସାନନନ୍ଦା ମାଝି, ଜା.ସାନ୍ତାଳ, ବା.ପୁରୁଣିଆ |
| 119 | 504 | 0.62 | 0.08 | ଶାରଦ ଅଣ ଜଳସେଚିତ ତିନି | ଭଗବାନ ସିଂ,ଶରତ ସିଂ, ସୁନୀ ସିଂ, ବୁଲୁମଣି ସିଂ, ଲକ୍ଷ୍ମୀମଣି ସିଂ, ପି.ହରିବଲିଆ ସିଂ, ସମ୍ବାରୀ ସିଂ, ସ୍ୱା.ହରିବଲିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 127 | 679 | 0.71 | 0.23 | ଚକ | ଭୀମ ମାଝି, ଲକ୍ଷ୍ମଣ ମାଝି, ନାଗା ମାଝି, ପି.ପାରାଓ ମାଝି, ମାଦ ମାଝି, ସ୍ୱା.ପାରାଓ ମାଝି, ଜା.ସାନ୍ତାଳ, ବା.ଶିଖରଖୁଣ୍ଟା |
| 130 | 436 | 0.39 | 0.01 | ଶାରଦ ଅଣ ଜଳସେଚିତ ତିନି | ମକରା ସିଂ,ପି.ବୁଧିଆ ସିଂ, ପ୍ୟାରି ସିଂ, ସ୍ୱା.ବୁଦ୍ଧିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 131 | 518 | 0.77 | 0.12 | ଶାରଦ ଅଣ ଜଳସେଚିତ ତିନି | ମକରା ସିଂ, ପି.ନାଲୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 133 | 215 | 0.19 | 0.03 | ଚକ | ମଙ୍ଗଳ ମାଝି, ପି.ନରୁ ମାଝି, ଜା.ସାନ୍ତାଳ, ବା.ପୁରୁଣିଆ |
| 137 | 583 | 0.16 | 0.04 | ଶାରଦ ଅଣ ଜଳସେଚିତ ଦୁଇ | ମଗନା ସିଂ, ପି.ଗୋବିନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| 138 | 241 | 1.35 | 0.12 | ଶାରଦ ଅଣ ଜଳସେଚିତ ତିନି | ମଙ୍ଗୁଲୁ ସିଂ, ସନାତନ ସିଂ, କଲ୍ୟାଣୀ ସିଂ, ପି.ଚଘରା ସିଂ, ଜା.ଭୂମିଜ, ବା.ସାତପଉଟିଆ |
| 145 | 605 | 0.44 | 0.05 | ଘରବାରି | ମନୁ ସିଂ, ପାଗଲା ସିଂ, କାଳିଆ ସିଂ, କହ୍ନା ସିଂ, ବନମାଳୀ ସିଂ, ସୁଦନ ସିଂ, ହାଉଡି ସିଂ, ପି.ମାତାଲ ସିଂ, ସୁରେନ୍ଦ୍ର ସିଂ, ପି.ସାଦୁ ସିଂ, ପାଗଲୀ ସିଂ, ସ୍ୱା. ସାଦୁ ସିଂ, ଗଣେଶ୍ୱର ସିଂ, ଭାସ୍କର ସିଂ, ପ୍ରଭାକର ସିଂ, ଜୟନ୍ତୀ ସିଂ, ପି.ରାମ ସିଂ, ଜା.ଭୂମିଜ, ବା.ଚାନ୍ଦିପୁର, ଥା.ବାଲେଶ୍ୱର ସଦର, ଜି.ବାଲେଶ୍ୱର |
| 151 | 346 | 0.64 | 0.07 | ଶାରଦ ଅଣ ଜଳସେଚିତ ତିନି | ମହେଶ୍ୱର ସିଂ, ପି.ଗୁରୁବା ସିଂ, ଜା.ଭୂମିଜ, ବା.ନିଜଗାଁ |
| 157 | 342 | 0.49 | 0.06 | ଶାରଦ ଅଣ ଜଳସେଚିତ ତିନି | ମାଗୁଆଡି ସିଂ, ରଇବାରି ସିଂ, ପି.ଠକରା ସିଂ, ରାମ ସିଂ, ଲକ୍ଷ୍ମଣ ସିଂ, ଭୀମ ସିଂ, ପି.ମଙ୍ଗୁଳିଆ ସିଂ, ବାଲିଆ ସିଂ, ସ୍ୱା.ମଙ୍ଗୁଳିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 161 | 576 | 0.28 | 0.10 | ଚକ | ମୋହନ ସିଂ, ପି.ପାଣ୍ଡୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 588 | 0.74 | 0.06 | ଶାରଦ ଅଣ ଜଳସେଚିତ ତିନି | |
| 163 | 689 | 0.05 | 0.05 | ଘରବାରି | ରଥିଆ ସିଂ, ପି.କାନ୍ଦରା ସିଂ, ଜା.ଭୂମିଜ, ବା.ନିଜଗାଁ |
| 168 | 598 | 0.13 | 0.03 | ଶାରଦ ଅଣ ଜଳସେଚିତ ଦୁଇ | ରାମଚନ୍ଦ୍ର ସିଂ, ପି.ଗୋବିନ୍ଦ ସିଂ, ଜା.ଭୂମିଜ, ବା.ନିଜଗାଁ |
| 170 | 562 | 1.72 | 0.08 | ଚକ | ରାମ ମୁର୍ମୁ, ପି.ରେଣ୍ଡା ମୁର୍ମୁ, ଜା.ସାନ୍ତାଳ, ବା.ବନମାଳୀପୁର |
| | 603 | 0.69 | 0.07 | ଶାରଦ ଅଣ ଜଳସେଚିତ ଦୁଇ | |
| 171 | 246 | 0.65 | 0.07 | ଶାରଦ ଅଣ ଜଳସେଚିତ ଦୁଇ | ରାମଚନ୍ଦ୍ର ସିଂ, ପି.ଶୁକ୍ରା ସିଂ, ଜା.ଭୂମିଜ, ବା.ନିଜଗାଁ |
| | 538 | 0.88 | 0.12 | ଶାରଦ ଅଣ ଜଳସେଚିତ ତିନି | |
| | 251 | 0.21 | 0.03 | ଶାରଦ ଅଣ ଜଳସେଚିତ ତିନି | |
| | 240 | 0.38 | 0.01 | ଶାରଦ ଅଣ ଜଳସେଚିତ ତିନି | |
| 174 | 476 | 0.21 | 0.03 | ଶାରଦ ଅଣ ଜଳସେଚିତ ତିନି | ରେବ ସିଂ, ପି.ଘାସି ସିଂ, ଜା.ଭୂମିଜ, ବା.ନିଜଗାଁ |
| 178 | 558 | 0.52 | 0.14 | ଚକ | ଲକ୍ଷ୍ମୀଧର ସିଂ, ପି.କନ୍ଦା ସିଂ, ଜା.ଭୂମିଜ, ବା.ନିଜଗାଁ |
| 180 | 682 | 0.40 | 0.17 | ଚକ | ଶଙ୍କୁରୁ ସିଂ, ଦୁରାଇ ସିଂ, ପୁନ ସିଂ, ଲାଲ ସିଂ, ରାଧି ସିଂ, ଜାନକୀ ସିଂ, ଜେମା ସିଂ, ପି.ମଙ୍ଗୁଳିଆ ସିଂ, ଜା.ଭୂମିଜ, ବା.ହେମପୁର |
| 181 | 339 | 0.34 | 0.05 | ଶାରଦ ଅଣ ଜଳସେଚିତ ଦୁଇ | ଶତ୍ରୁଘ୍ନ ସିଂ, ପି.ମନୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 183 | 473 | 0.14 | 0.03 | ଶାରଦ ଅଣ ଜଳସେଚିତ ତିନି | ଶତ୍ରୁଘ୍ନ ସିଂ, ଗୁରୁଭା ସିଂ, ତପନ କୁମାର ସିଂ, ବାରି ସିଂ, ଦସୁ ସିଂ, ପି.ସାଇବା ସିଂ, ରାଧି ସିଂ, ସ୍ୱା.ସାଇବା ସିଂ, ଜା.ଭୂମିଜ, ବା.ନିଜଗାଁ |
| 185 | 213 | 0.69 | 0.48 | ଚକ | ସନାତନ ମହାନ୍ତ, ଜୟଚନ୍ଦ୍ର ମହାନ୍ତ, ନବୀନ ଚନ୍ଦ୍ର ମହାନ୍ତ, ଯୁଜେଷ୍ଟି ମହାନ୍ତ, କୁମ୍ଭକର୍ଣ୍ଣ ମହାନ୍ତ, ପି.ହାରାଧନ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ଶିଖରଖୁଣ୍ଟା |
| 186 | 688 | 0.05 | 0.02 | ଘରବାରି | ସନିଆ ସିଂ, ପି.ଶଙ୍କରା ସିଂ, କୁନି ସିଂ, ସ୍ୱା.ସନିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 188 | 687 | 0.05 | 0.01 | ଘରବାରି | ସନୁ ସିଂ, ପି.ମଥୁରା ସିଂ, ଜା.ଭୂମିଜ, ବା.ନିଜଗାଁ |
| 190 | 577 | 0.88 | 0.43 | ଚକ | ଶରତ ଚନ୍ଦ୍ର ମହାନ୍ତ, ପି.ଦେବୁ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ଶିଖରଖୁଣ୍ଟା |
| 194 | 456 | 0.34 | 0.04 | ଶାରଦ ଅଣ ଜଳସେଚିତ ତିନି | ସାରଦା ସିଂ, ସ୍ୱା.ମନୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| | 508 | 0.51 | 0.04 | ଶାରଦ ଅଣ ଜଳସେଚିତ ତିନି | |
| 195 | 585 | 0.32 | 0.28 | ଚକ | ଶିବ ସିଂ, ପି.କୁଞ୍ଜ ସିଂ, ଜା.ଭୂମିଜ, ବା.ନିଜଗାଁ |
| 197 | 526 | 1.00 | 0.05 | ଶାରଦ ଅଣ ଜଳସେଚିତ ଦୁଇ | ସୀତା ମାଝି, କାପୁରା ମାଝି, ପି.କୁନା ମାଝି, ସାଙ୍ଗ ମାଝି, ପି.ଲକ୍ଷ୍ମଣ ମାଝି, ଜା.ସାନ୍ତାଳ, ବା.ତାରାକୁଟି, ଥା.ବେତନଟି |
| 203 | 677 | 1.17 | 0.02 | ଚକ | ଶୁକୁରା ସିଂ, ପୂର୍ଣ୍ଣ ସିଂ, ପି.ମଙ୍ଗୁଳିଆ ସିଂ, ବୁଲା ସିଂ, ଟୁମୁକା ସିଂ, ପି.ଦୁରା ସିଂ, ତୁଳସୀ ସିଂ, ସ୍ୱା.ଦୁରା ସିଂ, ବାଇଧର ସିଂ, ପି.ଦାମ ସିଂ, ଫୁଲମଣି ସିଂ, ସ୍ୱା.ଦାମ ସିଂ, ଜା.ଭୂମିଜ, ବା.ହେମପୁର |
| | 680 | 0.80 | 0.15 | ଚକ | |
| 209 | 697 | 0.05 | 0.01 | ଚକ | ସୁରେନ୍ଦ୍ର ବିନ୍ଧାଣି, ପାତି ବିନ୍ଧାଣି, ବୁଧୁନି ବିନ୍ଧାଣି, ପି.ମହାଦେବ ବିନ୍ଧାଣି, ଜା.କମାର, ବା.ଗଣେଶ୍ୱରପୁର |
| 210 | 244 | 0.66 | 0.30 | ଶାରଦ ଅଣ ଜଳସେଚିତ ତିନି | ସୁରେନ୍ଦ୍ର ବିନ୍ଧାଣି, ନବ ବିନ୍ଧାଣି, ଘଞ୍ଚ ବିନ୍ଧାଣି, ଚମ୍ପା ବିନ୍ଧାଣି, ପି.ବୁଦ୍ଧିଆ ବିନ୍ଧାଣି, ଚମ୍ପା ବିନ୍ଧାଣି, ସ୍ୱା.ବୁଦ୍ଧିଆ ବିନ୍ଧାଣି, ବୁଦ୍ଧିଆ ବିନ୍ଧାଣି, ଅମୃତ ବିନ୍ଧାଣି, ଚମ୍ପା ବିନ୍ଧାଣି, ପି.ଗଜେନ୍ଦ୍ର ବିନ୍ଧାଣି, ଜା.କମାର, ବା.ନିଜଗାଁ |
| 212 | 524 | 0.47 | 0.10 | ଶାରଦ ଅଣ ଜଳସେଚିତ ଦୁଇ | ସୋମନାଥ ସିଂ, ନିନୀ ସିଂ, ସୁନିତା ସିଂ, ବୁଧିନୀ ସିଂ, ସୁମିତ୍ରା ସିଂ, ମଞ୍ଜୁ ସିଂ, ପି.ଗୋବିନ୍ଦ ସିଂ, ଶ୍ରୀମତୀ ସିଂ, ସ୍ୱା.ଗୋବିନ୍ଦ ସିଂ, ଟୁରା ସିଂ, ପି.କସ୍ତୁରୀ ସିଂ, ଜା. ଭୂମିଜ, ବା.ନିଜଗାଁ |
| | 535 | 1.04 | 0.06 | ଶାରଦ ଅଣ ଜଳସେଚିତ ଦୁଇ | |
| 213 | 690 | 0.05 | 0.03 | ଘରବାରି | ହରି ସିଂ, ପି.ଲକ୍ଷ୍ମଣ ସିଂ, ମିନା ସିଂ, ସ୍ୱା. ହରି ସିଂ, ଜା.ଭୂମିଜ, ବା.ନିଜଗାଁ |
| 214 | 578 | 0.50 | 0.23 | ଚକ | ହରମୋହନ ମହାନ୍ତ, ପି.ଦେବୁ ମହାନ୍ତ, ଜା.କୁଡୁମୀ କ୍ଷତ୍ରିୟ, ବା.ଶିଖରଖୁଣ୍ଟା |
| 215 | 190 | 1.37 | 0.09 | ଚକ | ହରମୋହନ ମହାନ୍ତ, ନରହରି ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ପି. ଦେବୁ ମହାନ୍ତ, ଜା.କୁଡୁମି କ୍ଷତ୍ରିୟ, ବା.ଶିଖରଖୁଣ୍ଟା |
| 219 | 202 | 0.69 | 0.44 | ଚକ | ହାଡ଼ିଆ ମୁର୍ମୁ, ପି.ପାଣ୍ଡୁ ମୁର୍ମୁ, ଜା.ସାନ୍ତାଳ, ବା.ପୁରୁଣିଆ |
| 221/1 | 212 | 0.22 | 0.17 | ଚକ | ଧର୍ମେନ୍ଦ୍ର ମାର୍ଣ୍ଡି, ପି.ପଞ୍ଚୁ ମାର୍ଣ୍ଡି, ଜା.ସାନ୍ତାଳ, ବା.ପୁରୁଣିଆ |
| 221/2 | 557 | 0.52 | 0.13 | ଚକ | ରାଧାଶ୍ୟାମ ଧଳ, ପି.ବଂଶୀଧର ଧଳ, ଜା.ଖଣ୍ଡାୟତ, ବା.ହେମପୁର |
| 227 | 661/54 | 0.90 | 0.50 | ଶାରଦ ଅଣ ଜଳସେଚିତ ତିନି | ବିପିନ ସିଂ, ପି.ମଙ୍ଗଳିଆ ସିଂ, ଗୋବିନ୍ଦ ସିଂ, ପି.ଦଶରଥ ସିଂ, ମକରା ସିଂ, ପି.ମଙ୍ଗଳିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| 246 | 274/32 | 0.10 | 0.04 | ଶାରଦ ଅଣ ଜଳସେଚିତ ତିନି | ସବା ସିଂ, ପି.ବାଟାଙ୍ଗ ସିଂ, ଜା.ଭୂମିଜ, ବା.ନିଜଗାଁ |
| 263 | 575/50 | 0.76 | 0.18 | ଶାରଦ ଅଣ ଜଳସେଚିତ ତିନି | ବନି ସିଂ, ସ୍ୱା.ବୈରାଗୀ ସିଂ, ଜା.ଭୂମିଜ, ବା.ନିଜଗାଁ |
| 264 | 575/51 | 0.80 | 0.11 | ଶାରଦ ଅଣ ଜଳସେଚିତ ତିନି | ଟିନା ସିଂ, ବାବିଲି ସିଂ, ପି.କଟି ସିଂ, ଜା.ଭୂମିଜ, ବା.ନିଜଗାଁ |
| | | | | **ସମପରିମାଣ ଗୋଚର ପ୍ରତିବଦଳ** | |
| 131 | 594 | 0.20 | 0.20 | ଶାରଦ ଅଣ ଜଳସେଚିତ ତିନି | ମକରା ସିଂ, ପି.ନାଲୁ ସିଂ, ଜା.ଭୂମିଜ, ବା.ନିଜଗାଁ |
| 104 | 593 | 0.19 | 0.10 | ଶାରଦ ଅଣ ଜଳସେଚିତ ତିନି | ବିପିନ ସିଂ, ମୋହନ ସିଂ, ପି.ମଙ୍ଗଳିଆ ସିଂ, ଜା.ଭୂମିଜ, ବା.ନିଜଗାଁ |
| ମୋଟ | ୮୯ ପ୍ଲଟକୁ | ଏ. ୪୬.୮୬ ଡେ.ମି. | ଏ.୮.୬୧ ଡେ.ମି. | | |

| Sd./- Amin Bahalda Zone | Sd/- Revenue Inspector Bahalda Zone | Sd/- Zone Officer-cum- L.A. Collector, S.I.P. Bahalda Zone | Sd./- Spl. Land Acquisition Officer SIP Baripada |
|---|---|---|---|

OIPR-24001/14/0113/2425




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ସର୍ବବୃହତ୍ ଏବଂ ଅତ୍ୟାଧୁନିକ ଟେଷ୍ଟିଂ ସେଣ୍ଟର ଅଫ୍ ଏକ୍ସଲେନ୍ସ ଗୁରୁବାର ଭୁବନେଶ୍ୱରର ସୂର୍ଯ୍ୟନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ନିଗମର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଅଛନ୍ତି।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୧୭।୧୦**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୯୫ (୪୯୪.୭୫) ପଏଣ୍ଟ କମି ୮୧,୦୦୭ (୮୧,୦୦୬.୬୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୨୧ (୨୨୧.୪୫) ପଏଣ୍ଟ ହ୍ରାସ ଘଟି ୨୪,୭୫୦ (୨୪,୭୪୯.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୧୭।୧୦**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ଆଗାମୀ ରଣନୀତି ଓ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର) ମଧ୍ୟରେ କମ୍ପାନୀର ଏକକ ମୋଟ ରାଜସ୍ୱ ୯,୭୪୬ କୋଟି ଟଙ୍କା ରେକର୍ଡ କରାଯାଇଥିଲାବେଳେ ସ୍ୱତନ୍ତ୍ର ଇବିଆଇଟିଡିଏ ୧,୦୦୭ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୫୮୯ କୋଟି ଟଙ୍କା ହୋଇଥିଲାବେଳେ ଦ୍ୱିତୀୟ ତ୍ରୈମାସିକରେ ମୋଟ ଋଣ (ଇଣ୍ଟର କର୍ପୋରେଟ୍ ଡିପୋଜିଟ୍ ବ୍ୟତୀତ) ୨,୫୮୦ କୋଟି ଟଙ୍କା ଏବଂ ମୋଟ ଋଣ-ଇକ୍ୱିଟି ଅନୁପାତ ୦.୨ ହାରରୁ କମ୍ ରହିଛି।



ଅଭ୍ୟୁଦୟ ଜିନ୍ଦଲ

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଥିଲେ, ଆମେ ଆମର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବୈଶ୍ୱିକ ଅନିଶ୍ଚିତତା ସମୟ ମଧ୍ୟରେ ଆମେ ସ୍ଥିର ପ୍ରଦର୍ଶନ ସହିତ ଆଶାନୁରୂପ ଫଳାଫଳ ହାସଲ କରିଛୁ। ରପ୍ତାନିରେ କ୍ରମାଗତ ମାନ୍ଦାବସ୍ଥା ସୃଷ୍ଟି ସହ ଧନ ଜୀବନ କ୍ଷୟକ୍ଷତିକୁ ରୋକିବା ପାଇଁ ପୋଲ ଏବଂ ଭିତ୍ତିଭୂମି ପ୍ରୟୋଗରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ଉପରେ ସରକାରଙ୍କ ଗୁରୁତ୍ୱକୁ ଆମେ ପ୍ରଶଂସା କରୁଛୁ।

# ଟିଭିକୁ କମ୍ପ୍ୟୁଟରରେ ପରିଣତକରିବ ଜିଓ କ୍ଲାଉଡ୍ ପିସି

**ନୂଆଦିଲ୍ଲୀ,୧୭।୧୦**

ଇଣ୍ଡିଆ ମୋବାଇଲ କଂଗ୍ରେସ-୨୦୨୪ ରେ ରିଲାଏନ୍ସ ଜିଓ ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରଦର୍ଶନ କରିଛି, ଯାହା ଘରର ସ୍ମାର୍ଟ ଟିଭିଗୁଡ଼ିକୁ ସହଜରେ କମ୍ପ୍ୟୁଟରରେ ପରିଣତ କରିପାରିବ। ଏପରିକି ଜିଓ କ୍ଲାଉଡ୍ ପିସି ନାମକ ଏହି ଟେକ୍ନୋଲୋଜି ଆଶାୟୀ ଉପଭୋକ୍ତାଙ୍କ ଟିଭିକୁ ମାତ୍ର ଶହେ ଟଙ୍କା ଖର୍ଚ୍ଚରେ କମ୍ପ୍ୟୁଟରରେ ପରିଣତ କରିବ। ଏଥିପାଇଁ କେବଳ ଇଣ୍ଟରନେଟ୍ ସଂଯୋଗ, ସ୍ମାର୍ଟ ଟିଭି, ଟାଇପିଂ କିବୋର୍ଡ୍, ମାଉସ୍ ଏବଂ ଜିଓ କ୍ଲାଉଡ୍ ପିସି ଆପ୍ ଆବଶ୍ୟକ ହେବ। ଯେଉଁମାନଙ୍କ ଟିଭି ସ୍ମାର୍ଟ ନୁହେଁ, ସେମାନଙ୍କ ସାଧାରଣ ଟିଭି ମଧ୍ୟ ଜିଓ ଫାଇବର କିମ୍ବା ଜିଓ ଏୟାରଫାଇବର ସହ ଆସୁଥିବା ସେଟ୍-ଟପ୍ ବକ୍ସ ମାଧ୍ୟମରେ କମ୍ପ୍ୟୁଟର ହୋଇପାରିବ। ଉଲ୍ଲେଖଯୋଗ୍ୟ, ବାସ୍ତବରେ ଜିଓ କ୍ଲାଉଡ୍ ପିସି ହେଉଛି ଏକ ଟେକ୍ନୋଲୋଜି ଯାହାଦ୍ୱାରା ଯେକୌଣସି ଟିଭି ଇଣ୍ଟରନେଟ୍ ମାଧ୍ୟମରେ କ୍ଲାଉଡ୍ କମ୍ପ୍ୟୁଟିଂ ସହିତ ସଂଯୋଗ ହୋଇପାରିବ। ଏହା ବ୍ୟବହାର କରିବା ମଧ୍ୟ ସହଜ, ଗ୍ରାହକ କେବଳ ଆପ୍‌ରେ ଲଗ୍‌ଇନ୍ କରିବା ଆବଶ୍ୟକ ଏବଂ କ୍ଲାଉଡ୍‌ରେ ଗଚ୍ଛିତ ସମସ୍ତ ତଥ୍ୟ ଟିଭିରେ ଦୃଶ୍ୟମାନ ହେବ। ଇମେଲ୍, ମେସେଜିଂ, ସୋସିଆଲ ନେଟ୍‌ୱର୍କିଂ, ଇଣ୍ଟରନେଟ୍ ସର୍ଫିଂ, ସ୍କୁଲ ପ୍ରୋଜେକ୍ଟ, ଅଫିସ ପ୍ରେଜେଣ୍ଟେଶନ ପରି କମ୍ପ୍ୟୁଟରରେ ସମସ୍ତ କାର୍ଯ୍ୟ ହୋମ ଟିଭିରେ କରାଯାଇପାରିବ। ସରଳ ଶବ୍ଦରେ ସମସ୍ତ ତଥ୍ୟ କ୍ଲାଉଡ୍‌ରେ ରହିବ ଏବଂ ସର୍ଭର, ଷ୍ଟୋରେଜ୍, ଡାଟାବେସ୍, ନେଟ୍‌ୱର୍କିଂ, ସଫ୍ଟୱେର୍ ଏବଂ ଆନାଲିଟିକ୍ସ ଭଳି ସେବା ଟିଭି ମାଧ୍ୟମରେ ବ୍ୟବହାର କରାଯାଇପାରିବ।

# ରିଲାଏନ୍ସ ଜୁଏଲ୍ସର 'ବିବାହମ୍' କଲେକ୍ସନ

**ମୁମ୍ବାଇ,୧୭।୧୦**

ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ବିବାହମ୍' ର ସର୍ବଭାରତୀୟ ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଚଳିତ ପାର୍ବଣ ଋତୁ ଓ ବିବାହ ଉତ୍ସବ ପାଇଁ ଏହି ୱେଡିଂ କଲେକ୍ସନର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହି ସ୍ୱତନ୍ତ୍ର କଲେକ୍ସନ ପରମ୍ପରା ଓ ଆଧୁନିକ ବିଳାସପୂର୍ଣ୍ଣତାର ସୌନ୍ଦର୍ଯ୍ୟକୁ ଧାରଣ କରିଥିବାବେଳେ ବ୍ରାଇଡାଲ ଜୁଏଲେରି ପ୍ରଦାନ କରିବା ପାଇଁ ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ନୂଆ କରି ଅନାବରଣ ହୋଇଥିବା ଏହି କଲେକ୍ସନରେ ସୁନ୍ଦର ଭାବେ ନିର୍ମିତ ଚୋକର, ବ୍ୟାଙ୍ଗେଲ, ଇୟରିଂ, ନେକ୍‌ଲେସ୍, ହାଥ୍ ଫୁଲ୍, ମାଙ୍ଗ ଟିକା, ନୋଜ୍ ରିଙ୍ଗ ଓ ୱେଷ୍ଟ ବେଲ୍ଟ ଆଦି ସାମିଲ ରହିଛି। ଏପରିକି ବିବାହମ୍ କଲେକ୍ସନରେ ୮ଟି ସ୍ୱତନ୍ତ୍ର ପିସ୍ ସାମିଲ ରହିଛି, ଯାହାକୁ ଉଭୟ ସୁନା ଓ ହୀରାରେ ନିର୍ମାଣ କରାଯାଇଛି ଏବଂ ଏହା ଆଧୁନିକ ବଧୂଙ୍କ ପାଇଁ ବିଳାସପୂର୍ଣ୍ଣତା ଓ ଆଧୁନିକତାକୁ ଧାରଣ କରିଛି। ସେହିଭଳି ବିବାହ ଋତୁ ପାଳନ କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ୨୦୨୪ ନଭେମ୍ବର ୧୧ ପର୍ଯ୍ୟନ୍ତ ସୁନା ଅଳଙ୍କାର ଉପରେ ୨୫% ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୦% ପର୍ଯ୍ୟନ୍ତ ରିହାତି ସମେତ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି।



# ତାସ୍‌ଭାର ନୂତନ ଅଭିଯାନ

**ନୂଆଦିଲ୍ଲୀ,୧୭।୧୦**

ଦେଶର ପ୍ରିମିୟମ ପୋଷାକ ବ୍ରାଣ୍ଡ ତଥା ଆଦିତ୍ୟ ବିର୍ଲା ଫ୍ୟାଶନ ରିଟେଲ ଲିମିଟେଡ୍‌ର ପ୍ରମୁଖ ପ୍ରତିଷ୍ଠାନ ତାସ୍‌ଭାର ନୂତନ ଅଭିଯାନ ସହ ଏକ ଅବିସ୍ମରଣୀୟ ଫ୍ୟାଶନ ଶୋ ବାରାତ୍ ବାଏ ତାସ୍‌ଭାର ଆୟୋଜନ କରାଯାଇଛି, ଯାହା କି ଡିଜାଇନର ୱେଡିଂ ୱେୟାରର ଏକ ଆକର୍ଷଣୀୟ ପ୍ରଦର୍ଶନୀ ପ୍ରତିଷ୍ଠିତ ଡିଜାଇନର ତରୁଣ ତାହିଲିଆନିଙ୍କ ସହଭାଗିତାରେ ଆୟୋଜନ କରାଯାଇଛି। ସେହିଭଳି ଏହାର ଅଟମ-ୱିଣ୍ଟର ୱେଡିଂ କଲେକ୍ସନ-୨୦୨୪କୁ ଅନାବରଣ କରାଯାଇଛି। ଏହି ଗ୍ରାଣ୍ଡ ଇଭେଣ୍ଟରେ ବଲିଉଡ୍ ଅଭିନେତା ରଣବୀର କପୁର ଏହି ଶୋ'ର ଚିତ୍ତାକର୍ଷକ ଫିନାଲେର ନେତୃତ୍ୱ ନେଇଥିଲେ, ଯାହା ଅତୁଳନୀୟ ଷ୍ଟାଇଲ ଓ ମହାନତା ସହ ଭାରତୀୟ ବିବାହର ମହତ୍ତ୍ୱକୁ ପାଳନ କରିଛି। ସେହିପରି 'ବାରାତ୍ ବାଏ ତାସ୍‌ଭା' ଫ୍ୟାଶନ ଶୋ'ରେ ପାରମ୍ପରିକ ଭାବେ ବରଙ୍କ ଉଲ୍ଲାସପୂର୍ଣ୍ଣ ଆଗମନକୁ ସୂଚିତ କରୁଥିବା ବାରାତ୍‌କୁ ବିଶେଷ ଭାବେ ଉପସ୍ଥାପନ କରାଯାଇଥିଲା। ଏପରିକି ରଣବୀର କପୁର ଏକ ଆକର୍ଷଣୀୟ ଭାରତୀୟ ବିବାହ ଶୈଳୀର ବରଯାତ୍ରୀ ସହ ଏହି ଶୋ'କୁ ସମ୍ପୂର୍ଣ୍ଣ କରିଥିଲେ। ବିଶେଷ କରି ତ୍ରୁଟିହୀନ ଷ୍ଟାଇଲ ଓ ଆକର୍ଷଣ ପାଇଁ ପରିଚିତ ରଣବୀର କପୁର ତାସ୍‌ଭା ବ୍ରାଣ୍ଡ ପୁରୁଷଙ୍କୁ ଉପଯୁକ୍ତ ଭାବେ ଧାରଣ କରିଥିଲେ। ଏ ସମ୍ପର୍କରେ ରଣବୀର କପୁର କହିଥିଲେ, ବାରାତ୍ କଲେକ୍ସନର ରନ୍‌ୱେରେ ଉପସ୍ଥିତ ହେବା ଏକ ଉତ୍ସାହଜନକ ଅନୁଭୂତି ଥିଲା, ଯାହା ପରମ୍ପରା ଓ ଆଧୁନିକତାର ଫ୍ୟୁଜନକୁ ପାଳନ କରୁଛି।

# ଡିଜିଟାଲ ରୂପାନ୍ତରଣ ଦିଗରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର

**ଭୁବନେଶ୍ୱର,୧୭।୧୦**

କ୍ରମାଗତ ଭାବେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ କାରବାର ବୃଦ୍ଧି ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମ ସହ ଯୋଡ଼ିହୋଇ ବ୍ୟବସାୟ କରିବାକୁ ରାଜ୍ୟରେ ସବୁ ବର୍ଗର ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକ ଡିଜିଟାଲ ରୂପାନ୍ତରଣ ଦିଗରେ ଅଗ୍ରସର ହେଉଛନ୍ତି। ଏପରିକି ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଅଭିନବ ଡିଜିଟାଲ ସକ୍ଷମ ପ୍ରୋଗ୍ରାମ ଜରିଆରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଏକ ଡିଜିଟାଲ ବିପ୍ଲବର ସାକ୍ଷୀ ହୋଇଛି। ଅପରପକ୍ଷରେ ମାଷ୍ଟରକାର୍ଡ ଦ୍ୱାରା ସମର୍ଥିତ ଏହି ଅଗ୍ରଗାମୀ ପଦକ୍ଷେପ ଦେଶର ୧୩ ରାଜ୍ୟ ଓ ୫୫ ରୁ ଅଧିକ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟରରେ ଡିଜିଟାଲ ଟେକ୍ନୋଲୋଜି ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରୁଛି। ଡିଜିଟାଲ ସକ୍ଷମ ହେଉଛି, ସମାବେଶୀ ବିକାଶ ପାଇଁ ସିଆଇଆଇ ଓ ମାଷ୍ଟରକାର୍ଡ ସେଣ୍ଟର ମଧ୍ୟରେ ଏକ ସହଯୋଗୀ ପ୍ରୟାସ, ଯାହା ଓଡ଼ିଶାରେ ଏକ ପରିବର୍ତ୍ତନଶୀଳ ଭୂମିକା ଗ୍ରହଣ କରୁଛି। ଏହି ପ୍ରୋଗ୍ରାମ ଉଦ୍ୟୋଗୀମାନଙ୍କୁ ଜରୁରୀ ଡିଜିଟାଲ ଟୁଲ୍ ଓ ଦକ୍ଷତା ସହ ସୁସଜ୍ଜିତ କରୁଛି ଏବଂ ଅଭିବୃଦ୍ଧି, ସ୍ଥାୟିତ୍ୱ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାମୂଳକ ସ୍ଥିତି ବିକଶିତ କରୁଛି।

ଏ ସମ୍ପର୍କରେ ସିଆଇଆଇ ନ୍ୟାଶନାଲ ଏମ୍‌ଏସ୍‌ଏମ୍‌ଇ କାଉନସିଲର ଉପାଧ୍ୟକ୍ଷ ଏମ୍ . ପୋନ୍ନୁସ୍ୱାମୀ କହିଛନ୍ତି, ଓଡ଼ିଶାରେ ଡିଜିଟାଲ ସକ୍ଷମର ପ୍ରଭାବ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ଏପରିକି ଆମେ ୩୬,୪୩୮ ଏମ୍‌ଏସ୍‌ଏମ୍‌ଇ ନିକଟରେ ପହଞ୍ଚିଛୁ ଏବଂ ୮୭୮୫ ବ୍ୟବସାୟକୁ ତାଲିମ ପ୍ରଦାନ କରିଛୁ। ଏଥିସହ ଆମେ ୬୯୭୬ ଉଦ୍ୟୋଗର ଗ୍ରହଣୀୟତା ହାର ହାସଲ କରିଛୁ। ସେହିଭଳି ଏହି ସଫଳତା ପୁରୀ, ଖୋର୍ଦ୍ଧା,ଭଦ୍ରକ, ବଲାଙ୍ଗୀର, କଳାହାଣ୍ଡି, କଟକ ଓ ମୟୂରଭଞ୍ଜ ଭଳି ଆମର କାର୍ଯ୍ୟକାରୀ ସ୍ଥାନଗୁଡ଼ିକରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ପ୍ରେରଣାଦାୟକ କାହାଣୀରେ ପ୍ରମାଣିତ ହୋଇଛି।

# ୨୦ଦିନରେ ୫କୋଟିରୁ ଅଧିକ ସ୍ପାମ୍ କଲ୍ ଚିହ୍ନଟ

**ଭୁବନେଶ୍ୱର,୧୭।୧୦ (ଅଭୟ ଦାଶ)**

## ଓଡ଼ିଶାରେ ବଢ଼ୁଛି ସ୍ପାମ୍ କଲ୍ ସମସ୍ୟା

କ୍ରମାଗତ ଭାବେ ଉଭୟ ଘରୋଇ ଏବଂ ବୈଦେଶିକସ୍ତରରେ ଅଜଣା କଲ୍ ବା ସ୍ପାମ୍ କଲ୍ ବୃଦ୍ଧି ପାଉଛି। ଫଳରେ ଟେଲିକମ୍ ଗ୍ରାହକମାନେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଠକାମିର ଶିକାର ହେଉଛନ୍ତି। ଉକ୍ତ ସମସ୍ୟାର ସମାଧାନ ପାଇଁ ଭାରତୀ ଏୟାରଟେଲ୍‌ର ବହୁ ପ୍ରତୀକ୍ଷିତ ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷମତାଯୁକ୍ତ ସ୍ପାମ୍ ସନ୍ଧାନକାରୀ ବ୍ୟବସ୍ଥାର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଉକ୍ତ ବ୍ୟବସ୍ଥା ଶୁଭାରମ୍ଭର ୨୦ଦିନ ମଧ୍ୟରେ ଏହି ଅଗ୍ରଣୀ ଟେଲିକମ୍ ସମାଧାନକାରୀ ସମଗ୍ର ଓଡ଼ିଶା ରାଜ୍ୟରେ ୫ କୋଟିରୁ ଅଧିକ ବା ୫.୪ କୋଟି ବା ୫୪ମିଲିୟନ) ସମ୍ଭାବ୍ୟ ସ୍ପାମ୍ କଲ୍ ସହିତ ପ୍ରାୟ ୨ କୋଟି (୨ମିଲିୟନ) ସ୍ପାମ୍ ଏସ୍‌ଏମ୍‌ଏସ୍ ମେସେଜକୁ ମଧ୍ୟ ଚିହ୍ନଟ କରିବାରେ ସକ୍ଷମ ହୋଇପାରିଛି। ସେହିଭଳି ସେବା ପ୍ରଦାନକାରୀଙ୍କୁ ଅନୁରୋଧ କରିବା କିମ୍ବା ଆପ୍‌କୁ ଡାଉନଲୋଡ୍‌ର ଆବଶ୍ୟକତାକୁ ଛାଡ଼ି ଦେଇ ରାଜ୍ୟର ସମସ୍ତ ଏୟାରଟେଲ୍ ମୋବାଇଲ ଉପଭୋକ୍ତା ବର୍ତ୍ତମାନ ଏହି ସ୍ୱୟଂ କ୍ରିୟ କାର୍ଯ୍ୟକ୍ଷମ ସମାଧାନର ସୁବିଧା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱରର ହୋଟେଲ ଲାଇଫଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଭାରତୀ ଏୟାରଟେଲର ଓଡ଼ିଶା ୟୁନିଟ୍ ଚିଫ୍ ଅପରେଟିଂ ଅଫିସର ବାଲାଜୀ ସିଂ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ଯୋଗାଯୋଗ ପ୍ରକ୍ରିୟା ଅଧିକ ମାତ୍ରାରେ ବିସ୍ତାରିତ ହୋଇଛି। ଏପରିକି ଗ୍ରାହକମାନେ ପ୍ରତାରଣା, ପ୍ରବଞ୍ଚନା ତଥା ମନ୍ଦ ଉଦ୍ଦେଶ୍ୟ ନିହିତ ଯୋଗାଯୋଗ ବୃଦ୍ଧିର ସମ୍ମୁଖୀନ ହେଉଛନ୍ତି, ଯାହାକି ସେମାନଙ୍କୁ ଅତ୍ୟନ୍ତ ଅସୁବିଧାର ଅନୁଭବ ସହିତ ଏଥିରୁ ନିବୃତ ରହିବାକୁ ପଡୁଛି। ଏଭଳି ଡିଜିଟାଲ ଧମକର ପ୍ରତିହତ ପାଇଁ ଏୟାରଟେଲ ଏଆଇ କ୍ଷମତାଯୁକ୍ତ ସମାଧାନକାରିତାର ଏକ କୌଶଳ ଉପସ୍ଥାପନ କରିଛି, ଯାହା ସନ୍ଦେହକାରୀ ସ୍ପାମ୍ କଲ୍ ଏବଂ ମେସେଜଗୁଡ଼ିକୁ ସନ୍ଧାନ କରିବାରେ ସମର୍ଥ ହୋଇପାରିଛି।

**ଫୁର୍‌ସତ**

# ରାତାରାତି ଉଭାନ ହେଉଛି ଅଳିଆ

**ସିଙ୍ଗାପୁର ସିଟି:** ନିକଟରେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କୁହାଯାଇଛି ସିଙ୍ଗାପୁରରେ ରାତାରାତି ଅଳିଆ ଉଭାନ ହୋଇଯାଇଥାଏ। ଏହି ଭିଡିଓରେ ସିଙ୍ଗାପୁର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସଂପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଭିଡିଓ ଅନୁଯାୟୀ, ସିଙ୍ଗାପୁରରେ ଅଳିଆ ନିଷ୍କାସନ ବ୍ୟବସ୍ଥା ଏତେ ସୁଦୃଢ଼ ଯେ, ସେଠାରେ ପ୍ରତିଦିନ ଅଳିଆ ସଂଗ୍ରହ କରାଯାଇଥାଏ। ପ୍ରତ୍ୟେକ ଦିନ ସକାଳୁ ଉଠିବା ମାତ୍ରେ ଲୋକଙ୍କୁ ଅଳିଆ ଓ ଆବର୍ଜନା ଦେଖିବାକୁ ମିଳି ନ ଥାଏ। ଦେଶର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଅନୁଯାୟୀ, ପ୍ରତି ଦିନ ମଧ୍ୟରାତ୍ରିରେ ସଫେଇ କର୍ମଚାରୀମାନେ ୨ ହଜାରରୁ ଅଧିକ ଟ୍ରକ୍ ଅଳିଆ ସଂଗ୍ରହ କରି ଏହାକୁ ଏକ ବଙ୍କରରେ ଭରି ବଡ଼ ବଡ଼ କାରଖାନାକୁ ପଠାଇଥାନ୍ତି, ଯେଉଁଠାରେ ଉକ୍ତ ବର୍ଜ୍ୟବସ୍ତୁଗୁଡ଼ିକୁ ପ୍ରକ୍ରିୟାକରଣ କରାଯାଇଥାଏ। ସିଙ୍ଗାପୁରରେ ବିଭିନ୍ନ ପ୍ଲାଷ୍ଟିକ ଆବର୍ଜନାକୁ ପ୍ରକ୍ରିୟାକରଣ କରାଯାଇ ରାସ୍ତା ତିଆରି କାର୍ଯ୍ୟରେ ଲଗାଯାଉଥିବା ନେଇ ଏହି ଭିଡିଓରେ କୁହାଯାଇଛି। ସେହିପରି ସିଙ୍ଗାପୁରରେ ୪ଟି ଅତ୍ୟାଧୁନିକ ବର୍ଜ୍ୟବସ୍ତୁ ଜାଳେଣି କାରଖାନା ରହିଛି। ଉକ୍ତ ପ୍ଲାଣ୍ଟଗୁଡ଼ିକରେ ବର୍ଜ୍ୟବସ୍ତୁଗୁଡ଼ିକୁ ଜଳାଯାଇ ବିଦ୍ୟୁତ୍ ଉତ୍ପନ୍ନ ହୋଇଥାଏ। ଉକ୍ତ ବିଦ୍ୟୁତ୍‌କୁ ସିଙ୍ଗାପୁରର ବିଭିନ୍ନ ଆବାସିକ ଅଞ୍ଚଳଗୁଡ଼ିକୁ ଯୋଗାଇ ଦିଆଯାଏ। ସେହିପରି ଏଠାକାର ପାଉଁଶକୁ ସିମେଣ୍ଟ ସହ ମିଶାଇ ପରିବେଶ ଅନୁକୂଳ ଇଟା ପ୍ରସ୍ତୁତ କରାଯାଇଥାଏ। ସିଙ୍ଗାପୁର ସରକାରଙ୍କ ୱେବ୍‌ସାଇଟ୍ 'ଜାତୀୟ ପରିବେଶ ଏଜେନ୍ସି' ଅନୁଯାୟୀ, ଏଠାରେ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ କରିବା ପାଇଁ ରିଡ୍ୟୁସ ଓ ରିୟୁଜ୍, ରି-ସାଇକେଲ, ୱେଷ୍ଟ ଟ୍ରିଟ୍‌ମେଣ୍ଟ, ଲ୍ୟାଣ୍ଡ୍‌ଫିଲ ଏବଂ ପାଉଁଶ ପରିଚାଳନା ଆଦି ପ୍ରଣାଳୀକୁ ଗ୍ରହଣ କରାଯାଇଛି। ସିଙ୍ଗାପୁର ଏକ ଆବର୍ଜନାମୁକ୍ତ ଭବିଷ୍ୟତ ଦିଗରେ ଅଗ୍ରସର ହେଉଥିବା ନେଇ ଉକ୍ତ ଭିଡିଓରେ କୁହାଯାଇଛି।



# ବିଶ୍ୱର ସବୁଠୁ ସଂକୀର୍ଣ୍ଣ ଗଳି

## ଥରକରେ ଯାଇପାରିବେ ମାତ୍ର ଜଣେ ବ୍ୟକ୍ତି

**ପ୍ରାଗ୍:** ଚେକ୍ ରିପବ୍ଲିକ୍‌ର ରାଜଧାନୀ ପ୍ରାଗ୍‌ର ସର୍ବପୁରାତନ ଅଞ୍ଚଳ ମାଲା ଷ୍ଟ୍ରାନାରେ ବିଶ୍ୱର ସବୁଠାରୁ ସଂକୀର୍ଣ୍ଣ ଗଳି ରହିଛି। ଏହି ଗଳିର ଲମ୍ବ ୩୨ ଫୁଟ ହୋଇଥିବାବେଳେ ଏହାର ମୋଟେଇ ମାତ୍ର ୧୯ ଇଞ୍ଚ। ଏହି ଗଳିଟି ଏତେ ସଂକୀର୍ଣ୍ଣ ଯେ, ଏଥିରେ ଏକସଙ୍ଗେ ୨ ଜଣ ବ୍ୟକ୍ତି ବିପରୀତ ଦିଗକୁ ଯାଇପାରିବେ ନାହିଁ। ଏହି ଗଳିର ଉଭୟ ପ୍ରବେଶ ପଥରେ ଟ୍ରାଫିକ୍ ସିଗ୍‌ନାଲ ରହିଛି, ଯାହାକୁ ଯାତାୟାତ କରିବା ସମୟରେ ପଥଚାରୀମାନେ ବ୍ୟବହାର କରିଥାନ୍ତି। ଉକ୍ତ ସଂକୀର୍ଣ୍ଣ ଗଳିରେ ପ୍ରବେଶ କରିବା ପୂର୍ବରୁ ଲୋକମାନଙ୍କୁ ଟ୍ରାଫିକ୍ ସିଗ୍‌ନାଲର ବଟନ୍ ଅନ୍ କରିବାକୁ ପଡ଼ିଥାଏ। ବଟନ୍ ଅନ୍ କରିବା ଦ୍ୱାରା ଉକ୍ତ ଗଳିରେ ରେଡ୍‌ଲାଇଟ୍ ଜଳିଥାଏ, ଫଳରେ ଗଳିରେ କେହି ଆସୁଛନ୍ତି ବୋଲି ଅନ୍ୟ ପଥଚାରୀମାନେ ଜାଣିପାରନ୍ତି ଏବଂ ସେତେବେଳେ ସେମାନେ ଏହି ଗଳି ମଧ୍ୟରେ ପ୍ରବେଶ କରନ୍ତି ନାହିଁ। ସବୁଜ ଲାଇଟ ଜଳୁଥିଲେ ହିଁ ଜଣେ ବ୍ୟକ୍ତି ଉକ୍ତ ଗଳିରେ ପ୍ରବେଶ କରନ୍ତି। ଯଦି କୌଣସି ପଥଚାରୀ ସେଠାରେ ଥିବା ଟ୍ରାଫିକ୍ ସିଗ୍‌ନାଲକୁ ଅନୁସରଣ ନ କରନ୍ତି, ତେବେ ତାଙ୍କ ନିମନ୍ତେ ଉକ୍ତ ସଂକୀର୍ଣ୍ଣ ଗଳିରୁ ବାହାରିବା କାଠିକର ପାଠ ହୋଇପଡ଼ିଥାଏ। ଲୋକଙ୍କ ସୁବିଧା ପାଇଁ ଏହି ଟ୍ରାଫିକ୍ ସିଗ୍‌ନାଲ ସେଠାରେ ଲଗାଯାଇଥିବା ନେଇ ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି। ବିଶ୍ୱର ସବୁଠାରୁ ସଂକୀର୍ଣ୍ଣ ହୋଇଥିବା ଏହି ଗଳିର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯାହାକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



# ନୂଆ ଘର ଝଲକ ଦେଖାଇଲେ ହଂସିକା



ହଂସିକା ମୋଟ୍‌ୱାନି

**ମୁମ୍ବାଇ:** ବଲିଉଡ୍ ହେଉ ଅବା ଟଲିଉଡ୍ ସବୁଥିରେ ଅଭିନେତ୍ରୀ ହଂସିକା ମୋଟ୍‌ୱାନି ନିଜର ନିଖୁଣ ଅଭିନୟ ମାଧ୍ୟମରେ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। ନିକଟରେ ସେ ୭୬ ଲକ୍ଷ ଟଙ୍କା ମୂଲ୍ୟର ବିଏମ୍‌ଡବ୍ଲ୍ୟୁ କାର୍ କିଣିଥିଲେ। ସମ୍ପ୍ରତି ସେ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ଗୁରୁବାର ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ନୂତନ ଘରର ଗୃହ ପ୍ରବେଶ ଉତ୍ସବର ଅନେକ ଫଟୋ ଶେୟାର କରିଛନ୍ତି। ଏହି ପୋଷ୍ଟରେ ସେ ସ୍ୱାମୀ ସୋହେଲ ଖତୁରିଆଙ୍କ ସହ ନଜରକୁ ଆସିଛନ୍ତି। ସେ ସମ୍ପୂର୍ଣ୍ଣ ରୀତିନୀତି ସହ ତାଙ୍କ ନୂତନ ଘରର ଗୃହ ପ୍ରବେଶ ପୂଜାକୁ ସମ୍ପନ୍ନ କରିଥିବା ନେଇ ଏହି ପୋଷ୍ଟରେ ସୂଚନା ଦେଇଛନ୍ତି। ଏହି ଅବସରରେ ତାଙ୍କ ନୂତନ ଘରେ ଯଜ୍ଞ ହେଉଥିବା ନେଇ ହଂସିକା ପୋଷ୍ଟ କରିଛନ୍ତି। ଏହି ପୋଷ୍ଟର ଏକ ଫଟୋରେ ହଂସିକା ତାଙ୍କ ମୁଣ୍ଡରେ କଳସ ରଖି ସ୍ୱାମୀ ସୋହେଲଙ୍କ ସହ ନୂତନ ଘରେ ପ୍ରବେଶ କରୁଥିବାର ଦେଖିବାକୁ ମିଳିଛି। ହଂସିକା ତାଙ୍କ ନୂଆ ଘରର ଗୃହ ପ୍ରବେଶ ପୂଜାରେ ଖୁବ୍ ଭଲ ଭାବେ ସଜେଇ ହୋଇ ପ୍ରସ୍ତୁତ ହୋଇଥିବା ଦେଖିବାକୁ ମିଳିଛି। ସେ ଏକ ପାରମ୍ପରିକ ମରାଠୀ ଲୁକ୍‌ରେ ନଜରକୁ ଆସିଛନ୍ତି, ଯାହାକୁ ଅନେକ ପ୍ରଶଂସକ ପ୍ରଶଂସା କରିଛନ୍ତି। ଏହି ବିଶେଷ ଉତ୍ସବରେ ହଂସିକା ସବୁଜ ରଙ୍ଗର ରେଶମ ଶାଢ଼ି ସହ ଗୋଲାପୀ ରଙ୍ଗର ମ୍ୟାଚିଂ ବ୍ଲାଉଜ ପିନ୍ଧିଥିଲେ। ସେହିପରି ସେ ତାଙ୍କ କେଶରେ ଗଜରା ଲଗାଇଥିଲେ। ଏହାସହ ହଂସିକା ସୁନାହାର ସହ ମ୍ୟାଚିଂ କାନଫୁଲ ଓ ହାଲୁକା ମେକଅପ୍ ମଧ୍ୟ ନେଇଥିଲେ। ଅଭିନେତ୍ରୀ ଜଣଙ୍କ ତାଙ୍କ ନୂତନ ବିଳାସପୂର୍ଣ୍ଣ ଘରର ଗୃହ ପ୍ରବେଶ ଉତ୍ସବ ଅବସରରେ ଖୁସିରେ ବିଭିନ୍ନ ପୋଜ୍ ଦେଇ ଫଟୋ ଉଠାଉଥିବାର ମଧ୍ୟ ନଜରକୁ ଆସିଥିଲେ। ହଂସିକା ଗୃହକାର୍ଯ୍ୟ ପୂଜାର ଫଟୋ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଥିଲେ, ନୂଆ ଆରମ୍ଭ ହୋଇଛି। ଆପଣମାନଙ୍କର ଆଶୀର୍ବାଦ ଦରକାର। ଏହି ପୋଷ୍ଟରେ ବହୁ ସେଲିବ୍ରିଟି ଓ ପ୍ରଶଂସକ ହଂସିକାଙ୍କୁ ତାଙ୍କ ନୂତନ ଘର ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ସ୍ତ୍ରୀ, ଶାଶୁଙ୍କୁ ହତ୍ୟା: ବସ୍ତାରୁ ମିଳିଲା ଖପୁରି

ବାସୁଦେବପୁର,୧୭।୧୦
(ନାରାୟଣ ପ୍ରସାଦ ବାରିକ୍)


କ୍ରାଇମ୍ ସିନ୍ ରିକ୍ରିଏଶନ ସ୍ଥାନରେ ଉପସ୍ଥିତ ସ୍ଥାନୀୟ ଲୋକେ।

- ସୁଭଦ୍ରା ଆବେଦନ ପାଇଁ ଯାଇ ନିଖୋଜ ଥିଲେ
- ମୃତଦେହ ଖଣ୍ଡ ଖଣ୍ଡ କରି ଯୋର, ପୋଖରୀରେ ଫିଙ୍ଗିଥିଲେ
- ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କଲା ପୋଲିସ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତର ପାଞ୍ଚଘେରିଆ ଗାଁରେ ଯୋର ନିକଟରୁ ଅଖା ବସ୍ତାରୁ ମଣିଷ ଖପୁରି ହାଡ଼ ମିଳିବା ପରେ ଏକ ଡବଲ ମର୍ଡର ଘଟଣା ସାମ୍ନାକୁ ଆସିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ଶାଶୁଙ୍କୁ ହତ୍ୟା କରି ମୃତଦେହକୁ ଖଣ୍ଡ ଖଣ୍ଡ କରି ପୋତିବା ସହ ଅନ୍ୟ କିଛି ଅଂଶ ଫିଙ୍ଗି ଦେଇଥିବା ନେଇ ତଦନ୍ତ ବେଳେ ପୋଲିସ ଆଗରେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ମୃତା ୨ ମହିଳା ହେଉଛନ୍ତି ଗ୍ରାମର ଯମୁନା ସାମଲ(୫୫) ଓ ତାଙ୍କ ବିବାହିତା ଝିଅ କୌଶଲ୍ୟା ଗାୟନ(୩୫)। ସୁଭଦ୍ରା ଯୋଜନା ପାଇଁ ଆବେଦନ କରିବାକୁ ଯାଇ ଗତ ୨୦ଦିନ ହେଲା ସେମାନେ ନିଖୋଜ ଥିଲେ। ଅଭିଯୁକ୍ତ ମୃତ କୌଶଲ୍ୟାଙ୍କ ସ୍ୱାମୀ ଗୁରୁପଦ ଗାୟନ(୪୦)ଙ୍କୁ ଗୁରୁବାର ପୋଲିସ ଗିରଫ କରିବା ସହ କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ଗୋଟିଏ ଗାଁରେ ପାଖାପାଖି ରହୁଥିବା ଯମୁନା ଓ କୌଶଲ୍ୟା ୨୦ ଦିନ ତଳେ ସୁଭଦ୍ରା ଯୋଜନାରେ ଆବେଦନ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ଯମୁନାଙ୍କ ଅନ୍ୟ ଏକ ଝିଅ କାକେଳି ଗାୟନ ନାୟକାଣିଡିହି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ବୁଧବାର ଗ୍ରାମର ଏକ ଯୋର ନିକଟରୁ ଅଖାବସ୍ତାରୁ ଖପୁରି ହାଡ଼ ଟାଣି କୁକୁର ଖାଉଥିବା ଦେଖି ସ୍ଥାନୀୟ ଲୋକେ ନିଖୋଜ ଥିବା ମା' ଓ ଝିଅଙ୍କର ହୋଇଥିବା ସନ୍ଦେହ କରି ନାୟକାଣିଡିହି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଗୁରୁପଦ ଓ ତାଙ୍କର ଜଣେ ଭାଇଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସ୍ତ୍ରୀ କୌଶଲ୍ୟା ଓ ଶାଶୁ ଯମୁନାଙ୍କୁ ମାରିଦେବା ପରେ ସେମାନଙ୍କ ମୃତଦେହକୁ ମାରଣାସ୍ତ୍ରରେ ଖଣ୍ଡ ଖଣ୍ଡ କରି ନିକଟସ୍ଥ ମାଛ ପୋଖରୀରେ ପକାଇଥିବା ଓ ଯୋରରେ ପୋତିଥିବା ଗୁରୁପଦ ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବାରୁ ଗୁରୁପଦଙ୍କୁ ଧରି ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ନାୟକାଣିଡିହି ଓଆଇସି ସଲଖାନ ମୁର୍ମୁ, ଏସ୍‌ଆଇ ମହେଶ୍ୱର ପ୍ରଧାନ ସଦଳବଳ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ କ୍ରାଇମ୍ ସିନ୍ ରିକ୍ରିଏଶନ କରିଥିଲେ। ଅଭିଯୁକ୍ତ ହତ୍ୟାକାଣ୍ଡ ଓ ପରେ କିପରି ମୃତଦେହକୁ ଖଣ୍ଡ ଖଣ୍ଡ କରି ପୋଖରୀ ଓ ଯୋରର ବିଭିନ୍ନ ସ୍ଥାନରେ ପୋତିବା, ଫୋପାଡ଼ିବାର ଡେମୋ ଦେଖାଇଛନ୍ତି। କିଛିଦିନ ଧରି ଗୁରୁପଦଙ୍କ ସହ ସ୍ତ୍ରୀ ଓ ଶାଶୁଙ୍କର ବିବାଦ ଲାଗି ରହିଥିଲା। ଗୁରୁପଦଙ୍କୁ ଛାଡ଼ି କୌଶଲ୍ୟା ରାଜ୍ୟ ବାହାରେ ରହୁଥିବା ବେଳେ ସୁଭଦ୍ରା ଆବେଦନ ପାଇଁ ଘରକୁ ଆସିଥିଲେ। ପାରିବାରିକ କଳହ ଓ ଟଙ୍କା ହେର୍‌ଫେର୍‌କୁ ନେଇ ସେମାନଙ୍କ ଏହି ବିବାଦ ଗତ ସେପ୍ଟେମ୍ବର ୨୭ରେ ଉଗ୍ରରୂପ ନେଇଥିଲା। ସେମାନେ ଆବେଦନ କରି ଫେରୁଥିବା ବେଳେ ଗୁରୁପଦ ମାରଣାସ୍ତ୍ରରେ ସେମାନଙ୍କୁ ହତ୍ୟା କରିଥିବା ନେଇ ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ଏନେଇ ନାୟକାଣିଡିହି ଥାନାରେ ମାମଲା (ନଂ.୨୩୮/୨୪) ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି। ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହର ଖଣ୍ଡ ବିଖଣ୍ଡିତ ଅଂଶକୁ ଖୋଜାଖୋଜି ଜାରି ରଖିଛି।

# କମିଶନରେଟ୍ ପୋଲିସକୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ)

**ଆପାର୍ଟମେଣ୍ଟରେ ମହିଳାଙ୍କୁ ଗଣବଳାତ୍କାର ଘଟଣା**

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅଧୀନ ଏକ ଆପାର୍ଟମେଣ୍ଟରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଘଟଣାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ମାମଲାରେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସକୁ କମିଶନ ରିପୋର୍ଟ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ପକ୍ଷରୁ ହୋଇଥିବା ପିଟିଶନ୍‌ରେ କମିଶନଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ସୂଚନାଯୋଗ୍ୟ, ଉକ୍ତ ଆପାର୍ଟମେଣ୍ଟର ପ୍ରଥମ ମହଲାର ଏକ ଫ୍ଲାଟରେ ମହିଳା ଜଣକ ତାଙ୍କ ୨ ବର୍ଷୀୟା ଝିଅ ସହ ରହୁଥିବାବେଳେ ଦୁଇ ଅଭିଯୁକ୍ତ ଅକ୍ଟୋବର ୨୯ ବିଳମ୍ବିତ ରାତି ପ୍ରାୟ ୨ଟାରେ ଚୋରି କରିବାକୁ ଯାଇ ଏହି କାଣ୍ଡ ଘଟାଇଥିଲେ। ଛୁରି ଦେଖାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣାରେ ମୈତ୍ରୀ ବିହାର ଥାନା ପୋଲିସ ସାଲିଆ ସାହିରେ ରହୁଥିବା ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ କେଶରପୁରର ବିକାଶ ନାୟକ, ଭୁବନେଶ୍ୱର ଧଉଳି ଥାନା ଅଧୀନ ରେବତୀ ନଗରରେ ରହୁଥିବା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଗା ସିଂ ଓ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବଳରାମପ୍ରସାଦ ଅଞ୍ଚଳର ଟୁକୁନା ନାୟକଙ୍କୁ ଗିରଫ କରିଥିଲା। ବିକାଶ ଓ ଜଗା ଫ୍ଲାଟ୍‌ରେ ପଶି ମହିଳାଙ୍କୁ ବଳାତ୍କାର କରିଥିବା ବେଳେ ଟୁକୁନା ବାହାରେ ରହି ସୁରକ୍ଷା ଦେଇଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଭୁବନେଶ୍ୱର,୧୭।୧୦
(ସୂର୍ଯ୍ୟକାନ୍ତ ବେହେରା)


ମୃତ ନିରଞ୍ଜନ ସାହୁ

ଭୁବନେଶ୍ୱର ସରକନ୍ତରା ଲେଭଲ କ୍ରସିଂ ଫାଟକ ନିକଟ ରେଳଧାରଣାରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ମୃତକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳର ନିରଞ୍ଜନ ସାହୁ। ଖବର ପାଇ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନିରଞ୍ଜନ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ରେଳ ଧାରଣାରେ ଫୋପାଡି ଦେଇଛନ୍ତି ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ନିରଞ୍ଜନ ଆତ୍ମହତ୍ୟା କରିଥିବା ନେଇ ହେଉଥିବା ଚର୍ଚ୍ଚାକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ତାଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ହତ୍ୟା କରାଯିବା ପରେ ରେଳଧାରଣାରେ ଫୋପାଡି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ପଛରେ ନିରଞ୍ଜନଙ୍କ ବାନ୍ଧବୀ ଓ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରି ଜିଆର୍‌ପି ଥାନାରେ ଏତଲା ଦେଇଛନ୍ତି। ଘଟଣାର ପୂର୍ବଦିନ ବାନ୍ଧବୀଙ୍କ ପରିବାର ଲୋକେ ନିରଞ୍ଜନଙ୍କୁ ଧମକ ଦେଇଥିବା ନେଇ ତାଙ୍କ ସାନଭାଇ ତପନ ଗଣମାଧ୍ୟମକୁ କହିଛନ୍ତି। ଏପରିକି ମୃତଦେହର ସ୍ଥିତିକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଯଦି ନିରଞ୍ଜନ ଟ୍ରେନ୍ ଲାଇନ୍‌କୁ ଯାଇ ଆତ୍ମହତ୍ୟା କଲେ, ତେବେ କେବଳ ବାମ ହାତ କଟିଯାଇଥିବାବେଳେ ଶରୀର ଅନ୍ୟ ଅଙ୍ଗରେ କ୍ଷତ ରହିଲାନି କେମିତି? ତାଙ୍କୁ ସଂଘବଦ୍ଧ ହତ୍ୟା ପରେ ରେଳ ଧାରଣାରେ ଶୁଆଇ ଦିଆଯାଇଥିବା ସେ ସନ୍ଦେହ କରିଛନ୍ତି। କିନ୍ତୁ ଏହାକୁ ସମ୍ପୃକ୍ତ ଯୁବତୀ ଖଣ୍ଡନ କରି କହିଛନ୍ତି, ମୃତ ନିରଞ୍ଜନ ତାଙ୍କଠାରୁ ୩ ଲକ୍ଷ ଟଙ୍କା ନେଇ ଟ୍ରେଡିଂରେ ଲଗାଇ ହରାଇ ଦେଇଥିଲେ। ଟଙ୍କା ମାଗିବା ପରେ ସେ ଆତ୍ମହତ୍ୟା କରିଥାଇପାରନ୍ତି। ଏପରିସ୍ଥିତିରେ ନିରଞ୍ଜନଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି । ଘଟଣା ସଂକ୍ରାନ୍ତରେ ଜିଆର୍‌ପି ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟେ ମୃତ ନିରଞ୍ଜନ ପ୍ରାୟ ସମୟ ବାନ୍ଧବୀଙ୍କ ଘରେ ରହୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ମା' ହେଲେ ଦଶମ ଶ୍ରେଣୀ ଛାତ୍ରୀ

ଥୁଆମୂଳ ରାମପୁର,୧୭।୧୦(ଦୁର୍ଗା କୀର୍ତ୍ତି)

**ନ୍ୟାୟ ପାଇଁ ପରିବାର ଥାନାର ଦ୍ୱାରସ୍ଥ**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଦଶମ ଶ୍ରେଣୀ ଛାତ୍ରୀ ମା' ହେବା ଘଟଣା ଆଲୋଚ୍ୟର ବିଷୟ ହୋଇଛି। ଏ ନେଇ ଛାତ୍ରୀଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଛାତ୍ରୀଙ୍କ ସାନବାପା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ୧୬ ବର୍ଷୀୟା ଝିଆରୀ ବୁଧବାର ଅପରାହ୍ନରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ରାୟଗଡ଼ା ଜିଲା କାଶୀପୁର ଥାନା ମାଇକଞ୍ଚ ଗ୍ରାମର ନୀଳଧର ନାଏକ ନାମକ ଯୁବକ ବିବାହ ପ୍ରଲୋଭନ ଦେଖାଇ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସନ୍ତାନ ଜନ୍ମ ପରେ ଛାତ୍ରୀଙ୍କୁ ସାଙ୍ଗରେ ତାଙ୍କ ଘରକୁ ନେବା ଲାଗି କୁହାଯାଇଥିଲେ ମଧ୍ୟ ନୀଳଧର ଏଥିରେ ରାଜି ହୋଇ ନ ଥିଲେ। ବର୍ତ୍ତମାନ ଝିଅର ଭବିଷ୍ୟତ ନେଇ ପରିବାର ଚିନ୍ତିତ। ତାଙ୍କୁ ନ୍ୟାୟ ଦେବାକୁ ସେମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୭୨/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ରଶ୍ମି ରଞ୍ଜନ ବାଗଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୁକ୍ତ ନିଳଧରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଶୁକ୍ରବାର ପୀଡ଼ିତାଙ୍କ ମେଡିକାଲ ପରୀକ୍ଷା ପରେ ପୋକ୍ସୋ କୋର୍ଟରେ ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ନିଆଯିବ ଏବଂ ତଦନୁସାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଗ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ନାବାଳିକା ଛାତ୍ରୀ ଓ ତାଙ୍କ ଶିଶୁକନ୍ୟାକୁ ସରକାରଙ୍କ ତରଫରୁ ଥଇଥାନ କରିବା ପାଇଁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# କୋଲକାତା ଯିବ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍


ଗିରଫ ୬ ବଙ୍ଗୀୟ ଅଭିଯୁକ୍ତ।

ଭୁବନେଶ୍ୱର,୧୭।୧୦(ସତ୍ୟଜିତ୍ ରାଉତ)

**ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଫେକ୍ କଲ୍ ସେଣ୍ଟର ଠାବ ଘଟଣା**

- ଜେଲ ଗଲେ ୬ ବଙ୍ଗୀୟ, ୫ ଦିନିଆ ରିମାଣ୍ଡ ଆବେଦନ
- ଜବତ ସାମଗ୍ରୀକୁ ଫୋରେନ୍‌ସିକ୍ ଲ୍ୟାବକୁ ପଠାଗଲା

ଭୁବନେଶ୍ୱରରେ ସୁନ୍ଦରପଦା ବଳଭଦ୍ରପୁରସ୍ଥିତ କୋକିଳା କାଞ୍ଚନ ଟାୱାର ଆପାର୍ଟମେଣ୍ଟରେ ଅନ୍ତର୍ଜାତୀୟ କଲ୍‌ସେଣ୍ଟର ଠାବ ହେବା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ହୋଇଥିବା ୬ ବଙ୍ଗୀୟ ଯୁବକଙ୍କୁ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପକ୍ଷରୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗର ମୁଖ୍ୟ ଏମ୍‌ଡି. ହାଇଦର ଅଲ୍ଲି ବୋଲି ପୋଲିସ ସୂଚନା ଦେଇଛି। ସାଇବର ଠକମାନେ କେଉଁ ଆକାଉଣ୍ଟକୁ ଟଙ୍କା ଆଣୁଥିଲେ, କାହା ପ୍ରରୋଚନାରେ ଓଡ଼ିଶା ଆସିଥିଲେ ଆଦି ଜାଣିବାକୁ ପୋଲିସ ପକ୍ଷରୁ ଅଧିକ ଖୋଳତାଡ଼ ଚାଲିଛି। ୬ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ପକ୍ଷରୁ କୋର୍ଟରେ ଆବେଦନ ହୋଇଛି। ଅଭିଯୁକ୍ତମାନଙ୍କ ବିଷୟରେ ଅଧିକ ତଥ୍ୟ ହାସଲ ପାଇଁ ଖୁବଶୀଘ୍ର ଏକ ପୋଲିସ ଟିମ୍ କୋଲକାତା ଯିବ ବୋଲି ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ଅପରପକ୍ଷରେ ସାଇବର ଠକଙ୍କ ପାଖରୁ ଜବତ ହୋଇଥିବା ୬ଟି ଲାପଟପ୍, ୧୧ଟି ମୋବାଇଲ ସମେତ ଜିଓ ଏୟାର ଫାଇବର, ୱାଇ-ଫାଇ ରାଉଟର ଆଦିକୁ ଯାଞ୍ଚ ପାଇଁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି(ଏସ୍‌ଏଫ୍‌ଏସ୍‌ଏଲ୍)କୁ ମଧ୍ୟ ପଠାଯାଇଛି। ସାଇଣ୍ଟିଫିକ୍ ଓ ଟେକ୍ନିକାଲ ଅଫିସରଙ୍କୁ ନେଇ ଏକ ସ୍ପେଶାଲ ଟିମ୍ ଗଠନ ହୋଇଥିବାବେଳେ ସେମାନେ ପୋଲିସକୁ ତଦନ୍ତରେ ସହଯୋଗ କରୁଛନ୍ତି। ତେବେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଦେଶର ବିଭିନ୍ନ ସ୍ଥାନରେ ସେମାନଙ୍କ ସହଯୋଗୀ ରହିଛନ୍ତି। ଅଭିଯୁକ୍ତମାନଙ୍କ ପ୍ରକୃତ ପରିଚୟ, ଶିକ୍ଷାଗତ ଯୋଗ୍ୟତା ସମେତ ଅପରାଧ ପୃଷ୍ଠଭୂମି ବିଷୟରେ ଜାଣିବାକୁ କୋଲ୍‌କାତା ଯାଇ ପୋଲିସ ଟିମ୍ ସ୍ଥାନୀୟ ପୋଲିସ ସହଯୋଗରେ ଅଧିକ ଯାଞ୍ଚ କରିବ। ତେବେ ଭୁବନେଶ୍ୱରରେ ସେଣ୍ଟ୍ରାଲ ଆଇବି ଟିମ୍ ପହଞ୍ଚି ଅଭିଯୁକ୍ତମାନଙ୍କୁ ପଚରାଉଚରା କରୁଥିବାବେଳେ ଆବଶ୍ୟକ ପଡ଼ିଲେ ସମସ୍ତ କେନ୍ଦ୍ରୀୟ ଏଜେନ୍‌ସିର ସହଯୋଗ ନିଆଯିବ ବୋଲି ଡିସିପି ମିଶ୍ର କହିଛନ୍ତି। ଆଣ୍ଟିଭାଇରସ୍ ଯୋଗାଇବା ନାଁରେ ସେମାନେ ୟୁଏସ୍‌ଏ ବାସିନ୍ଦାଙ୍କୁ ଅଧିକ ଟାର୍ଗେଟ୍ କରୁଥିଲେ ବୋଲି ପୋଲିସ ପକ୍ଷରୁ କହାଯାଇଛି।

ସୂଚନାଯୋଗ୍ୟ, ଠକମାନେ ମାକାଫି ଏବଂ ନୋର୍ଟନ୍ ଆଣ୍ଟିଭାଇରସ୍ ସବ୍‌ସ୍କ୍ରାଇବର୍ ଥିବା ଗ୍ରାହକମାନଙ୍କୁ କଷ୍ଟମର୍ କେୟାର ଅଧିକାରୀ ବୋଲି ପରିଚୟରେ ଫସାଉଥିଲେ। ଗ୍ରାହକମାନଙ୍କୁ ବିଭିନ୍ନ ସମସ୍ୟା ଥିବା ଜଣାଇ ପ୍ରଥମେ ମେଲ୍ ପଠାଇବା ପାଇଁ ନମ୍ବର ଦେଉଥିଲେ। ଉକ୍ତ ନମ୍ବରକୁ ଗ୍ରାହକମାନେ କଲ୍ କରିବା ପରେ ଠକମାନେ ସେମାନଙ୍କୁ ତାଙ୍କ ସବ୍‌ସ୍କ୍ରିବ୍‌ସନ୍ ସରିଯିବ ଆଦି ଆଳରେ ଫସାଉଥିଲେ। କଲ୍ ଆସିବା ପରେ ତାହା ସ୍କାଇପ୍ ଓ ଭିଓଆଇପି କଲ୍‌କୁ ବଦଳି ଯାଉଥିଲା। ଏହାପରେ ସାଇବର ଠକମାନେ କଲ୍ କରିଥିବା ଗ୍ରାହକଙ୍କ ଲାପଟପ୍ ଓ କମ୍ପ୍ୟୁଟରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରି ନେଇ ଟଙ୍କା ଦାବି କରି ଆଣୁଥିଲେ।

# ଛାତ୍ରୀଙ୍କୁ ଅପହରଣ ବେଳେ ଧରାପଡ଼ିଲେ କଲେଜ ଛାତ୍ର

ଗୋପ,୧୭।୧୦ (ଭାରତୀ ଭୂଷଣ ଉପାଧ୍ୟାୟ)

**୬ ଘଣ୍ଟା ପରେ ଅଟକ ଛାତ୍ରଙ୍କୁ ଉଦ୍ଧାର କଲା ପୋଲିସ**

ନାବାଳିକା ଛାତ୍ରୀଙ୍କୁ ଅପହରଣ ବେଳେ ପରିବାର ସଦସ୍ୟଙ୍କ ହାତରେ ଧରା ପଡ଼ିଛନ୍ତି ଜଣେ କଲେଜ ଛାତ୍ର। ପରିବାର ସଦସ୍ୟ ଓ ଗ୍ରାମବାସୀ ସମ୍ପୃକ୍ତ କଲେଜ ଛାତ୍ରଙ୍କୁ ଦୀର୍ଘ ୬ ଘଣ୍ଟା ଧରି ଅଟକ ରଖିବା ପରେ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଛି। ଏପରି ଏକ ଘଟଣାକୁ ନେଇ ଛାତ୍ରୀଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଅଞ୍ଚଳର ଜଣେ କଲେଜ ଛାତ୍ର ସେହି ଅଞ୍ଚଳର ଜଣେ ଛାତ୍ରୀଙ୍କୁ ବୁଧବାର ବିଳମ୍ବିତ ରାତିରେ ଅପହରଣ ବେଳେ ପରିବାର ସଦସ୍ୟଙ୍କ ହାତରେ ଧରାପଡ଼ିଥିଲେ। ପରେ ଏହି ଛାତ୍ରଙ୍କୁ ଗାଁ କୋଠଘରେ ଗ୍ରାମବାସୀ ଅଟକ ରଖି ଗୋପ ପୋଲିସକୁ ଖବର ଦେଇଥିଲେ। ମାତ୍ର ପୋଲିସ ବିଳମ୍ବରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏପରି ଏକ ସମ୍ବେଦନଶୀଳ ଅଭିଯୋଗ ସମ୍ପର୍କରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି, ଉଭୟଙ୍କ ମଧ୍ୟରେ ସମାଧାନ କରାଯାଇଛି। କାହିଁକି ନା ଦୁଇ ଜଣଙ୍କର ଭବିଷ୍ୟତ ଦୃଷ୍ଟିରୁ ପରିବାର ସଦସ୍ୟମାନେ ସମାଧାନ କରିଥିବା କହିଛନ୍ତି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକୁ ହାତେ ପରକୁ ହାତେ,**
**ଚାଲି ଯାଉଛନ୍ତି ଗୋଲକନାଥେ ।**

କିଛି କରି ଦେଖାଇବାର ସାମର୍ଥ୍ୟ ହରାଇ ବସିଥିବା ବ୍ୟକ୍ତି ସଦାସର୍ବଦା ଅନ୍ୟ ଉପରେ ନିର୍ଭର କରିଥାନ୍ତି। ଯାହିତାଇ କରି ଜୀବନ ବିତାଇଦେବା ଏମାନଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥାଏ। ଯାକୁ ଆଶା ତାକୁ ଆଶା କରି ଚାଲୁଥିବା ଅପାରଗ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୁଷୁରି ପେଟରୁ ମାଣିକ ଜାତ।**

ପଙ୍କରୁ ପଦ୍ମ ଜାତ ହେବା। ଅତି ଗରିବ ବା ଅଭାବଗ୍ରସ୍ତ ପରିବାରରୁ ବେଳେବେଳେ ଯୋଗ୍ୟ ସନ୍ତାନର ଆବିର୍ଭାବ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଝିଅଙ୍କୁ ଯୌନଶୋଷଣ, ବାପା ଗିରଫ

ରାଉରକେଲା,୧୭।୧୦
(ସଙ୍ଗୀତା ଜେନା)

ନିଜ ଜନ୍ମିତ ଝିଅ(୧୩)ଙ୍କୁ ଯୌନଶୋଷଣ କରିବା ଅଭିଯୋଗରେ ରାଉରକେଲା ସେକ୍ଟର-୧୫ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଦିତ୍ୟ କୁମାର ପଣ୍ଡା(୫୨)। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୬/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ପ୍ରାୟ ୪ ବର୍ଷ ତଳେ ପୀଡ଼ିତାଙ୍କ ମା' ମୃତ୍ୟୁବରଣ କରିଥିଲେ। ଫଳରେ ବାପାଙ୍କ ସହ ୨ଭଉଣୀ ରହୁଥିଲେ। ବଡ଼ଝିଅ ବାହାର ରାଜ୍ୟରେ ରହି ଶିକ୍ଷାଲାଭ କରୁଥିବା ବେଳେ ସାନଝିଅ ବାପାଙ୍କ ସହ ସେକ୍ଟର-୧୫ ଥାନା ଅଞ୍ଚଳରେ ରହୁଥିଲେ। ତେବେ ୩/୪ ବର୍ଷ ହେଲା ଅଭିଯୁକ୍ତ କୁଆଡେ ନିଜ ଝିଅକୁ ଯୌନଶୋଷଣ କରିଆସୁଥିଲେ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

# ମଦ ବେପାରୀଙ୍କୁ ଧରିବାକୁ ଯାଇ ଆକ୍ରମଣର ଶିକାର ପୋଲିସ

ବାଣପୁର, ୧୭।୧୦
(ଦିଲୀପ କୁମାର ସ୍ୱାଇଁ)


ବାଣପୁର ଥାନାରେ ଗିରଫ ମହିଳା ଓ ପୁରୁଷ।

- ଦେଶୀମଦ ଜବତ, ୭ ଗିରଫ
- ଘଟଣାସ୍ଥଳରୁ ବେପାରୀ ଫେରାର

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଦାଶରଥିପୁର ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ବେଆଇନଭାବେ ମଦ ବିକ୍ରି କରୁଥିବା ବେପାରୀଙ୍କୁ ଧରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଏଥିରେ ଜଣେ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅନ୍ୟପଟେ ଏହି ଘଟଣାରେ ଫେରାର ଥିବା ମଦ ବେପାରୀଙ୍କ ସମେତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

ସୂଚନା ମୁତାବକ, ଦାଶରଥିପୁର ଗ୍ରାମରେ ବେଆଇନଭାବେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବୁଧବାର ବାଣପୁର ଥାନାର ଉପନିରୀକ୍ଷକ ସୁକାନ୍ତ ଦଳାଇ, ପ୍ରତାପ କୁମାର ସାହୁ ଓ ସତ୍ୟନାରାୟଣ ପ୍ରଧାନଙ୍କ ସହ ଟିମ୍ ଉକ୍ତ ଗ୍ରାମରେ ଚଢ଼ାଉ କରି ଧୂନିଆ ନାୟକଙ୍କୁ ଧରିଥିଲେ। ଏଥିସହ ତାଙ୍କ ନିକଟରୁ ୩୦ଲିଟର ଦେଶୀମଦ ଜବତ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଧୂନିଆଙ୍କ ସ୍ତ୍ରୀ ରଜନୀ ଏବଂ ପୁଅ ଦୟାନିଧିଙ୍କ ସମେତ ୧୨ଜଣ ସହଯୋଗୀ ପୋଲିସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିରେ ପୋଲିସ କର୍ମଚାରୀ ସତ୍ୟନାରାୟଣ ପ୍ରଧାନ ଗୁରୁତର ଆହତ ହୋଇଥିଲେ। ମାରପିଟର ସୁଯୋଗ ନେଇ ଧୂନିଆ ସେଠାରୁ ଖସି ପଳାଇଥିଲେ। ଏନେଇ ଉପନିରୀକ୍ଷକ ଦଳାଇଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବାଲୁଗାଁ ଏସ୍‌ଡିପିଓ ଶୁଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ଗ୍ରାମରେ ଚଢ଼ାଉ କରି ଧୂନିଆଙ୍କ ସ୍ତ୍ରୀ ରଜନୀ, ପୁଅ ଦୟାନିଧିଙ୍କ ସମେତ ଅହଲି ନାୟକ, ଅର୍ଚ୍ଚନା ନାୟକ, ଜାଡି ନାୟକ, ମାନୁ ନାୟକ, ସଞ୍ଜୟ ନାୟକଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ସ୍ଥିତି ଉପରେ ନଜର ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...........................


ଆୟୁଷ୍ମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପାକିସ୍ତାନକୁ ହରାଇଲା ଭାରତ

କାଠମାଣ୍ଡୁ, ୧୭।୧୦ (ପି.ଟି.)

ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ୫-୨ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରି ଏହାର ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଦଶରଥ ଷ୍ଟାଡିୟମରେ ଗ୍ରୁପ୍ 'ଏ'ର ଏହି ମ୍ୟାଚରେ ୫ଥର ଚାମ୍ପିୟନ ଦଳ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ୪-୧ରେ ଆଗୁଆ ରହିଥିଲା। ବାଂଲାଦେଶ ସମେତ ତିନୋଟି ଦଳକୁ ନେଇ ଏହି ଗ୍ରୁପ୍‌ରେ ଭାରତ ଗୁରୁବାରର ଏହି ବିଜୟ ଦ୍ୱାରା ୩ ପଏଣ୍ଟ ଅର୍ଜନ କରିଛି। ଭାରତ ତରଫରୁ ଅଧିନାୟିକା ଆଶାଲତା ଦେବୀଙ୍କର ଏହା ଥିଲା ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ଷ୍ଟ୍ରାଇକର ଏନ୍‌ଗାଙ୍ଗମ ବାଲା ଦେବୀଙ୍କର ଏହି ମ୍ୟାଚରେ ତାଙ୍କର ୫୦ତମ ଅନ୍ତର୍ଜାତୀୟକ ଗୋଲ ସ୍କୋର କରିଛନ୍ତି। ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ମହିଳା ଫୁଟ୍‌ବଲର। ଭାରତ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଗ୍ରେସ୍ ଡାଙ୍ଗମେଇ ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ମନୀଷା, ବାଲାଦେବୀ ଓ ଜ୍ୟୋତି ଚୌହାନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜିତ ଦଳ ପାକିସ୍ତାନ ପାଇଁ ସୁହା ହିରାନି କାୟଲା ମାରି ସିଦ୍ଦିକି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅନ୍ତର୍ଜାତୀୟ ମଞ୍ଚରେ ପରସ୍ପରକୁ ୪ଥର ଭେଟିଛନ୍ତି। ସମସ୍ତ ମ୍ୟାଚରେ ଭାରତ ବିଜୟ ଲାଭ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ଗ୍ରେସ୍ ଡାଙ୍ଗମେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଆଶାଲତା ପ୍ରଥମ ମହିଳା ଖେଳାଳି

ଅଧିନାୟିକା ଆଶାଲତା ଦେବୀ ପ୍ରଥମ ଭାରତୀୟ ମହିଳା ଫୁଟ୍‌ବଲର ହିସାବରେ ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ମଣିପୁରର ଏହି ୩୧ ବର୍ଷୀୟା ୨୦୧୧ ମାର୍ଚ୍ଚରେ ଢାକାଠାରେ ବାଂଲାଦେଶ ବିପକ୍ଷ ପ୍ରି-ଅଲିମ୍ପିକ ଟୁର୍ନାମେଣ୍ଟ ମ୍ୟାଚରେ ଭାରତ ତରଫରୁ ପ୍ରଥମ ପଦାର୍ପଣ କରିଥିଲେ। ଏହାପରଠାରୁ ଷ୍ଟାର ଡିଫେଣ୍ଡର ତାଙ୍କ ଖେଳ ଏପର୍ଯ୍ୟନ୍ତ ଜାରି ରଖିଛନ୍ତି। ଆଶାଲତାଙ୍କୁ ଯେତେବେଳେ ମାତ୍ର ୧୫ବର୍ଷ ବୟସ ହୋଇଥିଲା ସେ ୧୭ ବର୍ଷରୁ କମ୍ ଭାରତୀୟ ଦଳରେ ଖେଳିବା ପାଇଁ ଡକରା ପାଇଥିଲେ। ଇମ୍ଫାଲରେ ଜନ୍ମ ଗ୍ରହଣ କରିଥିବା ଏହି ଖେଳାଳି ମାତ୍ର ୧୩ ବର୍ଷ ବୟସରେ ଫୁଟ୍‌ବଲ ଖେଳିବା ଆରମ୍ଭ କରିଥିଲେ। ପ୍ରଥମେ ସେ ଇଣ୍ଡିଆନ ରେଲଓ୍ୱେ ଟିମ୍ ତରଫରୁ ଖେଳୁଥିଲେ। ପରେ ୨୦୧୫ରେ ମାଳଦ୍ୱୀପ ଫୁଟ୍‌ବଲ କ୍ଲବ ନ୍ୟୁ ରାଡିଆଣ୍ଟ ମହିଳା ଫୁଟ୍‌ବଲ କ୍ଲବରେ ଯୋଗଦାନ କରିଥିଲେ। ସେ ପରେ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ (କଟକ), କ୍ରିଫ୍‌ସା (ଇମ୍ଫାଲ), ସେଥୁ (ମଦୁରାଇ) ତରଫରୁ ଖେଳିଥିଲେ। ବର୍ତ୍ତମାନ ସେ ଇଷ୍ଟ ବେଙ୍ଗଲ ଦଳରୁ ଖେଳୁଛନ୍ତି।

**ସାଫ୍ ମହିଳା ଚାମ୍ପିୟନଶିପ୍**

# ଭିଭାନ, ଅନନ୍ତଜିତ୍‌ଙ୍କ ପଦକ ସହ ଭାରତର ଅଭିଯାନ ଶେଷ

ନୂଆଦିଲ୍ଲୀ, ୧୭।୧୦ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜରେ ଚଳିତବର୍ଷର ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ଫାଇନାଲର ଅନ୍ତିମ ଦିବସରେ ଜୟପୁରର ଦୁଇ ଯୁବ ଶଟଗନ୍ ଶୁଟର ଭିଭାନ କପୁର ଓ ଅନନ୍ତଜିତ ସିଂ ନାରୁକା ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ୨୨ବର୍ଷୀୟ ଟ୍ରାପ୍ ଶୁଟର ଭିଭାନ ଏବଂ ୨୬ବର୍ଷୀୟ ଅଲିମ୍ପିଆନ ସ୍କିଟ୍ ମାକ୍ସମ୍ୟାନ ଅନନ୍ତଜିତ୍ ସେମାନଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ହାସଲ କରିଛନ୍ତି। ଆୟୋଜକ ଭାରତ ଦୁଇ ରୌପ୍ୟ ଓ ସମାନ ସଂଖ୍ୟକ ବ୍ରୋଞ୍ଜ ସହ ପ୍ରତିଯୋଗିତାରେ ଏହାର ଅଭିଯାନ ଶେଷ କରିଛି। ଭିଭାନଙ୍କର ଏହା ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୨ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି। ଟିମ୍ ଇଭେଣ୍ଟରେ ସେ ୩ଟି ରୌପ୍ୟ ଜିତିପାରିଛନ୍ତି। ଏଠାରେ ଫାଇନାଲରେ ସେ ୪୪ଶଟ୍ କରି ରୌପ୍ୟ ପଦକ ଲାଭ କରିଥିଲେ। ଚାଇନାର ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ତଥା ଚାଇନାର କ୍ୱି ୟିଙ୍ଗ୍ ୪୭ ଶଟ୍ ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଥିଲେ। ଭିଭାନ ପୂର୍ବରୁ କ୍ୱାଲିଫିକେଶନ ରାଉଣ୍ଡରେ ୧୨୫ରୁ ୧୨୦ ଶଟ୍ କରି ତୃତୀୟ ସ୍ଥାନ ଅଧିକାର ସହ ୬ଜଣ ଶୁଟରକୁ ନେଇ ଫାଇନାଲକୁ ଉନ୍ନୀତ ହୋଇଥିଲେ। ପୂର୍ବରୁ ଅନନ୍ତଜିତ୍ କ୍ୱାଲିଫିକେଶନ ରାଉଣ୍ଡରେ ୧୨୫ରୁ ୧୨୧ ସ୍କୋର ସହ ଫାଇନାଲକୁ ଉନ୍ନୀତ ହୋଇଥିଲେ। ୬ଜଣ ପୁରୁଷ ଶୁଟରକୁ ନେଇ ଫାଇନାଲରେ ସେ ୪୩ ସ୍କୋର କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଟାଲୀର ଟାମାରୋ କାସାଣ୍ଡ୍ରୋ ଓ ଗାବ୍ରିଲ ରୋସେଟି ଯଥାକ୍ରମେ ୫୭ ଓ ୫୬ ସ୍କୋର କରି ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ପୂର୍ବରୁ ସୋନମ ମସ୍କାର ମଙ୍ଗଳବାର ମହିଳା ୧୦ ମିଟର ଏୟାର ରାଇଫଲରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ବୁଧବାର ଅଖିଲ ଶେଓରାନ ପୁରୁଷ ୫୦ମିଟର ରାଇଫଲ ଥ୍ରି-ପୋଜିଶନରେ ଏକ ବ୍ରୋଞ୍ଜ ଜିତିଥିଲେ।


ଭିଭାନ କପୁର

**ଡେନମାର୍କ ଓପନ ବ୍ୟାଡ୍‌ମିଣ୍ଟନ**

# କ୍ୱାର୍ଟର ଫାଇନାଲରେ ପି.ଭି. ସିନ୍ଧୁ

ଓଡେନ୍ସ, ୧୭।୧୦ (ପି.ଟି.)

ଦୁଇଥର ଅଲିମ୍ପିକ ପଦକ ବିଜେତା ଭାରତର ପି.ଭି. ସିନ୍ଧୁ ଡେନମାର୍କ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ର୍‌ୟାଙ୍କିଙ୍ଗ ତାଲିକାରେ ୧୮ତମ ସ୍ଥାନରେ ରହିଥିବା ସିନ୍ଧୁ ପ୍ରତିଯୋଗିତାର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବିଶ୍ୱର ୭ନମ୍ବର ଖେଳାଳି ଚାଇନାର ହାନ୍ ୟୁଇଙ୍କୁ ୧୮-୨୧, ୨୧-୧୨, ୨୧-୧୬ରେ ହରାଇ ଦେଇଛନ୍ତି। ଗତ ମେ ମାସରେ ମାଲେସିଆ ମାଷ୍ଟର୍ସ ଫାଇନାଲରେ ହାନ୍‌ଙ୍କୁ ପରାସ୍ତ କରିବା ପରେ ସେ ପ୍ରଥମ ଥର ଜଣେ ଟପ୍ ୧୦ଖେଳାଳିଙ୍କୁ ହରାଇଛନ୍ତି। ଦୁଇ ଖେଳାଳି ଏଥରକୁ ମିଶାଇ ପରସ୍ପରକୁ ୮ଥର ଭେଟିଛନ୍ତି। ସେଥିରୁ ଭାରତୀୟ ଖେଳାଳି ୭ଥର ବିଜୟ ଲାଭ କରିଛନ୍ତି। ଏଠାରେ ୨୦୧୫ ସଂସ୍କରଣ ଚାମ୍ପିୟନ ସିନ୍ଧୁ ଏକମାତ୍ର ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଇଣ୍ଡୋନେସିଆର ପ୍ୟାରିସ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଜର୍ଜିଆ ମାରିସ୍କା ଟନଜଙ୍ଗ୍ କିମ୍ବା ଡେନମାର୍କର ମିଆ ବ୍ଲିଚଫିଲ୍ଡଙ୍କୁ ଭେଟିବେ। ସିନ୍ଧୁ ଚଳିତବର୍ଷ ମାଲେସିଆରେ ଫାଇନାଲକୁ ଛାଡ଼ିଦେଲେ ଫ୍ରେଞ୍ଚ୍ ଓପନ ଓ ସ୍ୱେନ ମାଷ୍ଟର୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ବିଫଳତା ପରେ ନୂତନ କୋଚ୍‌ଙ୍କ ଅଧୀନରେ ଅଭ୍ୟାସ କରୁଥିବା ସିନ୍ଧୁ ପ୍ରଥମ ଥର କୌଣସି ଏକ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଡେନ୍‌ମାର୍କ ଓପନ ବ୍ୟାଡ୍‌ମିଣ୍ଟନରୁ ସମସ୍ତ ଭାରତୀୟ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ଖେଳାଳି ବିଦାୟ ନେଇସାରିଛନ୍ତି।

**Classified Everyday**
**0674-2580101, 2549949**


**REAL ESTATE**

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1674

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

Reputed Construction Company Wanted 2 Acre Gharabari Yellowzone Land with 30' Road on Sharing Basis for Duplex Projects. 9938219397, 9861022055. D-1675

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି plot କିଣନ୍ତୁ। 9078699286.** D-75998

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1676




Kerala Massage Therapy Gents/ Ladies pain relief Bhubaneswar. 9337672475. D-1659

Newly open health benefits SPA special offer @ 799 Bapujinagar. 8018429809. D-76164

**LOST**

We have lost one of our sub-lease document No.- 11801900621 signed between Safari Retreats Pvt. Ltd. & Surya Narayan Panda for OU#442, Esplanade Mall, Rasulgarh, Bhubaneswar with Lease Deed ID 1081900570. This is a part of further sub lease document Nos. 11802106448 & 1102212380. Currently Sub-Lease rights are with Wilh. Loesch India Pvt. Ltd. D-1681

Missing Sale Deed No.-579/2009 & R.O.R Khata No.-731/22, Plot No.-1468. If anybody found please contact below Bharat Kumar Maharana. Mob- 9348237850. D-1679

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

I, Pramila Agarwal, D/o- Late Mathura Prasad Ram, W/o- Krishna Kumar Agarwal, At- Plot No.-A-1/2, IRC Village, P.S.- Nayapally, Bhubaneswar- 751015, declare by affidavit CF-58/15.10.2024, that my name has been mentioned as Pramila Agarwal, Pramila Devi Agarwal, Pramila Devi in some records. All the names is one & same person. But onwards I will be known as Pramila Agarwal for all purpose. D-1671

I, Kanan Sardar, W/o- Tarak Sardar, resident of Badapadia, Paradeep, Jagatsinghpur, Odisha, declare by this affidavit No. 102, dtd 02.04.2024, that now onwards I shall be known Karuna Sardar for all purposes. D-1672

I, Banajyoschna Panda, W/o- Lambodar Das, resident of Block-A/202, Mahima Tower, Balianta, Hansapal, Dist.- Khordha, PIN-752101, Odisha declare by this affidavit No.-1763, dt- 17.10.2024. That now onwards I shall be known as BANAJYOSCHANA PANDA for all future purposes. D-1670

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**


**Jagannath Rao (Jagan)**
DOB- 21.07.1994
DOD- 08.10.2024
Jagan Rao is a true hero whose kindness knows no bounds. He runs an ambulance service dedicated to helping the needy, often reaching those others overlook. Jagan never charges elderly individuals for transport, ensuring they receive essential care. His selfless acts save lives and inspire hope in the community. Thank you, Jagan, for your unwavering compassion.
ଧ- ୧୬୮୦

**୧୪ଶ ଶ୍ରାଦ୍ଧବାର୍ଷିକୀ**


**ଏ ଅଗାଧୁ ଚନ୍ଦ୍ର ଦାଶ** (ଶିକ୍ଷକ)
ପାରିବାସୁଦେଇପୁର, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୦୨.୦୭.୧୯୩୫
ତିରୋଧାନ: ୨୩.୧୦.୨୦୧୦
(ପହିଲି କାର୍ତ୍ତିକ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୫୩୪୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ଏନିବେଦିତା ବିଶ୍ୱାଳ (ନିତା)**
ଧରାବତରଣ 14/06/1966 | ସ୍ୱର୍ଗାରୋହଣ 30/10/2023
କେଶପୁର C.R.R.I, କଟକ-୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ! ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ!!
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା, ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପ୍ରଭାକର ସ୍ୱାଇଁ ଏବଂ ପରିବାରର ସମସ୍ତ ବୃନ୍ଦ।
ଧ-୭୫୫୬୩

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ଗାଙ୍ଗୁଲି କ୍ରିକେଟ ନିର୍ଦ୍ଦେଶକ ନିଯୁକ୍ତ

**ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ**

ନୂଆଦିଲ୍ଲୀ, ୧୭।୧୦ (ପି.ଟି.)

ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଗୁରୁବାର ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର କ୍ରିକେଟ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ସଂସ୍ଥାର ସେ ସମସ୍ତ କ୍ରିକେଟ ସମ୍ପର୍କିତ ଦେଖାଚାହାଁ କରିବେ। ତନ୍ମଧ୍ୟରେ ଆଇପିଏଲ୍ ଓ ଡବ୍ଲ୍ୟୁପିଏଲ୍(ଓମେନ୍ସ ପ୍ରିମିୟର ଲିଗ୍)ରେ ଦିଲ୍ଲୀ ଟିମ୍ ଏବଂ ଦକ୍ଷିଣ ଆଫ୍ରିକା୨୦ରେ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ରହିଛି। ଆଇପିଏଲ ଓ ଡବ୍ଲ୍ୟୁପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ଓ ଜିଏମ୍‌ଆର ଗ୍ରୁପ୍ ମିଳିତ ମାଲିକାନାରେ ରହିଥିବା ବେଳେ ଜେଏସ୍‌ଡବ୍ଲ୍ୟୁ ଏକାକୀ ମାଲିକ ରହିଛି। ଗାଙ୍ଗୁଲି ୨୦୧୯ରେ ଦିଲ୍ଲୀ କ୍ୟାପିଟାଲ୍ସର ଉପଦେଷ୍ଟା ରହିଥିଲେ। ସେ କୋଚ୍ ରିକି ପଣ୍ଟିଂଙ୍କ ସହିତ କାମ କରୁଥିଲେ। ପରେ ବିସିସିଆଇ ସଭାପତି ପଦ ଛାଡ଼ିବା ପରେ ସେ ଫ୍ରାଞ୍ଚାଇଜକୁ କ୍ରିକେଟ ନିର୍ଦ୍ଦେଶକ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜିଏମ୍‌ଆର ଗ୍ରୁପ୍ ଓ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ଦୁଇ ବର୍ଷିଆ ରୋଟେଶନ ପଲିସି କାର୍ଯ୍ୟକାରୀ ହେବାକୁ ନିଷ୍ପତ୍ତି ପରେ ଗାଙ୍ଗୁଲିଙ୍କୁ ତୁରନ୍ତ କ୍ରିକେଟ ଅପରେଶନ ମ୍ୟାନେଜମେଣ୍ଟ ପାଇଁ ନିଯୁକ୍ତି ମିଳିଛି। ତଦନୁସାରେ ଜିଏମ୍‌ଆର ଗ୍ରୁପ୍ ଆସନ୍ତା ଦୁଇ ବର୍ଷ ପାଇଁ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଅପରେଶନ ଦାୟିତ୍ୱ ତୁଲାଇବାକୁ ଥିବା ବେଳେ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ଡବ୍ଲ୍ୟୁପିଏଲ୍‌ରେ ଫ୍ରାଞ୍ଚାଇଜ୍‌ର ଟିମ୍ ହାତେଇବ।

# ବଦାନୀ, ଭେନୁଗୋପାଳ ଦିଲ୍ଲୀ କ୍ୟାପିଟାଲ୍ସର ନୂଆ କୋଚିଂ ଷ୍ଟାଫ୍

ନୂଆଦିଲ୍ଲୀ, ୧୭।୧୦ (ପି.ଟି.)

୨୦୨୫ ଆଇପିଏଲ୍ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଏହାର କୋଚିଂ ଷ୍ଟାଫ୍‌ଙ୍କ ନାମ ଘୋଷଣା କରିଛି। ପୂର୍ବତନ କ୍ରିକେଟର ହେମାଙ୍ଗ ବଦାନୀ ଓ ଭେନୁଗୋପାଳ ରାଓ ଯଥାକ୍ରମେ ଦଳର ମୁଖ୍ୟ କୋଚ୍ ଓ କ୍ରିକେଟ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ୪୭ ବର୍ଷୀୟ ବଦାନୀ ଭାରତ ପାଇଁ ୪ ଟେଷ୍ଟ ଏବଂ ୪୦ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ବିଭିନ୍ନ ଲିଗ୍‌ରେ ତାଙ୍କର କୋଚିଂ ଅଭିଜ୍ଞତା ରହିଛି।୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ସେ ସନରାଇଜର୍ସ ହାଇଦ୍ରାବାଦର ଜଣେ ଫିଲ୍ଡିଂ କୋଚ୍ ଓ କ୍ରମାଗତ ଦୁଇ ସିଜନ ବ୍ୟାଟିଂ କୋଚ୍ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ନେତୃତ୍ୱରେ ଜାଫନା କିଙ୍ଗ୍ସ କ୍ରମାଗତ ଦୁଇଥର ଶ୍ରୀଲଙ୍କାନ ପ୍ରିମିୟର ଲିଗ୍ ଟାଇଟଲ ଜିତିବାରେ ସଫଳ ରହିଥିଲା। ଜଣେ ବ୍ୟାଟିଂ କୋଚ୍ ଭାବେ ସେ ଉଦ୍‌ଘାଟନୀ ଦକ୍ଷିଣଆଫ୍ରିକା ଟି୨୦ରେ ସନରାଇଜର୍ସ ଇଷ୍ଟର୍ନ କେପ୍ ଦଳକୁ ଟାଇଟଲ ବିଜୟୀ କରାଇଥିଲେ। ନିକଟ ଅତୀତରେ ମୁଖ୍ୟ କୋଚ୍ ଭାବେ ଦୁବାଇ କ୍ୟାପିଟାଲ୍ସକୁ ଆଇଏଲ୍‌ଟି୨୦ ଫାଇନାଲରେ ପ୍ରବେଶ କରାଇଥିଲେ। ରାଓ ଭାରତ ପାଇଁ ୧୬ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ୨୦୦୯ ଆଇପିଏଲ୍ ଜିତିଥିବା ଡେକାନ ଚାର୍ଜର୍ସ ଦଳର ସେ ଜଣେ ଅନ୍ୟତମ ସଦସ୍ୟ ଥିଲେ। ସେ ଦିଲ୍ଲୀ ଡେୟାରଡେଭିଲ୍ସ ପାଇଁ ୩ ଆଇପିଏଲ୍ ସିଜନ ଖେଳିଛନ୍ତି। ଦୁବାଇ କ୍ୟାପିଟାଲ୍ସ ଦଳ ସହିତ ସେ ସଂଶ୍ଳିଷ୍ଟ ଥିଲେ। ଉଦ୍‌ଘାଟନୀ ସିଜନରେ ସେ ଦଳର ସେ ଜଣେ ମେଣ୍ଟର ଏବଂ ପରେ କ୍ରିକେଟ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ।

# ଜର୍ମାନୀ ହକି ଖେଳାଳିଙ୍କ ବାସନ୍ଦ ଦଣ୍ଡ ହ୍ରାସ

ବନ୍, ୧୭।୧୦(ଏପି)

ୱିଣ୍ଟର ଅଲିମ୍ପିକ୍ସ ୨୦୧୮ ପୁରୁଷ ହକି ରୌପ୍ୟ ବିଜେତା ଜର୍ମାନୀର ୟାନିକ୍ ସିଡେନବର୍ଗଙ୍କ ବାସନ୍ଦ ଦଣ୍ଡ ୧୮ମାସ ହ୍ରାସ କରାଯାଇଛି। ଟେଷ୍ଟୋଷ୍ଟେରନ ଏବଂ ଅନ୍ୟଏକ ନିଷିଦ୍ଧ ଦ୍ରବ୍ୟ ଡିଏଚ୍‌ଇଏର ବ୍ୟବହାର କରିଥିବା ଅଭିଯୋଗରେ ୪୦ବର୍ଷୀୟ ଏହି ଫରୱାର୍ଡ ଖେଳାଳିଙ୍କୁ ଗତ ବର୍ଷ ୪ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜର୍ମାନୀର ଡୋପିଙ୍ଗ ନିରୋଧୀ ଏଜେନ୍ସି ଓ ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଏବଂ ସିଡେନବର୍ଗଙ୍କ ସହିତ ଏକ ପ୍ରସ୍ତାବିତ ରାଜିନାମା ଅନୁସାରେ ଏହି ଫରୱାର୍ଡ ଖେଳାଳିଙ୍କ ଉପରୁ ବାସନ୍ଦ ଦଣ୍ଡକୁ ହ୍ରାସ କରାଯାଇଛି। ଫଳରେ ପିଛିଲା ୨୦୨୨ରୁ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡ ଏଣିକି ୨୦୨୫ ମାର୍ଚ୍ଚରେ ଶେଷ ହୋଇଯିବ। ଏହା ୨୦୧୮ରେ ସିଡେନବର୍ଗ ଯେଉଁ ଅଲିମ୍ପିକ ରୌପ୍ୟ ଜିତିଥିଲେ ସେଥିରେ ପ୍ରଭାବ ପକାଇବ ନାହିଁ। ସୂଚନାଯୋଗ୍ୟ, ସିଡେନବର୍ଗ ହେଉଛନ୍ତି ଡେନିସ ସିଡେନବର୍ଗଙ୍କ ସାନ ଭାଇ। ସେ ବୋଷ୍ଟନ ବ୍ରୁଇନ୍ସ ଦଳର ଜଣେ ଡିଫେନ୍ସମ୍ୟାନ। ଏହି ଦଳ ୨୦୧୧ରେ ଷ୍ଟାନ୍‌ଲି କପ୍ ଜିତିଥିଲା।

## ଓଡ଼ିଶା କ୍ରୀଡ଼ା ବ୍ୟବସ୍ଥାର ସଂକ୍ଷିପ୍ତ ଇତିହାସ ଏବଂ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ପ୍ରଦର୍ଶନ ଉପରେ ଆଧାରିତ ଏକ ଉପସ୍ଥାପନା...

# ଓଡ଼ିଶା କ୍ରୀଡ଼ା

### (ଭାଗ-୧)
### ବ୍ୟବସ୍ଥା ଓ ପୃଷ୍ଠଭୂମି


ଅଶୋକ ମହାନ୍ତି


ମିନତି ମହାପାତ୍ର


ଅରୂପାନନ୍ଦ ରାଉତରାୟ


ଦିଲୀପ ଟିର୍କୀ

୨୦୨୪ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତ ୬ଟି ପଦକ (ରୌପ୍ୟ-୧, କାଂସ୍ୟ-୫) ଜିତି ତାଲିକାରେ ୭୧ତମ ସ୍ଥାନରେ ରହିଲା। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସ (୭୫ତମ ସ୍ଥାନ)ରେ କେବଳ ଭାରତର ସ୍ଥାନ ଚଳତ ଅଲିମ୍ପିକ୍ସଠାରୁ ତଳେ ଥିଲା। ଓଡ଼ିଶାରୁ ଭାଗନେଇଥିବା ଦୁଇ ତାରକା ଖେଳାଳିଙ୍କ ମଧ୍ୟରୁ ଜାଭେଲିନ୍ ଥ୍ରୋରେ କିଶୋର ଜେନା ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୯ମ ସ୍ଥାନରେ ରହି ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବାରେ ବିଫଳ ହୋଇଥିବାବେଳେ ହକି ତାରକା ଅମିତ ରୋହିତ ଦାସ ଲଗାତର ଭାବେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଛନ୍ତି। ନିକଟ ଅତୀତରେ ପେରୁର ଲିମାଠାରେ ଅନୁଷ୍ଠିତ ବିଶ୍ୱ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାର ଉଦୀୟମାନ ଆଥଲେଟ୍ ବାପି ହାଁସଦା ନିଜର ଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନଠାରୁ ବହୁ ପଛରେ ରହି ୪୦୦ମି. ଦୌଡ଼ରେ ୪୬ତମ ସ୍ଥାନରେ ରହି ନିରାଶ କଲେ ଏବଂ ଭାରତ ପଦକ ତାଲିକାରେ ୩୪ତମ ସ୍ଥାନରେ ରହିଲା। ଉପର ବର୍ଣ୍ଣିତ ଉଦାହରଣରୁ ଏହା ସ୍ପଷ୍ଟ ଯେ ବିଶ୍ୱସ୍ତରରେ ଆମେ କେତେ ପଛରେ ଅଛୁ। ଗତ କିଛିବର୍ଷ ଧରି ଆମ ରାଜ୍ୟ ସରକାର ଅଜସ୍ର ଅର୍ଥ (ପ୍ରାୟ ୩୦୦୦ କୋଟି) ବିନିଯୋଗ କରି ଅନ୍ତର୍ଜାତୀୟ ସ୍ତରର ଷ୍ଟାଡିୟମ, ସନ୍ତରଣାଗାର, ଜିମ୍ନାସିୟମ୍, ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ସହିତ ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଯଥା: ୨ଟି ବିଶ୍ୱକପ୍ ହକି, ଚାମ୍ପିୟନ୍ସ ଟ୍ରଫି ହକି, ଏସିଆନ୍ ଆଥଲେଟିକ୍ ଚାମ୍ପିୟନଶିପ୍, ୧୭ ବର୍ଷରୁ କମ୍ ବିଶ୍ୱକପ୍ ମହିଳା ଫୁଟବଲ ଏବଂ ଅନ୍ୟ କ୍ରୀଡ଼ା ଶୃଙ୍ଖଳାରେ ଆୟୋଜନ କରିଛନ୍ତି। ଏତଦ୍‌ବ୍ୟତୀତ ଏକାଧିକ କ୍ରୀଡ଼ାରେ ଉଚ୍ଚ ଗୁଣବତ୍ତା କେନ୍ଦ୍ରମାନ ଖୋଲି ତାଲିମ ବ୍ୟବସ୍ଥା କରିଛନ୍ତି। ମାତ୍ର ଏତେ ମାତ୍ରାରେ ପର୍ଯ୍ୟାପ୍ତ ସୁବିଧା ସତ୍ତ୍ୱେ ଏହାର ପ୍ରଭାବ ଆମ କ୍ରୀଡ଼ାବିତ୍‌ମାନଙ୍କ ପ୍ରଦର୍ଶନରେ ପ୍ରତିଫଳିତ ହେବା ଦୃଶ୍ୟମାନ ହେଉ ନାହିଁ।

୨୦୧୮ ଏବଂ ୨୦୨୩ରେ ଭୁବନେଶ୍ୱରରେ ବିଶ୍ୱକପ୍ ହକି ପ୍ରତିଯୋଗିତା ଆୟୋଜନ ହେଲା। ସାଧାରଣତଃ ଯେଉଁ ସ୍ଥାନରେ ଏପରି ବିଶ୍ୱସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ ହୁଏ, ସେ ସ୍ଥାନରେ ଯୁବ ସମାଜ ବିଶେଷ ଭାବେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବହୁ ଭାବରେ ସେଇ ନିର୍ଦ୍ଦିଷ୍ଟ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇଥାନ୍ତି ଏବଂ ସେଇ କ୍ରୀଡ଼ାର ଲୋକପ୍ରିୟତା ହଠାତ୍ ବହୁମାତ୍ରାରେ ବୃଦ୍ଧି ପାଇଥାଏ। କିନ୍ତୁ କ୍ଷୋଭର ବିଷୟ ଯେ ଦୁଇ ଦୁଇଟା ବିଶ୍ୱକପ୍ ପରେ ମଧ୍ୟ ଭୁବନେଶ୍ୱରରେ ଥିବା ପ୍ରାୟ ଶତାଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ହକି ଖେଳ ଦୃଷ୍ଟିଗୋଚର ହେଉ ନାହିଁ (କିଟ୍ ଓ କିସ୍ ବ୍ୟତୀତ)। ଦୁଇବର୍ଷ ତଳେ ବିବିସି (ହିନ୍ଦୀ)ର ଜନୈକ ଖବରଦାତା ଏହି ଲେଖକ ସହିତ ସାକ୍ଷାତ ସମୟରେ କହିଥିଲେ, ''ଆମେ ୩/୪ ଦିନ ଧରି ଭୁବନେଶ୍ୱର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ବୁଲୁଛୁ କିନ୍ତୁ କୌଣସି ଜାଗାରେ (ଖାଲି ପଡ଼ିଆ) ପିଲାମାନେ ଖେଳୁଥିବାର ନଜର ପଡ଼ିଲା ନାହିଁ। ମୁଁ ତାଙ୍କୁ କହିଲି ଏଠାରେ ସାଧାରଣ ବର୍ଗର ପିଲାମାନଙ୍କ ପାଇଁ ଖେଳିବାର କୌଣସି ସୁଯୋଗ ନାହିଁ। କେବଳ ଏଲିଟ୍ ଆଥଲେଟ୍‌ମାନେ ସରକାରଙ୍କ ଦ୍ୱାରା ନିର୍ମିତ ନାମୀ ଦାମୀ ଷ୍ଟାଡିୟମରେ ଖେଳିବାର ସୁଯୋଗ ପାଆନ୍ତି। ଏହା ଶୁଣି ତାଙ୍କର ମନ୍ତବ୍ୟ ଥିଲା ଏହିପରି। ବୋଧହୁଏ ଷ୍ଟାଡିୟମଗୁଡ଼ିକ ଖାଲି ବଡ଼ ଇଭେଣ୍ଟ୍ସ ପାଇଁ ସଜାହୋଇ ରହିଥାଏ, ଯେମିତି କି ବିଦେଶୀ ପର୍ଯ୍ୟଟକ, ଖବରଦାତା, କ୍ରୀଡ଼ାବିତ୍‌ମାନଙ୍କୁ ଖୁସି କରିହେବ।''

ନୂତନ ସରକାର ଆସିଲା ପରେ ଏପରି ନିଷ୍ପତ୍ତିକୁ ବଦଳାଇ ସାଧାରଣ ବର୍ଗର ଖେଳାଳିମାନଙ୍କୁ କିପରି ଆଧୁନିକ କ୍ରୀଡ଼ା ଭିତ୍ତିଭୂମିର ସୁବିଧା ଉପଲବ୍ଧ ହେବ ସେଥିପାଇଁ ପଦକ୍ଷେପ ନେଇଥିବାର ଆଭାସ ମିଳୁଛି। ଉଦୀୟମାନ କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ ଶୁଭ ସୂଚନା।

ଏହି ପୃଷ୍ଠଭୂମିରେ ଓଡ଼ିଶାର କ୍ରୀଡ଼ା ବ୍ୟବସ୍ଥାର ସଂକ୍ଷିପ୍ତ ଇତିହାସ ଏବଂ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ପ୍ରଦର୍ଶନ ଉପରେ ଆଧାରିତ ଏକ ଉପସ୍ଥାପନା।

ଅନେକ କ୍ଷେତ୍ରରେ ଓଡ଼ିଶାର ପ୍ରଥମ ଯଥା: ପ୍ରଥମ ଓଡ଼ିଆ ସ୍ନାତକ, ପ୍ରଥମ ଓଡ଼ିଆ ବାରିଷ୍ଟର, ପ୍ରଥମ ସେଣ୍ଟ୍ରାଲ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ସଭ୍ୟ ଏବଂ ପ୍ରଥମ ଓଡ଼ିଆ ଭାବେ ବିଦେଶ (ବିଲାତ) ଯାତ୍ରା କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସ ମଧ୍ୟ ଓଡ଼ିଶାରେ ପ୍ରଥମେ ୧୯୦୪ ମସିହାରେ କ୍ରୀଡ଼ାକୁ ସାଙ୍ଗଠନିକ ଢାଞ୍ଚାରେ ପକେଇ 'ଓଡ଼ିଶା ସ୍ପୋର୍ଟ୍ସ ଆସୋସିଏଶନ' ଗଠନ କରିଥିଲେ। ୧୯୦୯ରେ ଏହି ଅନୁଷ୍ଠାନର ନାମ ପରିବର୍ତ୍ତନ ହୋଇ 'ଓଡ଼ିଶା ଆଥଲେଟିକ୍ ଆସୋସିଏଶନ' ହେଲା। ତାଙ୍କରି ପ୍ରଚେଷ୍ଟାରେ ସେଇ ୧୯୦୯ ମସିହାରେ ଓଡ଼ିଶାର ସର୍ବପ୍ରଥମ ଫୁଟ୍‌ବଲ୍ ଟୁର୍ନାମେଣ୍ଟ 'ଆଟ୍‌ୱାର୍ ସିଲ୍ଡ' ଆରମ୍ଭ ହୋଇଥିଲା। ୧୯୦୯ରୁ ୧୯୪୬ ପର୍ଯ୍ୟନ୍ତ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ପ୍ରାଦେଶିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ ଏବଂ ୧୯୪୬ରେ ଏହି ଅନୁଷ୍ଠାନଟି ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଭାବେ ମାନ୍ୟତା ପାଇଲା। ଓଡ଼ିଶାର ଦୁଇ ବରପୁତ୍ର ଡ. ହରେକୃଷ୍ଣ ମହତାବ ଏବଂ ଗୌରବ ଚନ୍ଦ୍ର ମହାନ୍ତି ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ରାଜ୍ୟରେ କ୍ରୀଡ଼ା ପରିଚାଳନା କ୍ଷେତ୍ରରେ ସର୍ବୋଚ୍ଚ କ୍ରୀଡ଼ା ଅନୁଷ୍ଠାନ ଭାବେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ପରବର୍ତ୍ତୀ ସମୟରେ ପ୍ରତ୍ୟେକ କ୍ରୀଡ଼ା ଶୃଙ୍ଖଳା ପରିଚାଳନା ପାଇଁ ସ୍ୱତନ୍ତ୍ର ରାଜ୍ୟ ସଂଘମାନ ପ୍ରତିଷ୍ଠା କଲେ ଏବଂ ଏହି ସଂଘଗୁଡ଼ିକ ଓଓଏ ସହ ଅନୁବନ୍ଧିତ ଶାଖା ଭାବେ କାର୍ଯ୍ୟ କଲେ। ପରେ ପରେ ଜିଲା ସ୍ତରରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ ହେଲା ଏବଂ ସାରା ରାଜ୍ୟରେ ସାଙ୍ଗଠନିକ ସ୍ତରରେ କ୍ରୀଡ଼ା ବ୍ୟବସ୍ଥାରେ ଉନ୍ନତି ଏବଂ ଅଗ୍ରଗତି ହେବା ଆରମ୍ଭ ହେଲା। ବର୍ତ୍ତମାନ ପ୍ରାୟ ୪୩ଟି ରାଜ୍ୟ କ୍ରୀଡ଼ା ସଂଘ ଏବଂ ୩୦ ଜିଲାରେ ୩୦ଟି ଜିଲା କ୍ରୀଡ଼ା ସଂଘ ସକ୍ରିୟ ଅଛନ୍ତି।

ସୀମିତ ସୁବିଧା ଓ ସୁଯୋଗ ଥିଲେ ମଧ୍ୟ ଓଡ଼ିଶାର କିଛି ହାତଗଣତି କ୍ରୀଡ଼ାବିତ୍‌ମାନେ ୫୦ ଦଶକରୁ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ୧୯୫୦ରେ ବମ୍ବେଠାରେ ଅନୁଷ୍ଠିତ ଜାତୀୟ ଅଲିମ୍ପିକ୍ କ୍ରୀଡ଼ାରେ ଓଡ଼ିଶାର ସ୍ୱର୍ଗତ ନବକୃଷ୍ଣ ଦାସ ପ୍ରଥମ ଓଡ଼ିଆ ଭାବେ ଡେକାଥଲନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ଷେତ୍ରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ା (୧୯୫୧)ରେ ସେକ୍ ମାଜିଦ୍ (ବଚନ) ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ ଏବଂ ସେକ୍ ଗୁଲଜାର ୧୦,୦୦୦ମି. ଦୌଡ଼ରେ ୫ମ ସ୍ଥାନ ଅଧିକାର କରିଥିଲେ। ଡାକ୍ତର ସତିକାନ୍ତ ଘୋଷ ୧୯୫୪ ମାନିଲା ଏସୀୟ କ୍ରୀଡ଼ାରେ ଭାରତୀୟ ସ୍ପ୍ରିଣ୍ଟ ଦଳର ସଦସ୍ୟ ରହିଥିଲେ। ୬୦ ଦଶକରେ ଆବିର୍ଭାବ ହୋଇଥିଲେ ଆଉ ଜଣେ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ। ୧୯୬୫-୬୬ରେ ଭାରତୀୟ ବରିଷ୍ଠ ବାସ୍କେଟବଲ୍ ଦଳର ସଦସ୍ୟ ଥିବା ପ୍ରଥମ ଓଡ଼ିଆ ଖେଳାଳି ଅରୂପାନନ୍ଦ ପରବର୍ତ୍ତୀ ସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଭାରତୀୟ ଦଳର ଉଭୟ ଖେଳାଳି ଓ ପ୍ରଶିକ୍ଷକ ହୋଇଥିବା ଅରୂପାନନ୍ଦ ଏପରି ବିରଳ ଦ୍ୱୈତ ଭୂମିକା ନିଭାଇଲାରେ ପ୍ରଥମ ଏବଂ ଏକମାତ୍ର ଓଡ଼ିଆ କ୍ରୀଡ଼ାବିତ୍।

୭୦ ଦଶକରେ ୪ଜଣ ଓଡ଼ିଆ କ୍ରୀଡ଼ାବିତ୍ ଯଥା: ସାଇକେଲଚାଳିକା ମିନତି ମହାପାତ୍ର, ହାଇଜମ୍ପର ଉଷାରାଣୀ ମିଶ୍ର, ହର୍ଡଲର ପଞ୍ଚାନନ ଗନ୍ତାୟତ ଏବଂ ୱେଟ୍‌ଲିଫ୍ଟର ବିଜୟ ଶତପଥୀ, ଏକାଧିକ ଥର ଜାତୀୟ ଚାମ୍ପିୟନ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଥିଲେ। ମିନତି ପ୍ରଥମ ଓଡ଼ିଆ କ୍ରୀଡ଼ାବିତ୍ ଭାବେ ୧୯୭୯ରେ ଅର୍ଜୁନ ପୁରସ୍କାର ବିଜେତା ହୋଇଥିବାବେଳେ ବିଜୟ ୧୯୮୦ରେ ଅର୍ଜୁନ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲେ।

୮୦ ଦଶକରେ ଦୁଇଜଣ ପ୍ରଚଣ୍ଡ ପ୍ରତିଭାବାନ ଆଥ୍‌ଲେଟଙ୍କର ଆଗମନ ହୋଇଥିଲା। ବ୍ୟାଡ୍‌ମିଣ୍ଟନ ଖେଳାଳି ସନତ୍ ମିଶ୍ର ୪ଥର ଡବଲ୍ସ, ୩ଥର ମିକ୍ସଡ ଡବଲ୍ସ ବର୍ଗରେ ଜାତୀୟ ଚାମ୍ପିୟନ ହେବା ସହିତ ୨୦୦୬ ସିଓଲ ଏସୀୟ କ୍ରୀଡ଼ାରେ ପ୍ରଥମ ଓଡ଼ିଆ ଭାବେ ପୁରୁଷ ଡବଲ୍ସ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚନା କରିଥିଲେ। ୩୮ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନରେ ତାଙ୍କର ଏହି ବିରଳ ସଫଳତା ଅନ୍ୟ କେହି ଓଡ଼ିଆ ଖେଳାଳି ଦୋହରାଇ ପାରିନାହାନ୍ତି। ଅନ୍ୟ ଜଣକ ହେଲେ ହେମନ୍ତ ପଟେଲ, ଯିଏକି ୧୯୮୫ ସାଫ୍ କ୍ରୀଡ଼ାରେ ଲଙ୍ଗଜମ୍ପ ସ୍ୱର୍ଣ୍ଣ ପଦକ ଜିତି ଏକ ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ଉପରୋକ୍ତ ଖେଳାଳିମାନଙ୍କ ବିଷୟରେ ଏତିକି କୁହାଯାଇପାରେ ଯେ କୌଣସି ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି, ସରକାରୀ ପ୍ରୋତ୍ସାହନର ସୁବିଧା ଉପଲବ୍ଧ ନ ଥିଲେ ମଧ୍ୟ ସେମାନେ ନିରନ୍ତର ଉଦ୍ୟମ, ନିଷ୍ଠା ଏବଂ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ସଫଳତାର ଶିଖର ଛୁଇଁ ପାରିଥିଲେ। ଏକଥା ସ୍ୱୀକାର୍ଯ୍ୟ ଯେ ସେମାନଙ୍କର ସଫଳତାର ଯାତ୍ରାରେ ଓଡ଼ିଶା ଅଲିମ୍ପିକ ସଂଘ ଓ ରାଜ୍ୟ କ୍ରୀଡ଼ା ସଂଘଗୁଡ଼ିକ ସହଯୋଗ ଓ ସହାୟତା ପ୍ରଦାନ କରୁଥିଲେ।

୮୦ ଦଶକ ମଧ୍ୟଭାଗରୁ ଓଡ଼ିଶା କ୍ରୀଡ଼ାରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୧୯୮୪-୮୫ରେ ଆରମ୍ଭ ହେଲା କ୍ରୀଡ଼ା ଛାତ୍ରାବାସ ଯୋଜନା। କଟକ, ଭୁବନେଶ୍ୱର ଓ ରାଉରକେଲା (ପାନପୋଷ)ରେ ଖୋଲିଲା କ୍ରୀଡ଼ା ଛାତ୍ରାବାସ। ତା' ସହିତ ଭାରତ ସରକାରଙ୍କ ସଂସ୍ଥା 'ସାଇ' (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ରାଜ୍ୟ ସରକାରଙ୍କ ସହଯୋଗରେ କଟକ ଏବଂ ସୁନ୍ଦରଗଡ଼ଠାରେ ପ୍ରତିଷ୍ଠା କଲେ ଏସ୍‌ଟିସି। ୮ ବର୍ଷରୁ ୧୨ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାମାନଙ୍କୁ ଚିହ୍ନଟ କରିବା ପାଇଁ ସାରା ରାଜ୍ୟରେ (ପଞ୍ଚାୟତ, ବ୍ଲକ, ଜିଲା ଏବଂ ରାଜ୍ୟସ୍ତରୀୟ 'ଟାଲେଣ୍ଟ ସ୍କାଉଟିଂ'ର ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେଲା। ନିର୍ଦ୍ଧାରିତ ମନୋନୟନ ପ୍ରକ୍ରିୟାରେ ଚିହ୍ନଟ କ୍ରୀଡ଼ା ପ୍ରତିଭାମାନଙ୍କୁ କ୍ରୀଡ଼ା ଛାତ୍ରାବାସରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯଥା-ପୁଷ୍ଟିକର ଖାଦ୍ୟ, ରହିବା ସହିତ ଅଧ୍ୟୟନର ସୁଯୋଗ, ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଲିମ ବ୍ୟବସ୍ଥା ଉପଲବ୍ଧ କରାଗଲା ଏବଂ ଏହାର ସୁଫଳ ୯୦ ଦଶକ ପ୍ରାରମ୍ଭରୁ ଦୃଶ୍ୟମାନ ହେବାକୁ ଲାଗିଲା। ୧୯୯୦ ବେଜିଂ ଏସୀୟ କ୍ରୀଡ଼ାରେ ପ୍ରଥମ ଓଡ଼ିଆ ଆଥ୍‌ଲେଟ୍ ଭାବେ ପ୍ରଣତି ମିଶ୍ର ୪X୪୦୦ ମି. ଦୌଡ଼ରେ ରୌପ୍ୟ ପଦକ ଜିତିଲେ। ପରେ ପରେ ୧୯୯୬ରେ ଦିଲୀପ ତିର୍କୀ ପ୍ରଥମ ଓଡ଼ିଆ ହକି ଅଲିମ୍ପିଆନ (ଆଟ୍‌ଲାଣ୍ଟା ଅଲିମ୍ପିକ୍ସ) ଭାବେ ସାରା ରାଜ୍ୟକୁ ଗୌରବାନ୍ୱିତ କରିଥିଲେ।

(ଦ୍ୱିତୀୟ ଭାଗ ପରବର୍ତ୍ତୀ କ୍ରୀଡ଼ା ଜଗତ ପୃଷ୍ଠାରେ..)

# କ୍ଲେ କୋର୍ଟର ରାଜା

**ଅନ୍ତର୍ଜାତୀୟ ଟେନିସରେ ବିଗ୍ ଥ୍ରୀ'ଭାବେ ରୋଜର ଫେଡରର, ରାଫାଲ ନାଡାଲ ଓ ନୋଭାକ୍ ଜୋକୋଭିଚ୍‌ଙ୍କୁ ଅଭିହିତ କରାଯାଏ। ଫେଡରର ଅବସର ନେଇ ସାରିଥିବାବେଳେ ଏବେ ଟେନିସକୁ ଅଲ୍‌ବିଦା ଜଣାଇବାକୁ ସୂଚନା ଦେଇଛନ୍ତି ରାଫାଲ। ୩୮ ବର୍ଷୀୟ ନାଡାଲ ୧୪ ଥର ଫ୍ରେଞ୍ଚ୍ ଓପନ ସହ ମୋଟ ୨୨ ଗ୍ରାଣ୍ଡସ୍ଲାମ ହାସଲ କରିଥିବାରୁ ତାଙ୍କୁ କ୍ଲେ-କୋର୍ଟର ରାଜା କୁହାଯାଏ..**



କ୍ଲେକୋର୍ଟର ରାଜାଭାବେ ପରିଚିତ ଟେନିସ ତାରକା ରାଫାଲ ନାଡାଲ ଗତ ୧୦ ତାରିଖରେ ଅବସର ଘୋଷଣା କରିଛନ୍ତି। ଆସନ୍ତା ଡେଭିସ୍ କପ୍ ଫାଇନାଲ ପରେ ଟେନିସକୁ ଅଲ୍‌ବିଦା ଜଣାଇବେ ବୋଲି ଏହି ସ୍ପାନିଶ ଷ୍ଟାର ସୂଚନା ଦେଇଛନ୍ତି। ୩୮ ବର୍ଷୀୟ ନାଡାଲ ୨୨ ଗ୍ରାଣ୍ଡସ୍ଲାମ ସହ ମୋଟ ୯୨ଟି ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ବାରମ୍ବାର ଇଞ୍ଜୁରି ସମସ୍ୟାରେ ରହିବାରୁ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ପଡ଼ିଲା ବୋଲି ସେ କହିଛନ୍ତି। ରେକର୍ଡ ୧୪ଥର ରୋଲାଣ୍ଡ ଗାରୋସରେ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିବାରୁ ତାଙ୍କୁ କ୍ଲେ-କୋର୍ଟର ରାଜା ଭାବେ ଅଭିହିତ କରାଯାଏ।

## କ୍ୟାରିୟର ଟାଇମ୍ ଲାଇନ୍

**୨୦୦୨:** ହୋମ୍ ଟାଉନ୍ ମାଲୋର୍କାଠାରେ ମାତ୍ର ୧୫ ବର୍ଷ ୧୦ମାସ ବୟସରେ ତାଙ୍କ ପ୍ରଥମ ଏଟିପି ମ୍ୟାଚ ବିଜୟ।

**୨୦୦୩:** ବୋରିସ ବେକର (୧୯୮୪ରେ ମାତ୍ର ୧୬ ବର୍ଷ ବୟସରେ)ଙ୍କ ପରେ ମାତ୍ର ୧୭ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ୱିମ୍ବଲଡନ ତୃତୀୟ ରାଉଣ୍ଡରେ ପ୍ରବେଶ।

**୨୦୦୪:** ମାୟାମିରେ ତତ୍କାଳୀନ ନମ୍ବର ୱାନ ଖେଳାଳି ରୋଜର ଫେଡରରଙ୍କୁ ପରାସ୍ତ। ପୋଲାଣ୍ଡର ସୋପଟଠାରେ ପ୍ରଥମ ଏଟିପି ଟାଇଟଲ ହାସଲ। ଆଣ୍ଡି ରଡିକଙ୍କୁ ହରାଇ ଆମେରିକା ବିପକ୍ଷରେ ସ୍ପେନକୁ ଡେଭିସ କପ୍ ବିଜୟୀ କରାଇବାରେ ବିଶେଷ ଭୂମିକା।

**୨୦୦୫:** ଫ୍ରେଞ୍ଚ ଓପନ ପଦାର୍ପଣରେ ଟାଇଟଲ ବିଜୟ ; ବର୍ଷରେ ୧୧ ଟ୍ରଫି ହାସଲ। ଏଟିପି ଇତିହାସରେ ଜଣେ ସର୍ବକନିଷ୍ଠ ଖେଳାଳି ହିସାବରେ ଏହା ସର୍ବାଧିକ।

**୨୦୦୬:** ଫାଇନାଲରେ ଫେଡରରଙ୍କୁ ପରାସ୍ତ କରି ଦ୍ୱିତୀୟ ଥର ଫ୍ରେଞ୍ଚ ଓପନ ଟାଇଟଲ ହାସଲ।

**୨୦୦୭:** ଫେଡରରଙ୍କୁ ହରାଇ କ୍ରମାଗତ ତୃତୀୟ ଥର ଫ୍ରେଞ୍ଚ ଓପନ ଟାଇଟଲ ବିଜୟ।

**୨୦୦୮:** ରୋଲାଣ୍ଡ ଗାରୋସଠାରେ ଫେଡରରଙ୍କୁ ପରାସ୍ତ କରି ସେଠାରେ କ୍ରମାଗତ ୪ର୍ଥ ଥର ଟ୍ରଫି ହାସଲ। ମ୍ୟାଚରେ ସେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ୧୯୭୮-୮୧ରେ ବିୟନ ବର୍ଗଙ୍କ ପରେ ଏହା ପ୍ରଥମ। ୱିମ୍ବେଲଡନ ଫାଇନାଲରେ ତାଙ୍କୁ ଫେଡରରଙ୍କ ସହ ମୁକାବିଲା ହୋଇଥିଲା। ଏଥର କିନ୍ତୁ ସେ ୫ ସେଟ ବିଶିଷ୍ଟ ମ୍ୟାଚରେ ବିଜୟ ଲାଭ କରିଥିଲେ। ବେଜିଂ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱର ନମ୍ବର-୧ ଖେଳାଳି ହୋଇଥିଲେ।

**୨୦୦୯:** ପାଞ୍ଚ ସେଟ୍ ବିଶିଷ୍ଟ ଫାଇନାଲରେ ଫେଡରରଙ୍କୁ ହରାଇ ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ବିଜୟ। ଫ୍ରେଞ୍ଚ ଓପନରେ ୩୧ ମ୍ୟାଚ ଅପରାଜେୟ ଧାରାରେ ବ୍ରେକ୍। ଚତୁର୍ଥ ରାଉଣ୍ଡରେ ରବିନ ସୋଡରଲିଙ୍ଗଠାରୁ ପରାଜିତ।

**୨୦୧୦:** ଭଲ ଫର୍ମରେ ଫ୍ରେଞ୍ଚ ଓପନକୁ ପ୍ରତ୍ୟାବର୍ତ୍ତନ। ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଫାଇନାଲରେ ସୋଡରଲିଙ୍ଗଙ୍କୁ ପରାସ୍ତ କରି ପ୍ୟାରିସରେ ୫ମ ଥର ଟାଇଟଲ ହାସଲ। ସେ ଦ୍ୱିତୀୟ ଥର ୱିମ୍ବେଲଡନ ଟାଇଟଲ ଜିତିବା ସହ ୟୁଏସ୍ ଓପନ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂର୍ଣ୍ଣ କରିଥିଲେ।

**୨୦୧୧:** ଫ୍ରେଞ୍ଚ୍ ଓପନ ଫାଇନାଲରେ ଫେଡରରଙ୍କୁ ପରାସ୍ତ କରି ୬ଷ୍ଠ ଥର ଚାମ୍ପିୟନ।

**୨୦୧୨:** ଜୋକୋଭିଚ୍‌ଙ୍କୁ ହରାଇ ୭ମ ଥର ଫ୍ରେଞ୍ଚ ଓପନ ଚାମ୍ପିୟନ।

**୨୦୧୩:** ସାତ ମାସ ଟୁର୍‌ରେ ସିଜନରେ ମୋଟ ୧୦ ଟାଇଟଲ ସହ ନମ୍ବର-୧କୁ ପ୍ରତ୍ୟାବର୍ତ୍ତନ। ୮ମ ଥର ଫ୍ରେଞ୍ଚ ଓପନ ଓ ଦ୍ୱିତୀୟ ଥର ୟୁଏସ୍ ଓପନ ଜିତିବା ଦ୍ୱାରା ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୧୩କୁ ବୃଦ୍ଧି।

**୨୦୧୪ :** ଜୋକୋଭିଚଙ୍କୁ ପରାସ୍ତ କରି ନବମ ଥର ଫ୍ରେଞ୍ଚ ଓପନ ଜିତି ଅଧିକ ଗ୍ରାଣ୍ଡସ୍ଲାମ ବିଜୟରେ ସାମ୍ପ୍ରାସଙ୍କ ସହ ମିଳିତ ତୃତୀୟ।

**୨୦୧୫:** ଫ୍ରେଞ୍ଚ ଓପନ କ୍ୱାର୍ଟରଫାଇନାଲରେ ଜୋକୋଭିଚ୍‌ଙ୍କଠାରୁ ପରାଜୟ।

**୨୦୧୬:** ସେ ୨୦୦୪ ପରେ ପ୍ରଥମ ଥର କୌଣସି ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରି ନ ଥିଲେ।

**୨୦୧୭:** ୧୦ମ ଥର ଫ୍ରେଞ୍ଚ ଓପନ ଟାଇଟଲ ହାସଲ। ପରେ ସେ ୟୁଏସ୍ ଓପନ ଟ୍ରଫି ହାସଲ କରିବାରୁ ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୧୬ରେ ପହଞ୍ଚିଥିଲା।

**୨୦୧୮:** ରୋଲାଣ୍ଡ ଗାରୋସରେ ୧୧ଶ ଥର ଚାମ୍ପିୟନ। ଇଞ୍ଜୁରି ଯୋଗୁ ୨ ଗ୍ରାଣ୍ଡସ୍ଲାମ ସମେତ ଅନ୍ୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରୁ ଓହରିଲେ।

**୨୦୧୯:** ଦ୍ୱାଦଶ ଫ୍ରେଞ୍ଚ ଓପନ ଏବଂ ୪ର୍ଥ ୟୁଏସ୍ ଓପନ ଟାଇଟଲ ସହ ୩୩ ବର୍ଷ ବୟସରେ ନମ୍ବର-୧କୁ ପ୍ରତ୍ୟାବର୍ତ୍ତନ।

**୨୦୨୦:** ଜୋକୋଭିଚ୍‌ଙ୍କୁ ଫାଇନାଲରେ ପରାସ୍ତ କରି ୧୩ତମ ଫ୍ରେଞ୍ଚ ଓପନ ଟାଇଟଲ ହାସଲ।

**୨୦୨୧:** ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲରେ ଷ୍ଟିଫାନସ ସିଟ୍‌ସିପାସଙ୍କଠାରୁ ଏବଂ ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ।

**୨୦୨୨:** ଅଷ୍ଟ୍ରେଲିଆନ ଓପନ ଜିତିବା ସହ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ଫେଡରରଙ୍କୁ ଗୋଟିଏ ପଛରେ ପକାଇ ରେକର୍ଡ ପ୍ରତିଷ୍ଠା। ଫ୍ରେଞ୍ଚ ଓପନ ବିଜୟ ଦ୍ୱାରା ଗ୍ରାଣ୍ଡ ସ୍ଲାମ ସଂଖ୍ୟା ୨୨କୁ ବୃଦ୍ଧି। ୩୬ବର୍ଷ ବୟସରେ ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ବୟସ୍କ ଖେଳାଳି ଭାବେ ସେ ଟାଇଟଲ ବିଜୟୀ ହୋଇଥିଲେ। କ୍ଲେ-କୋର୍ଟରେ ତାଙ୍କ କ୍ୟାରିୟର ରେକର୍ଡ ୧୧୨-୩ରେ ପହଞ୍ଚିଥିଲା।

**୨୦୨୩:** ହିପ୍ ଇଞ୍ଜୁରି ଯୋଗୁ ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡରୁ ବିଦାୟ। ଜୁନ୍‌ରେ ତାଙ୍କ ପିଚାରେ ଅସ୍ତ୍ରୋପଚାର।

**୨୦୨୪:** ଫ୍ରେଞ୍ଚ ଓପନରେ ତାଙ୍କୁ କଠିନ ଡ୍ରରେ ସ୍ଥାନ ମିଳିଥିଲା। ପ୍ରଥମ ରାଉଣ୍ଡରେ ସେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କଠାରୁ ପରାଜିତ ହୋଇଥିଲେ। ରୋଲାଣ୍ଡ ଗାରୋସରେ ପ୍ୟାରିସ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା। ନାଡାଲ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଜୋକୋଭିଚ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଡେଭିସ କପ୍ ପରେ ଅବସର ନେବେ ବୋଲି ଘୋଷଣା।

-ବିଜୟ ରଣା

## ଦାମୀ

ହକି ଇଣ୍ଡିଆ ଲିଗ୍‌ରେ ଉଦିତା ଦୁହାନ
ଭାରତୀୟ ଡିଫେଣ୍ଡର
ସବୁଠାରୁ ଦାମୀ ମହିଳା ପ୍ଲେୟର
ନିଲାମରେ ହେଲା ସ୍ଥିର
ବତିଶ ଲକ୍ଷ ହେଲା ଦର
ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ କିଣିଛି
ଲୋକାଲ ଭରସା ତା'ର।



ଭାରତୀୟ ଲେଡି କିମ୍ବଦନ୍ତୀ କ୍ରିକେଟର
ନୀତୁ ଡେଭିଡଙ୍କୁ ଦେଖ
ସର୍ବଶ୍ରେଷ୍ଠ ବୋଲିଂ ଫିଗରର ରେକର୍ଡ
ହେଲା ନୂଆ ଅଭିଲେଖ
ନିଷ୍ଠା ଶ୍ରମଦାନ ଲକ୍
ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ
ପୋଜିଶନ ଦାମୀ ଲେଖା।

ବିଶ୍ୱ ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍‌ରେ
ଓଡ଼ିଶା ଚିନ୍ମୟୀ ଦାସ
ପଞ୍ଚାଅଶୀ କେଜି ଓଜନ ବର୍ଗରେ
ରଚିଛି ଗୋଲ୍ଡେନ ଯଶ
ସେଇ ଲୋକ ଦାମୀ କୁଶ
ନିଜେ ଉପବାସ ରହି ପର ମୁଖେ
ଫୁଟାଇପାରେ ଯେ ହସ।

-ସୁବାସ ଚନ୍ଦ୍ର ପ୍ରଧାନ

# ଭାରତୀୟ ମାଟିରେ ସର୍ବନିମ୍ନ ସ୍କୋର

## ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

## ■ ଖାତା ଖୋଲିପାରିଲେନି ୫ ବ୍ୟାଟର

ବେଙ୍ଗାଲୁରୁ,୧୭।୧୦(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛି ଭାରତ। ପ୍ରଥମ ଦିନ ବର୍ଷାରେ ଧୋଇ ଯାଇଥିବା ବେଳେ ଦ୍ୱିତୀୟ ଦିନରେ ଦଳ ମାତ୍ର ୪୬ ରନ୍‌ରେ ଅଲଆଉଟ ହୋଇଛି। ଭାରତୀୟ ପରିବେଶ ତଥା ଏସିଆ ମହାଦେଶରେ ଭାରତ ନିଜର ସର୍ବନିମ୍ନ ଟେଷ୍ଟ ସ୍କୋର ରେକର୍ଡ କରିଛି। ଘରୋଇ ମାଟିରେ ଭାରତ ୨୯୩ ଟେଷ୍ଟ ଖେଳି ସାରିଥିବା ବେଳେ ଦଳ ପ୍ରଥମ ଥର ପାଇଁ ଏଭଳି ଅଲୋଡା ରେକର୍ଡ ନିଜ ନାମରେ କରିଛି। ପୂର୍ବରୁ ୧୯୭୫ ମସିହାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିଲ୍ଲୀ ଟେଷ୍ଟରେ ଭାରତ ମାତ୍ର ୭୫ ରନ୍‌ରେ ଅଲଆଉଟ ହୋଇଥିଲା। ସେହିପରି ଭାରତୀୟ ବ୍ୟାଟରମାନେ ଆଉ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛନ୍ତି। ଦୀର୍ଘ ୨୫ ବର୍ଷ ପରେ ପ୍ରଥମ ଥର ୫ ଜଣ ବ୍ୟାଟର ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଶେଷ ଥର ପାଇଁ ୧୯୯୯ ମୋହାଲି ଟେଷ୍ଟରେ ୫ ଜଣ ଖେଳାଳି ୦ରେ ଆଉଟ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଭାରତ ଏହାର ସର୍ବନିମ୍ନ ଟେଷ୍ଟ ସ୍କୋର ୩୬ ରନ୍ ୨୦୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ରେକର୍ଡ କରିଥିଲା। ଦ୍ୱିତୀୟ ଦିନର ଖେଳ ଶେଷ ହୋଇଥିବା ବେଳେ ହାତରେ ୭ ଉଇକେଟ ବାକି ଥାଇ ନ୍ୟୁଜିଲାଣ୍ଡ ୧୩୪ ରନ୍‌ରେ ଆଗୁଆ ରହିଛି।

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ ଆଶ୍ଚର୍ଯ୍ୟଜନକ ଭାବରେ ଟସ୍ ଜିତି ବ୍ୟାଟିଂ ନେଇଥିଲା। ପ୍ରଥମ ଦିନରେ ବର୍ଷା କାରଣରୁ ଟସ୍ ସମ୍ଭବ ହୋଇ ନ ଥିବା ବେଳେ ଦ୍ୱିତୀୟ ଦିନର ମେଘୁଆ ପାଗରେ ଭାରତ ବ୍ୟାଟିଂ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେବେ ମେଘୁଆ ପାଗର ଭରପୂର ଫାଇଦା ଉଠାଇଥିଲେ କିୱି ପେସ ବୋଲର। ମ୍ୟାଟ୍ ହେନରୀ, ୱିଲିୟମ ଓରୁରକେ ଓ ଟିମ୍ ସାଉଦି ମିଳିତ ଭାବରେ ମାତ୍ର ୩୧.୨ ଓଭରରେ ଭାରତର ୧୦ ଉଇକେଟ ହାସଲ କରିଥିଲେ। ମ୍ୟାଟ୍ ହେନରୀ ଘାତକ ବୋଲିଂ କରି ୫, ଓରୁର୍‌କେ ୪ ଓ ସାଉଦି ୧ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ରିଷଭ ପନ୍ତ ସର୍ବାଧିକ ୨୦ ରନ୍ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ ୧୩ ରନ୍ କରିଥିଲେ। ବାକି ୯ ବ୍ୟାଟର ୨ ଅଙ୍କ ଛୁଇଁ ପାରି ନ ଥିବା ବେଳେ ୫ ଜଣ ୦ରେ ଆଉଟ ହୋଇଥିଲେ। ଭାରତ ଇନିଂସରେ ମୋଟ ୪ଟି ଚୌକା ଦେଖିବାକୁ ମିଳିଥିଲା। ପନ୍ତ ୨ ଚୌକା ମାରିଥିବା ବେଳେ ଜୟସ୍ୱାଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ବାଉଣ୍ଡ୍ରି ମାରିଥିଲେ।

ନ୍ୟୁଜିଲାଣ୍ଡ ଇନିଂସର ୫୦ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଷ୍ଟମ୍ପ ଅପସାରଣ ବେଳକୁ ଦଳ ୩ ଉଇକେଟ ହରାଇ ୧୮୦ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ଡେଭନ୍ କନ୍‌ୱେ ସର୍ବାଧିକ ୯୧ ରନ୍ ସ୍କୋର କରିଛନ୍ତି। କନ୍‌ୱେ ୧୦୫ ବଲ୍ ଖେଳି ୧୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ ୟଙ୍ଗ ୩୩ ଓ ଟମ୍ ଲାଥାମ ୧୫ ରନ୍ ସ୍କୋର କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ରାଚିନ୍ ରବୀନ୍ଦ୍ର ୨୨ ଓ ଡାରିଲ୍ ମିଚେଲ ୧୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୬/୧୦(ରିଷଭ ପନ୍ତ-୨୦, ଯଶସ୍ୱୀ ଜୟସ୍ୱାଲ-୧୩, ମ୍ୟାଟ୍ ହେନରୀ-୫/୧୫, ୱିଲିୟମ ଓରୁରକେ-୪/୨୨, ଟିମ୍ ସାଉଦି-୧/୮)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୧୮୦/୩(ଡେଭନ୍ କନ୍‌ୱେ-୯୧, ୱିଲ ୟଙ୍ଗ-୩୩, ରାଚିନ୍ ରବୀନ୍ଦ୍ର-୨୨*, ରବୀନ୍ଦ୍ର ଜାଡେଜା-୧/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୪୬, କୁଲଦୀପ ଯାଦବ-୧/୪୭)।

### ଘରୋଇ ମାଟିରେ

୪୬ ବନାମ ନ୍ୟୁଜିଲାଣ୍ଡ, ବେଙ୍ଗାଲୁରୁ, ୨୦୨୪
୭୫ ବନାମ ୱେଷ୍ଟଇଣ୍ଡିଜ୍, ନୂଆଦିଲ୍ଲୀ, ୧୯୮୭
୭୬ ବନାମ ଦକ୍ଷିଣ ଆଫ୍ରିକା, ଅହମଦାବାଦ, ୨୦୦୮
୮୩ ବନାମ ନ୍ୟୁଜିଲାଣ୍ଡ, ମୋହାଲି, ୧୯୯୯
୮୮ ବନାମ ନ୍ୟୁଜିଲାଣ୍ଡ, ମୁମ୍ବାଇ, ୧୯୬୫

### ବିଦେଶରେ

୩୬ ବନାମ ଅଷ୍ଟ୍ରେଲିଆ, ଆଡିଲେଡ୍, ୨୦୨୦
୪୨ ବନାମ ଇଂଲଣ୍ଡ, ଲର୍ଡ୍ସ, ୧୯୭୪
୫୮ ବନାମ ଅଷ୍ଟ୍ରେଲିଆ, ବ୍ରିସ୍‌ବେନ୍, ୧୯୪୭
୫୮ ବନାମ ଇଂଲଣ୍ଡ, ମାଞ୍ଚେଷ୍ଟର, ୧୯୭୪
୬୬ ବନାମ ଦକ୍ଷିଣ ଆଫ୍ରିକା, ଡର୍ବାନ, ୧୯୯୬



ଉଇକେଟ ନେବା ପରେ ଉଲ୍ଲସିତ ମ୍ୟାଟ୍ ହେନରୀ।

# ଆଜିଠୁ ଓଡ଼ିଶା ବନାମ ଜମ୍ମୁ-କଶ୍ମୀର

ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଶୁକ୍ରବାରଠାରୁ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। କଟକର ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦଳର ଖେଳାଳି ବାରବାଟୀରେ ଗୁରୁବାର ଜୋରଦାର ଅଭ୍ୟାସ କରିଛନ୍ତି। ଅଗରତାଲାରେ ଗତ ୧୧ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ଓଡ଼ିଶା-ତ୍ରିପୁରା ମ୍ୟାଚ ବର୍ଷାରେ ଧୋଇ ଯାଇଥିଲା। ଫଳରେ ପ୍ରଥମ ମ୍ୟାଚରୁ ଓଡ଼ିଶା ମାତ୍ର ୧ ପଏଣ୍ଟ ପାଇଛି। ତେଣୁ ଆଗାମୀ ମ୍ୟାଚ ଘରୋଇ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ

### ରଣଜୀ ଟ୍ରଫି

ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହି ମ୍ୟାଚରେ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ଓ ମହାରାଷ୍ଟ୍ର ମଧ୍ୟରେ ଶ୍ରୀନଗରରେ ଅନୁଷ୍ଠିତ ଏଲିଟ ଗ୍ରୁପ୍ 'ଏ'ର ଅନ୍ୟ ଏକ ମ୍ୟାଚ ଡ୍ର'ରେ ଶେଷ ହୋଇଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଜମ୍ମୁ-କଶ୍ମୀର ୩ ପଏଣ୍ଟ ପାଇ ଅଭିଯାନ ଆରମ୍ଭ କରିଛି। ଶୁଭମ୍ ଖଜୁରିଆ (୨୫୫ ରନ)ଙ୍କ ଦ୍ୱିଶତକ ଓ ଶିବାଂଶ ଶର୍ମା(୧୦୬)ଙ୍କ ଅପରାଜିତ ଶତକ ସହାୟତାରେ ଜମ୍ମୁ-କଶ୍ମୀର ୫୧୯/୭ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ମହାରାଷ୍ଟ୍ର ପ୍ରଥମ ଇନିଂସରେ ୪୨୮ ରନ କରିବାକୁ ସକ୍ଷମ ହୋଇଥିଲା। ଜମ୍ମୁ-କଶ୍ମୀର ଦ୍ରୁତ ବୋଲର ଆକ୍ୱିବ ନବି ୧୦୦ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ତେଣୁ ନିଜର ପ୍ରଥମ ମ୍ୟାଚରେ ଜମ୍ମୁ-କଶ୍ମୀର ଦଳ ଉଭୟ ବ୍ୟାଟିଂ ଓ ବୋଲିଂରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ପ୍ରମାଣିତ ହୋଇଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା ବ୍ୟାଟର ଓ ବୋଲରଙ୍କୁ ନିଜକୁ ପ୍ରସ୍ତୁତ କରିବାକୁ ହେବ।

ନିକଟ ଅତୀତରେ ଜମ୍ମୁ-କଶ୍ମୀର ବିପକ୍ଷରେ ଓଡ଼ିଶାର ରେକର୍ଡ ଭଲ ନାହିଁ। ଗତ ସିଜନ ଶେଷଭାଗରେ ଅର୍ଥାତ୍ ଚଳିତ ବର୍ଷ ପ୍ରାରମ୍ଭରେ ଜାନୁଆରୀ ୧୯ରୁ ୨୨ ପର୍ଯ୍ୟନ୍ତ ଉଭୟ ଦଳ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ପରସ୍ପରର ସମ୍ମୁଖୀନ ହୋଇଥିଲେ। ଏଥିରେ ଓଡ଼ିଶାକୁ ଜମ୍ମୁ-କଶ୍ମୀର ଦଳ ୨ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମ ଇନିଂସରେ ଓଡ଼ିଶାର ୧୩୦ ରନ ଜବାବରେ ଜମ୍ମୁ-କଶ୍ମୀର ୧୮୦ ରନ କରିଥିଲା। ଦ୍ୱିତୀୟ ଇନିଂସରେ ସନ୍ଦୀପ ପଟ୍ଟନାୟକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ୧୯୮ ରନରେ ସୀମିତ ରହିଥିଲା। ୧୪୯ ରନର ବିଜୟ ଲକ୍ଷ୍ୟକୁ ବିପକ୍ଷ ଦଳ ୪୩.୪ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ମ୍ୟାଚରେ ଦ୍ରୁତ ବୋଲର ରାଜେଶ ମହାନ୍ତି ଉଭୟ ଇନିଂସରେ ୫ ଉଇକେଟ ସଫଳତା ପାଇଥିଲେ ମଧ୍ୟ ବ୍ୟାଟିଂ ବିଫଳତା ପାଇଁ ଓଡ଼ିଶା ପରାଜୟ ସ୍ୱାଦ ଚାଖିଥିଲା।

ଓଡ଼ିଶା ଦଳ: ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶାନ୍ତନୁ ମିଶ୍ର, ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର (ଉଇକେଟ କିପର), ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ଅନିଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତାରିଣୀ ସ', ହର୍ଷିତ ରାଠୋଡ, ସୁମିତ ଶର୍ମା।

ଜମ୍ମୁ-କଶ୍ମୀର ଦଳ: ପାରସ ଡୋଗ୍ରା (ଅଧିନାୟକ), ଶୁଭମ୍ ଖଜୁରିଆ (ଉପ-ଅଧିନାୟକ), ଅବଦୁଲ ସମଦ, ଅଭିନବ ପୁରୀ, ଆବିଦ ମୁସ୍ତାକ, ଆକ୍ୱିବ ନବି, ଅହମଦ ବନ୍ଦେ, ଶୁଭମ୍ ପୁଣ୍ଡିର, ରସିଖ ସଲାମ, ରୋହିତ ଶର୍ମା, ସାହିଲ ଲୋତ୍ରା, ଶିବାଂଶ ଶର୍ମା, ଉମ୍ରାନ ମଲିକ, ଭିଭ୍ରାନ୍ତ ଶର୍ମା, ଯୁଦ୍ଧବୀର ସିଂ।

# ଶ୍ରେୟଂଶ ଚାମ୍ପିୟନ, ରବୀନ୍ଦ୍ର ରନରଅପ୍

ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)

### ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟ ଗୁରୁବାର ଶେଷ ହୋଇଛି। ଏଥିରେ କଟକର ୩ ପ୍ରତିଯୋଗୀ ଶ୍ରେୟଂଶ ଶୁଭମ୍ ପଟ୍ଟନାୟକ ଚାମ୍ପିୟନ, ରବୀନ୍ଦ୍ର କୁମାର ଓଝା ରନରଅପ୍ ଏବଂ ହର୍ଷିତ ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତନ୍ମୟ ତଲିନ ବେହେରା, ତପନ ବଡ଼ମୁଣ୍ଡି, ଶ୍ରୀହନ ସବତ, ସାତ୍ତ୍ୱିକ ସ୍ୱାଇଁ, ଦେବୀ ପ୍ରସାଦ ବିଶ୍ୱାଳ, ସଙ୍କେତ ସାଗର ଦାସ ଓ ନରେନ୍ଦ୍ର ବେହେରା, ରଙ୍ଗୀତ ମଜୁମଦାର, ଗତିକୃଷ୍ଣ ଭୂୟାଁ, ସାଇ ଶକ୍ତି ପଣ୍ଡା, ପ୍ରତ୍ୟୁଷ ନାୟକ ଓ ସ୍ନେହଯୁକ୍ତ ବେହେରା ଟପ୍-୧୫ ଫିନିଶ୍ କରିଛନ୍ତି। ଶୀର୍ଷ ୧୫ ଖେଳାଳିଙ୍କ ବ୍ୟତୀତ ବିଭିନ୍ନ ରେଟିଂ, ଭେଟେରାନ ଓ ମହିଳା ବିଭାଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଇନ୍‌କମ୍ ଟ୍ୟାକ୍ସ ଅଫିସର ତଥା ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍) ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର, ପ୍ରତିଷ୍ଠିତ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ, କ୍ୟାବିନେଟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର ବ୍ୟକ୍ତିଗତ ସଚିବ ଜୀବନ ଜ୍ୟୋତି ଗଡ଼ନାୟକ, କେଟି ଗ୍ଲୋବାଲ ସ୍କୁଲ ଡାଇରେକ୍ଟର ପ୍ରିନ୍ସିପାଲ ଦୀପ୍ ଖାରେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦୁଇ ଅନ୍ତର୍ଜାତୀୟ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ମୁଖ୍ୟ ଆର୍ବିଟର ଏବଂ ତପନ କୁମାର ମହାନ୍ତି ସହକାରୀ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ନାମେଣ୍ଟରେ ୧୫ ରାଜ୍ୟରୁ ୨୮୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଗୁରପ୍ରୀତ ଜିତିଲେ ଏସିଓ ୱାର୍ଲ୍ଡ ସିନିୟର ଚେସ୍ ଚାମ୍ପିୟନଶିପ୍

ନୂଆଦିଲ୍ଲୀ, ୧୭।୧୦ (ପି.ଟି.)

ଭାରତର ଫିଡେ ମାଷ୍ଟର ଗୁରପ୍ରୀତ ପାଲ୍ ସିଂ ଗ୍ରୀସ୍‌ର କ୍ରେଟ୍‌ଠାରେ ଅନୁଷ୍ଠିତ ଏସିଓ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଚାମ୍ପିୟନଶିପ୍‌ରେ ୨୯ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଗୁର୍‌ପ୍ରୀତ ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ସମ୍ଭାବ୍ୟ ୯ ପଏଣ୍ଟରୁ ୭ ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭାରତୀୟ ରେଲୱେରେ କାର୍ଯ୍ୟରତ ଗୁର୍‌ପ୍ରୀତ୍ ଜର୍ମାନୀର ରାଲଫ ଇନେରବାର୍‌ଙ୍କ ବିପକ୍ଷରେ ତାଙ୍କ ଗେମ୍ ଖେଳି ଡ୍ର ରଖିଥିଲେ। ଟୁର୍ନାମେଣ୍ଟରେ ସେ ୫ଟି ଗେମ୍‌ରେ ଠବିଜୟ ଲାଭ କରିଥିବା ବେଳେ ୪ଟି ଡ୍ର ରଖିଥିଲେ। ସୂଚନାଯୋଗ୍ୟ, ଗୁର୍‌ପ୍ରୀତ ପୂର୍ବତନ ୧୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ତଥା ଗ୍ରାଣ୍ଡମାଷ୍ଟର ସହଜ ଗ୍ରୋଭରଙ୍କଠାରୁ କୋଚିଂ ନେଉଛନ୍ତି।

# ନ୍ୟୁଜିଲାଣ୍ଡ ସିରିଜ୍ ପାଇଁ ହରମନ୍‌ପ୍ରୀତ୍ ଅଧିନାୟିକା

ନୂଆଦିଲ୍ଲୀ, ୧୭।୧୦(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ଦିନିକିଆ ସିରିଜ୍ ପାଇଁ ଅଧିନାୟିକା ଦାୟିତ୍ୱ ବଜାୟ ରଖିଛନ୍ତି ହରମନପ୍ରୀତ୍ କୌର। ଟି୨୦ ବିଶ୍ୱକପରେ ଭାରତ ପ୍ରଥମ ରାଉଣ୍ଡରୁ ବିଦା ହେବା ପରେ ହରମନ୍‌ପ୍ରୀତ୍ ଅଧିନାୟିକା ପଦରୁ ଓହରିବା ନେଇ ଆଶା କରାଯାଉଥିଲା। ତେବେ ଆଗାମୀ ସିରିଜ୍ ପାଇଁ ବିସିସିଆଇ ତାଙ୍କୁ ଦାୟିତ୍ୱ ଦେଇଛି। ଏହା ସହିତ ଭାରତରେ ଖେଳା ଯିବାକୁ ଥିବା ଆଗାମୀ ଦିନିକିଆ ବିଶ୍ୱକପ ପାଇଁ ମଧ୍ୟ ଭାରତୟ ଦଳ ପ୍ରସ୍ତୁତି ଆରମ୍ଭ କରିଛି। ଅକ୍ଟୋବର ୨୪ ତାରିଖରୁ ଏହି ସିରିଜ୍ ଆରମ୍ଭ ହେବ। ଅନ୍ୟପକ୍ଷରେ ଉଇକେଟ କିପର ବ୍ୟାଟର ରିଚା ଘୋଷ ଏହି ସିରିଜରୁ ବାଦ ପଡିଛନ୍ତି। ୨୧ ବର୍ଷୀୟା ରିଚା ନିଜର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ରିଚାଙ୍କୁ ବିଶ୍ରାମ ଦିଆଯାଇଥିବା ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆହତ ଥିବା କାରଣରୁ ଲେଗ୍ ସ୍ପିନର ଆଶା ଶୋଭନା ବାଦ ପଡିଥିବା ବେଳେ ଅଲରାଉଣ୍ଡର ପୂଜା ବସ୍ତ୍ରକାରଙ୍କୁ ବିଶ୍ରାମ ଦିଆଯାଇଛି। ତେଜଲ ହସବନିସ୍, ସୟାଲି ସତଗରେ, ପ୍ରିୟା ମିଶ୍ର ଓ ସାଇମା ଠାକୁରଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଭାରତୀୟ ଦଳ: ହରମନ୍‌ପ୍ରୀତ୍ କୌର(ଅଧିନାୟିକା), ସ୍ମୃତି ମନ୍ଧାନା(ଉପ ଅଧିନାୟିକା), ଶେଫାଳି ବର୍ମା, ଡି ହେମଲତା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ଯସ୍ତିକା ଭାଟିଆ, ଉମା ଚେତ୍ରୀ, ସୟାଲି ସତଗରେ, ଅରୁନ୍ଧତୀ ରେଡ୍ଡୀ, ରେଣୁକା ସିଂ ଠାକୁର, ତେଜଲ ହସବନିସ, ସାଇମା ଠାକୁର, ପ୍ରିୟା ମିଶ୍ର, ରାଧା ଯାଦବ ଓ ଶ୍ରେୟଙ୍କା ପାଟିଲ।



ହରମନପ୍ରୀତ୍ କୌର

# ଦକ୍ଷିଣ ଆଫ୍ରିକା ଫାଇନାଲରେ

### ମହିଳା ଟି୨୦ ବିଶ୍ୱକପ

ଦୁବାଇ, ୧୭।୧୦(ପି.ଟି.)

ଅଷ୍ଟ୍ରେଲିଆକୁ ୮ ଉଇକେଟରେ ହରାଇ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି ଦକ୍ଷିଣ ଆଫ୍ରିକା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୫ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୨ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ବିଗତ ସଂସ୍କରଣର ରନର ଅପ୍ ଦକ୍ଷିଣ ଆଫ୍ରିକା ଏହି ବିଜୟ ସହ ଗତ ସଂସ୍କରଣ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛି। ପ୍ରଥମେ ଦୁଇ ଅଭିଜ୍ଞ ବୋଲର ମାରିଜେନ୍ କାପ୍ ଓ ଆୟୋବୋଙ୍ଗା ଖାଖା ମାପଚୁପ ବୋଲିଂ କରି ଅଷ୍ଟ୍ରେଲିଆକୁ ୧୩୪ ରନ୍‌ରେ ସୀମିତ ରଖିଥିଲେ। ପରେ ଆନେକେ ବୋଶ୍‌ଙ୍କ ଧୂଆଁଧାର ୭୪* ରନ୍ ବଳରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ୧୮ ରନ୍‌ରେ ୨ ଉଇକେଟର ପତନ ପରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ପକ୍ଷରୁ ବେଥ୍ ମୁନି(୪୪) ଓ ଅଧିନାୟିକା ଟାଲିଆ ମ୍ୟାକ୍‌ଗ୍ରା(୨୭) ଚତୁର୍ଥ ଉଇକେଟରେ ୫୦ ରନ୍ ଯୋଡିଥିଲେ। ଟପ୍ ସ୍କୋରର ରହିଥିବ ବେଥ୍ ମୁନୀ ୪୨ ବଲ୍ ଖେଳି ୨ ଚୌକା ସହାୟତାରେ ୪୪ ରନ୍ କରିଥିଲେ। ଶେଷ ଭାଗରେ ଏଲିସ୍ ପେରୀ ୩୧ ଓ ଫିବ୍ ଲିଚଫିଲ୍ଡ ୧୬ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆୟୋବୋଙ୍ଗା ଖାଖା ୨, ମାରିଜେନ୍ କାପ ଓ ନୋନକୁଲୁଲେକୋ ମାଲବା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୌରା ଓଲ୍ଭାର୍ଡ୍ଟ(୪୨) ଓ ତାଜମିନ୍ ବ୍ରିଟ୍ସ(୧୫) ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୨୫ରେ ବ୍ରିଟ୍ସଙ୍କୁ ଆଉଟ କରିଥିଲେ ଆନାବେଲ ସଦରଲାଣ୍ଡ। ତେବେ ପରବର୍ତ୍ତୀ ବ୍ୟାଟର ଆନେକେ ବୋଶ୍ଚ କାଉଣ୍ଟର ଆଟାକ କରି ୪୮ ବଲ୍‌ରୁ ୮ ଚୌକା ଓ ୧ ଛକା ମାରିଥିଲେ। ଉଭୟ ଖେଳାଳି ୯୬ ରନ୍ ଯୋଡିଥିଲେ। ଆନେକେ ବୋଶ୍ଚଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ସୁଇପ୍ ଶଟ୍ ଖେଳୁଛନ୍ତି ଆନେକେ ବୋଶ୍ଚ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୩୪/୫ (ବେଥ୍ ମୁନୀ-୪୪, ଏଲିସ୍ ପେରୀ-୩୧, ଟାଲିଆ ମ୍ୟାକ୍‌ଗ୍ରା-୨୭, ଆୟୋବୋଙ୍ଗା ଖାଖା-୨/୨୪, ମାରିଜେନ୍ କାପ୍-୧/୨୪, ନୋନକୁଲୁଲେକୋ ମାଲବା-୧/୩୧)। ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୧୩୫/୨ (ଆନେକେ ବୋଶ୍ଚ-୭୪*, ଲୌରା ଓଲ୍ଭାର୍ଡ୍ଟ-୪୨, ତାଜମିନ୍ ବ୍ରିଟ୍ସ-୧୫, ଆନାବେଲ ସଦରଲାଣ୍ଡ-୨/୨୬)।

# ସମସ୍ତ ପକ୍ଷଙ୍କ ସହ କ୍ରୀଡ଼ାମନ୍ତ୍ରୀଙ୍କ ଆଲୋଚନା

ନୂଆଦିଲ୍ଲୀ, ୧୭।୧୦(ପି.ଟି.)

### ନ୍ୟାଶନାଲ ସ୍ପୋର୍ଟ୍ସ ବିଲ୍

କ୍ରୀଡ଼ାକ୍ଷେତ୍ରରେ ବିକାଶ, ଆଥଲେଟ୍‌ଙ୍କ ଉନ୍ନତି ଓ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍ ପ୍ରସ୍ତୁତ କରାଯାଉଛି। ଏହାର ଡ୍ରାଫ୍ଟ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ ମୁଖ୍ୟ ପି.ଟି. ଉଷା, ବିଭିନ୍ନ ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ ମୁଖ୍ୟ ଓ ନ୍ୟାଶନାଲ ସ୍ପୋର୍ଟ୍ସ ପ୍ରମୋଶନ ସଂସ୍ଥାନ ସହିତ ସେ ଡ୍ରାଫ୍ଟ ସମ୍ପର୍କରେ ମତାମତ ଗ୍ରହଣ କରିଥିଲେ। ନ୍ୟାଶନାଲ ସ୍ପୋର୍ଟ୍ସ ଗଭର୍ନାନ୍ସ ବିଲ୍ ଆଥ୍‌ଲେଟଙ୍କ ପାଇଁ ଏକ ଶକ୍ତିଶାଳୀ ଓ ସ୍ୱଚ୍ଛ ବିଲ୍ ଆଣିବାକୁ ପ୍ରୟାସ। କ୍ରୀଡ଼ା ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ସହ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କ୍ରୀଡ଼ାକୁ ପ୍ରସିଦ୍ଧିର ନୂତନ ସ୍ତରରେ ପହଞ୍ଚାଇବା ଏହି ବିଲ୍‌ର ମୁଖ୍ୟ ଲକ୍ଷ୍ୟ ବୋଲି ମାଣ୍ଡବ୍ୟ କହିଥିଲେ। ବିଭିନ୍ନ ଆଥ୍‌ଲେଟିକ୍ ଫେଡେରେଶନରେ ପୂର୍ବତନ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି କରିବାର ପ୍ରସ୍ତାବ ମଧ୍ୟ ଡ୍ରାଫ୍ଟରେ ରହିଛି। ଏହି କ୍ରୀଡ଼ା ବିଲ୍‌କୁ ସମସ୍ତ ପକ୍ଷ ସ୍ୱାଗତ କରିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ